ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୧/୨୦୨୪ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 11/2024 Page 18 ₹ 7.00

୫୦ଶ ଭାଗ ୨୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 258 ମୂଲ୍ୟ₹୭/-




**ଟ୍ରୋଲ୍ କଲେ ବି ଫରକ ପଡୁନି**
ସୋସିଆଲ ମିଡିଆରେ ଯେତେ ଟ୍ରୋଲ୍ କରାଗଲେ ମଧ ତାଙ୍କୁ କୌଣସି ଫରକ ପଡ଼େ ନାହିଁ ବୋଲି ଅଭିନେତ୍ରୀ ମଲାଇକା ଅରୋରା ଏକ ସାକ୍ଷାତ୍କାରରେ କହିଛନ୍ତି।

୧୨

୧୬

**୧୩ରେ ଭିନେଶଙ୍କ ମେଡାଲ ରାୟ**
ଅଲିମ୍ପିକ୍ସରେ ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟ୍‌ଙ୍କ ମେଡାଲ ସମ୍ପର୍କିତ ରାୟ ୧୩ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ ।



# ମାଧବୀ ପେଡ଼ି ଖୋଲିଲା

## ଆଦାନୀ ମାମଲାରେ ହିଣ୍ଡେନ୍‌ବର୍ଗର ଆଉ ଏକ ପର୍ଦ୍ଦାଫାଶ

**ଆକ୍ଟିଭିଷ୍ଟ ସେଲର ହିଣ୍ଡେନ୍‌ବର୍ଗ ଆଦାନୀ ଗ୍ରୁପ୍ ଷ୍ଟକ୍ ଜାଲିଆତି ପ୍ରଘଟର ୧୮ ମାସ ପରେ ସିଧାସଳଖ ସେବି ଚେୟାରପର୍ସନ ମାଧବୀ ପୁରୀ ବୁଚ୍‌ଙ୍କ ପେଡ଼ି ଖୋଲିଛି। ୨୦୧୭ ଏପ୍ରିଲରୁ ମାଧବୀ ସେବିର ପୂର୍ଣ୍ଣକାଳୀନ ସଦସ୍ୟା ଥିବାବେଳେ ୨୦୨୨ ମାର୍ଚ୍ଚରେ ଏହାର ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ। ସିଙ୍ଗାପୁରର ଅଗୋରା ପାର୍ଟନର୍ସ ନାମକ ଏକ କନ୍‌ସଲ୍‌ଟାନ୍ସି ଫାର୍ମରେ ମାଧବୀଙ୍କ ୧୦୦ ପ୍ରତିଶତ ଅଂଶଧନ ଥିଲା। ୨୦୨୨ ମାର୍ଚ୍ଚ ୧୬ରେ ଚେୟାରପର୍ସନ ନିଯୁକ୍ତ ହେବାର ୨ ସପ୍ତାହ ପୂର୍ବରୁ ସେ ଉକ୍ତ କମ୍ପାନୀରେ ଥିବା ନିଜ ସମସ୍ତ ଶେୟାରକୁ ସ୍ୱାମୀଙ୍କୁ ହସ୍ତାନ୍ତର କରିଥିଲେ। ଏହି କମ୍ପାନୀ ଆଦାନୀ ଗ୍ରୁପ୍ ସହ ସମ୍ପୃକ୍ତ ଥିବାରୁ ଗୌତମ ଆଦାନୀଙ୍କ ବିରୋଧରେ ମାଧବୀ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ବୋଲି ହିଣ୍ଡେନ୍‌ବର୍ଗ ଅଭିଯୋଗ ଆଣିଛି।**

ୱାଶିଂଟନ/ନୂଆଦିଲ୍ଲୀ,୧୦।୮

ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ହ୍ୱିସିଲବ୍ଲୋୟରମାନଙ୍କ ଦସ୍ତାବିଜ ଆଧାରରେ ଶନିବାର ଏକ ନୂଆ ରିପୋର୍ଟ ପ୍ରକାଶ କରିଛି। ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଳ ବୁଚ୍‌ଙ୍କର ବିଦେଶୀ କମ୍ପାନୀଗୁଡ଼ିକରେ ଅଘୋଷିତ ଅଂଶଧନ ରହିଥିଲା ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ଆଦାନୀ ଗ୍ରୁପ୍‌ର ଆର୍ଥିକ ଅନିୟମିତତାରେ ଉକ୍ତ ବିଦେଶୀ କମ୍ପାନୀଗୁଡ଼ିକ ସମ୍ପୃକ୍ତ ଥିଲେ। ଗୌତମ ଆଦାନୀଙ୍କ ଭାଇ ବିନୋଦ ଆଦାନୀ ଫାଇନାନ୍ସିଆଲ ମାର୍କେଟଗୁଡ଼ିରେ ଜାଲିଆତି ପାଇଁ ବରମୁଡ଼ା ଏବଂ ମରିସସ୍‌ରେ ଥିବା ଉକ୍ତ ଦରିଆପାରି କମ୍ପାନୀଗୁଡ଼ିକୁ ବ୍ୟବହାର କରୁଥିଲେ ବୋଲି ହିଣ୍ଡେନ୍‌ବର୍ଗ ରିପୋର୍ଟରେ କୁହାଯାଇଛି।

ସୂଚନାଯୋଗ୍ୟ,୨୦୧୭ରେ ମାଧବୀ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ନିଯୁକ୍ତ ହେବା ପରେ ୨୦୨୨ ମାର୍ଚ୍ଚରେ ଏହାର ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଥିଲେ। ଏହା ପୂର୍ବରୁ ୨୦୧୫ରେ ସେ ☞ପୃଷ୍ଠା-୨


ସେବି ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍




# ମହିଳା ଡାକ୍ତରଙ୍କୁ ବଳାତ୍କାର, ହତ୍ୟା

## ଦେଶବ୍ୟାପୀ ଆନ୍ଦୋଳନ ଧମକ ଦେଲା ଆଇଏମ୍ଏ

କୋଲକାତା,୧୦।୮

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସେମିନାର ପ୍ରକୋଷ୍ଠରେ ଶୁକ୍ରବାର ଜଣେ ୩୧ ବର୍ଷୀୟ ଡାକ୍ତରୀ ଛାତ୍ରୀଙ୍କୁ ହତ୍ୟା କରାଯାଇଥିଲା। ତାଙ୍କୁ ହତ୍ୟା ପୂର୍ବରୁ ବଳାତ୍କାର କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏହି ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ବାହାର ଲୋକ ହୋଇଥିବାବେଳେ ସେ ଅବାଧରେ ମେଡିକାଲ କଲେଜର ବିଭିନ୍ନ ବିଭାଗରେ ପ୍ରବେଶ କରୁଥିଲେ ବୋଲି ପୋଲିସ କହିଛି। ଛାତ୍ରୀ ବଳାତ୍କାର ଓ ହତ୍ୟାକୁ ନେଇ ମେଡିକାଲ କଲେଜ ପରିସରରେ ଉତ୍ତେଜନା ଲାଗିରହିଥିବାବେଳେ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ତିନୋଟି ଦେଶ

# ୧୫ରେ 'ସୁଭଦ୍ରା' ଏସ୍ଓପି

ଭୁବନେଶ୍ୱର,୧୦।୮(ଅନିଲ ଦାସ)

ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ସୁଭଦ୍ରା ଯୋଜନା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍ଓପି) ଆସିବ। ଏହି ଯୋଜନାରେ କିଏ ପାଇବେ, କିଏ ପାଇବେନି ତା'ର ସ୍ପଷ୍ଟ ଚିତ୍ର ରହିବ। ସୁଭଦ୍ରା ଯୋଜନା ପାଇଁ ଆଧାର କାର୍ଡ ହିଁ ଯଥେଷ୍ଟ। ତେବେ ଉଚ୍ଚ ଆୟ ବର୍ଗର ଲୋକ ଏଥିରୁ ବାଦ୍ ପଡ଼ିପାରନ୍ତି। ବିଶେଷକରି ଯେଉଁମାନେ ଆୟକର ଦେଉଛନ୍ତି, ସେମାନଙ୍କୁ ଏହି ଯୋଜନାରୁ ସରକାର ବାଦ୍ ଦେଇପାରନ୍ତି। ଅଗଷ୍ଟ ୧୫ରେ ଏସ୍ଓପି ଆସିବା ପରେ ସୁଭଦ୍ରା ନେଇ ଚିତ୍ର ଆହୁରି ସ୍ପଷ୍ଟ ହେବ ବୋଲି ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପ୍ରଭାତୀ କହିଛନ୍ତି, ସୁଭଦ୍ରା ଯୋଜନା ବଜେଟରେ ୧୦ ହଜାର କୋଟି ଟଙ୍କା ଥିଲେ ମଧ ଆବଶ୍ୟକ ପଡ଼ିଲେ ଏହା ପରିମାଣ ବଢ଼ିପାରେ। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ଏହି ଯୋଜନା ଲାଗୁ ହେବ। ସେହିପରି ରାଜ୍ୟରେ ଯେମିତି ଲକ୍ଷପତି ☞ପୃଷ୍ଠା-୨

**ସେପ୍ଟେମ୍ବର ୧୭ରୁ ଲାଗୁ ହେବ: ପ୍ରଭାତୀ**


ପ୍ରଭାତୀ ପରିଡ଼ା










**ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ୨୦୫ ଥର ଆକ୍ରମଣ**

ଢାକା: ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପରଠାରୁ ୫୨ ଜିଲାରେ ସଂଖ୍ୟାଲଘୁମାନଙ୍କ ଉପରେ ଅନ୍ୟୂନ ୨୦୫ ଥର ଆକ୍ରମଣ ହେଲାଣି। ବାଂଲାଦେଶ ହିନ୍ଦୁ ବୁଦ୍ଧିଷ୍ଟ ଖ୍ରୀଷ୍ଟିଆନ ୟୁନିଟି କାଉନସିଲ ଏବଂ ବାଂଲାଦେଶ ପୂଜା ଉଦ୍‌ଯାପନ ପରିଷଦ ଶୁକ୍ରବାର ଏକ ଖୋଲା ଚିଠି ଜରିଆରେ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ଏହା ଜଣାଇଛନ୍ତି।

# ଗାଜା ସ୍କୁଲରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍: ୧୦୦ ମୃତ

ଡେଇର ଅଲ୍-ବଲାହ,୧୦।୮

ଇସ୍ରାଏଲ୍ ସେନା ପକ୍ଷରୁ ଶନିବାର ଭୋର ସମୟରେ ଗାଜା ସହରରେ ଥିବା ଏକ ସ୍କୁଲ ପରିସରରେ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏହି ଆକ୍ରମଣରେ ଅନ୍ୟୂନ ୧୦୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ଉକ୍ତ ସ୍କୁଲରେ ଯୁଦ୍ଧ ବିସ୍ଥାପିତ ପାଲେଷ୍ଟିନୀୟମାନେ ଆଶ୍ରୟ ନେଇଥିଲେ। ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ୧୦ ମାସ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଶନିବାରର ଏୟାରଷ୍ଟ୍ରାଇକ୍‌କୁ ସବୁଠୁ ମରଣାନ୍ତକ ଆକ୍ରମଣ ବୋଲି ପାଲେଷ୍ଟିନୀୟ ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ସ୍କୁଲ୍‌ରେ ହମାସ୍‌ର କମାଣ୍ଡ ସେଣ୍ଟର ଚାଲିଥିଲା ବୋଲି ଇସ୍ରାଏଲ୍ ସେନା ଦାବି କରିଥିବାବେଳେ ଗାଜା କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି।


ଇସ୍ରାଏଲ୍ ସେନାର ବୋମାମାଡ଼ରେ ଗାଜା ସହରର ଏକ ସ୍କୁଲ ଧ୍ୱଂସ ସ୍ତୂପରେ ପରିଣତ ହୋଇଛି।

ଆକ୍ରମଣ ପରେ ସ୍କୁଲ ପରିସରରେ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିରହିଥିବା ଭିଡିଓରୁ ଦେଖିବାକୁ ମିଳିଛି। କେତେକ ମୃତଦେହକୁ ଚଟାଣରେ ରଖି କମ୍ବଳ ଘୋଡ଼ାଇ ଦିଆଯାଇଛି। ଭଗ୍ନାବଶେଷ ସହ ରକ୍ତରଞ୍ଜିତ ପାତ୍ର, ପୋଡ଼ିଯାଇଥିବା ଶଯ୍ୟା ଓ ପିଲାଙ୍କ ଖେଳନା ପଡ଼ିରହିଥିବା ଦେଖାଯାଇଛି। ହମାସ୍ ପରିଚାଳିତ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି, ଯୁଦ୍ଧ ଯୋଗୁ ଘରଦ୍ୱାର ହରାଇ ସ୍କୁଲ ପରିସରରେ ଆଶ୍ରୟ ନେଇଥିବା ଲୋକମାନେ ସକାଳେ ନମାଜ ପାଠ କରୁଥିବାବେଳେ ଆକ୍ରମଣ ହୋଇଥିଲା। ଏଥିରେ ୧୧ ଶିଶୁ ଓ ୬ ମହିଳାଙ୍କ ସମେତ ୯୩ ଜଣଙ୍କ ମୃତ୍ୟୁ ଘଟିଛି। ଚିହ୍ନଟ ହୋଇପାରି ନ ଥିବା କେତେକ ମୃତଦେହ ଆକ୍ରମଣ ସ୍ଥଳରେ ପଡ଼ିରହିଥିବା ପାଲେଷ୍ଟାଇନ୍ ସିଭିଲ୍ ଡିଫେନ୍ସ ମୁଖପାତ୍ର ମହମ୍ମଦ ବସାଲ କହିଛନ୍ତି। ଉକ୍ତ ସ୍କୁଲ ପରିସରରେ ପ୍ରାୟ ୩୫୦ ପରିବାର ଆଶ୍ରୟ ନେଇଥିଲେ। ଉପର ମହଲାରେ ବିସ୍ଥାପିତ ପରିବାରଗୁଡ଼ିକ ରହୁଥିବାବେଳେ ତଳ ମହଲାକୁ ମସ୍‌ଜିଦ ଭାବେ ବ୍ୟବହାର କରାଯାଉଥିଲା। ଉଭୟ ମହଲା ଉପରେ ଇସ୍ରାଏଲ୍ ସେନା ବିମାନରୁ ବୋମାମାଡ଼ କରିଥିଲା। ସେଠାରେ ୨୦ ଜଣ ହମାସ ଓ ଇସ୍‌ଲାମିକ ଜିହାଦ ଆତଙ୍କବାଦୀ ରହିଥିବା ଲ୍ୟୁଟ୍‌ନାଣ୍ଟ କଲୋନେଲ ନଦାଭ ଶୋଶାନି କହିଛନ୍ତି।

ଜାତିସଂଘ ରିପୋର୍ଟ ଅନୁଯାୟୀ ଜୁଲାଇ ୬ ସୁଦ୍ଧା ଗାଜାର ୫୬୪ ସ୍କୁଲ ମଧ୍ୟରୁ ୪୭୭ଟି ଇସ୍ରାଏଲ୍ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ବିସ୍ଥାପିତମାନେ ରହୁଥିବା କେନ୍ଦ୍ରୀୟ ଗାଜାର ଏକ ସ୍କୁଲ୍ ଉପରେ ଇସ୍ରାଏଲ୍ ଜୁନ୍ ମାସରେ ବୋମାମାଡ଼ କରିବାରୁ ୧୨ ମହିଳା ଓ ଶିଶୁଙ୍କ ସମେତ ଅନ୍ୟୂନ ୩୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଗତ ଗୁରୁବାର ପୂର୍ବ ଗାଜା ସିଟିର ୨ଟି ସ୍କୁଲ୍ ଉପରେ ଆକ୍ରମଣ ଯୋଗୁ ୧୫ ଜଣ ପ୍ରାଣ ହରାଇଥିଲେ।

# ଚାପରେ ବାଂଲାଦେଶ ପ୍ରଧାନ ବିଚାରପତିଙ୍କ ଇସ୍ତଫା

ଢାକା,୧୦।୮(ପି.ଟି.)


ଓବାଇଦୁଲ ହାସନ

ବାଂଲାଦେଶରେ ନ୍ୟାୟିକ ବ୍ୟବସ୍ଥାର ପୁନର୍ଗଠନ ଦାବିରେ ଛାତ୍ର ଆନ୍ଦୋଳନ ଜୋର୍ ଧରିବା ପରେ ଦେଶର ପ୍ରଧାନ ବିଚାରପତି ଓବାଇଦୁଲ ହାସନ ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆପିଲେଟ୍ ଡିଭିଜନର ୫ ଶୀର୍ଷ ବିଚାରପତି ମଧ୍ୟ ଇସ୍ତଫା ଦେଇଛନ୍ତି। ବିଚାର ବ୍ୟବସ୍ଥାରେ ପରିବର୍ତ୍ତନ ଦାବିରେ ଆଣ୍ଟିଡିସ୍‌କ୍ରିମିନେଶନ ଷ୍ଟୁଡେଣ୍ଟ ମୁଭ୍‌ମେଣ୍ଟର ବିକ୍ଷୋଭକାରୀମାନେ ଶନିବାର ଶୋଭାଯାତ୍ରାରେ ଆସି ସୁପ୍ରିମକୋର୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରାହ୍ଣ ୧ଟା ସୁଦ୍ଧା ପ୍ରଧାନ ବିଚାରପତି ଏବଂ ଆପିଲେଟ୍ ଡିଭିଜନର ସବୁ ବିଚାରପତି ଇସ୍ତଫା ଦେବା ପାଇଁ ଆନ୍ଦୋଳନକାରୀ ମହଲତ ଦେଇଥିଲେ। ଫଳରେ ୬୫ ବର୍ଷୀୟ ପ୍ରଧାନ ବିଚାରପତି ଆଇନ ମନ୍ତ୍ରଣାଳୟକୁ ତାଙ୍କ ଇସ୍ତଫାପତ୍ର ପଠାଇଦେଇଥିଲେ। ସୂଚନାଯୋଗ୍ୟ, ସରକାରୀ ନିଯୁକ୍ତିରେ ସଂରକ୍ଷଣକୁ ବିରୋଧ କରି ଦେଶବ୍ୟାପୀ ଆନ୍ଦୋଳନ ଉଗ୍ର ରୂପ ନେବା ପରେ ପ୍ରଧାନମନ୍ତ୍ରୀ ପଦରୁ ଶେଖ୍ ହାସିନା ଇସ୍ତଫା ଦେଇ ଦେଶଛାଡ଼ି ଚାଲିଯାଇଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ହାସନ ଶେଖ୍ ହାସିନାଙ୍କ ଘନିଷ୍ଠ ଥିବା କୁହାଯାଉଛି।

# ସୋମନାଥନ ହେଲେ କ୍ୟାବିନେଟ ସଚିବ

ନୂଆଦିଲ୍ଲୀ, ୧୦।୮


ଟି.ଭି. ସୋମନାଥନ

କେନ୍ଦ୍ର ସରକାର ବରିଷ୍ଠ ଆଇଏଏସ୍ ଅଫିସର ଟି.ଭି. ସୋମନାଥନଙ୍କୁ ଶନିବାର ନୂତନ କ୍ୟାବିନେଟ ସଚିବ ଭାବେ ନିଯୁକ୍ତ କରିଛନ୍ତି। ବର୍ତ୍ତମାନ ଅର୍ଥ ସଚିବ ଭାବେ କାର୍ଯ୍ୟରତ ଥିବା ସୋମନାଥନ ଆସନ୍ତା ୩୦ରୁ କ୍ୟାବିନେଟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ୧୯୮୭ ବ୍ୟାଚ୍ ତାମିଲନାଡୁ କ୍ୟାଡରର ଏହି ଆଇଏଏସ୍ ଅଧିକାରୀ ୨ ବର୍ଷ ପାଇଁ କ୍ୟାବିନେଟ ସଚିବ ଦାୟିତ୍ୱ ତୁଲାଇବେ। ବର୍ତ୍ତମାନର କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ କାର୍ଯ୍ୟକାଳ ଆସନ୍ତା ୩୦ରେ ଶେଷ ହେଉଛି। ୨୦୧୯ ଅଗଷ୍ଟ ୩୦ରୁ ଗୌବା କ୍ୟାବିନେଟ ସଚିବ ଭାବେ ଦାୟିତ୍ୱ ନିର୍ବାହ କରି ଆସିଛନ୍ତି। ପୂର୍ବରୁ ସୋମନାଥନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଓ ଯୁଗ୍ମ ସଚିବ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୱାର୍ଲ୍ଡ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ ମଧ୍ୟ ସୋମନାଥନ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିଛନ୍ତି।

# ଭାରତ-ମାଳଦ୍ୱୀପ ସମ୍ପର୍କ ପୁନଃସ୍ଥାପନ ଉଦ୍ୟମ

ନୂଆଦିଲ୍ଲୀ,୧୦।୮

**ମୁଇଜୁଙ୍କ ସହ ଜୟଶଙ୍କରଙ୍କ ଆଲୋଚନା**

ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ୩ ଦିନିଆ ମାଳଦ୍ୱୀପ ଗସ୍ତରେ ଯାଇ ଶନିବାର ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କୁ ଭେଟିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଦିଗରେ ସେ ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି। ସୁରକ୍ଷା, ବାଣିଜ୍ୟ ଏବଂ ବିକାଶ ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା। ଆମ ଲୋକ ଓ ଅଞ୍ଚଳର ହିତ ପାଇଁ ଭାରତ-ମାଳଦ୍ୱୀପ ସମ୍ପର୍କ ବଢ଼ାଇବା ପାଇଁ ପ୍ରତିବଦ୍ଧ ବୋଲି ଆଲୋଚନା ପରେ ଜୟଶଙ୍କର ଏକ୍ସ'ରେ ଲେଖିଛନ୍ତି। ସୂଚନାଯୋଗ୍ୟ, ଚାଇନା ସପକ୍ଷବାଦୀ ମୁଇଜୁ ରାଷ୍ଟ୍ରପତି ନିର୍ବାଚନ ବେଳେ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରିଥିଲେ। ରାଷ୍ଟ୍ରପତି ହେବା ପରେ ସେ ମାଳଦ୍ୱୀପରେ ଥିବା ଭାରତୀୟ ସୈନ୍ୟଙ୍କୁ ବିଦା କରିଥିଲେ। ତେବେ ଶନିବାର ଆଲୋଚନା ବେଳେ ମୁଇଜୁ କହିଛନ୍ତି, ଭାରତ ସବୁବେଳେ ମାଳଦ୍ୱୀପର ଘନିଷ୍ଠ ବନ୍ଧୁ ଏବଂ ମୂଲ୍ୟବାନ୍ ସହଯୋଗୀ ରହିଆସିଛି। ଯେତେବେଳେ ମାଳଦ୍ୱୀପ ଆବଶ୍ୟକ କରିଛି, ଭାରତ ସହାୟତା ଯୋଗାଇ ଦେଇଥିବା ମୁଇଜୁ କହିଛନ୍ତି।


ମାଲେରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

# ରାଜପଥ ପ୍ରକଳ୍ପ ବନ୍ଦ ପାଇଁ ପଞ୍ଜାବକୁ ଗଡ଼କରୀଙ୍କ ଚେତାବନୀ

ନୂଆଦିଲ୍ଲୀ, ୧୦।୮

ଗତ କିଛିଦିନ ମଧ୍ୟରେ ପଞ୍ଜାବର ଲୁଧିଆନା ଏବଂ ଜଳନ୍ଧରରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ)ର ଇଞ୍ଜିନିୟର ଏବଂ କଣ୍ଟ୍ରାକ୍ଟରଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ ଶନିବାର ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନଙ୍କୁ ଚିଠି ଲେଖିଛନ୍ତି। ଉଭୟ ଘଟଣାରେ ରାଜ୍ୟ ସରକାର ତୁରନ୍ତ ଏଫ୍‌ଆଇଆର୍ ରୁଜୁ କରିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗଡ଼କରୀ ଦାବି ଜଣାଇଛନ୍ତି। ସେହିପରି ରାଜ୍ୟରେ କାର୍ଯ୍ୟରତ ଏନ୍‌ଏଚ୍‌ଏଆଇ କର୍ମଚାରୀଙ୍କ ଆତ୍ମବିଶ୍ୱାସକୁ ପୁନଃ ସ୍ଥାପିତ କରିବା ପାଇଁ ଭବିଷ୍ୟତରେ ଏପରି ଘଟଣାକୁ ରୋକାଯିବା ଆବଶ୍ୟକ। ତେଣୁ ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଗଡ଼କରୀ ପରାମର୍ଶ ଦେଇଛନ୍ତି। ଯଦି ସ୍ଥିତିରେ ସୁଧାର ନ ଆସେ ତେବେ ପଞ୍ଜାବରେ ଏନ୍‌ଏଚ୍‌ଏଆଇର ୨୯୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୧୪,୨୮୮ କୋଟି ଟଙ୍କାର ୮ଟି ପ୍ରକଳ୍ପକୁ ବାତିଲ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ ବୋଲି ଗଡ଼କରୀ ରାଜ୍ୟ ସରକାରଙ୍କୁ ଚେତାଇଛନ୍ତି।

# ବନ୍ଦୀଙ୍କ ହାତରେ ଷ୍ଟାମ୍ପ୍ ଗଣତନ୍ତ୍ର ପ୍ରତି ଚ୍ୟାଲେଞ୍ଜ୍‌ର ପ୍ରତୀକ

**ଜନ୍ମଦିନରେ ହାତର ଷ୍ଟାମ୍ପ ଫଟୋ ଶେୟାରକଲେ ହେମନ୍ତ ସୋରେନ**

ରାଞ୍ଚି,୧୦।୮



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଶନିବାର ନିଜର ଜନ୍ମଦିନ ପାଳନ ଅବସରରେ ତାଙ୍କ ହାତରେ ଲଗାଯାଇଥିବା ଷ୍ଟାମ୍ପର ଫଟୋ ଶେୟାର କରିଛନ୍ତି। ବନ୍ଦୀମାନଙ୍କ ହାତରେ ଷ୍ଟାମ୍ପ ଲଗାଯିବା ଗଣତନ୍ତ୍ର ପ୍ରତି ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜ୍‌ର ପ୍ରତୀକ ବୋଲି ସେ ଉଲ୍ଲେଖ କରିଛନ୍ତି। ଜମି ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ହୋଇ ହେମନ୍ତ ଜେଲ ଯାଇଥିଲେ। ସେ ଜେଲରୁ ମୁକୁଳିବା ବେଳେ ତାଙ୍କ ହାତରେ ଜେଲ କର୍ତ୍ତୃପକ୍ଷ ଷ୍ଟାମ୍ପ୍ ଲଗାଇଥିଲେ। ସେହି ଷ୍ଟାମ୍ପ୍ ତାଙ୍କ ହୃଦୟରେ ଏବେ ବି ଛାପ ରଖିଥିବା ହେମନ୍ତ କହିଛନ୍ତି। ହାଇକୋର୍ଟରୁ ଜାମିନ ମିଳିବା ପରେ ଗତ ଜୁନ୍ ୨୮ରେ ହେମନ୍ତ ରାଞ୍ଚିର ବିର୍ସାମୁଣ୍ଡା ଜେଲରୁ ବାହାରିଥିଲେ। ବିନା ଅଭିଯୋଗ, ପ୍ରମାଣ ଏବଂ ଅପରାଧରେ ଯେତେବେଳେ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ୧୫୦ ଦିନ ଜେଲରେ ରଖାଯାଇପାରୁଛି, ସାଧାରଣ ଆଦିବାସୀ, ଦଳିତ, ଅତ୍ୟାଚାରିତ ଲୋକମାନଙ୍କ ପ୍ରତି କ'ଣ ଘଟୁଥିବ, ତାହା କହିବା ଅନାବଶ୍ୟକ ବୋଲି ହେମନ୍ତ କହିଛନ୍ତି।

# କଶ୍ମୀରରେ ଗୁଳି ବିନିମୟ, ୨ ଯବାନ ମୃତ

ଶ୍ରୀନଗର, ୧୦।୮

ଦକ୍ଷିଣ କଶ୍ମୀରସ୍ଥିତ ଅନନ୍ତନାଗ ଜିଲାର ସୁଦୂର ଅହଲାନ ଗାଗରଲାଣ୍ଡୁ ଜଙ୍ଗଲରେ ଶନିବାର ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ଜଣ ଯବାନ ଶହୀଦ ହୋଇଛନ୍ତି। ସେହିପରି ଏହି ସଂଘର୍ଷରେ ଅନ୍ୟ ୪ ଯବାନ ଓ ୨ ଜଣ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଛନ୍ତି। ଅହଲାନ ଗାଗରଲାଣ୍ଡୁ ଜଙ୍ଗଲରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନାକୁ ଆଧାର କରି ଶନିବାର ଉକ୍ତ ଜଙ୍ଗଲରେ ସୁରକ୍ଷା ବଳ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ସର୍ଚ୍ଚ ଅପରେଶନ ସମୟରେ ସୁରକ୍ଷାବାହିନୀଙ୍କ ଉପରକୁ ଆତଙ୍କବାଦୀ ଗୁଳିବର୍ଷଣ କରିଥିଲେ।

# ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବ କେନ୍ଦ୍ର: ମୋଦି


ୱାୟନାଡ୍ ଭୂସ୍ଖଳନ ମୃତକଙ୍କ ପରିବାର ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟି ସମବେଦନା ଜଣାଉଛନ୍ତି।

ୱାୟନାଡ୍,୧୦।୮

**ୱାୟନାଡ୍ ବିପର୍ଯ୍ୟୟ ଅସ୍ୱାଭାବିକ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆକାଶ ମାର୍ଗରୁ କେରଳର ଭୂସ୍ଖଳନ କ୍ଷତିଗ୍ରସ୍ତ ୱାୟନାଡ୍ ଜିଲାର ଚୁରାଲମାଲା, ମୁଣ୍ଡାକାଇ ଏବଂ ପୁଞ୍ଚିରିମାଓ୍ୱମ ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ସେ ରିଲିଫ୍ କ୍ୟାମ୍ପ୍ ଓ ହସ୍ପିଟାଲରେ ଭୂକମ୍ପ କ୍ଷତିଗ୍ରସ୍ତମାନଙ୍କୁ ଭେଟିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ୱାୟନାଡ୍ ଭୂସ୍ଖଳନରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକ ଅଞ୍ଚଳ ଭାସିଯାଇଥିଲା। ୱାୟନାଡ୍‌ରେ ଘଟିଥିବା ବିପର୍ଯ୍ୟୟ ଅସ୍ୱାଭାବିକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ସହ ସମୀକ୍ଷା ବୈଠକ କରିବା ସହ ରିଲିଫ୍ ଓ ପୁନର୍ବାସ ପାଇଁ କେନ୍ଦ୍ର ପକ୍ଷରୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିପର୍ଯ୍ୟୟରେ ଯେଉଁମାନେ ସବୁକିଛି ହରାଇଛନ୍ତି, ସେମାନଙ୍କୁ ସହାୟତା ଲାଗି କେନ୍ଦ୍ର ସରକାର କେରଳ ସରକାରଙ୍କ ସହ ଏକାଠି କାର୍ଯ୍ୟ କରିବେ। ଭୂସ୍ଖଳନ ସମୟରେ ପ୍ରଧାନମନ୍ତ୍ରୀ କେରଳ ସରକାରଙ୍କ ସହ ଯୋଗାଯୋଗରେ ଥିବା କହିଛନ୍ତି। ବୈଠକରେ କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍, ମୁଖ୍ୟମନ୍ତ୍ରୀ ବିଜୟନ, କେନ୍ଦ୍ରମନ୍ତ୍ରୀ ସୁରେଶ ଗୋପୀ, ବିପର୍ଯ୍ୟୟ ସ୍ଥଳରେ କ୍ୟାମ୍ପ ପକାଇ ରହିଥିବା କ୍ୟାବିନେଟ୍ ସବ୍‌କମିଟିର ମନ୍ତ୍ରୀ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ପୁନର୍ବାସନ ଲାଗି କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଦାବି କରିଥିଲେ।

# ରୋହିଙ୍ଗ୍ୟାଙ୍କ ଉପରେ ଡ୍ରୋନ୍ ଆକ୍ରମଣ: ୨୦୦ ମୃତ

ନେପିଡୋ, ୧୦।୮

ମ୍ୟାନ୍‌ମାରରୁ ବାଂଲାଦେଶ ପଳାୟନ କରୁଥିବା ରୋହିଙ୍ଗ୍ୟାଙ୍କ ଉପରେ ଡ୍ରୋନ୍ ଆକ୍ରମଣ ଯୋଗୁ ୩ ଦିନରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି ବୋଲି ପ୍ରତ୍ୟକ୍ଷଦର୍ଶୀ କହୁଥିବାବେଳେ ଏକାଧିକ ଡଜନ୍ ରୋହିଙ୍ଗ୍ୟା ନିହତ ହୋଇଥିବା ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ମୃତକଙ୍କ ମଧ୍ୟରେ ବହୁ ମହିଳା ଓ ଶିଶୁ ରହିଛନ୍ତି। ସୀମା ପାର୍ କରି ବାଂଲାଦେଶ ଯିବାକୁ ଅପେକ୍ଷା କରି ରହିଥିବା ରୋହିଙ୍ଗ୍ୟା ପରିବାରଙ୍କ ଉପରେ ଡ୍ରୋନ୍ ଯୋଗେ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣ ପାଇଁ ମ୍ୟାନ୍‌ମାରର ଅରାକାନ୍ ସେନାକୁ ଦାୟୀ କରାଯାଉଥିବାବେଳେ ସେନା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଏହି ଡ୍ରୋନ୍ ଆକ୍ରମଣରେ କେତେଜଣ ରୋହିଙ୍ଗ୍ୟାଙ୍କର ମୃତ୍ୟୁ ଘଟିଛି ସେନେଇ ସରକାରୀ ଭାବେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବା ବେଳେ ୨୦୦ରୁ ଅଧିକ ମୃତ୍ୟୁ ଘଟିଥିବା କୁହାଯାଉଛି।




# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୧/୨୦୨୪ | Bhubaneswar, Sunday, August 11/2024






**ଆଜିର ମନ୍ତବ୍ୟ**

"କେନ୍ଦ୍ରର ଏକଛତ୍ରବାଦୀ ଶାସନ ବିରୋଧରେ ସବୁ ବିରୋଧୀ ଦଳ ଏକଜୁଟ୍ ହେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ୨୪ ଘଣ୍ଟା ମଧ୍ୟରେ ଜେଲରୁ ମୁକୁଳିବେ।" –ମନୀଷ ସିସୋଡିଆ, ବରିଷ୍ଠ ଆପ୍ ନେତା

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଓଡ଼ିଶା ମିରର୍ ପକ୍ଷରୁ 'ପ୍ରତିଭା ଦର୍ପଣ ଉତ୍ସବ', ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ୟାଶନ କ୍ଲବର ୧୯ତମ ଗଣେଶ ପୂଜା ଲାଗି ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ୟାଶନ କ୍ଲବ, ଏମ୍ଏଲ୍ଏ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସମୟ ଲାଇଭ୍‌ର ପୂର୍ବ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏଶନ, ଖାରବେଳ ନଗର, ସମୟ: ଅପରାହ୍ନ ୩ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର ନାଟକ 'ସୂର୍ଯ୍ୟାସ୍ତ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କଟକ

- ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନାଚକ୍ର, ଜଗତ୍‌ପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର, ଅପରାହ୍ନ ୪ଟା୩୦।

### ପୁରୀ

- ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଘୋଡ଼ା ବଜାର, ସମୟ: ସକାଳ ୮ଟା।
- ସର୍ବୋଦୟ ସାହିତ୍ୟ ସଂସଦର ପଞ୍ଚମ ବାର୍ଷିକୋତ୍ସବ, ସ୍ଥାନ: ନିର୍ବିକଳ୍ପ ସାରସ୍ୱତ ସଭାଗୃହ, ସର୍ବୋଦୟ ନଗର, ସମୟ: ସକାଳ ୯ଟା ୩୦।
- ଶ୍ରୀଜଗନ୍ନାଥ ଚେତନା ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ହୋଟେଲ ନୀଳାଦ୍ରି ନୀଳୟମ, ନ୍ୟୁ ମେରାଇନ ଡ୍ରାଇଭ୍ ରୋଡ ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜନତା ଜନାର୍ଦ୍ଦନ ସେବା ଟ୍ରଷ୍ଟର ବୈଠକ ଓ ଦୀପଦାନ କାର୍ଯ୍ୟକ୍ରମ, ସ୍ଥାନ: ବାଘା ଆଖଡ଼ା ମଠ, ବଡ଼ଶଙ୍ଖ, ସମୟ: ପୂର୍ବାହ୍ନ ୧୧ଟା।

### ଖୋର୍ଦ୍ଧା

- ଓଡ଼ିଶା ଯୁବ ସମ୍ମିଳନୀ, ସ୍ଥାନ: କେ.ଟି. ଗ୍ଲୋବାଲ ସ୍କୁଲ, ବରୁଣେଇ ରୋଡ୍, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

### ବାଲେଶ୍ୱର

- ମା ଅମ୍ବିକା ସାହିତ୍ୟ ସଂସଦର ବର୍ଷା ଆସର, ସ୍ଥାନ: ମା' ଅମ୍ବିକା ଆଶ୍ରମ, କୁପାରୀ, ଖଇରା ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ

- ତ୍ରିରଙ୍ଗା ଶୋଭାଯାତ୍ରା ପାଇଁ ଭାଜପାର ପ୍ରସ୍ତୁତି ବୈଠକ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ପତାକା ପ୍ରସ୍ତୁତି ପାଇଁ ମହିଳା ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ, ସ୍ଥାନ: ମା' ତାରିଣୀ ମହାସଂଘ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦୁଝର

- ସୂର୍ଯ୍ୟ ମନ୍ଦିରରେ ବ୍ରତଧାରୀଙ୍କ ପୂଜା ଏବଂ ମେଳା, ସ୍ଥାନ: ଡ଼ଅଁର, ହାଟଡିହୀ, ସମୟ: ସକାଳ ୭ଟା।
- ସଂକୁଳସ୍ତରୀୟ 'ଜ୍ଞାନ ବିଜ୍ଞାନ' ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡବିଲ, କେନ୍ଦୁଝର, ସମୟ: ସକାଳ ୯ ଟା ୩୦ ରୁ ଅପରାହ୍ନ ୧ଟା।
- ଆଧ୍ୟାତ୍ମିକ ବାଲ୍ ବିକାଶ ଶିକ୍ଷା ପ୍ରଦାନ ଉତ୍ସବ, ସ୍ଥାନ:ଡ଼ଅଁର, କପୁଣ୍ଡି, ମରୈଗାଁ, ଇଂଚୋଳ, ଅଣଡିରା, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ସ୍ମୃତିସଭା, ସ୍ଥାନ: ବିଶ୍ୱେଶ୍ୱର୍ ମହାଦେବ ପ୍ରାଙ୍ଗଣ, ନେଲୁଙ୍ଗ, କେନ୍ଦୁଝର ସଦର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତରୀକ୍ଷଙ୍କ ପୂଜା ଏବଂ ଜପ, ସ୍ଥାନ: ଢେଙ୍କା, ହାଟଡିହୀ, ସମୟ: ଅପରାହ୍ନ ୫ଟା।

### ମୟୂରଭଞ୍ଜ

- ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚଳିମା, କୁଆମରା, ଗୋପବନ୍ଧୁନଗର, ସମୟ: ସକାଳ ୭ଟା।
- ଶ୍ରୀଗୁରୁ ଭାଗବତ ଟୁଙ୍ଗି ପ୍ରତିଷ୍ଠାର ଶୁଭ ଅଧିବାସ, ସ୍ଥାନ: ଭୁଗୁଡାକଟା ଭଞ୍ଜପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଉଦଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନୂତନ ବସ୍ତ୍ର ବଣ୍ଟନ, ସ୍ଥାନ: ମଧୁପୁର ଅଙ୍ଗନୱାଡି କେନ୍ଦ୍ର, ଉଦଳା, ସମୟ: ଅପରାହ୍ନ ୩ଟା।
- ବୋଲବମ ଭକ୍ତଙ୍କୁ ପ୍ରସାଦ ବଣ୍ଟନ, ସ୍ଥାନ: ମୋରଡା ବ୍ଲକ ଅଧୀନ ଚିତ୍ରଡା ଶୀର୍ଷାପାଳ ଛକ, ସମୟ: ରାତି ୯ଟା।

### ବ୍ରହ୍ମପୁର

- ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ବ୍ରହ୍ମପୁର,ସମୟ: ଅପରାହ୍ନ ୩ଟା।

### ବ୍ରହ୍ମପୁର

- ଜାତୀୟ ଶିକ୍ଷା ନୀତିର ରାଜ୍ୟସ୍ତରୀୟ କର୍ମଶାଳା,ସ୍ଥାନ: ଗୋପାଳପୁର କଲେଜ,ସମୟ: ପୂର୍ବାହ୍ନ ୧୧ଟା।
- ବର୍ଷା କବିତା ଆସର, ସ୍ଥାନ: ବୁଗୁଡ଼ା କତକଲା ଜରାଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।
- ସାମାଜିକ କର୍ମୀଙ୍କ ସ୍ମୃତିସଭା, ସ୍ଥାନ: ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାର, ସମୟ: ଅପରାହ୍ନ ୪ ଟା।
- ଦୃଷ୍ଟିହୀନ ସଙ୍ଗୀତ ସମାରୋହ, ସ୍ଥାନ: ବୁଗୁଡ଼ା,ବୁଦ୍ଧଖୋଲ, ସମୟ: ସନ୍ଧ୍ୟା ୬ଟା।

### ରାୟଗଡ଼ା

- ୧୧ ଲକ୍ଷ ହନୁମାନ ଚାଳିଶା ଏବଂ ମହା ପାରାୟଣ ଜପ ପାଠ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ : ସନ୍ଧ୍ୟା ୬ରୁ ୮ ଟା।

### ନବରଙ୍ଗପୁର

- ଅଗଷ୍ଟ ୧୫ ପାଇଁ ପରେଡ୍ ପ୍ରସ୍ତୁତି, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ସକାଳ ୮ଟା।

### କୋରାପୁଟ

- ଦାମନଯୋଡି ଭାରୀ ଓ ହାଲୁକା ମୋଟରଯାନ କର୍ମଚାରୀ ସଂଘ ନିର୍ବାଚନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ଦାମନଯୋଡ଼ି, ସମୟ: ସକାଳ ୭ଟାରୁ ଆରମ୍ଭ।
- ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଆମ୍ବେଦକର ଷ୍ଟାଡିୟମ, ନାଲ୍‌କୋ ଟାଉନଶିପ୍, ଦାମନଯୋଡି, ସମୟ:ସକାଳ ୯ଟା।

### ସମ୍ବଲପୁର

- ରାଷ୍ଟ୍ର ଗଠନରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସଭା କକ୍ଷ, ସମୟ : ସକାଳ ୮ଟା।
- ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : କୁଦୋପାଲି ଗ୍ରାମ, ସମୟ : ସକାଳ ୮ଟା।
- ଏଲଆଇସି ଅଭିକର୍ତ୍ତାଙ୍କ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ ପୂର୍ବାହ୍ନ ୧୦ଟା।
- ସିଦ୍ଧେଶ୍ୱରୀ ଧର୍ମସଂସଦ ସଭାପତି ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ସ୍ମୃତିରେ ଶୋକସଭା, ସ୍ଥାନ: ପଟ୍ଟନାୟକପଡା ସ୍ଥିତ ସଂସଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

### ବଲାଙ୍ଗୀର

- ସାଗୁଆ ବଲାଙ୍ଗୀର ପକ୍ଷରୁ ଗଛ ଜଗା ଦିନ,ସ୍ଥାନ: ଅରୁନ୍ଧତୀ ଶୋରୁମ୍ ସମ୍ମୁଖ, ବଲାଙ୍ଗୀର , ସମୟ: ସକାଳ ୯ଟା ।
- ତହଁକ୍ କୁଟୁମ୍ ପକ୍ଷରୁ ଝଁକେର କବିତା ଆସର, ସ୍ଥାନ: ହରିଶଙ୍କର ମନ୍ଦିର ନିକଟ, ହରିଶଙ୍କର, ବଲାଙ୍ଗୀର ,ସମୟ: ପୂର୍ବାହ୍ନ ୧୦ଟା ।
- କୋଶଲୀ ସାହିତ୍ୟିକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ସଭା, ସ୍ଥାନ: ପିପି ଏକାଡେମୀ ସମ୍ମିଳନୀ କକ୍ଷ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୧ଟା ।

### ରାଉରକେଲା

- ପଶ୍ଚିମ ଓଡିଶା ବିଦ୍ୟୁତ ଉପଭୋକ୍ତା ମହାସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।
- ଫାଇଲେରିଆ ସଚେତନତା କର୍ମଶାଳା, ସ୍ଥାନ: ଆମ୍ବେଡ଼କର ବସ୍ତି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ହାପି ମୁମେଣ୍ଟ ଇଣ୍ଡିଆ ପକ୍ଷରୁ ସମ୍ବଲପୁରୀ ଦିବସ ପାଳନ, ସ୍ଥାନ: ଏନ୍ଆଇଟି, ଅଡିଟୋରିୟମ କକ୍ଷ, ସମୟ: ଅପରାହ୍ନ ୩ଟା।
- ସ୍ୱସ୍ତି ସାହିତ୍ୟ ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା।

### ସୁନ୍ଦରଗଡ଼

- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା,ସ୍ଥାନ: ସରସତୀ ଶିଶୁ ବିଦ୍ୟା ମନ୍ଦିର,କୁଆଁରମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମିଲେଟ ମିଶନର କର୍ମକର୍ତ୍ତାଙ୍କୁ ବୈଜ୍ଞାନିକ ପଦ୍ଧତିରେ ମିଲେଟ ଉତ୍ପାଦନ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ୪ ଦିନିଆ ତାଲିମ ଶିବିର ଉଦଘାଟନ,ସ୍ଥାନ:ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ର,ସମୟ: ପୂର୍ବାହ୍ନ ୧୦ଟା ୩୦।

### ବରଗଡ଼

- ଜିଲା ପେନକକ୍‌ସିଲାଟ୍ ଚାମ୍ପିୟନଶିପ୍, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ଜମଲା ଗ୍ରାମବାସୀଙ୍କ ଦ୍ୱାରା ସାମୂହିକ ବୃକ୍ଷରୋପଣ, ସ୍ଥାନ: ପଦ୍ମପୁର ବ୍ଲକ ଜମଲା ଗାଁ ରାସ୍ତାପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖଇରପାଲି ଗ୍ରାମବାସୀଙ୍କ ଦ୍ୱାରା ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ବ୍ଲକ ଖଇରପାଲି ଗାଁ, ସମୟ: ଅପରାହ୍ନ ୪ଟା।

### କଳାହାଣ୍ଡି

- ହର୍‌ଘର୍ ତ୍ରିରଙ୍ଗା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ

- ବୌଦ୍ଧ ଜିଲା ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ବନ୍ୟା ଆଶ୍ରୟସ୍ଥଳ ,ହରଭଙ୍ଗା ,ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ସ୍ୱାଧୀନତା ଦିବସ ପାଇଁ ପରେଡ୍ ଅଭ୍ୟାସ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା ୪୫।
- ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଭଏସ୍ ଜିନିୟସ ସିଜନ୍ ୧୧ ସଙ୍ଗୀତ ପ୍ରତିଯୋଗିତା ପାଇଁ ରିହର୍ସାଲ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର

- ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟ କର୍ମଧାରାର ଦୁଇ ଦିନିଆ ମଣ୍ଡଳସ୍ତରୀୟ କର୍ମଶାଳାର ଉଦ୍‌ଯାପନ, ସ୍ଥାନ: ସୋନପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ସମୟ: ସକାଳ ୯ଟା।
- ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ଦ୍ୱାରା ଚାରା ରୋପଣ, ସ୍ଥାନ: ଲୁତୁରପଙ୍କ ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସୁରକ୍ଷା ସମିତିର ଜରୁରୀ ବୈଠକ, ସ୍ଥାନ: ବୀରମହାରାଜପୁର କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ତରଭା ପଞ୍ଚାନନ ମେଳା କମିଟି ପକ୍ଷରୁ ତ୍ରିନାଥ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ତରଭା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଗୁଦଗୁଦା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ କୁଇଜ ପ୍ରତିଯୋଗିତା,ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଝାରସୁଗୁଡ଼ା

- ନୂତନ ବ୍ଲଡ୍ ବ୍ୟାଙ୍କ ଉଦ୍‌ଘାଟନ, ସ୍ଥାନ: ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୁଦ୍ଧିଜୀବୀ ସମ୍ମିଳନୀ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ମେଘଦୂତ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ମେଘଦୂତ ହୋଟେଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।

### କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା,ସମୟ:ସକାଳ ୮ଟା।
- ଜୟରାଷ୍ଟ୍ର ପକ୍ଷରୁ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀରାମ ମନ୍ଦିର ସମ୍ମିଳନୀ କକ୍ଷ, ତିନିମୁହାଣୀ, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୬ଟା।

### ଯାଜପୁର

- ଭାରତୀୟ କ୍ରୀଡା ପ୍ରାଧିକରଣ ଆନୁକୂଲ୍ୟରେ ଦୌଡକୁଦ, ଫୁଟବଲ ଓ କବାଡି ପ୍ରତିଯୋଗିତା, ସ୍ଥାନ: ବ୍ୟାସନଗର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ସାଂସ୍କୃତିକ ଦଳ ଚୟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼

- ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ , ସ୍ଥାନ: ନୟାଗଡ଼ ଟାଉନ ରେଳ ଷ୍ଟେଶନ, ସମୟ: ସକାଳ ୭ଟା।
- ସୋହମର ବାର୍ଷିକୋତ୍ସବ, ସ୍ଥାନ: ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଚନ୍ଦ୍ର ସପ୍ତମ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ପାଇବେ। ପାରିବାରିକ କ୍ଷେତ୍ର, ନୂତନ ଯୋଜନାରମ୍ଭ ଓ ବନ୍ଧୁମିଳନରୁ ଖୁସି ରହିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ସାମୟିକ ପ୍ରତିବନ୍ଧକଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** – ଆତ୍ମୀୟମାନଙ୍କ ସହଯୋଗରେ ଧର୍ମକାର୍ଯ୍ୟ, ସତ୍‌ସଙ୍ଗ ଓ ଆନୁଷ୍ଠାନିକ କାମ ପାଇଁ ଯୋଜନା କରିପାରନ୍ତି। ଉପଚୟସ୍ଥ ରବି ହେତୁ ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକ ଲାଗି ରହିବ। ବ୍ୟବହାରିକ ସ୍ଥାନରେ ଶୁକ୍ର, ଅର୍ଥ, ବିଳାସ ଉପକରଣ, ନୂତନ ମୈତ୍ରୀ ସମ୍ପର୍କ ସୃଷ୍ଟି କରିବ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହୋଇପାରନ୍ତି।

**ମିଥୁନ** – କର୍ମକ୍ଷେତ୍ରରେ ରାହୁ ଅବସ୍ଥାନ କରିଥିବାରୁ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ଅର୍ଥ ସମ୍ବନ୍ଧୀୟ କାରବାରରେ ବନ୍ଧୁ ସହିତ ମନୋମାଳିନ୍ୟ ଘଟିବାର ଆଶଙ୍କା ରହିଛି। ସାମୟିକ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ ଏବଂ ଦୂରଯାତ୍ରା ସକାଶେ ଦିନଟି ମନ୍ଦ ନୁହେଁ।

**କର୍କଟ** – କର୍ମାଧିପ ଶନିଯୁକ୍ତ ଯୋଗୁ କର୍ମଜଞ୍ଜାଳ ବୃଦ୍ଧିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। ପ୍ରତିଦ୍ୱନ୍ଦ୍ୱିତା, କ୍ରୀଡ଼ା ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବିଚଳିତ ହୋଇପାରନ୍ତି। ବନ୍ଧୁ ପରିଜନଙ୍କ ସହିତ ଯାତ୍ରାରୁ ସୁଫଳ ପାଇବେ ଏବଂ ଲକ୍ଷ୍ୟ ପୂରଣ ହେବ।

**ସିଂହ** – ପୂର୍ବାହ୍ନରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ଅଫିସ୍‌ରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। କାର୍ଯ୍ୟହାନି ହେତୁ କିମ୍ବା ପରୋକ୍ଷ ଶତ୍ରୁତାରୁ ମନ ଠିକ୍ ରହି ନ ପାରେ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଅପରାହ୍ନରେ ପାଇବେ।

**କନ୍ୟା** – ବୃହସ୍ପତି ସହ ମଙ୍ଗଳଙ୍କ ସମ୍ବନ୍ଧ କାରଣରୁ କର୍ମକ୍ଷେତ୍ର ପ୍ରଶସ୍ତ ରହିବ। ଯାତ୍ରାରେ ସଫଳତା, ବାଣିଜ୍ୟ, ବ୍ୟବସାୟରେ ଲାଭ ଓ ସାମାଜିକ ସ୍ତରରୁ ସମ୍ମାନ ପାଇବେ। ଭାବ ପ୍ରବଣତାବଶତଃ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ। ପ୍ରତିଦ୍ୱନ୍ଦ୍ୱିତା, ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟା ବୃଦ୍ଧି ହୋଇପାରେ।

**ତୁଳା** – ଲାଭ ଭାବରେ ରାଶ୍ୟାଧିପ ଥିବା କାରଣରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ପଡ଼ୋଶୀ ସ୍ୱାର୍ଥସାଧାନ ମାନସରେ ବାକ୍‌ଚାତୁରୀ କଥା କହିବେ। ଶନି ଓ ରବିଙ୍କ ପାରସ୍ପରିକ ବୈରତା କାରଣରୁ କଠିନ ପରିଶ୍ରମ କଲେ ମଧ୍ୟ ପାରିଶ୍ରମିକ ମନଲାଖି ହେବ ନାହିଁ। ଘର ଲୋକମାନଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିପାରେ।

**ବିଛା** – ରାଶି ଓ ରାଶ୍ୟାଧିପତିଙ୍କ ପ୍ରତି ଗୁରୁଦୃଷ୍ଟି କର୍ମକ୍ଷେତ୍ରରେ ଗୌରବାର୍ଜନ ପୂର୍ବକ ଉଚ୍ଚ ପ୍ରଶଂସା ପ୍ରଦାନ କରିବ। କଳା, ସାହିତ୍ୟ, ସଂଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପଡ଼ୋଶୀ ଓ ସହକର୍ମୀଙ୍କ ତରଫରୁ ସାହାଯ୍ୟ ଅଭାବ ରହିବ ନାହିଁ। ରାହୁଙ୍କ ପ୍ରଭାବରୁ ଅନ୍ୟମନସ୍କତା ପରିହାର କରି ଯାନବାହନରେ ସତର୍କ ରୁହନ୍ତୁ।

**ଧନୁ** – ସ୍ୱଗୃହୀ ତୃତୀୟ ଶନି ହେତୁ ପରିବାରରେ ତିକ୍ତ ସମ୍ପର୍କ ଉଭେଇ ଯିବ, ଦୂରେଇ ଯାଇଥିବା ବନ୍ଧୁ ପାଖେଇ ଆସିବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ଟଣାଓଟରା ଲାଗିପାରେ। ବିବାଦୀୟ ଘଟଣାରେ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସନ୍ଦେହ ଓ ସମସ୍ୟାକୁ ସୁଧାରି ନେବେ।

**ମକର** – ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। କଳା ସାହିତ୍ୟ, ପରିବାର ଭିତରେ, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ବିବାଦୀୟ ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ପଡ଼ୋଶୀଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ମନେହୋଇପାରେ।

**କୁମ୍ଭ** – ବୁଧ ଓ ଶୁକ୍ରଙ୍କ ସମ୍ପର୍କଜନିତ କାମର ଚାପ ମନକୁ ବିଚଳିତ କରିବ। ନୀଚାରୋହୀ ଶୁକ୍ର ହେତୁ ବନ୍ଧୁ ଗହଣରେ ନିଜକୁ ନ୍ୟୂନ ମନେ କରିପାରନ୍ତି। ପ୍ରତ୍ୟେକ କାମ ସହଜ ଓ ସୁବିଧାଜନକ ହୋଇ ନ ପାରେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** – ରାଶିରେ ରାହୁ ହେତୁ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରନ୍ତି। ଅଷ୍ଟମଭାବସ୍ଥ ଚନ୍ଦ୍ରଜନିତ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ଧର୍ମସ୍ଥାନ ଗୁରୁଦୃଷ୍ଟ କାରଣରୁ କୌଣସି ଧାର୍ମିକ କାର୍ଯ୍ୟ ପାଇଁ ମନ ବଳାଇବେ।

ଆଜି ଅଗଷ୍ଟ ୧୧ ତାରିଖ, ଶ୍ରାବଣ ଶୁକ୍ଳ ସପ୍ତମୀ ରବିବାର, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୯ମି. ଗତେ ଘ.୦୯।୪୪ମି. ମଧ୍ୟେ, ଘ.୦୧।୨୭ ଗତେ ଘ.୦୧।୨୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୮ ଗତେ ଘ.୦୬।୧୩ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୧୫ରେ 'ସୁଭଦ୍ରା' ...

ଦିଦିଙ୍କ ସଂଖ୍ୟା ବଢ଼ିବ ସେ ନେଇ ତାଙ୍କ ସରକାର କାମ କରୁଛନ୍ତି। ମିଶନ ଶକ୍ତି ମା'ମାନଙ୍କୁ ଦୁବାଇ ବୁଲାଇ ନେଲେ ସେମାନଙ୍କ ବିକାଶ ହୋଇଯିବନି । ସେମାନଙ୍କ ଏକ୍ସପୋଜର ଭିଜିଟ୍ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସ୍କୁଟି ନେଇ ମିଶନ ଶକ୍ତିର ମହିଳାମାନେ ପସ୍ତାଉଛନ୍ତି। ଗତ ସରକାର ସେମାନଙ୍କ ଉପରେ ଋଣଭାର ବଢ଼ାଇ ଦେଇଛନ୍ତି। ଭାଜପା ମାଆମାନଙ୍କୁ କେବେ ବି ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରେନି। ସେମାନଙ୍କ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବ। ମିଶନ ଶକ୍ତି କେବେ ବି ବନ୍ଦ ହେବନି । ପର୍ଯ୍ୟଟନର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଗତ ଥର ଇକୋରିଟ୍ରିଟ୍‌ରେ ଅନେକ ବାବୁଙ୍କ ବିନା ପଇସାରେ ବିଳାସବ୍ୟସନ କଥା ସାମ୍ନାକୁ ଆସିଛି। ଏଥର ସେ ସବୁ ବନ୍ଦ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

### ମହିଳା ଡାକ୍ତରଙ୍କୁ ...

ନିରପେକ୍ଷ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ପକ୍ଷରୁ ଶନିବାର ଦାବି କରାଯାଇଛି। ୪୮ ଘଣ୍ଟା ମଧ୍ୟରେ ଦାବି ପୂରଣ ନ ହେଲେ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଆଇଏମ୍ଏ ଚେତାବନୀ ଦେଇଛି। ଅପରାଧୀଙ୍କୁ ଆବଶ୍ୟକ ପଡ଼ିଲେ ଫାଶୀ ଦିଆଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ପୀଡ଼ିତା ଜଣକ ପଲ୍‌ମୋଲୋଜି ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ଶୁକ୍ରବାର ଭୋର ସମୟରେ ଏହି ଅପରାଧ ଘଟିଥିବା କୋଲକାତା ପୋଲିସ କହିଛି। ତାଲା ଥାନାରେ ବଳାତ୍କାର ଓ ହତ୍ୟା ମାମଲା ରୁଜୁ ହୋଇଛି। ମହିଳା ଡାକ୍ତରଙ୍କ ଗୁପ୍ତାଙ୍ଗ ଏବଂ ଆଖିରୁ ରକ୍ତ ବାହାରିଥିବାରୁ ଏହା ଆଦୌ ଆତ୍ମହତ୍ୟା ନୁହେଁ, ବରଂ ତାଙ୍କୁ ଯୌନ ନିର୍ଯାତନା ପରେ ହତ୍ୟା କରାଯାଇଥିବା ପୋଲିସ ଅଧିକାରୀ କହିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କ ଶରୀରର ବିଭିନ୍ନ ସ୍ଥାନ କ୍ଷତଚିହ୍ନ ଥିବାବେଳେ ବେକ ହାଡ଼ ଭାଙ୍ଗିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ମାମଲାର ତଦନ୍ତ ପାଇଁ କୋଲକାତା ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛି।

ମିଳିଥିବା ଖବର ଅନୁଯାୟୀ ମହିଳା ଡାକ୍ତର ଜଣକ ଗୁରୁବାର ରାତି ଡ୍ୟୁଟିରେ ଥିଲେ। ଶୁକ୍ରବାର ସକାଳେ ତାଙ୍କର ଅର୍ଦ୍ଧନଗ୍ନ ମୃତଦେହ ହସ୍ପିଟାଲର ସେମିନାର ହଲ୍‌ରୁ ମିଳିଥିଲା। ତାଙ୍କୁ ମେଡିକାଲ କଲେଜ ଓ ହସ୍ପିଟାଲରେ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୀଡ଼ିତାଙ୍କ ବାପା ଅଭିଯୋଗ କରିବା ସହ ସତ୍ୟକୁ ଲୁଚାଇବାକୁ ଉଦ୍ୟମ ହେଉଥିବା କହିଛନ୍ତି। ଜଣେ ଡାକ୍ତରଙ୍କ କହିବା ଅନୁଯାୟୀ ଗୁରୁବାର ରାତି ୨ଟା ବେଳେ ଉକ୍ତ ମହିଳା ଡାକ୍ତର ତାଙ୍କ ଜୁନିୟରମାନଙ୍କ ସହ ଏକାଠି ରାତ୍ରିଭୋଜନ କରିଥିଲେ। ଏହା ପରେ ସେ ବିଶ୍ରାମ ନେବା ପାଇଁ ସେମିନାର ପ୍ରକୋଷ୍ଠକୁ ଯାଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏନ୍.ଏସ୍. ନିଗମ ଏବଂ କୋଲକାତା ପୋଲିସ କମିଶନର ବିନୀତ ଗୋୟର ହସ୍ପିଟାଲ ଯାଇ ସେଠାର ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି। ଡାକ୍ତରଙ୍କ ମୃତ୍ୟୁର ତଦନ୍ତ ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଏକ ୩ ଜଣିଆ କମିଟି ଗଠନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମମତା ମୃତା ଡାକ୍ତରଙ୍କ ମା'ବାପାଙ୍କୁ ଫୋନ୍ କରି ଅପରାଧୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମାମଲାର ବିଚାରକୁ ତ୍ୱରାନ୍ୱିତ କରିବା ନିମନ୍ତେ ମମତା ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଜୁନିୟର ଡାକ୍ତରମାନେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବି କରି ବିକ୍ଷୋଭ କରିବା ଯଥାର୍ଥ। ସେମାନଙ୍କ ଦାବିକୁ ସମର୍ଥନ କରୁଛି। ମାମଲାର ତଦନ୍ତ ସିବିଆଇ ସମେତ ଯେକୌଣସି ସଂସ୍ଥା ଦ୍ୱାରା କରାଗଲେ ମଧ୍ୟ ତାଙ୍କ ସରକାରଙ୍କର କୌଣସି ଆପତ୍ତି ନ ଥିବା ମମତା ଏକ ନ୍ୟୁଜ୍ ଚ୍ୟାନେଲକୁ କହିଛନ୍ତି।

### ମାଧବୀ ପେଡ଼ି ...

ଦରିଆପାରି କମ୍ପାନୀରେ ପୁଞ୍ଜିନିବେଶ କରିଥିବା ରିପୋର୍ଟରୁ ଜଣାପଡ଼ିଛି। ସେବିରେ ମାଧବୀ ନିଯୁକ୍ତ ହେବା ପୂର୍ବରୁ କୌଣସି ପ୍ରକାର ସମ୍ଭାବ୍ୟ ଯାଞ୍ଚରୁ ତାଙ୍କୁ ସୁରକ୍ଷା ଦେବା ନିମନ୍ତେ ସେମାନଙ୍କ ନିବେଶକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ତାଙ୍କ ସ୍ୱାମୀ ନିବେଦନ କରିଥିଲେ। ଏକ ଜଟିଳ ବହୁସ୍ତରୀୟ ଦରିଆପାରି ଷ୍ଟ୍ରକ୍ଚର ଜରିଆରେ ସେମାନେ ପୁଞ୍ଜିନିବେଶ କରିଥିବାରୁ ଏହାର ବୈଧତା ଓ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠିଛି। ଆଦାନୀ ଗ୍ରୁପ୍‌ର ସନ୍ଦେହଜନକ ଦରିଆପାରି ଅଂଶୀଦାରମାନଙ୍କ ବିରୋଧରେ ସେବି ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ନ ନେବା ପଛରେ ଉକ୍ତ ସଂସ୍ଥାଗୁଡ଼ିକ ସହ ମାଧବୀଙ୍କ ବ୍ୟକ୍ତିଗତ ଆର୍ଥିକ ସମ୍ପର୍କ କାରଣ ହୋଇପାରେ ବୋଲି ହିଣ୍ଡେନବର୍ଗ ରିପୋର୍ଟରେ କୁହାଯାଇଛି। ଭାରତରେ ରିଅଲ ଇଷ୍ଟେଟ୍ ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ (ଆର୍‌ଇଆଇଟି)ଗୁଡ଼ିକର ପ୍ରଚାର ପ୍ରସାରରେ ମାଧବୀଙ୍କ ଭୂମିକାକୁ ନେଇ ମଧ୍ୟ ରିପୋର୍ଟରେ ପ୍ରଶ୍ନ ଉଠାଯାଇଛି। ଉକ୍ତ ଟ୍ରଷ୍ଟ ପାଇଁ ବ୍ଲାକ୍‌ଷ୍ଟୋନ୍ ନାମକ ସଂସ୍ଥା ଲାଭବାନ ହୋଇଥିଲା। ଏହି ସଂସ୍ଥାରେ ମାଧବୀଙ୍କ ସ୍ୱାମୀ ଜଣେ ବରିଷ୍ଠ ଉପଦେଷ୍ଟା ଭାବେ କାମ କରୁଥିଲେ।

ଏହା ପୂର୍ବରୁ 'ଭାରତରେ ଖୁବ୍‌ଶୀଘ୍ର କିଛି ବଡ଼ ଘଟିବାକୁ ଯାଉଛି' ବୋଲି ଶନିବାର ସକାଳେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଏକ୍ସ'ରେ ଉଲ୍ଲେଖ କରାଯାଇଥିଲା। ଉକ୍ତ ପୋଷ୍ଟରେ ରିସର୍ଚ୍ଚ ଫାର୍ମ କୌଣସି କମ୍ପାନୀର ନାମ ଲେଖି ନ ଥିଲେ ମଧ୍ୟ ଦେଶର ଆର୍ଥିକ ଜଗତରେ ହଇଚଇ ସୃଷ୍ଟି ହୋଇଥିଲା। ତେଣୁ ଆଦାନୀ ଗ୍ରୁପ୍ ପରେ ଏବେ କାହାର ପେଡ଼ି ଖୋଲିବାକୁ ଯାଉଛି, ତା' ଉପରେ ସମସ୍ତଙ୍କର ନଜର ରହିଥିଲା। କାରଣ ୨୦୨୩ ଜାନୁଆରୀ ୨୪ରେ ହିଣ୍ଡେନ୍‌ବର୍ଗ ପକ୍ଷରୁ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ଦୋହଲାଇଦେଇଥିଲା।

ଗତବର୍ଷ ଜାନୁୟାରୀ ୨୪ରେ ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ କରିଥିଲା। ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ଆଦାନୀ ଗ୍ରୁପ୍ ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଛି। ଏହି କମ୍ପାନୀ ନିଜ ଷ୍ଟକ୍ସ ଏବଂ ଆକାଉଣ୍ଟରେ ଅନେକ ଦଶନ୍ଧି ଧରି ଏହି କାରସାଦି କରିଥିବା ନେଇ ୨ ବର୍ଷର ଯାଞ୍ଚ ଓ ଖୋଳତାଡ଼ ପରେ ପ୍ରମାଣ ମିଳିଛି। ଆଦାନି ଗ୍ରୁପ୍ ପ୍ରତିଷ୍ଠାତା ଗୌତମ ଆଦାନୀ ଅସାଧୁ ଉପାୟରେ ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇ ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧୨୦ ବିଲିୟନ ଡଲାର ଠୁଳ କରିଛନ୍ତି। ପୁଞ୍ଜି ବଜାରରେ ତାଲିକାଭୁକ୍ତ ହୋଇଥିବା ଆଦାନୀ ସମୂହର କମ୍ପାନୀଗୁଡ଼ିକ ଏହି ଅବଧି ମଧ୍ୟରେ ହାରାହାରି ୮୧୯% ଉପରକୁ ଉଠିଛି। ଗବେଷଣା ବେଳେ ଆଦାନି ଗ୍ରୁପ୍‌ର ସିନିୟର ଏକ୍‌ଜିକ୍ୟୁଟିଭମାନଙ୍କ ମତାମତ ନେଇ, ଅନେକ ହଜାର ଦସ୍ତାବିଜର ସମୀକ୍ଷା ସହ ପ୍ରାୟ ଅଧ ଡଜନ ଦେଶରେ ଅନୁଧ୍ୟାନ କରାଯାଇଥିବା ଏଥିରେ ଉଲ୍ଲେଖ କରାଯାଇଥିଲା। ଏହି ଗବେଷଣାକୁ ଅଣଦେଖା କରି ଆଦାନୀ ଗ୍ରୁପ୍ ଅଧୀନ ୭ କମ୍ପାନୀର ଶେୟାର କିଣୁଥିବା ନିବେଶକମାନଙ୍କ ଉଦ୍ଦେଶ୍ୟରେ ଆହୁରି କୁହାଯାଇଥିଲା ଯେ, ଏହାର ଫେସ୍ ଭାଲ୍ୟୁ ୮୫% ପର୍ଯ୍ୟନ୍ତ ତଳକୁ ଖସିବ। ତେଣୁ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀଙ୍କ କମ୍ପାନୀଗୁଡ଼ିର ଶେୟାରଗୁଡ଼ିକୁ ଶର୍ଟ ସେଲ୍ କରିଥିବା ଉକ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। କେବଳ ଏତିକି ନୁହେଁ, ଆଦାନୀଙ୍କ ପରିବାର ସଦସ୍ୟମାନେ ଟିକସ ଫାଙ୍କିବା ପାଇଁ ବିଦେଶରେ ଜାଲ୍ କମ୍ପାନୀ ଖୋଲିଛନ୍ତି। ସେମାନେ ଜାଲ୍ ଦସ୍ତାବିଜ ପ୍ରସ୍ତୁତ କରି ମରିସସ୍, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ କାରିବିଆନ୍ ଆଇଲାଣ୍ଡ ଭଳି ଦେଶ ସହ ଆମଦାନୀ/ରପ୍ତାନି କରିଥିବା ଏଥିରେ ଅଭିଯୋଗ ଅଣାଯାଇଥିଲା। ୨୦୦୪-୨୦୦୫ରେ ହୋଇଥିବା ହୀରା କାରବାରରେ ଗୌତମ ଆଦାନୀଙ୍କ ସାନଭାଇ ରାଜେଶ ଆଦାନୀ ମୁଖ୍ୟ ଭୂମିକା ନେଇଥିବା ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ) ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। ଏହି ଯୋଜନାରେ ତାଙ୍କ ଜାଲ୍ କମ୍ପାନୀଗୁଡ଼ିକର ସମ୍ପୃକ୍ତି ରହିଥିଲା। ଜାଲିଆତି ଓ ଟିକସ ଠକେଇ ମାମଲାରେ ରାଜେଶ ୨ ଥର ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ରାଜେଶ ଆଦାନୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ଗୌତମ ଆଦାନୀଙ୍କ ଶାଳକ ସମୀର ଭୋରା ମଧ୍ୟ ଏହି ମାମଲାର ଅଭିଯୁକ୍ତ। କିନ୍ତୁ ସେ ରେଗୁଲେଟର୍ସଙ୍କୁ ବାରମ୍ବାର ମିଥ୍ୟା ବୟାନ ଦେଇ ଚାଲିଥିଲେ। ଗୌତମ ଆଦାନୀ ତାଙ୍କୁ ଆଦାନୀ ଅଷ୍ଟ୍ରେଲିଆ ଡିଭିଜନ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବେ ପଦୋନ୍ନତି ଦେଇଥିଲେ ବୋଲି ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଏଥିରେ ଉଲ୍ଲେଖ କରିଥିଲା। ହିଣ୍ଡେନବର୍ଗର ଏହି ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ ହେବା ପରେ ଆଦାନୀଙ୍କ କମ୍ପାନୀଗୁଡ଼ିକର ମାର୍କେଟ ଶେୟାର ମୂଲ୍ୟରେ ୧୫୦ ବିଲିୟନ ଡଲାର ହ୍ରାସ ହୋଇଥିଲା। ଫଳରେ ଗୌତମ ଆଦାନୀ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିରୁ ତାଲିକାର ୧୧ତମ ସ୍ଥାନକୁ ଖସିଥିଲେ। ଇତିମଧ୍ୟରେ ଭାରତୀୟ ନିବେଶକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଭଳି ରିପୋର୍ଟ ପ୍ରକାଶନ ଉପରେ ରୋକ ଲଗାଯିବା ସକାଶେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ମାର୍କେଟ ନିୟନ୍ତ୍ରକ ସେବିକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେବି ଆଦାନୀ ଗ୍ରୁପ୍ ସପକ୍ଷରେ ରିପୋର୍ଟ ଦାଖଲ କରିବା ପରେ ହିଣ୍ଡେନ୍‌ବର୍ଗ ରିପୋର୍ଟ ଏବଂ ଅଭିଯୋଗ ହୋଇଥିବା ଜାଲିଆତି ପଛର ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରି ନ ଥିଲା। ନାଥନ୍ ଆଣ୍ଡରସନ୍‌ଙ୍କ ହିଣ୍ଡେନ୍‌ବର୍ଗର ସଦ୍ୟ ରିପୋର୍ଟ ଭାରତୀୟ ନିବେଶକ ଏବଂ ଟ୍ରେଡର୍ସମାନଙ୍କ ଚିନ୍ତା ବଢ଼ାଇଦେଇଛି। ସଂସ୍ଥାର ବିସ୍ତୃତ ରିପୋର୍ଟରେ ଆହୁରି ଅନେକ ତଥ୍ୟ ପ୍ରଘଟ ହୋଇପାରେ ବୋଲି କୁହାଯାଉଛି।




# ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

## ଓଡ଼ିଶା ପାଇଁ ୧୫ ହଜାର କୋଟିର ରେଳ ପ୍ରକଳ୍ପ

ଭୁବନେଶ୍ୱର,୯।୮ (ଅନିଲ ଦାସ)

କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୫ ହଜାର କୋଟି ଟଙ୍କାର ୬ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ମଞ୍ଜୁର କରିବା ପରେ ଶନିବାର ଲୋକସେବା ଭବନରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସ ଜରିଆରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଧନ୍ୟବାଦ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶା ପାଇଁ ଏକା ଥରକେ ୧୫ ହଜାର କୋଟି ଟଙ୍କାର ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏଥିପାଇଁ ସାରା ଓଡ଼ିଶାବାସୀ ଖୁସି। ଏହାଦ୍ୱାରା ଓଡ଼ିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ସମ୍ପୃକ୍ତ ଜିଲାଗୁଡ଼ିକର ଆର୍ଥିକ ବିକାଶ କ୍ଷେତ୍ରରେ ସହାୟକ ହେବ। ଏହା ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀ ଏବଂ ରାଜ୍ୟ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଦିଲ୍ଲୀ ଗସ୍ତ ସମୟରେ ରେଳମନ୍ତ୍ରୀ ତାଙ୍କୁ ୫ ମିନିଟ୍ ପାଇଁ ଚା' ପିଇବାକୁ ଡାକିଥିଲେ। ଏହି ୫ ମିନିଟ୍‌ରେ ସେ ଓଡ଼ିଶାକୁ ୬ଟି ପ୍ରକଳ୍ପ ଦେଇଛନ୍ତି। ରେଳ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମୟରେ ଜମି ଅଧିଗ୍ରହଣ ଏକ ମୁଖ୍ୟ ସମସ୍ୟା ହୋଇଥାଏ। ସେଥିପାଇଁ ପ୍ରକଳ୍ପର ତ୍ୱରାନ୍ୱିତ ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ ସହିତ ଅନ୍ୟାନ୍ୟ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରେଳମନ୍ତ୍ରୀ ମଞ୍ଜୁର ହୋଇଥିବା ସମସ୍ତ ପ୍ରକଳ୍ପ ଉପରେ ସୂଚନା ଦେଇ ଏହା କିପରି ଓଡ଼ିଶାର ବିଭିନ୍ନ ଜିଲା ଓ




ପ୍ରାନ୍ତକୁ ଯୋଡ଼ିବାରେ ସଫଳ ହେବ ସେ ବିଷୟରେ ସୂଚନା ଦେଇଥିଲେ। ରେଳମନ୍ତ୍ରୀ କହିଛନ୍ତି, ପୂର୍ବରୁ ବର୍ଷକୁ ମାତ୍ର ୪୦ କିଲୋମିଟର ରେଳ ଲାଇନ ନିର୍ମାଣ ହେଉଥିବା ବେଳେ ଏବେ ଗତ ୧୦ ବର୍ଷରେ ପ୍ରତିବର୍ଷ ୩୦୦ କିଲୋମିଟରରୁ ଅଧିକ ରେଳପଥ ନିର୍ମାଣ ହେଉଛି। ରାଜ୍ୟ ସରକାରଙ୍କ ସହିତ ମିଳିତ ଭାବେ ଉପଯୁକ୍ତ ତଦାରଖ କରାଯାଇ ନୂଆ ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି।

ଭିଡିଓ କନ୍‌ଫରେନ୍ସ ଜରିଆରେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଏବଂ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେମାନେ କହିଥିଲେ, ଏହାଦ୍ୱାରା ସେମାନଙ୍କ ଅଞ୍ଚଳରେ ରେଳପଥର ବିକାଶ ହେବା ସହିତ ସାରା ଭାରତବର୍ଷ ସହିତ ଯୋଗାଯୋଗ ସୁଦୃଢ଼ ହେବ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ଉଷା ପାଢ଼ୀ ଉପସ୍ଥିତ ଥିଲେ।

# ସେରୁବନ୍ଧ ବକ୍ସାଇଟ ଖଣି ଖନନ ନେଇ ଭୂମିପୂଜାକୁ ବିରୋଧ

## କେନ୍ଦ୍ରମନ୍ତ୍ରୀଙ୍କୁ ଫେରାଇ ଦେଲେ ଗ୍ରାମବାସୀ

ପଟ୍ଟାଙ୍ଗି,୧୦।୮ (ଶରତ ଧଳ)

ନାଲ୍‌କୋ ପକ୍ଷରୁ ଶନିବାର ସେରୁବନ୍ଧ ଖଣିର ବକ୍ସାଇଟ ଖନନ ପାଇଁ ଭୂମିପୂଜା କରିବାର କାର୍ଯ୍ୟକ୍ରମ ରହିଥିଲା। ଏହାକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଫଳରେ ଭୂମିପୂଜନ ହୋଇପାରିନାହିଁ। କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା କେନ୍ଦ୍ର ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କୁ ନିରାଶହୋଇ ଫେରିଯିବାକୁ ପଡ଼ିଛି।

ଖବରରୁ ଜଣାପଡ଼ିଛି, ଭୂମିପୂଜନ ଲାଗି ବିଶାଖାପାଟଣା ବିମାନବନ୍ଦରରୁ ବାହାରି କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ଦୁବେ ଦାମନଯୋଡ଼ିରେ ପହଞ୍ଚିଥିଲେ। ପରେ ନାଲ୍‌କୋ ସିଏମ୍‌ଡି, ନାଲ୍‌କୋ ଅଧିକାରୀ , କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ, ଏସ୍‌ପି ଅଭିନବ ସୋନକାର, କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଏସ୍‌ଡିପିଓ ମନୋବ୍ରତା ଶତପଥୀ, ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ପ୍ରମୁଖ ଭୂମିପୂଜନ ପାଇଁ ପ୍ରସ୍ତାବିତ ଥୁରିୟା କରଞ୍ଜିଗୁଡା ସ୍ଥାନ ଅଭିମୁଖେ ଅଗ୍ରସର ହୋଇଥିଲେ। ଏହି ସମୟରେ


କୋରାପୁଟ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

ରାସ୍ତା ଉପରେ ସେରୁବନ୍ଧ ଅଞ୍ଚଳର ପ୍ରଭାବିତ ୬ଟି ପଞ୍ଚାୟତର ପାଖାପାଖି ଶତାଧିକ ଗ୍ରାମବାସୀ ଭୂମିପୂଜନକୁ ବିରୋଧକରି ପ୍ରତିବାଦ କରିଥିଲେ। ଜିଲାପାଳ, ଏସ୍‌ପି ଓ ଜନପ୍ରତିନିଧିମାନେ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ୨୦୨୧ରୁ ଆମେ ଦେଇଥିବା ଲିଖିତ ଦାବିକୁ ଅଣଦେଖାକରି ପ୍ରଭାବିତ ଲୋକଙ୍କ ସମସ୍ୟା କେହି ବୁଝୁନାହାନ୍ତି ବୋଲି ସେମାନେ ଅଭିଯୋଗ କରି ଥିଲେ। ଆମ ସହ ପ୍ରଥମେ ଆଲୋଚନା କର ପରେ ଭୂମିପୂଜନ ପାଇଁ ଜିଦ୍ ଧରିଥିଲେ। ଲୋକେ ବିରୋଧ କରିବାରୁ କେନ୍ଦ୍ରମନ୍ତ୍ରୀ ଦୁବେ ନାଲ୍‌କୋ ଗେଷ୍ଟ ହାଉସ୍‌କୁ ଯାଇ ନାଲ୍‌କୋ ସିଏମ୍‌ଡି ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ପୁଣି ଥରେ ତାରିଖ ଧାର୍ଯ୍ୟ କରାଯାଇ ଭୂମି ପୂଜନ ହେବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଏହି ଖଣି ଖନନ ପାଇଁ ନାଲ୍‌କୋ ସହ ସରକାରଙ୍କ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଉକ୍ତ ଖଣି ଖନନକୁ ପୂର୍ବରୁ ଅଞ୍ଚଳବାସୀ ବିରୋଧକରି ଆସୁଛନ୍ତି। ଶନିବାର ଭୂମିପୂଜା କାର୍ଯ୍ୟକ୍ରମ ରହିଥିଲା। ଅନ୍ୟପକ୍ଷରେ ଲୋକଙ୍କ ଏହିପରି ପ୍ରତିବାଦ ଜାରି ରହିଥିବା ବେଳେ ସେରୁବନ୍ଧ ବକ୍ସାଇଟ ପାହାଡ଼ ଉପରେ ନାଲ୍‌କୋ ପକ୍ଷରୁ ଲାଗିଥିଲା ଟେଷ୍ଟ ଏବଂ ନାମ ଫଳକକୁ ଲୋକେ ଭାଙ୍ଗିଦେଇଥିବା ଜଣାପଡ଼ିଛି। ଆନ୍ଦୋଳନ ସ୍ଥଳରେ ଉପସ୍ଥିତ ଥିବା ଆନ୍ଦୋଳନକାରୀ, ନାଲ୍‌କୋ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀମାନେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ।

## ବଜ୍ରପାତରେ ୨ ମୃତ, ଜଣେ ଅସୁସ୍ଥ

ସୋର, ୧୦।୮ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ରାଇପୁର ଗ୍ରାମରେ ଶନିବାର ଅପରାହ୍ନରେ ବଜ୍ରପାତ ହେବାରୁ ଧାନ ରୁଆ କାମରେ ବ୍ୟସ୍ତ ଥିବା ୨ ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ସାମାନ୍ୟ ଅସୁସ୍ଥ ହୋଇଛନ୍ତି। ମୃତକ ହେଲେ ରାଇପିତାମ୍ବର ଗ୍ରାମର ବସନ୍ତ ଦାସ (୩୫), ନରେନ୍ଦ୍ର ବିଶ୍ୱାଳ(୪୭)। ଅସୁସ୍ଥ ଜଣଙ୍କ ହେଲେ ସେହି ଗ୍ରାମର ସୁରେନ୍ଦ୍ର ସାହୁ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ଆଣିଥିଲେ। ଡାକ୍ତର ବସନ୍ତ ଓ ନରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ସୁରେନ୍ଦ୍ର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।




# ୧୨ରୁ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ

ଭୁବନେଶ୍ୱର,୧୦।୮
(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ସାମ୍ସ ପୋର୍ଟାଲରେ ୧୨ ତାରିଖ ଅପରାହ୍ନ ୪ଟାରେ କମନ ଆପ୍ଲିକେଶନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ନାମଲେଖା ଆବେଦନ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରୀ ୨୯ତାରିଖ ରାତି ୧୧ଟା ୪୫ ଭିତରେ ଆବେଦନ କରିପାରିବେ। ସେପ୍ଟେମ୍ବର ୨ ଅପରାହ୍ନ ୪ଟାରେ ଏହି ପର୍ଯ୍ୟାୟର ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୩ତାରିଖ ସକାଳ ୧୦ଟାରୁ ୬ତାରିଖ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ। ୧୦ ତାରିଖ ଅପରାହ୍ନ ୨ଟାରେ ୱେଟିଂରେ ଥିବା ଛାତ୍ରୀଛାତ୍ରଙ୍କ ମେଧା ତାଲିକା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ନିଜ ନୋଟିସ ବୋର୍ଡ/ୱେବ୍‌ସାଇଟରେ ପ୍ରକାଶ କରିବେ। ସେହି ଛାତ୍ରୀଛାତ୍ର ୧୧ରୁ ୧୨ତାରିଖ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ। ଏହାପରେ ସିଟ୍ ବଳକା ପଡିଲେ ଶିକ୍ଷାନୁଷ୍ଠାନଗୁଡ଼ିକ ୱେଟିଂରେ ଥିବା ଛାତ୍ରୀଛାତ୍ରଙ୍କୁ କଲ୍ କିମ୍ବା ହ୍ୱାଟ୍‌ସ ଆପ୍ କରି ନାମଲେଖାଇବାକୁ କହିବେ। ସୂଚନାଯୋଗ୍ୟ, ରାଜ୍ୟର ୧,୦୫୬ଟି ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପାଇଁ ମୋଟ ୨,୭୪,୧୫୧ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୧,୭୭,୬୭୩ଜଣ ନାମଲେଖାଇଥିବା ବେଳେ ଆଉ ୯୬,୪୭୮ଟି ସିଟ୍ ଖାଲି ପଡ଼ିଛି।

# ସରିଲା ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର,୧୦।୮
(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହୋଇଛି। ୨୦ତାରିଖ ପୂର୍ବାହ୍ନ ୧୧ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୨୨ରୁ ୨୮ ତାରିଖ ଭିତରେ ନାମଲେଖାଇବେ। ତେବେ ସାମ୍ସ ପୋର୍ଟାଲର ତଥ୍ୟ ଅନୁସାରେ, ରାଜ୍ୟରେ ଥିବା ୨,୩୪୧ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ନାମଲେଖା ପାଇଁ ମୋଟ ୫,୪୭,୯୯୩ଟି ସିଟ୍ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସୁଦ୍ଧା ୩,୮୨,୧୬୧ଜଣ ଛାତ୍ରୀଛାତ୍ର ନାମଲେଖାଇଥିବା ବେଳେ ଆହୁରି ୧,୬୫,୮୩୨ଟି ସିଟ୍ ରହିଛି। ଏଥିମଧ୍ୟରେ କଳାରେ ପ୍ରାୟ ୬୨ହଜାର, ବିଜ୍ଞାନରେ ୭୨ହଜାର, ବାଣିଜ୍ୟରେ ୧୯ହଜାର, ସଂସ୍କୃତରେ ୬ହଜାର ଏବଂ ଧନ୍ଦାମୂଳକରେ ପ୍ରାୟ ୬ହଜାର ସିଟ୍ ଏବେ ବି ଖାଲି ପଡ଼ିଛି।




# ଅନୁପ୍ରବେଶ ଉପରେ କଡ଼ା ନଜର

ଭଦ୍ରକ,୧୦।୮ (ସନାତନ ରାଉତ)

■ ଜିଲାର ଉପକୂଳରେ ହାଇଆଲର୍ଟ

■ ସାମୁଦ୍ରିକ ଥାନାରେ ନାହାନ୍ତି ଆବଶ୍ୟକ କର୍ମଚାରୀ, ନାହିଁ ପାଟ୍ରୋଲିଂ ବୋଟ୍

ବାଂଲାଦେଶରେ ହିଂସା ଯୋଗୁ ଦେଶରେ ଅସ୍ଥିରତା ଲାଗି ରହିଛି। ଉତ୍ତେଜନାପୂର୍ଣ୍ଣ ସ୍ଥିତି ରହିଥିବାରୁ ବାଂଲାଦେଶୀମାନେ ଭାରତ ଆସିବାର ସମ୍ଭାବନା ରହିଛି। ଦେଶ ଛାଡ଼ି ଅନୁପ୍ରବେଶକାରୀମାନେ ସମୁଦ୍ର ପଥ ଦେଇ ବୋଟ୍ ଯୋଗେ ପଳାଇ ଆସିବାର ଆଶଙ୍କାରେ ସରକାରଙ୍କ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଜଳପଥରେ ବାଂଲାଦେଶୀଙ୍କ ଅନୁପ୍ରବେଶ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲାର ୪୫ କି.ମି. ପରିବ୍ୟାପ୍ତ ସମୁଦ୍ର ଉପକୂଳରେ ମେରାଇନ ପୋଲିସ ସଜାଗ ରହିବା ସହ ହାଇଆଲର୍ଟ ଜାରି ହୋଇଛି। ଭଦ୍ରକ ସହ ବାଲେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଖୋର୍ଦ୍ଧା ଓ ପୁରୀ ଜିଲାରେ ସମୁଦ୍ର ଉପକୂଳ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ଭଦ୍ରକ ଜିଲାରେ ଉପକୂଳ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିବା ସହ ଅନୁପ୍ରବେଶକାରୀଙ୍କ ଗତିବିଧି ଉପରେ ନଜର ରଖିବାକୁ ଭାରତୀୟ ନୌସେନା ସଜାଗ ରହିଛି। ଏଥିସହ ଉପକୂଳର ସମୁଦ୍ର ଭିତରକୁ ଭାରତୀୟ କୋଷ୍ଟ ଗାର୍ଡ କଡ଼ା ନଜର ରଖିଛନ୍ତି।


ଧାମରା ମେରାଇନ ଥାନା ପକ୍ଷରୁ ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି।

ଭଦ୍ରକ ଜିଲାର ଉପକୂଳରେ ଥିବା ଧାମରା, ଚୁଡ଼ାମଣି ଓ କଷିଆ ସାମୁଦ୍ରିକ ଥାନାକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି। ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ଏବଂ ମାଛ ଧରି ଫେରୁଥିବା ମତ୍ସ୍ୟଜୀବୀଙ୍କ ଉପରେ ସାମୁଦ୍ରିକ ଥାନା ପୋଲିସର କଡ଼ା ନଜର ରହିଛି। ଉପକୂଳରେ ବସବାସ କରୁଥିବା ଲୋକଙ୍କ ଗତିବିଧି ଓ ସେମାନଙ୍କ ପାଖକୁ ଆସୁଥିବା ଲୋକଙ୍କ ଉପରେ ଗୋଇନ୍ଦା ସଂସ୍ଥା ନଜର ରଖିଛି। ବର୍ତ୍ତମାନ ସ୍ଥିତିରେ ଉପକୂଳରେ ଥିବା ସାମୁଦ୍ରିକ ଥାନାଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରତି ଥାନାକୁ ୫ଜଣ ଲେଖାଏ ସଶସ୍ତ୍ର ପୋଲିସ ଯୋଗାଇ ଦିଆଯାଇଥିବା ଏସ୍‌ପି କହିଛନ୍ତି। ଉପକୂଳରେ ଅନୁପ୍ରବେଶ ବୃଦ୍ଧି ପାଉଥିବା ବେଳେ ଭଦ୍ରକ ଜିଲାର ୩ଟି ସାମୁଦ୍ରିକ ଥାନାର ସ୍ଥିତି ବହୁ ଦୁର୍ବଳ ରହିଛି। ଏସବୁ ଥାନାକୁ ପୋଲିସ ବିଭାଗ ହାଲୁକା ଭାବେ ଗ୍ରହଣ କରୁଥିବାରୁ ଆବଶ୍ୟକ କର୍ମଚାରୀ ନ ଥିବା ଜଣାପଡ଼ିଛି। ଏହାସହ ସମୁଦ୍ରରେ ପାଟ୍ରୋଲିଂ ପାଇଁ ନିଜସ୍ୱ ମୋଟର ବୋଟ୍ ଓ ଚାଳକ ନ ଥିବା ମଧ୍ୟ ଜଣାପଡ଼ିଛି। ପ୍ରତି ଥାନାରେ ୬ଜଣ ଅଫିସର ରହିବା ଜାଗାରେ କଷିଆ ମେରାଇନ ଥାନାରେ ୩, ଚୁଡ଼ାମଣିରେ ୨ ଓ ଧାମରାରେ ଜଣେ ମାତ୍ର ଅଫିସର ଅଛନ୍ତି। ସେହିପରି କେବଳ ଧାମରା ମେରାଇନ ଥାନାରେ ୨ଟି ବୋଟ୍ ଥିବାବେଳେ ଅନ୍ୟ ୨ଟି ଥାନାରେ ଆଦୌ ମୋଟର ବୋଟ୍ ନ ଥିବା ଜଣାପଡ଼ିଛି। ତେବେ ଉପକୂଳ ସୁରକ୍ଷା ନେଇ ପୋଲିସ ସମ୍ପୂର୍ଣ୍ଣ ସଜାଗ ରହିଥିବା ଓ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରିବାକୁ ପୋଲିସ ପ୍ରସ୍ତୁତ ଥିବା ଏସ୍‌ପି ଗୁଣ୍ଟୁପାଲି କହିଛନ୍ତି।

# ତିନୋଟି ଦେଶ



**ଆକାର ପଟେଲ**

ବାଂଲାଦେଶରେ ବଳ ପ୍ରୟୋଗକରି ସରକାରକୁ ହଟାଇ ଦିଆଯିବା ପରେ ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷକରି ହିନ୍ଦୁଙ୍କ ପ୍ରତି ହିଂସାର ଅନୁମାନ କରାଯାଉଛି। ଦେଖିବାକୁ ଗଲେ ସ୍ୱାଧୀନତା ପାଇବା ପରେ ଦକ୍ଷିଣ ଏସିଆ ଦେଶଗୁଡ଼ିକରେ ସଂଖ୍ୟାଲଘୁଙ୍କୁ ଆକ୍ରମଣ କରିବା ଜାତୀୟତାବାଦର ଏକ ଆଧାର ପାଲଟିଯାଇଛି। ବାଂଲାଦେଶର ସମ୍ବିଧାନ ଆରମ୍ଭ ହୋଇଛି 'ବସ୍‌ମିଲ୍ଲା ଇର୍ ରହମାନ ଇର୍ ରହିମ' ବାକ୍ୟରେ। ଏହାର ଧାରା ୨-ଏ କହେ 'ଗଣତନ୍ତ୍ରର ଔପଚାରିକ ଧର୍ମ ହେଉଛି ଇସ୍‌ଲାମ', କିନ୍ତୁ ଦେଶ ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ ଏବଂ ଅନ୍ୟ ଧର୍ମାବଲମ୍ବୀଙ୍କୁ ସମାନ ସ୍ଥିତି ଏବଂ ସମାନ ଅଧିକାର ନିଶ୍ଚିତ କରିବ। ବାଂଲାଦେଶର ସୁପ୍ରିମକୋର୍ଟଙ୍କ ୨୦୧୦ର ଏକ ଆଦେଶ ଧର୍ମ ନିରପେକ୍ଷତାକୁ ପୁନଃ ସ୍ଥାପିତ କରିଛି। ଏଥିରେ କୁହାଯାଇଛି , ୧୫ ଅଗଷ୍ଟ ୧୯୭୫ରେ ଧର୍ମନିରପେକ୍ଷତା, ଜାତୀୟତା ଏବଂ ସମାଜବାଦ ସମ୍ବନ୍ଧରେ ସମ୍ବିଧାନର ପ୍ରସ୍ତାବନା ତଥା ପ୍ରଯୁଜ୍ୟ ଧାରା ଯେଭଳି ଥିଲା ତାହା ପୁନଃ ପ୍ରଚଳିତ ହେବ। ତେବେ ଏହା ଦେଶର ଧର୍ମ ଉପରେ କିଛି ଉଲ୍ଲେଖ କରି ନ ଥିଲା। ତେଣୁ, ଦେଶର ସମ୍ବିଧାନ ଆଲ୍ଲାଙ୍କ ନାମରେ କୋରାନ୍‌ର ଏକ ପଦ ସହ ଆରମ୍ଭ ହୋଇଥିବା ବିଷୟ ଆମକୁ ଆଶ୍ଚର୍ଯ୍ୟ କରେ। ସମ୍ବିଧାନର ପ୍ରସ୍ତାବନା ପ୍ରତିଶ୍ରୁତି ଦିଏ ଯେ ଜାତୀୟତା, ସମାଜବାଦ, ଗଣତନ୍ତ୍ର ଏବଂ ଧର୍ମ ନିରପେକ୍ଷତାର ସର୍ବୋଚ୍ଚ ଆଦର୍ଶ ସମ୍ବିଧାନର ମୌଳିକ ନୀତି ହେବ, କିନ୍ତୁ ସେଠାରେ ଔପଚାରିକ ଭାବେ ଇସ୍‌ଲାମ ଧର୍ମ ରହିଛି। ଦୁବାଇ ଭଳି ବାଂଲାଦେଶରେ ଶୁକ୍ରବାର ଏବଂ ଶନିବାର ସାପ୍ତାହିକ ଛୁଟିଦିନ। ହେଲେ ଏଭଳି ଧାରାକୁ ପାକିସ୍ତାନ ଅନୁସରଣ କରେ ନାହିଁ। ସ୍ୱାଧୀନତା ସମୟରେ ପାକିସ୍ତାନ ଧର୍ମକୁ ଆଇନରେ ଏକୀକୃତ କରିଥିଲା ଏବଂ ଅନୁଭବ କରିଥିଲା ଯେ ଏହା ଦେଶ ପାଇଁ ଏକ ସକାରାତ୍ମକ ପ୍ରେରଣା ଦେବ। ଏହାକୁ ବୁଝାଇବାକୁ ଯାଇ ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିଆକତ୍ ଅଲି ଖାନ୍ କହିଥିଲେ, ଭୌତିକ ଏବଂ ବୈଜ୍ଞାନିକ ବିକାଶର ଅଗ୍ରଗତି ହେବା ଯୋଗୁ ମଣିଷ ବିଶ୍ୱ ଏବଂ ସମାଜକୁ ନଷ୍ଟ କରିପାରୁଥିବା ଉଦ୍ଭାବନ କରିବାରେ ସକ୍ଷମ ହୋଇଥିଲା। ଏହା ଘଟିବାର କାରଣ ହେଲା ମଣିଷ ଆଧ୍ୟାତ୍ମିକ ଦିଗକୁ ଅଣଦେଖା କରିବାକୁ ଚାହିଁଥିଲା । ଯଦି ସେ ଈଶ୍ୱରଙ୍କ ଉପରେ ଅଧିକ ବିଶ୍ୱାସ ରଖିଥାନ୍ତା, ତେବେ ଏହି ସମସ୍ୟା ଆସି ନ ଥାନ୍ତା। ସେ ଆହୁରି କହିଥିଲେ, ଧର୍ମ ହିଁ ବିଜ୍ଞାନର ବିପଦକୁ ନିୟନ୍ତ୍ରଣ କରିଥିଲା ଏବଂ ମୁସଲମାନ ଭାବରେ ପାକିସ୍ତାନୀମାନେ ଇସ୍‌ଲାମର ଆଦର୍ଶକୁ ପାଳନ କରିବେ ଏବଂ ବିଶ୍ୱ ପାଇଁ ସେମାନଙ୍କ ଭୂମିକା ରହିବ। ଏହା ପରିବର୍ତ୍ତେ ଯାହା ଘଟିଲା ତାହା ହେଲା ପାକିସ୍ତାନୀ ମୁସଲମାନମାନଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ଠିକ୍ ସମୟରେ ଅପସରିଗଲା। ଇସ୍‌ଲାମର ଆଦ୍ୟକାଳରେ କୌଣସି ଜେଲ ନ ଥିଲା । ଆପରାଧିକ କାର୍ଯ୍ୟ ପାଇଁ ଦଣ୍ଡ ସାଧାରଣତଃ ଅଟକ ରଖିବା ପରିବର୍ତ୍ତେ ଶାରୀରିକ ଦଣ୍ଡ ରହିଥିଲା। ପାକିସ୍ତାନ ଚୋରି ପାଇଁ ଅଙ୍ଗ ଛେଦନ ଦଣ୍ଡ ଆରମ୍ଭକରି ଡାକ୍ତରଙ୍କ ଏକ ଗୋଷ୍ଠୀକୁ ଏଥିପାଇଁ ପ୍ରଶିକ୍ଷଣ ଦେଇଥିଲା। କିନ୍ତୁ ଭାରତ ଭଳି ଆଇନରେ ପ୍ରଶିକ୍ଷଣପ୍ରାପ୍ତ ପାକିସ୍ତାନର ବିଚାରପତିମାନେ ଏହି ଦଣ୍ଡାଦେଶ ଶୁଣିବାକୁ ନାରାଜ ହେଲେ। ତେଣୁ ଆଇନଗୁଡ଼ିକ କାର୍ଯ୍ୟକାରୀ ହୋଇପାରିଲାନାହିଁ। ପାକିସ୍ତାନ ପଥର ଫିଙ୍ଗାକୁ ବ୍ୟଭିଚାରର ଦଣ୍ଡ ଭାବରେ ଆଣିଥିଲା , କିନ୍ତୁ କୌଣସି ବ୍ୟକ୍ତିକୁ ପଥର ଫିଙ୍ଗି ହତ୍ୟା କରାଯାଇ ନାହିଁ। ମଦ୍ୟପାନ କରୁଥିବା ଅଭିଯୁକ୍ତମାନଙ୍କୁ ମାଡ଼ଦେବାର ଉତ୍ସାହ ମଧ୍ୟ ଶେଷ ହୋଇଥିଲା ଏବଂ ୨୦୦୯ରେ ଫେଡେରାଲ ଶରିଆତ୍ କୋର୍ଟ ମାଡ଼ ମାରିବା ଦଣ୍ଡକୁ ଅଗ୍ରାହ୍ୟ କରିଥିଲେ ଏବଂ ବିଚାରପତିମାନେ କହିଥିଲେ ଯେ ମଦ ପିଇବା ଅପରାଧ ନୁହେଁ। । ରାଷ୍ଟ୍ରପତି ପରଭେଜ ମୁଶରଫଙ୍କ ସମୟରେ ଶରିଆତ୍ ଓ ପିଙ୍ଗଳ କୋଡ୍‌ରେ ବଳାତ୍କାରର ଦଣ୍ଡକୁ ପାକିସ୍ତାନ ବଦଳାଇ ଦେଇଥିଲା । ପାକିସ୍ତାନକୁ ଇସ୍‌ଲାମିକ ଦେଶ କରିବା ସକାଶେ ଶେଷ ତଥା ପ୍ରମୁଖ ଚେଷ୍ଟା ୨ ଦଶନ୍ଧିରୁ ଅଧିକ ପୂର୍ବରୁ ନୱାଜ ଶରଫିଙ୍କ ଶାସନ ସମୟରେ ସମାପ୍ତ ହୋଇଯାଇଥିଲା। ଏହିସମୟରେ ତଥାକଥିତ ୧୫ତମ ସମ୍ବିଧାନ ସଂଶୋଧନ ସିନେଟ୍‌ରେ କାଟ ଖାଇଯାଇଥିଲା। ପାକିସ୍ତାନ ଅସମ୍ପୂର୍ଣ୍ଣ ଇସ୍‌ଲାମୀୟ ଦେଶ ହୋଇ ରହିଗଲା ।

ପାକିସ୍ତାନ ଧର୍ମ ନିରପେକ୍ଷତା ଆଡ଼କୁ ଗତି କରିଥିବାବେଳେ ଭାରତ ଅନ୍ୟ ଦିଗରେ ଯଥେଷ୍ଟ ଆଗକୁ ବଢ଼ିଛି। ୧୯୫୦ ଦଶକରୁ ଏହା ଘଟିଆସିଛି ସତ, କିନ୍ତୁ ବିଶେଷ କରି ସାମ୍ପ୍ରତିକ ସମୟରେ ଅଧିକ ହୋଇଛି। ୨୦୧୫ରେ ଭାଜପା ଶାସିତ ରାଜ୍ୟଗୁଡ଼ିକ ଗୋମାଂସ ରଖିବା ଅଧିକାରର ଅପରାଧୀକରଣ ଆରମ୍ଭ ହୋଇଥିଲା, ଯାହା ଭିଡ଼ହିଂସାର କାରଣ ହେଉଛି। ୨୦୧୯ରେ ଭାରତର ସଂସଦ ଟ୍ରିପଲ ତଲାକ୍‌ର ଅପରାଧୀକରଣ କରିଥିଲା। ୨୦୧୮ ପରେ ୭ଟି ଭାଜପା ଶାସିତ ରାଜ୍ୟ ଧର୍ମାନ୍ତରୀକରଣକୁ ଅନୁମତି ନ ଦେଇ ଆନ୍ତଃ ଧର୍ମୀୟ ବିବାହର ଅପରାଧୀକରଣ କରିଥିଲେ। ବାଧ୍ୟତାମୂଳକ ଧର୍ମାନ୍ତରୀକରଣ ପାଇଁ କେହି ଜଣେ ବି ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି । ତେଣୁ ଏହାର ଆବଶ୍ୟକତା ନାହିଁ, ମାତ୍ର ଉଦ୍ଦେଶ୍ୟ ହେଉଛି ହଇରାଣ କରିବା । ୨୦୧୯ରେ ଗୁଜରାଟ ଏକ ନିୟମକୁ କଡ଼ାକଡ଼ି କରିଛି ଯାହା ମୁସଲମାନଙ୍କୁ ହିନ୍ଦୁମାନଙ୍କଠାରୁ ସମ୍ପତ୍ତି କ୍ରୟ ଏବଂ ଲିଜ୍‌ରେ ନେବାକୁ ବାରଣକରେ। ପ୍ରକୃତରେ ବିଦେଶୀମାନେ ଗୁଜରାଟରେ ସମ୍ପତ୍ତି କିଣିବା ସହ ଭଡ଼ା ଦେଇପାରିବେ , କିନ୍ତୁ ଗୁଜରାଟୀ ମୁସଲମାନମାନେ ତାହା କରିପାରିବେ ନାହିଁ ।

ପାକିସ୍ତାନ ସାମ୍ବିଧାନିକ ଭାବେ ସାମ୍ପ୍ରଦାୟିକ ହେବାକୁ ଚାହୁଁଥିଲା, ଭାରତ ଧର୍ମ ନିରପେକ୍ଷ ହେବାକୁ ଚାହୁଁଥିଲା। କିନ୍ତୁ ଭାରତ ଏବେ ନିଜକୁ ସାମ୍ପ୍ରଦାୟିକ ହେବାକୁ ଚାହୁଁଛି। ଦେଢ଼ ଶତାବ୍ଦୀ ପୂର୍ବରୁ ମାକ୍ୟୁଲେ ଦେଇଥିବା ଏକ ଦଣ୍ଡ ସଂହିତାକୁ ଏହି ୩ଟି ଦେଶ କାର୍ଯ୍ୟକାରୀ କରନ୍ତି। କିନ୍ତୁ ସେମାନେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବା ପାଇଁ ସେମାନଙ୍କ ଆଇନରେ ସଂଶୋଧନ କରିଛନ୍ତି। ଆଜି ଭାରତରେ ଏହା ଘଟୁଛି ଏବଂ ପୂର୍ବରୁ ପାକିସ୍ତାନ ମଧ୍ୟ ଏହି ବାଟ ଦେଇ ଯାଇଥିଲା। ତେବେ ଆଶା କରାଯାଏ, ବାଂଲାଦେଶ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବା ସହ ଧର୍ମନିରପେକ୍ଷତା ଆଡ଼କୁ ଗତିକରୁ, ଯାହା ପୁରାତନ ଭାରତକୁ ଗଠନ କରିଥିବା ତିନୋଟି ଦେଶର ଭବିଷ୍ୟତ ପାଇଁ ଅନିବାର୍ଯ୍ୟ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 9 | | | | 8 |
| | | | | | | | | |
| | 9 | 7 | | | 2 | 1 | | |
| | | | | 2 | 8 | 6 | | |
| 4 | | | 9 | | 5 | | | |
| | | 2 | 1 | 7 | | | | |
| | | | 6 | 5 | | | | 7 |
| | | 3 | | | | | 9 | |
| | 7 | 9 | 4 | 3 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 8 | 7 | 6 | 5 | 2 | 1 |
| 2 | 8 | 7 | 1 | 5 | 3 | 6 | 9 | 4 |
| 6 | 5 | 1 | 9 | 2 | 4 | 7 | 8 | 3 |
| 7 | 2 | 8 | 4 | 3 | 1 | 9 | 6 | 5 |
| 3 | 4 | 6 | 5 | 9 | 8 | 1 | 7 | 2 |
| 9 | 1 | 5 | 7 | 6 | 2 | 4 | 3 | 8 |
| 1 | 3 | 4 | 6 | 8 | 9 | 2 | 5 | 7 |
| 8 | 7 | 9 | 2 | 1 | 5 | 3 | 4 | 6 |
| 5 | 6 | 2 | 3 | 4 | 7 | 8 | 1 | 9 |

ଗତକାଲିର ଉତ୍ତର

# ସଂରକ୍ଷଣର ଗୋଲକଧନ୍ଦା



**ସୌଭାଗ୍ୟ ସୁନ୍ଦରରାୟ**

ଦୁଇଟି ରାଜ୍ୟର ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଉପରେ ନିକଟରେ ସେଠାକାର ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହି ଦୁଇଟି ରାଜ୍ୟ ହେଲା ବିହାର ଓ ପଶ୍ଚିମବଙ୍ଗ। ବିହାର ସରକାର ସଂରକ୍ଷଣ ସୀମା ୬୫%କୁ ବୃଦ୍ଧି କରିଥିବାବେଳେ ପଶ୍ଚିମବଙ୍ଗ ସରକାର ନୂଆ ୭୭ କିସମ ବର୍ଗଙ୍କୁ ଓବିସି ବା ଅନ୍ୟାନ୍ୟ ବର୍ଗ ତାଲିକାଭୁକ୍ତ କରି ସଂରକ୍ଷଣ ସୁବିଧା ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ରହିତାଦେଶ ବିରୋଧରେ ଦୁଇ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ। ଅଦାଲତ ତତ୍କାଳ ରହିତାଦେଶ ପାଇଁ ମନା କରିଦେଇଛନ୍ତି। ତେଣେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଅନୁସୂଚିତ ଜାତି ବର୍ଗରୁ ସ୍ୱଚ୍ଛଳ ବର୍ଗ ନିରୂପଣ କରିବା ନିମନ୍ତେ ଅଦାଲତ ରାଜ୍ୟଗୁଡ଼ିକୁ ସୁଯୋଗ ଦେଇଛନ୍ତି। ଉପରୋକ୍ତ ୩ଟି ମାମଲାକୁ ତର୍ଜମା କଲେ ଜଣାଯାଏ ଯେ, ସଂରକ୍ଷଣ ସୁବିଧା ଲାଭ କରି ସ୍ୱଚ୍ଛଳରେ ପରିଣତ ହୋଇଥିବା ବ୍ୟକ୍ତିବିଶେଷଙ୍କ ପରିବାରକୁ ସଂରକ୍ଷଣ ପରିସରରୁ ବାଦ୍ ଦିଆଯିବା ନିମନ୍ତେ ଅଦାଲତ ଚାହିଁଛନ୍ତି। ଏହାକୁ ଏବେ ବିଭିନ୍ନ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ କି ନାହିଁ ତାହା ଦେଖିବାର କଥା। ଏଥିସହ ବିହାର ଓ ପଶ୍ଚିମବଙ୍ଗ ସରକାର ମନମୁଖି ଭାବେ ସଂରକ୍ଷଣ ସୁବିଧା ପ୍ରଦାନକୁ ମଧ୍ୟ ଅଦାଲତ ସକାରାତ୍ମକ ଦୃଷ୍ଟିରେ ଦେଖି ନାହାନ୍ତି। ୨୦୧୯ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଦ୍ୱାରା ୧୦୩ତମ ସଂଶୋଧନ ଅଣାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଆର୍ଥିକ ଅନଗ୍ରସର ଶ୍ରେଣୀକୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯାଇ ସେମାନଙ୍କ ନିମନ୍ତେ ସମାନତା ସୃଷ୍ଟି କରିବା। ଏଥିରେ ଆର୍ଥିକ ଅନଗ୍ରସର ଶ୍ରେଣୀ ନିମନ୍ତେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ୧୦% ସଂରକ୍ଷଣ ବ୍ୟବସ୍ଥା କରାଯାଇଥିଲା। ଏହି ସଂରକ୍ଷଣ ବିରୋଧରେ ଏକାଧିକ ମାମଲା ସୁପ୍ରିମକୋର୍ଟରେ ଦାଏର ହୋଇଥିଲା। ପରିଶେଷରେ ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ସଂଖ୍ୟାଗରିଷ୍ଠ ରାୟରେ ଏହାର ସାମ୍ବିଧାନିକ ବୈଧତାକୁ କାଏମ ରଖିଛନ୍ତି। ଫଳରେ ପ୍ରଥମ ଥର ପାଇଁ ସଂରକ୍ଷଣ ନୀତି ପରିସରକୁ ଏବେ ଆର୍ଥିକ ଦିଗଟି ଆସିଥିଲା ବୋଲି କୁହାଯାଇପାରେ। ପୂର୍ବରୁ ସଂରକ୍ଷଣରେ ସାମାଜିକ ନ୍ୟାୟ ଓ ସମାନତା ବିଷୟ ଉଠିଥିଲା। ସୁପ୍ରିମକୋର୍ଟ ରାୟ ଦ୍ୱାରା ସାମାଜିକ- ଆର୍ଥିକ ସଶକ୍ତୀକରଣରେ ସମାନତା ଆସିପାରିବ ବୋଲି ସଂଖ୍ୟାଗରିଷ୍ଠ ବିଚାରପତି ମତ ଦେଇଥିଲେ।

ଆର୍ଥିକ ସମାନତା ପାଇଁ ଅନୁସୂଚିତ ଜାତି (ଏସ୍‌ସି) ଓ ଜନଜାତି (ଏସ୍‌ଟି)ଙ୍କ ପାଇଁ ଆମ ସମ୍ବିଧାନରେ ସଂରକ୍ଷଣ ସୁଯୋଗ ରହିଛି। ଅନୁସୂଚିତ ଜାତି ପାଇଁ ୧୫%, ଅନୁସୂଚିତ ଜନଜାତି ପାଇଁ ୭.୫% ଓ ଅନ୍ୟାନ୍ୟ ପଛୁଆ ସଂପ୍ରଦାୟ ପାଇଁ ୨୭%



ସଂରକ୍ଷଣ ସୁବିଧା ରହିଛି। ଦେଖିବାକୁ ଗଲେ ମୂଳ ସମ୍ବିଧାନରେ ଶିକ୍ଷା କ୍ଷେତ୍ର ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ରଖାଯାଇନଥିଲା। ତେବେ ୧୯୫୧ ମସିହାରେ ପ୍ରଥମ କରି ସମ୍ବିଧାନ ସଂଶୋଧନ ଆରମ୍ଭ ହୁଏ ଏବଂ ଏଇଠାରେ ଶିକ୍ଷାକୁ ସଂରକ୍ଷଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିଦିଆଗଲା। ସ୍ୱାଧୀନ ଭାରତରେ ସାମାଜିକ ନ୍ୟାୟ ଓ ସମାନତାର ଯାତ୍ରା ଆରମ୍ଭ ହେଲା। ଦୀର୍ଘ ୭୦ ବର୍ଷ ମଧ୍ୟରେ ଏସ୍‌ସି/ଏସ୍‌ଟି ବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିରେ ଅଗ୍ରାଧିକାର ପ୍ରଦାନ କରିବା ଉଦ୍ଦେଶ୍ୟରେ ଏକାଧିକ ଥର ସମ୍ବିଧାନ ସଂଶୋଧନ ହୋଇଛି। ଏହାର ଉଦ୍ଦେଶ୍ୟ ହେଲା ସମାଜର ଅବହେଳିତ ବର୍ଗଙ୍କୁ ସମାନ ସୁଯୋଗ ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତକୁ ଆଣିବା। ଏସ୍‌ସି/ଏସ୍‌ଟି ବର୍ଗ ସଂରକ୍ଷଣ ପରେ ଆରମ୍ଭ ହେଲା ପଛୁଆ ବର୍ଗ ସଂରକ୍ଷଣ ବ୍ୟବସ୍ଥା। ଦଳିତ ଓ ପଛୁଆବର୍ଗଙ୍କୁ ନେଇ ରାଜନୀତି କରିବାର ଅଭିଳାଷ ଆଉ ଏକ ସଂରକ୍ଷଣ ବ୍ୟବସ୍ଥା ପାଇଁ ସୁଯୋଗ ସୃଷ୍ଟି କଲା ୧୯୯୦ ମସିହାରେ। ମଣ୍ଡଳ କମିଶନ ସୁପାରିସ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଲେ ପ୍ରଧାନମନ୍ତ୍ରୀ ଭି.ପି. ସିଂହ। ସାମାଜିକ, ଆର୍ଥିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ ମୋରାରଜୀ ଦେଶାଇଙ୍କ ସରକାର ୧୯୭୯ ମସିହାରେ ଏକ କମିଶନ ବସାଇଥିଲେ। ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଶନ ୧୯୮୦ ମସିହାରେ ନିଜ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ପଛୁଆ ବର୍ଗ ପାଇଁ ୨୭% ସଂରକ୍ଷଣ ପାଇଁ ସୁପାରିସ କରାଯାଇଥିଲା। ୧୯୯୦ ମସିହାରେ ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରୀ କରି ଭି.ପି. ସିଂହ ସଂରକ୍ଷଣ ରାଜନୀତିର ଯେଉଁ ନୂଆ କୁହୁକ ପେଡ଼ିଟି ଖୋଲିଲେ ତଦ୍ୱାରା ଦେଶରେ ବ୍ୟାପକ ହିଂସାକାଣ୍ଡ ସୃଷ୍ଟି ହେଲା। ସୁପ୍ରିମକୋର୍ଟ ସାମୟିକ ସମୟ ପାଇଁ ସୁପାରିସର କାର୍ଯ୍ୟକାରିତା ଉପରେ ରହିତାଦେଶ ଜାରି କରିଥିଲେ ମଧ୍ୟ ପରେ ଏହାକୁ ମଞ୍ଜୁରୀ ଦେଇଥିଲେ। ୧୯୯୨ ମସିହାରୁ ଏହି ନୂଆ ସଂରକ୍ଷଣ କାର୍ଯ୍ୟକାରୀ ହେଲା। ଫଳରେ ସଂରକ୍ଷଣ ରାଜନୀତିର ଚକ୍ରଟି ଘୂର୍ଣ୍ଣାୟମାନ ଅବସ୍ଥାରେ ରହିଲା। ମଣ୍ଡଳ କମିଶନ ପଛୁଆ ବର୍ଗ ଚିହ୍ନଟ ପାଇଁ ମୁଖ୍ୟତଃ ଜାତି ଓ ସଂପ୍ରଦାୟକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ଆୟ କମ୍ ଗୁରୁତ୍ୱ ପାଇଥିଲା। ପ୍ରଧାନମନ୍ତ୍ରୀ ନରସିଂହ ରାଓ ସାଧାରଣ ଶ୍ରେଣୀର ଆର୍ଥିକ ଅସ୍ୱଚ୍ଛଳ ପିଲାଙ୍କ ପାଇଁ ୧୯୯୧ ମସିହାରେ ଆୟଭିତ୍ତିକ ୧୦% ସଂରକ୍ଷଣ ବ୍ୟବସ୍ଥା କରିଥିଲେ ମଧ୍ୟ ତାହାକୁ ସୁପ୍ରିମକୋର୍ଟ ରଦ୍ଦ କରିଥିଲେ। ସେହି ସମୟରେ ସୁପ୍ରିମକୋର୍ଟ ନିର୍ଦ୍ଦିଷ୍ଟ ଭାବେ ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରିତାର ବୈଧତା ନେଇ ରାୟ ପ୍ରଦାନ କରିନଥିଲେ।

୧୦୩ତମ ସମ୍ବିଧାନ ସଂଶୋଧନ ମାମଲାରେ ୫ ଜଣିଆ ଖଣ୍ଡପୀଠର ବିଚାରପତି ଜେ.ବି. ପର୍ଡିୱାଲ ସମ୍ବିଧାନ ସଂଶୋଧନକୁ ସମର୍ଥନ ଜଣାଇଥିଲେ ମଧ୍ୟ ନିଜ ରାୟରେ ଦର୍ଶାଇଥିଲେ ଯେ, ସଂରକ୍ଷଣ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜାରି ରହିପାରିବ ନାହିଁ। ଅର୍ଥାତ୍ ସଂରକ୍ଷଣର ସୁବିଧା ଅନିର୍ଦ୍ଦିଷ୍ଟ ସମୟ ପାଇଁ ହେବା ଉଚିତ ନୁହେଁ। ବିଚାରପତି ବି.ଏମ୍. ତ୍ରିବେଦୀ ମଧ୍ୟ କହିଥିଲେ ଯେ, ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସରକାର ସଂରକ୍ଷଣ ନୀତିର ପୁନର୍ବିଚାର କରିବା ଆବଶ୍ୟକ। ସଂରକ୍ଷଣ ମାନସିକତା ଯୋଗୁ ଇତିମଧ୍ୟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆରଜେଡି ନେତା ତେଜସ୍ୱୀ ଯାଦବ, ଜିତନ ରାମ, ଉପେନ୍ଦ୍ର ଖୁସ୍‌ୱା ପ୍ରମୁଖ ଜାତିଭିତ୍ତିକ ଗଣନା ସହ ବିଭିନ୍ନ ଜାତିର ସଂଖ୍ୟା ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ପାଇଁ ଦାବି ଉଠାଇଲେଣି। ଏକଦା ଦେଶର ସ୍ୱଚ୍ଛଳ ବର୍ଗ ଭାବେ ବିବେଚିତ ମରାଠୀ, ପଟେଲ, କାପୁ ଓ ଜାଠ ସଂପ୍ରଦାୟ ସଂରକ୍ଷଣ ଯୋଗୁଁ ବିଭିନ୍ନ କ୍ଷେତ୍ରରେ କୋଣଠେସା ହେଲା ପରେ ଏବେ ଜାତିଭିତ୍ତିକ ସମାନୁପାତିକ ସଂରକ୍ଷଣ ନୀତି ପାଇଁ ଦାବି ଉଠାଇଲେଣି। ଏଥିରୁ ପ୍ରମାଣିତ ହେଉଛି ଯେ, ଦେଶର ସ୍ୱଚ୍ଛଳ ବର୍ଗ କ୍ରମଶଃ ଅସ୍ୱଚ୍ଛଳ ସ୍ତରକୁ ଆସିଗଲେଣି। ଏକଥା ମଧ୍ୟ ଆକଳନ କରାଗଲାଣି ଯେ, ୧୯୮୦ ମସିହାରେ ଦେଶରେ ଅସ୍ୱଚ୍ଛଳ ବର୍ଗ ଜନସଂଖ୍ୟାର ଏକ ଚତୁର୍ଥାଂଶ ଥିବାବେଳେ ଏହା ଏବେ ଦୁଇ ତୃତୀୟାଂଶରେ ପହଞ୍ଚିଲାଣି। ସଂସଦରେ ଆଲୋଚନା ସମୟରେ ୧୦୩ତମ ସମ୍ବିଧାନ ସଂଶୋଧନ ପ୍ରସ୍ତାବକୁ ଦଳିତ ନେତା ହୁକୁମ ଦେବ ଯାଦବ ଓ ରାମ ବିଲାସ ପାଶ୍ୱାନ ପ୍ରମୁଖ ସମର୍ଥନ ଜଣାଇଥିବା ଦେଖାଯାଇଥିଲା।

ସଂରକ୍ଷଣ ବ୍ୟବସ୍ଥା ଜାରି ଥିବାରୁ ପ୍ରାଚୀନ ଜାତିପ୍ରଥା ବ୍ୟବସ୍ଥାରୁ ଏବେ ଅନେକ ଉପଜାତି, ସଂପ୍ରଦାୟ ଓ ଗୋଷ୍ଠୀର ଆବିର୍ଭାବ ଘଟିଲାଣି। ରାଜନୈତିକ ଦଳ ଜାତି ଓ ସଂପ୍ରଦାୟ ଭିତ୍ତିରେ ଭୋଟ ଆକୃଷ୍ଟ କରିବା ନିମନ୍ତେ ସଂରକ୍ଷଣକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରି ଚାଲିଛନ୍ତି। ବିଭିନ୍ନ ଦଳ ସଂରକ୍ଷଣ ସୀମା ୫୦%ରୁ ଅଧିକ ପାଇଁ ମଧ୍ୟ କ୍ରମଶଃ ଦାବି କଲେଣି। ଇନ୍ଦର ସହ୍ୱାନେ ମାମଲାରେ ସୁପ୍ରିମକୋର୍ଟର ୯ ଜଣିଆ ଖଣ୍ଡପୀଠ ସଂରକ୍ଷଣ ସୀମା ୫୦%ରେ ସୀମିତ ରଖିଥିଲେ ମଧ୍ୟ ବହୁ କ୍ଷେତ୍ରରେ ଏହା ଧାର୍ଯ୍ୟ ସୀମା ଅତିକ୍ରମ କରିଯାଉଛି। ଏହି କାରଣରୁ ଅଦାଲତଙ୍କୁ ହସ୍ତକ୍ଷେପ କରିବାକୁ ପଡୁଥିବା ଦେଖାଯାଉଛି। କହିବାକୁ ଗଲେ ସୁପ୍ରିମକୋର୍ଟଙ୍କ ରାୟ ଦ୍ୱାରା ସାମାଜିକ ନ୍ୟାୟ ପରିସର ଅଧିକ ପରିବ୍ୟାପ୍ତ ହୋଇପାରିଛି। ଏହାଦ୍ୱାରା ଅଧିକରୁ ଅଧିକ ବର୍ଗ ସାମାଜିକ ନ୍ୟାୟ ପରିସରକୁ ଆସିପାରିବେ। ଅସ୍ୱଚ୍ଛଳ ବର୍ଗର ଏକ ଗୋଷ୍ଠୀ ବା ସଂପ୍ରଦାୟ ଭାବେ ବିବେଚିତ ହୋଇପାରିବେ। ତେବେ କେତେବେଳେ ନା କେତେବେଳେ ସମସ୍ତ ସଂରକ୍ଷଣର ଅନ୍ତ ଘଟାଇବାକୁ ପଡ଼ିବ। ଉଦାରୀକରଣ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ।

ମୋ: ୯୪୩୭୨୨୯୨୩୩

# ଡିଜିଟାଲ ଗଛ



**ମୋହନ ଚରଣ ବିଷି**

ଗତ କିଛିଦିନ ତଳେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡି, ୧୦୦ ଗୋଟି ଗଛରେ କ୍ୟୁଆର୍ କୋଡ୍ ଲଗାଇବାର ଖବର ପ୍ରସାରିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତିଙ୍କ କହିବା ଅନୁସାରେ ଆଗକୁ ଆହୁରି ୫୦୦ ଗଛରେ କ୍ୟୁଆର୍ କୋଡ୍ ଲାଗିବ ଓ ବିଶ୍ୱବିଦ୍ୟାଳୟ ଗ୍ରୀନ୍ କ୍ୟାମ୍ପସ୍ ହେବ। ଯେଉଁ ସବୁ ଗଛ ଲଗାଗଲା ସେହି ଗଛସବୁ ଔଷଧୀୟ ବୃକ୍ଷ। ଏହି କ୍ୟୁଆର୍ କୋଡ୍‌କୁ ସ୍ମାର୍ଟ ଫୋନରେ ସ୍କାନ କଲେ ଗଛର ଓଡ଼ିଆ, ହିନ୍ଦୀ, ଇଂଲିଶ ଓ ବୋଟାନିକାଲ ନାମ, ବୃକ୍ଷର ଔଷଧୀୟ ଗୁଣ, କାର୍ଯ୍ୟ, ଉପକାରିତା, ଗଛର ବୟସ ବିଷୟରେ ଜଣେ ସହଜରେ ଜାଣିପାରିବ। ଗଛକୁ କ୍ୟୁଆର୍ କୋଡିଙ୍ଗ୍ କରିବା ଏକ ସୁନ୍ଦର ବ୍ୟବସ୍ଥା, ଯାହା ମାଧ୍ୟମରେ ଡିଜିଟାଲ ଉପାୟରେ ବୃକ୍ଷ ସମ୍ପର୍କରେ ତଥ୍ୟ ହାସଲ କରିହେବ ଓ ତା'ର ବ୍ୟବହାର ସହ କାର୍ଯ୍ୟକାରିତା ବିଷୟରେ ଅବଗତ ହୋଇପାରିବ। ଲୋକେ ବୃକ୍ଷର ଉପକାର ବିଷୟରେ ଜାଣିବା ଦ୍ୱାରା ବୃକ୍ଷର ସଂରକ୍ଷଣ ହୋଇପାରିବ। ଯେତେ ସବୁ ବୃକ୍ଷଲତା, ଗୁଳ୍ମ ରହିଛି ଧୀରେ ଧୀରେ ଲୁପ୍ତ ହେବାକୁ ଯାଉଛି। ଆଉ ଯେଉଁମାନେ ଏହିସବୁ ଗଛପତ୍ରକୁ ଚିହ୍ନିଛନ୍ତି ସେମାନେ ମଧ୍ୟ ସଂସାରରୁ ବିଦାୟ ନେବେ। ତେଣୁ ସେମାନେ ବଞ୍ଚିଥିବା ସମୟରେ ବୃକ୍ଷଲତାକୁ ଚିହ୍ନଟ କରାଯାଇ ସରକାରୀ ସ୍ତରରେ ହେଉ କି ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ କ୍ୟୁଆର୍ କୋଡ୍ ଲଗାଇବାର ବ୍ୟବସ୍ଥା କଲେ ବୃକ୍ଷଗୁଡ଼ିକର ପରିଚୟ ଲୋକଲୋଚନକୁ ଆସିବା ସହ ଗଛଠାରୁ ଲୋକେ ଅନେକ ସୁଫଳ ପାଇପାରିବେ। କ୍ୟୁଆର୍ କୋଡ୍ ପ୍ରସ୍ତୁତ କରିବା ବେଶି ବ୍ୟୟବହୁଳ ନୁହେଁ। ପ୍ରଥମରେ ବିଭିନ୍ନ ସାମଗ୍ରୀ ଉପରେ କ୍ୟୁଆର୍ କୋଡ୍ ଲାଗୁଥିଲା। ଧୀରେ ଧୀରେ କ୍ୟୁଆର୍ କୋଡ୍ ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଲା। କିନ୍ତୁ ଗଛରେ କ୍ୟୁଆର୍ କୋଡ୍ ଲଗାଇବା ବ୍ୟାପକ ହୋଇପାରି ନାହିଁ।

ଗଛ ଉପରେ କ୍ୟୁଆର୍ କୋଡ୍ ପ୍ରଥମେ ଇଂଲଣ୍ଡର ଦକ୍ଷିଣ ଲଣ୍ଡନର କ୍ୟୁରେ ଅବସ୍ଥିତ ରୋୟାଲ ବୋଟାନିକ ଗାର୍ଡେନରେ ୨୦୧୧ ମସିହାରେ ବ୍ୟବହାର ହୋଇଥିଲା। କ୍ୟୁ ଗାର୍ଡେନ ହେଉଛି ପୃଥିବୀର ଏକ ବୃହତ୍ତମ ବୋଟାନିକାଲ ଗାର୍ଡେନ ; ଯେଉଁଠି ୩୦,୦୦୦ ବିଭିନ୍ନ ପ୍ରକାରର ବୃକ୍ଷ ରହିଛି। ଭାରତରେ ପ୍ରଥମେ କେରଳରେ ଅବସ୍ଥିତ ଥାଲାସେରି ହେରିଟେଜ୍ ଗାର୍ଡେନରେ ୨୦୧୩ ମସିହାରେ କ୍ୟୁଆର୍ କୋଡ୍ ଲାଗିଥିଲା। ୨୦୧୬ରେ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ବୋଟାନିକ ଗାର୍ଡେନ ହାୱଡ଼ା, ପଶ୍ଚିମବଙ୍ଗରେ ୨୫୦୦ ବୃକ୍ଷରେ କ୍ୟୁଆର୍ କୋଡ୍ ଲାଗିଲା। ନୂଆଦିଲ୍ଲୀସ୍ଥିତ ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ଥିବା ୬୦୦୦ ଗୋଟି ଗଛରେ ୨୦୧୯ରେ କ୍ୟୁଆର୍ କୋଡ୍ ଲାଗିଥିଲା। ଥାନେସ୍ଥିତ ମହାନଗର ନିଗମ ଅଞ୍ଚଳରେ ୨୦୦୦ ଗଛ ଉପରେ ଚଳିତ ବର୍ଷରେ କ୍ୟୁଆର୍ କୋଡ୍ ଲାଗିଛି। ଚୌଧୁରୀ ଚରଣ ସିଂ ବିଶ୍ୱବିଦ୍ୟାଳୟ, ମେରୁଟ, ପିବି ସିଦ୍ଧାର୍ଥ କଲେଜ, ବିଜୟୱାଡ଼ା, ଏସ୍‌ଏସ୍‌ଏସ୍



ଜୈନ କଲେଜ, ଚେନ୍ନାଇ, ଜମ୍ମୁ ବିଶ୍ୱବିଦ୍ୟାଳୟରେ ଥିବା ଔଷଧୀୟ ଓ ବିରଳ ପ୍ରଜାତିର ବୃକ୍ଷ ଉପରେ କ୍ୟୁଆର୍ କୋଡ୍ ଲାଗି ସାରିଛି। ପର୍ଯ୍ୟଟକମାନେ କ୍ୟୁଆର୍ କୋଡ୍‌କୁ ଉପଯୋଗ କରି ବୃକ୍ଷ ବିଷୟରେ ଜାଣିପାରୁଛନ୍ତି। ବର୍ତ୍ତମାନ ସମୟରେ ଭାରତର ବିଭିନ୍ନ ରାଜ୍ୟରେ ଗଛକୁ ଡିଜିଟାଲ ଉପାୟରେ ଜାଣିବା ପାଇଁ କ୍ୟୁଆର୍ କୋଡ୍ ଲଗାଯାଉଛି।

ଓଡ଼ିଶାରେ ପ୍ରଥମକରି ୨୦୧୮ ମସିହାରେ ରେଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର, ଭୁବନେଶ୍ୱରଠାରେ ଥିବା ଗଛରେ କ୍ୟୁଆର୍ କୋଡ୍ ଲାଗିଲା। ପାଖାପାଖି ୧୦୦୦ ଗଛରେ କ୍ୟୁଆର୍ କୋଡ୍ ଲାଗିଛି। ଏହିଠାରେ ପର୍ଯ୍ୟଟକ ଓ ଛାତ୍ରୀଛାତ୍ରମାନେ ଆସିଲେ ସ୍କାନିଙ୍ଗ କରି ଗଛ ବିଷୟରେ ବିଭିନ୍ନ ତଥ୍ୟ ହାସଲ କରନ୍ତି। ସେହିପରି ୨୦୨୦ ମସିହାରେ ନନ୍ଦନକାନନ ସ୍ଥିତ ଜୁଲୋଜିକାଲ ପାର୍କ ଓ ବୋଟାନିକାଲ ଗାର୍ଡେନରେ ଥିବା ଗଛରେ କ୍ୟୁଆର୍ କୋଡ୍ ପ୍ରଚଳନ ହେଲା। ଏହାବ୍ୟତୀତ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଯଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶର, ଓୟୁଏଟି, ଭୁବନେଶର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶର ପରେ ମାଁ ମାଣିକେଶରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡିଠାରେ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷରେ କ୍ୟୁଆର୍ କୋଡ୍ ଲାଗିଛି। ବିଶ୍ୱବିଦ୍ୟାଳୟର ବିଭିନ୍ନ ବୃକ୍ଷରେ କ୍ୟୁଆର୍ କୋଡ୍ ଲାଗିବା ଦ୍ୱାରା ଛାତ୍ରୀଛାତ୍ର ଓ ଗବେଷଣାରତ ବିଦ୍ୟାର୍ଥୀମାନେ ଅନେକ ବୃକ୍ଷ ସମ୍ପର୍କରେ ଅବଗତ ହେଉଛନ୍ତି। ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଦ୍ୟାଳୟମାନଙ୍କରେ ଥିବା ଗଛମାନଙ୍କରେ କ୍ୟୁଆର୍ କୋଡ୍ ଲଗାଇବା ପାଇଁ ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ। ପ୍ରତ୍ୟେକ ଶ୍ରେଣୀ ତଥା ବିଭାଗର ସିଲାବସ୍‌ରେ ବୃକ୍ଷ ସମ୍ପର୍କରେ କିଛି ତଥ୍ୟ ରହିଲେ ବିଦ୍ୟାର୍ଥୀ ସଚେତନ ହେବା ସହ ସଂରକ୍ଷଣ ପାଇଁ ପଦକ୍ଷେପ ନେଇପାରିବେ।

ବର୍ତ୍ତମାନ ସମୟରେ ବୃକ୍ଷ ସଂରକ୍ଷଣର ଆବଶ୍ୟକତାକୁ ସମସ୍ତେ ଉପଲବ୍ଧି କରି ସାରିଛେ। ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ ମଧ୍ୟରୁ ଜଙ୍ଗଲ କ୍ଷୟ ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ବର୍ତ୍ତମାନ ସମୟରେ କୃତ୍ରିମ ଜଙ୍ଗଲର ସୃଷ୍ଟି କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ହେବ। ସବୁ ବୋଟାନିକାଲ ଗାର୍ଡେନ, ରାସ୍ତାକଡ଼ରେ ଥିବା ବୃକ୍ଷ, ଜଙ୍ଗଲ ପାର୍ଶ୍ୱରେ ଥିବା ବୃକ୍ଷମାନଙ୍କରେ କ୍ୟୁଆର୍ କୋଡ୍ ଲଗାଇବାକୁ ପ୍ରଶାସନ ଦୃଷ୍ଟି ଦେବା ଦରକାର। ଦୃଷ୍ଟି ଗୋଚର ହେଉଥିବା ସ୍ଥାନର ବୃକ୍ଷମାନଙ୍କରେ କ୍ୟୁଆର୍ କୋଡ୍ ପ୍ରଚଳନ ହେଲେ ଅନେକ ଲୁପ୍ତପ୍ରାୟ ବୃକ୍ଷ ଉପରେ ଅଧିକ ଗବେଷଣା ହୋଇପାରିବ। ଏହାଦ୍ୱାରା ବୃକ୍ଷର ସଂରକ୍ଷଣ ହେବ। ଗଛ ଡିଜିଟାଲ ସେତେବେଳେ ହେବ ଯେତେବେଳେ ଗଛରେ କ୍ୟୁଆର୍ କୋଡ୍ ଲାଗିବ। କ୍ୟୁଆର୍ କୋଡ୍ ଲାଗିବା ସହ ଗଛର କୋଡିଂ ମଧ୍ୟ ସହଜରେ କରିହେବ। ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ ହାତକୁ ନେବାଲାଗି ଯୋଜନା କରିବାର ସମୟ ଆସିଛି।

ଗଡରାମାଲ, କୋକସରା, କଳାହାଣ୍ଡି
ମୋ:୯୭୭୭୪୬୮୪୧

## ଏଇ ଭାରତରେ

ଗାଜିଆବାଦରେ ଏକ ଫୁଟ୍‌ପାଥ ସ୍କୁଲ ଚାଲିଛି। ଏନ୍‌ଟିପିସିରୁ ଅବସର ନେବା ପରେ ନିରଜା ସାକ୍‌ସେନା ଏହି ସ୍କୁଲ ଚଳାଉଛନ୍ତି। ଲକ୍‌ଡାଉନ ସମୟରେ ଏଭଳି ଫୁଟ୍‌ପାଥ ସ୍କୁଲ ଚଳାଇବା ଲାଗି ନିରଜା ନିଷ୍ପତ୍ତି ନେଇଥିଲେ ଓ ତାହା ସେବେଠାରୁ ଚାଲିଛି। ଏହାର ନାମ ରଖାଯାଇଛି ଫୁଟପାଥ୍ ପାଠଶାଳା। ଏବେ ଏହି ସ୍କୁଲରେ ୪୦ ଜଣ ପିଲା ପଢୁଛନ୍ତି। ପିଲାମାନଙ୍କ ପଢ଼ିବା ଖର୍ଚ୍ଚ ସହ ଖାଦ୍ୟ, ପୋଷାକ ଓ ପାଠ୍ୟ ଉପକରଣ ମାଗଣାରେ ଯୋଗାଇ ଦିଆଯାଉଛି। ଏଠାରେ କେବଳ ଅସହାୟ ପିଲାମାନେ ପଢୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ନିରଜା ପିଲାମାନଙ୍କଠାରୁ ଫିସ୍ ଆକାରରେ ପ୍ଲାଷ୍ଟିକ୍ ବର୍ଜ୍ୟ ନେଉଛନ୍ତି। ଏହି ସ୍କୁଲରେ ସେ ପିଲାମାନଙ୍କୁ ପରିବେଶ ସଂରକ୍ଷଣ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ସମ୍ପର୍କରେ ମଧ୍ୟ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ପିଲାମାନେ ସ୍କୁଲରେ ପ୍ଲାଷ୍ଟିକ ବୋତଲ ଓ ଅନ୍ୟାନ୍ୟ ବର୍ଜ୍ୟ ଦେଇ ପରିବେଶକୁ ରକ୍ଷା କରିବାରେ ଲାଗିଛନ୍ତି। କେବଳ ଏତିକି ନୁହେଁ, ଫୁଟପାଥ୍ ପାଠଶାଳାର ପିଲାମାନେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ଅଗଷ୍ଟ ୧୯୭୫**

- ଧାନବାଦ ନିକଟରେ ଥିବା କେଶରଗଡ଼ କୋଇଲା ଖଣିର ଛାତ ଭୁଶୁଡ଼ିପଡ଼ିବା ଫଳରେ ମାଟିତଳେ ପୋତିହୋଇ ୧୨ ଜଣ ଶ୍ରମିକଙ୍କ ମୃତ୍ୟୁ।
- ଦକ୍ଷିଣ ଆଫ୍ରିକାକୁ କେତେକ ଧରଣର ଭାରୀ ଅସ୍ତ୍ରଶସ୍ତ୍ର ବିକ୍ରୟ ନ କରିବା ନେଇ ଫ୍ରାନ୍ସର ରାଷ୍ଟ୍ରପତି ଗିସ୍‌କାଡ଼ ଡିଇଷ୍ଟାଙ୍ଗଙ୍କ ଘୋଷଣା।
- ହଂକଂରେ ପ୍ରବଳ ଝଡ଼ତୋଫାନ ଯୋଗୁ କ୍ୟାଣ୍ଟନ ନିକଟବର୍ତ୍ତୀ ୱେଷ୍ଟ ନଦୀରେ ଦୁଇଟି ଫେରି ଲଞ୍ଚ ମଧ୍ୟରେ ସଂଘର୍ଷ ଘଟି ୫୦୦ ମୃତ।

## ଚିରନ୍ତନୀ

ଅନାହୂତ ଅନୁଭୂତି କ୍ଷୀଣ ତା'ର ଆୟୁଷ
ଜୀବନର ମରୁ-ପଥେ ଢାଳିଦିଏ ପୀୟୂଷ
ଦିନୁଁ ଦିନୁଁ ଦେହ ମମ ହୁଏ ଯେତେ ପୁରୁଣା
ମୂଳ ତା'ର ଦିନୁଁ ଦିନୁଁ ବଢ଼ି ଉଠେ ବହୁଣ।
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଗତଯୋଗ୍ୟ ପଦକ୍ଷେପ

ମହାଶୟ,

ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପିଲାଙ୍କ ଗାଡ଼ି ଚଳାଇବା ଉପରେ ସ୍ୱତନ୍ତ୍ର ଧରପଗଡ଼ ଆରମ୍ଭ କରିଛି। ଏହାଦ୍ୱାରା ଅନେକ ଅଭିଭାବକ ସତର୍କ ହେବେ। ଦେଖାଯାଏ, ମା'ବାପାମାନେ ପିଲାକୁ ଖୁସି କରିବାକୁ ସେମାନଙ୍କୁ ବାଇକ୍ ଦେଇ ରାସ୍ତା ଉପରକୁ ଛାଡ଼ି ଦିଅନ୍ତି। ପିଲାର ଗାଡ଼ି ଚଳାଇବାରେ ଅଭିଜ୍ଞତା ନ ଥାଏ । ନୂଆ କରି ଗାଡ଼ି ଚଳାଉଥିବାରୁ ଗାଡ଼ିକୁ ନିୟନ୍ତ୍ରଣରେ ରଖିବାର କ୍ଷମତା ମଧ୍ୟ ତା'ର ନଥାଏ। ଏପରି ପରିସ୍ଥିତିରେ ଦୁର୍ଘଟଣା ଘଟୁଛି। ଧନଜୀବନ ହାନି ହେଉଛି। ତା' ପରେ ରାସ୍ତାରେ ଭଙ୍ଗାରୁଜା ଲାଠିଚାଳନା ଇତ୍ୟାଦି ପରିସ୍ଥିତି ସୃଷ୍ଟି ହୁଏ। ଏଣୁ ଏସବୁକୁ ବିଚାରକୁ ନେଲେ ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏହି ଧରପଗଡ଼କୁ ତ୍ୱରାନ୍ୱିତ କଲେ ଖୁବ୍ ଭଲ ହୁଅନ୍ତା।

-ଅଶୋକ ରାଉଳ, ଅଢ଼ଙ୍ଗଳ ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲିଜ୍ ଦେଇ ଉଜାଡ଼ିଲେ ଜଙ୍ଗଲ

## କଳାପଥର ମୋହ: ସରକାରୀ ସ୍ତରରେ ବେଆଇନ କାର୍ଯ୍ୟ

ଯାଜପୁର,୧୦।୮
(ହର୍ଷବର୍ଦ୍ଧନ ବେହେରା)

ସଂରକ୍ଷିତ ଜଙ୍ଗଲ (ଆର୍ଏଫ୍) କିମ୍ବା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆର୍ଏଫ୍) ଜମିର କୌଣସି ଅଂଶକୁ ଲିଜ୍ ଦିଆଯାଇ ସେଠାରୁ ଖଣିଜ ଉତ୍ତୋଳନ କରାଯିବା ବେଆଇନ। କିନ୍ତୁ ରାଜ୍ୟ ସରକାରଙ୍କ ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ଥିବା ୧୪ଟି କଳାପଥର ଖାଦାନକୁ ଲିଜ୍ ଦିଆଯାଇଛି। ସେଠାରୁ ଉତ୍ତୋଳନ କରାଯିବା ଦ୍ୱାରା ଜୈବବିବିଧତା ପ୍ରତି ବ୍ୟାପକ କ୍ଷତି ପହଞ୍ଚାଯାଇଛି। କଟକ ଡିଏଫ୍ଓ ଯାଜପୁର ଜିଲାପାଳଙ୍କୁ ଅଗଷ୍ଟ ୨ ତାରିଖରେ ଚିଠି ଲେଖି ଗୋଟିଏ ଖାଦାନର ଲିଜ୍‌କୁ ବାତିଲ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଲଘୁ ଖଣି, ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧିକାରୀମାନେ କରିଥିବା ମିଳିତ ନିରୀକ୍ଷଣରୁ ୧୪ଟି କଳାପଥର ଖାଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ଥିବା ଜଣାପଡ଼ିଛି। ଏଥିରୁ ସ୍ପଷ୍ଟ ଯେ, ମୂଲ୍ୟବାନ କଳାପଥର ମୋହ ଯୋଗୁ ସରକାରୀ ସ୍ତରରେ ବେଆଇନ କାର୍ଯ୍ୟ ହୋଇଛି। ଖାଦାନଗୁଡ଼ିକ ଲିଜ୍ ଦିଆଯିବା ଯୋଗୁ ଜଙ୍ଗଲ ଉଜୁଡ଼ିଯାଇଛି। ଖାଦାନଗୁଡ଼ିକରୁ ଉତ୍ତୋଳନ ଅନୁମତି ଦେଇଥିବା ଅଧିକାରୀମାନେ ଏବେ ହରଡ଼ଘଣାରେ ପଡିଛନ୍ତି। ସେମାନେ ନିଜ ଦୋଷ ଲୁଚାଇବାକୁ ଅନ୍ୟ ମୁଣ୍ଡରେ ଅଠା ବୋଳିବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି।

ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ୧୯୭୦ରୁ ୧୯୮୦ ମଧ୍ୟରେ କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ଫରେଷ୍ଟ ବ୍ଲକକୁ ଓଡ଼ିଶା ଜଙ୍ଗଲ ଆଇନ-୧୯୭୨ ଏବଂ ଭାରତୀୟ ଜଙ୍ଗଲ ଆଇନ-୧୯୨୭ର ଧାରା ୪(୧) ଅନୁଯାୟୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇଥିଲା। ତେବେ ଜୈବବିବିଧତାର ସୁରକ୍ଷା ଏବଂ ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ୧୫ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲକୁ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯିବାର ଆବଶ୍ୟକତା ରହିଛି। ଏହିମର୍ମରେ କଟକ ଡିଏଫ୍ଓ ତାଙ୍କ ପତ୍ରସଂଖ୍ୟା ୭୧୭୦/୧୩।୯।୨୦୧୯ ଓ ୧୬୯୧/୧୬।୨।୨୦୧୯ରେ ଯାଜପୁର ଜିଲାପାଳଙ୍କୁ ଅବଗତ କରାଇ ଫରେଷ୍ଟ ସେଟଲମେଣ୍ଟ ଅଫିସରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଡିଏଫ୍ଓଙ୍କ ଉକ୍ତ ପ୍ରସ୍ତାବ ଉପରେ କୌଣସି ପଦକ୍ଷେପ ନିଆଯିବା ପରିବର୍ତ୍ତେ ଓଲଟା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ସର୍ବନାଶ କରାଯାଇଛି। ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ୧୧୪.୧୨ ହେକ୍ଟରବିଶିଷ୍ଟ ମଉଳାଭଞ୍ଜା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ଥିବା ୧୪ଟି କଳାପଥର ଖାଦାନଗୁଡ଼ିକୁ ସରକାରୀ ଭାବେ ଲିଜ୍ ଦିଆଯାଇଛି। ଉକ୍ତ ଜମିରେ ଥିବା ଅଞ୍ଜିରା- ୧, ୭, ୪, ୧୦, ୧୭ ନମ୍ବର ଖାଦାନରୁ ବିପୁଳ ପରିମାଣର କଳାପଥର ଉତ୍ତୋଳନ ଏବେ ବି ଚାଲିଛି। ତେବେ ଅଞ୍ଜିରା- ୭ ନମ୍ବର ଖାଦାନ ସଂରକ୍ଷିତ ଜଙ୍ଗଲ ଜମିରେ ଥିବା ଦର୍ଶାଇ ତାହାର ଲିଜ୍‌କୁ ବାତିଲ କରିବାକୁ କଟକ ଡିଏଫ୍ଓ ଗତ ୨ ତାରିଖରେ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହାକୁ ଆଧାର କରି ଜିଲାପାଳ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଜଙ୍ଗଲ, ରାଜସ୍ୱ ଓ ଲଘୁ ଖଣି ବିଭାଗ ଅଧିକାରୀମାନେ ଶୁକ୍ରବାରଠାରୁ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛନ୍ତି। ତେବେ କେବଳ ଅଞ୍ଜିରା-୭ ନମ୍ବର ଖାଦାନ ନୁହେଁ, ୧୪ଟି ଖାଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ରହିଥିବା ଜଣାପଡ଼ିଛି। ସେହିପରି ଅନ୍ୟତମ ପିଆର୍ଏଫ୍ ବଳରାମପୁର ଓ କୋହ୍ଲା ଅଞ୍ଚଳରୁ ମଧ୍ୟ ବିପୁଳ କଳାପଥର ଲୁଟ ହେଉଥିବା ଜଣାପଡ଼ିଛି।




ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ କଳାପଥର ଖାଦାନ ଲିଜ୍ ଦେବା ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବାବେଳେ ସମ୍ପୃକ୍ତ ସରକାରୀ ଅଧିକାରୀମାନଙ୍କ ବିରୋଧରେ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଉପରେ ପରିବେଶପ୍ରେମୀଙ୍କ ନଜର ରହିଛି। ଏ ସଂକ୍ରାନ୍ତରେ ଜିଲା ଲଘୁ ଖଣି ଉପନିର୍ଦ୍ଦେଶକ ଜୟ ପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ ପାଚେରି କିମ୍ବା ପିଲର ଦେଇ କୌଣସି ପ୍ରକାର ଚିହ୍ନଟୀକରଣ କରାଯାଇ ନାହିଁ। ଏନେଇ ଡିଷ୍ଟ୍ରିକ୍ଟ ସର୍ଭେ ରିପୋର୍ଟ (ଡିଏସ୍ଆର୍)ରେ ମଧ୍ୟ ଉଲ୍ଲେଖ ନାହିଁ। ପୂର୍ବରୁ କ୍ଲଷ୍ଟର ମାଇନିଂ ପ୍ଲାନ ମଧ୍ୟ ମଞ୍ଜୁର ହୋଇଛି। ତେଣୁ ଏହିସବୁ ଆଧାରରେ କଳାପଥର ଖାଦାନଗୁଡ଼ିକୁ ଲିଜ୍ ଦିଆଯାଇଛି।

ଅତୀତରେ ଏହି ସବୁ ଜଙ୍ଗଲରେ ବାଘ, ଭାଲୁ, ହାତୀ, କୁଟୁରା, ଝିଙ୍କ ଓ ହରିଣ ପ୍ରଭୃତି ବନ୍ୟପ୍ରାଣୀ ରହୁଥିଲେ। ତେବେ ଜଙ୍ଗଲଗୁଡ଼ିକରୁ ବ୍ୟାପକ ଗଛକଟା, ବେଆଇନ ଖାଦାନ ଓ ବିସ୍ଫୋରଣ ସମେତ ଆବଶ୍ୟକ ଜଳ ଉତ୍ସର ଅଭାବ ଯୋଗୁ ହାତଗଣତି ବନ୍ୟପ୍ରାଣୀ ଏବେ ଦେଖିବାକୁ ମିଳୁଛି। ସେହିପରି ଅସିଆ-ଚାରିନଙ୍ଗଳ, ବଳରାମପୁର, ମଧୁପୁର, ବନ୍ଧପାଲି, କଣ୍ଟିଗଡିଆ, ମଉଳାଭଞ୍ଜା, ବଜ୍ରଗିରି ଆଦି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ନିଶ୍ଚିହ୍ନ ହେବାକୁ ବସିଲାଣି ବୋଲି ମତପ୍ରକାଶ ପାଇଛି।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼ା,୧୦।୮ (ଆଶିଷ ରଞ୍ଜନ ପଣ୍ଡା)

କେରଳର ପାଲାକ୍କାଡ୍‌କୁ କାମ କରିବାକୁ ଯାଇଥିବା ଜଣେ ଦାଦନ ଶ୍ରମିକଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡ଼ା କାଶୀପୁର ବ୍ଲକ୍‌ର ଟାଙ୍ଗେସଖାଲ ଗ୍ରାମର ନବୀନ ପ୍ରଧାନୀ (୩୯)। ମୃତଦେହ ପାଲାକ୍କାଡ୍ ମେଡିକାଲରେ ରହିଥିବା ସେଠାକାର ପୋଲିସ ନିକଟରୁ ପରିବାରବର୍ଗଙ୍କୁ ସୂଚନା ମିଳିଛି। ତେବେ ସେଠାକୁ ଯିବା ନେଇ ଠିକ୍ ବାଟ ଜାଣି ନ ଥିବାରୁ ବର୍ତ୍ତମାନ ଚିନ୍ତାରେ ପରିବାରବର୍ଗ।

ଘଟଣାରୁ ପ୍ରକାଶ ଯେ, ନବୀନ ଦାଦନ ଖଟିବାକୁ କେରଳ ଯାଇଥିଲେ। ତେବେ କିଛିଦିନ ହେଲା ସେ ଅସୁସ୍ଥ ହୋଇପଡ଼ିଥିଲେ। କମ୍ପାନୀ ପକ୍ଷରୁ ତାଙ୍କୁ ଠିକ୍ ସମୟରେ ଚିକିତ୍ସା କରାଯାଇ ନ ଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗତ ୭ତାରିଖରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଷ୍ଟେଶନଠାରେ ଟ୍ରେନ୍ ଧକ୍କାରେ ଅନ୍ୟ ଜଣେ ଦାଦନ ଶ୍ରମିକ କାଶୀପୁର ବ୍ଲକ୍ ମାଣ୍ଡିବିଶି ପଞ୍ଚାୟତର ଭଣ୍ଡାପାଇ ଗ୍ରାମର ତୁଳେଶ୍ୱର ଗୌଡ଼(୪୨)ଙ୍କ ମୃତ୍ୟୁ ଘଟିଥିଲା। କାଶୀପୁର ବ୍ଲକ୍‌ରେ ବାରମ୍ବାର ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରୁଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ କେବଳ ଅଭିଯୋଗ ଆସିଲେ ହିଁ ଜିଲା ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଏବଂ ଗ୍ରାମାଞ୍ଚଳରେ ଦାଦନ ଖଟିବାକୁ ଯାଇଥିବା ଶ୍ରମିକଙ୍କ ତଥ୍ୟ ଜିଲାସ୍ତରରେ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ୧୦୦ ଟଙ୍କାରେ ୩ କେଜି ଆଳୁ ବିକିଲେ ସରକାର



ଭୁବନେଶ୍ୱର,୧୦।୮ (ଅନିଲଦାସ)

ଗତ କିଛିଦିନ ହେବ ରାଜ୍ୟରେ ଆଳୁ ଦର ଆକାଶଛୁଆଁ ହୋଇଛି। ଆଳୁ କିଲୋ ପିଛା ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଖାଉଟିଙ୍କୁ ଏଥିରୁ ଆଶ୍ୱସ୍ତି ଦେବା ସହିତ ବଜାର ଦରରେ ସ୍ଥିରତା ଆଣିବାକୁ ରାଜ୍ୟ ସରକାର ଆଳୁ ବିକିବା ଆରମ୍ଭ କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରୁ ଆଳୁ କିଣାଯାଇ ଶନିବାର ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ ବିକ୍ରି ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱରରେ ଥିବା ୯୯ଟି ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ ଖାଉଟିଙ୍କୁ ଶସ୍ତାରେ ଆଳୁ ଯୋଗାଣ ଆରମ୍ଭ ହୋଇଛି। ଏସବୁ ଖୁଚୁରା ବିକ୍ରୟ କେନ୍ଦ୍ରରୁ ଲୋକମାନେ ୧୦୦ ଟଙ୍କାରେ ୩ କିଲୋ ଆଳୁ ପାଇପାରିବେ। ଯେ ପର୍ଯ୍ୟନ୍ତ ବଜାର ଦରରେ ସ୍ଥିରତା ନ ଆସିଛି, ସେ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଶସ୍ତାରେ ଆଳୁ ଯୋଗାଣ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଥିଯୋଗୁ ଆଳୁ ଦରରେ ସାମାନ୍ୟ ବିରାମ ଲାଗିଛି। ଖୁଚୁରା ବ୍ୟବସାୟୀମାନେ ମନଇଚ୍ଛା ଦରରେ ଆଳୁ ବିକୁ ଥିବାରୁ ଯୋଗାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରାଯାଇଛି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ରାଜ୍ୟକୁ ପ୍ରାୟ ୩୦୦ ଆଳୁ ଟ୍ରକ୍ ପ୍ରବେଶ କରିଛି। ପଶ୍ଚିମବଙ୍ଗରୁ ୨୭୦ ଆଳୁ ଗାଡ଼ି ଆସିଥିବା ବେଳେ ୩୦ ଟ୍ରକ୍ ଉତ୍ତରପ୍ରଦେଶରୁ ଆସିଛି। ଏଥିଯୋଗୁ ତିନି ସପ୍ତାହ ପରେ ଆଳୁ ଦର ୪୦ ଟଙ୍କା ତଳକୁ ଖସିଛି। ହୋଲସେଲ ବ୍ୟବସାୟୀଙ୍କ କହିବା କଥା, ଏବେ ବି ପଶ୍ଚିମବଙ୍ଗ ପୋଲିସ ଆଳୁ ଗାଡ଼ିକୁ ଓଡ଼ିଶାକୁ ପଶିବାକୁ ଅନୁମତି ଦେଉନି। ଏଣୁ ବାଧହୋଇ ପାଇକାରୀ ବ୍ୟବସାୟୀ ଅଧିକ ଗାଡ଼ି ଭଡ଼ା ଦେଇ ଝାଡ଼ଖଣ୍ଡ ରାସ୍ତାରେ ରାଜ୍ୟକୁ ଆଳୁ ବୋଝେଇ ଟ୍ରକ୍ ଆଣୁଛନ୍ତି। ଯଦିଓ ହୋଲସେଲ ଦର କିଲୋପିଛା ୫ ଟଙ୍କା ପର୍ଯ୍ୟନ୍ତ ଖସିଛି ଖୁଚୁରା ବଜାରରେ ଦର ଖସୁନାହିଁ। ଏବେ ବି ଖୁଚୁରା ବଜାରରେ ଆଳୁ କିଲୋ ୪୦ ଟଙ୍କା ଉପରେ ବିକ୍ରି ହେଉଛି। ଏହାକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ୧ ନମ୍ବର ହାଟରେ ଚଢ଼ାଉ କରାଯାଇ କିଲୋପିଛା ୩୫ରୁ ୩୮ ଟଙ୍କାରେ ବିକିବାକୁ ତାଗିଦ୍ କରାଯାଇଛି।

# ଗୋଲାମୁଣ୍ଡା ବିଡିଓ ଅକ୍ଷମିତା କାର୍ତ୍ତିକ ନିଲମ୍ବିତ

ଭୁବନେଶ୍ୱର,୧୦।୮ (ଅନିଲ ଦାସ)

## ଦୁର୍ନୀତି ନିରୋଧୀ କାର୍ଯ୍ୟାନୁଷ୍ଠାନ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଅକ୍ଷମିତା କାର୍ତ୍ତିକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଏ ନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରାଯାଇଛି।

ଦୁର୍ନୀତି ଅଭିଯୋଗରେ ତାଙ୍କୁ କୋରାପୁଟ ଦୁର୍ନୀତି ନିବାରଣ ସଂସ୍ଥା ଦ୍ୱାରା ୨୦୨୪ ଅଗଷ୍ଟ ୨ ତାରିଖରେ ଗିରଫ କରାଯାଇ ୧୪ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଗୋଲାମୁଣ୍ଡା ବିଡିଓଙ୍କୁ ଓଡ଼ିଶା ସିଭିଲ ସର୍ଭିସ (ବର୍ଗୀକରଣ, ନିୟନ୍ତ୍ରଣ ଓ ଅପିଲ)ନିୟମାବଳୀ-୧୯୬୨ ଅନ୍ତର୍ଗତ ନିୟମ ୧୨(୨) ଅନୁଯାୟୀ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଆଦେଶ ଅଗଷ୍ଟ ୨ରୁ ଧରାଯିବ। ଏହି ନିଲମ୍ବନ ଆଦେଶ ବଳବତ୍ତର ଥିବା ପର୍ଯ୍ୟନ୍ତ ସେ କଳାହାଣ୍ଡି ଜିଲା ପରିଷଦଙ୍କ କାର୍ଯ୍ୟାଳୟରେ ଉପସ୍ଥାନ କରିବେ। ନିଲମ୍ବନ ସମୟରେ ସେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ରହିବେ। ତାଙ୍କ ଅନୁମତି ବିନା ସଦର ମହକୁମା ଛାଡ଼ିପାରିବେ ନାହିଁ।

# ୧ନଂ. ହାଟରେ ଯୋଗାଣ ବିଭାଗର ଚଢ଼ାଉ



ଭୁବନେଶ୍ୱର,୧୦।୮ (ବନ୍ଦନା ସେଠୀ)

## ୩୫ରୁ ୩୮ ଟଙ୍କାରେ ଆଳୁ ବିକ୍ରି କରିବାକୁ ତାଗିଦ୍

ପ୍ରାୟ ୨ ସପ୍ତାହ ହେବ ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଇଛି। କେଜି ପିଛା ୨୦ ଟଙ୍କାରେ ବିକ୍ରି ହେଉଥିବା ଆଳୁ ଏବେ ୬୦ ଛୁଇଁଛି। ଆଳୁ କିଲୋ ୩୫ ଟଙ୍କାରେ ବିକିବା ପାଇଁ ସରକାର ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ ସମସ୍ତେ ପାଳନ କରୁନାହାନ୍ତି। ଖୁଚୁରା ବଜାରରେ ଆଳୁଦର ଚଢ଼ା ଥିବା ଅଭିଯୋଗ ପରେ ଶନିବାର ରାଜଧାନୀର ପ୍ରମୁଖ ବଜାର ୟୁନିଟ୍-୧ ହାଟରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିସହ ଆଳୁ କେଜି ପିଛା ୩୫ରୁ ୩୮ ଟଙ୍କା ମଧ୍ୟରେ ବିକ୍ରି କରିବାକୁ ସମସ୍ତ ବ୍ୟବସାୟୀଙ୍କୁ ତାଗିଦ୍ କରାଯାଇଥିଲା। ଅଧିକାରୀଙ୍କ ତାଗିଦ୍ ପରେ ଗ୍ରାହକମାନେ ଆଳୁ ଦରକୁ ନେଇ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଏନେଇ ଅତିରିକ୍ତ ଯୋଗାଣ ଅଧିକାରୀ ବିଏମ୍‌ସି ରୋହିତ୍ ଦାସ କହିଛନ୍ତି, ଚଢ଼ା ଦରରେ ବିକ୍ରି ହେଉଛି କି ନାହିଁ ତାହା ଦେଖିବା ପାଇଁ ହାଟରେ ଚଢ଼ାଉ ହୋଇଥିଲା। ବ୍ୟବସାୟୀମାନେ ଆଳୁ କେଜି ପିଛା ୩୮ଟଙ୍କାରେ ବିକ୍ରି କରୁଛନ୍ତି। ଯେଉଁମାନେ ଭଲ ଆଳୁ ବାଛିକି ନେଉଛନ୍ତି, ସେମାନଙ୍କୁ ୪୦ଟଙ୍କା ଦରରେ ବିକ୍ରି କରାଯାଉଥିଲା। ତେବେ ସମସ୍ତଙ୍କୁ ୩୮ ଟଙ୍କାରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଏହାଠାରୁ ଅଧିକ ଦରରେ ବିକ୍ରି କଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ୍ କରାଯାଇଛି। ହେଲେ ଏହାକୁ ନେଇ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୩୮ଟଙ୍କାରେ ଆଳୁ ବିକିଲେ କଷ୍ଟେମଷ୍ଟେ ମୂଳ ପଇସା ଆସିଯିବ, ମାତ୍ର ଟଙ୍କାଟିଏ ଲାଭ ହେବନାହିଁ ବୋଲି ବ୍ୟବସାୟୀମାନେ କହିଛନ୍ତି। ଗୋଦାମରୁ ଆଳୁ କିଣି ସମାନ ଦରରେ ଗ୍ରାହକଙ୍କୁ ବିକିଲେ ଆମ ପେଟ କିପରି ପୋଷିବୁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ବିଏମ୍‌ସିର ପ୍ରାୟ ୭୦ଟି ଡିଲର ସେଣ୍ଟର ବା ଖୁଚୁରା ବିକ୍ରୟ କେନ୍ଦ୍ରରେ ଶନିବାରଠାରୁ ୩ କିଲୋ ଆଳୁକୁ ଶହେଟଙ୍କା ଦରରେ ବିକ୍ରି ଆରମ୍ଭ ହୋଇଛି। ବଜାରରେ ଆଳୁଦର ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଲୋକଙ୍କୁ ଏହି ସେବା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ଯୋଗାଣ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରୁ ସ୍ୱାଭାବିକ ଭାବେ ଆଳୁ ଆମଦାନୀ ହୋଇପାରୁ ନ ଥିବାରୁ ଓଡ଼ିଶାରେ ଗ୍ରାହକମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି। ପୁଣି ରାଜ୍ୟରେ ଆଳୁ ଦର ସବୁଠି ସମାନ ନ ଥିବାବେଳେ କେଉଁଠି ୪୦ ଟଙ୍କା ତ ଆଉ କେଉଁଠି ୫୦ ଓ ୬୦ ଟଙ୍କାରେ ବିକ୍ରି ହେଉଛି। ବିଶେଷକରି ଖୁଚୁରା ବଜାରରେ ଆଳୁ ଦରରେ ଏକପ୍ରକାର ନିଆଁ ଲାଗିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ଗୋଦରୀ କଲା ବେଉଷା,**
**ଲାଭ ଖାଇଗଲା ଚୁଟିଆ ମୂଷା ।**

ଗୋଦର ବାତ ରୋଗର ଗୋଟିଏ ଅବସ୍ଥା। ଏହି ରୋଗରେ ଗୋଡ଼ ପାଦ ପେଣ୍ଡା ଫୁଲିଯାଏ। ଗୋଦରା ବା ଗୋଦରୀ ବେଶି ଦୂରକୁ ଯାଇପାରେ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବା ଆସିବା କରିବା ଦରକାର ପଡୁଥିବା ବେଳେ ଏପରି ଅବସ୍ଥା ସେଥିରେ ପ୍ରତିବନ୍ଧକ ସାଜିଥାଏ। ଅନ୍ୟ ଅର୍ଥରେ ଜୀବନର ଠିକ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ସହଜେ ଗୋଦରୀ ପୁଣି ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ କରେ। ଏପରିସ୍ଥଳେ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଭିଆଡ଼ୀ ସୂତା କାଟିଲେ ରାଣ୍ଡେ,**
**ଅଭିଆଣ କଥା ଦେଖିଲେ ଦାଣ୍ଡେ ।**

ମଙ୍ଗଳସୂତ୍ର ସଧବା ସ୍ତ୍ରୀ କାଟିବା ବିଧି ଏବଂ ବିଧବା କାଟିବା ଶାସ୍ତ୍ରବିରୋଧୀ। ତେଣୁ ଯିଏ ଯେଉଁ କାମ କରିବା ନ୍ୟାୟସଙ୍ଗତ ନୁହେଁ, ସେହି କାମକୁ ସେ କରି ବସିବା ଭୁଲ ଏବଂ ଅନ୍ୟାୟ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରସାଦ ଯୋଜନାରେ ମା' କୀଚକେଶ୍ୱରୀ ମନ୍ଦିର

ବାରିପଦା, ୧୦।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ମୟୂରଭଞ୍ଜ ଜିଲା ଖିଚିଂସ୍ଥିତ ମା' କୀଚକେଶ୍ୱରୀ ମନ୍ଦିରକୁ 'ପ୍ରସାଦ'(ତୀର୍ଥସ୍ଥାନ ରୂପାନ୍ତର ଏବଂ ଆଧ୍ୟାତ୍ମିକ ଐତିହ୍ୟ ଅଭିବୃଦ୍ଧି ଅଭିଯାନ) ଯୋଜନାରେ ସାମିଲ କରାଯାଇଛି। ଏନେଇ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି (ନଂ. ୫୯୬୪/୩) ଅଗଷ୍ଟ ୨୦୨୪ରେ ପ୍ରକାଶିତ ବିଜ୍ଞପ୍ତିକୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କମିଟି ମାଧ୍ୟମରେ ପ୍ରସ୍ତାବିତ ଯୋଜନାର ରୂପରେଖ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ଐତିହ୍ୟ ସମ୍ପନ୍ନ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ହେବା ସହିତ ଏକ ଆଦର୍ଶ ତୀର୍ଥସ୍ଥଳୀ ଭାବେ ପରିଚିତ ହୋଇପାରିବ ବୋଲି ଜଣାପଡିବା ପରେ ଖୁସିର ମାହୋଲ ଦେଖାଦେଇଛି।



ଗଡଜାତ ରାଜ୍ୟ ମୟୂରଭଞ୍ଜର ରାଜଧାନୀ ଭାବେ ବର୍ତ୍ତମାନ ଜିଲାର ଖିଚିଂ ଏକ ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଚିତ। ଶିଳ୍ପ ବିହୀନ ଜିଲାରେ କଳା, ସଂସ୍କୃତି ଓ ପରମ୍ପରା ବହନ କରୁଥିବା ଶିଳ୍ପୀଙ୍କ କାରୁକାର୍ଯ୍ୟ ଅତ୍ୟନ୍ତ ମନୋରମ। ଏଠାରେ ଥିବା ସଂଗ୍ରହାଳୟ ରାଜ୍ୟର ପ୍ରଥମ ସଂଗ୍ରହାଳୟ ଭାବେ ଖ୍ୟାତି ରହିଛି। ଶତାଧିକ କାରୁକାର୍ଯ୍ୟସମ୍ପନ୍ନ ମୂର୍ତ୍ତି, କଳାକୃତି, ମୁଦ୍ରା, ଶିଳାଲେଖ, ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ, ଲୌହ ନିର୍ମିତ ଅସ୍ତ୍ରଶସ୍ତ୍ର ଆବିଷ୍କୃତ ହୋଇ ମନ୍ଦିର ପରିସୀମାରେ ଥିବା ସଂଗ୍ରହାଳୟରେ ସଂରକ୍ଷିତ ରଖାଯାଇଛି। ଅନେକ ଦୁର୍ମୂଲ୍ୟ କାରୁକାର୍ଯ୍ୟ ଖଚିତ ମୂର୍ତ୍ତି ଚୋରି ହୋଇଯାଇଥିବା ବେଳେ କେତେକ ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟକୁ ସ୍ଥାନାନ୍ତର କରାଯାଇଛି। ପର୍ଯ୍ୟଟନସ୍ଥଳୀର ପୁନରୁଦ୍ଧାର ନିମନ୍ତେ ଭାରତ ସରକାରଙ୍କ ପିଲ୍‌ଗ୍ରୀମେଜ ରିଜୁଭେନେସନ ଆଣ୍ଡ ସ୍ପିରିଚୁଆଲ ହେରିଟେଜ ଏଗ୍ରମେଣ୍ଟେଶନ ଡ୍ରାଇଭ (ତୀର୍ଥସ୍ଥାନ ରୂପାନ୍ତରଣ ଏବଂ ଆଧ୍ୟାତ୍ମିକ ଐତିହ୍ୟ ଅଭିବୃଦ୍ଧି ଅଭିଯାନ)ବା ପ୍ରସାଦରେ ସାମିଲ କରାଯାଇଛି। ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏଥିରେ ମୟୂରଭଞ୍ଜ ଏମ୍‌ପି କିମ୍ବା ତାଙ୍କ ପ୍ରତିନିଧି, ଯଶୀପୁର ବିଧାୟକ କିମ୍ବା ତାଙ୍କ ପ୍ରତିନିଧି, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ, ଜିଲାପାଳ ଓ ପର୍ଯ୍ୟଟନ ଅଧିକାରୀ ସଦସ୍ୟ ରହିବେ ବୋଲି ଜଣାପଡିଛି। କମିଟି ଗଠନ ହେବା ପରେ ଷ୍ଟେଟ ଇଣ୍ଟିଗ୍ରେଟେଡ ପ୍ଲାନ ଆପ୍ରୁଭାଲ କମିଟି(ଆଇପିଏସି)ର ଅନୁମୋଦନ ପରେ ପ୍ରସ୍ତାବିତ ପ୍ରକଳ୍ପଗୁଡିକ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁମୋଦନ କରାଯିବ ବୋଲି ଜଣାପଡିଛି। ତେବେ ଏହି ଯୋଜନାରେ ସାମିଲ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୨୯ରେ ମନ୍ଦିର ପରିଦର୍ଶନ କରିବାକୁ ଯାଇ ଘୋଷଣା କରିଥିଲେ। ଏହାଦ୍ୱାରା ରାଜ୍ୟର ସର୍ବୋତ୍ତମ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଖିଚିଂ ସ୍ଥାନ ପାଇବାକୁ ଥିବା ବେଳେ କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ବିଶ୍ୱ ଦରବାରରେ ସ୍ଥାନ ପାଇବ ବୋଲି ଜିଲାବାସୀ ଖୁସି ପ୍ରକଟ କରିଛନ୍ତି।

पर्यटन मंत्रालय MINISTRY OF TOURISM
NCHMCT
Institute of Hotel Management
Catering Technology & Applied Nutrition
Veer Surendra Sai Nagar, Bhubaneswar-751010
Ph. No.: (0674)2589241, E-mail: hospitality@ihmbbs.org
Website : www.ihmbbs.org
(An Autonomous Body under Ministry of Tourism, Govt. of India)
ADMISSION-2024
On behalf of National Council for Hotel Management and Catering Technology, Noida, IHM Bhubaneswar calls for application, from the eligible candidates to get admission in to 1st year of 3-Years B.Sc.-HHA (Hospitality & Hotel Administration) and M.Sc.-HA (Hospitality Administration) program with the following eligibility criteria against the residual vacancies at IHM Bhubaneswar which is an affiliated of NCHMCT.
Eligibility criteria for B.Sc.-HHA (Hospitality & Hotel Administration)
1. Candidate must have passed 12th Exam with minimum of 40% marks (in aggregate, in 10+2 system from a recognized board, either of any stream (Science/Arts/Commerce/Vocational).
2. English should be one of the compulsory subject in 12th level and have passed the subject.
3. There is No Age bar.
4. The program recognized by Jawaharlal Nehru University to award the final degree.
5. Reservation as per government rules.
Eligibility criteria for M.Sc.-HA (Hospitality Administration)
1. Graduation in any discipline from a recognized University.
2. There is No Age bar.
3. The program recognized by Jawaharlal Nehru University to award the final degree.
4. Reservation as per government rules.
Interested candidate must apply to the Institute by attaching the copies of testimonials latest by 16th August, 2024 either in person/by posts or vide email at hospitality@ihmbbs.org. Admission form and other details are available on the website www.ihmbbs.org .
Admission helpline Numbers:
8658755912, 9438810851, 8480309070 and 9937453823.
Sd/- (Principal)

# ସବୁଦିନ ଟ୍ରାଫିକ୍ ଜାମ

## ବାଣୀବିହାର, ରସୁଲଗଡ଼, ହଂସପାଳ ଛକ

### ଘଣ୍ଟା ଘଣ୍ଟା ଧରି ପୁଣି ଜାମ୍‌ରେ ଫସିଲେ ଲୋକେ

ଭୁବନେଶ୍ୱର,୧୦।୮
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ଜାମ୍ ସହରୀଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ପଦାକୁ ବାହାରିଲେ ଭିଡ଼ରେ ଫସିବା ଭୟ ରହୁଛି। ଅଫିସ୍ ବା ଗନ୍ତବ୍ୟସ୍ଥଳରେ କେତେବେଳେ ପହଞ୍ଚିବେ ଆଶଙ୍କାରେ ରହୁଛନ୍ତି। ସେହିଭଳି ସହରକୁ ଆସୁଥିବା ବା ସହର ଦେଇ ଯିବାଆସିବା କରୁଥିବା ଲୋକେ ମଧ୍ୟ ଭିଡ଼ରେ ଫସି ତିକ୍ତ ଅନୁଭୂତି ନେଇ ଯାଉଛନ୍ତି। ସହରର ଅଧିକାଂଶ ରାସ୍ତାରେ ଟ୍ରାଫିକ୍ ଜାମ୍ ହେଉଥିଲେ ମଧ୍ୟ ସବୁଠୁ ବିପଜ୍ଜନକ ଜୋନ୍ ପାଲଟିଛି ୧୬ ନମ୍ବର ଜାତୀୟ ରାଜପଥ। ବିଶେଷକରି ସନ୍ଧ୍ୟାହେଲେ ବାଣୀବିହାର, ରସୁଲଗଡ ଓ ହଂସପାଳ ଛକରେ ସବୁଦିନ ଟ୍ରାଫିକ ଜାମ୍ ହେଉଛି। ଦୁର୍ଘଟଣା କିମ୍ବା ବର୍ଷା ହେଲେ କଥା ସରିଲା। ଘଟଣାସ୍ଥଳରୁ ବହୁ କିମି ଯାଏ ଗାଡିମୋଟର ଅଟକି ରହୁଛି। କେବଳ ମୁଖ୍ୟ ରାସ୍ତା ନୁହେଁ, ଏହାକୁ ସଂଯୋଗ କରୁଥିବା ସହର ବା କଲୋନୀ ରାସ୍ତାରେ ମଧ୍ୟ ଲୋକେ ଫସି ରହୁଥିବାବେଳେ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ଇତିମଧ୍ୟରେ ଏସବୁସ୍ଥାନରେ ଅଧିକ ସଂଖ୍ୟକ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ ମଧ୍ୟ ସମସ୍ୟା ସୁଧୁରିବାର ନାଁ ଧରୁନି। ଶୁକ୍ରବାର ରସୁଲଗଡ ଛକରେ ଘଣ୍ଟା ଘଣ୍ଟା ଧରି ହୋଇଥିବା ଟ୍ରାଫିକ ଜାମ୍‌ରେ ଲୋକେ ଫସି ହଟହଟା ହୋଇଥିବାବେଳେ ଶନିବାର ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ଫଳରେ ଲୋକମାନଙ୍କୁ ଟ୍ରାଫିକରୁ ବାହାରିବା ପାଇଁ ବହୁ ହଇରାଣ ହେବାକୁ ପଡିଥିଲା। ତେବେ ଏହି ସମସ୍ୟା ଦୀର୍ଘବର୍ଷ ଧରି ଲାଗି ରହିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରୁ ନାହିଁ। ଏଥିପାଇଁ ତ୍ରୁଟିପୂର୍ଣ୍ଣ ଟ୍ରାଫିକ୍ ପରିଚାଳନା ସହ ମନମୁଖି ରାସ୍ତା ନିର୍ମାଣକୁ ଦାୟୀ କରାଯାଉଥିଲେ ମଧ୍ୟ ସେପରି ଦୃଢ଼ ପଦକ୍ଷେପ ନିଆଯାଉନାହିଁ। ସେହିପରି ରାସ୍ତା ଉପରେ ଅବାଧ ପାର୍କିଂ, ଯାତ୍ରୀବାହୀ ଯାନଗୁଡିକ ରାସ୍ତା ଉପରୁ ଯାତ୍ରୀ ଉଠାଇବା, ରଙ୍ଗରୁଟ୍‌ରେ ଗାଡି ଚଳାଚଳ ଯୋଗୁ ମଧ୍ୟ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି। ସହରରେ ଟ୍ରାଫିକ ଜାମ୍ ବଡ ସମସ୍ୟା ଭାବେ ଉଭା ହୋଇଥିଲେ ମଧ୍ୟ ଏଥିପ୍ରତି ପୋଲିସ, ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତତ୍ପରତା ନ ଦେଖାଇବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଶେଷକରି ବଡ ଧରଣର ଦୁର୍ଘଟଣା ଘଟିଲେ କିମ୍ବା ପ୍ରବଳ ବର୍ଷା ହେଲେ ଟ୍ରାଫିକ ଜାମ ହୋଇଥାଏ। କିନ୍ତୁ ଜାତୀୟ ରାଜପଥ ଓ ସହରର କୌଣସି ରାସ୍ତାରେ ସାମାନ୍ୟ ଦୁର୍ଘଟଣା ଘଟିଲେ କିମ୍ବା ଅନ୍ୟ କିଛି ଛୋଟ ମୋଟ କାରଣ ପାଇଁ ପ୍ରବଳ ଭିଡ ହେବା ଚିନ୍ତାର ବିଷୟ ପାଲଟିଛି। ଏମିତି କି ଶହେ ମିଟର ରାସ୍ତା ଯିବା ପାଇଁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। କଳ୍ପନାରୁ ରସୁଲଗଡ଼ ପର୍ଯ୍ୟନ୍ତ ଯାଇଥିବା କଟକ-ପୁରୀ ରୋଡ୍‌ରେ ଟ୍ରାଫିକ୍ ସମସ୍ୟା ଆଜିର ନୁହେଁ। ଦୀର୍ଘ ଦୁଇ ଦଶନ୍ଧି ଧରି ଏହି ରାସ୍ତାରେ ଭିଡ଼ ପରିଲକ୍ଷିତ ହେଉଛି। ସେହିପରି ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାରେ ମଧ୍ୟ ଅଧିକାଂଶ ସମୟରେ ଟ୍ରାଫିକ୍ ଜାମ୍ ହେଉଛି। ରାସ୍ତା ସମ୍ପ୍ରସାରଣ ସତ୍ତ୍ୱେ ବି ସମସ୍ୟାର ସ୍ଥାୟୀ ସମାଧାନ ଏପର୍ଯ୍ୟନ୍ତ ବାହାରିପାରିନାହିଁ। ଅନ୍ୟପଟେ ଟ୍ରାଫିକ ପରିଚାଳନାରେ ଅଧିକ ପୋଲିସ କିମ୍ବା ଫୋର୍ସ ମୁତୟନ ହେଉ ନ ଥିବାରୁ ଟ୍ରାଫିକ କ୍ଲିୟର ହେବାକୁ ଘଣ୍ଟା ଘଣ୍ଟା ସମୟ ଲାଗୁଛି। ସେହିଭଳି ପର୍ବପର୍ବାଣି ଓ ଭିଆଇପିଙ୍କ ଆଗମନ ସମୟରେ ରାସ୍ତା ଜାମ୍ ହେଉଛି। ତେଣୁ ଏହାର ସ୍ଥାୟୀ ସମାଧାନ ବାହାର କରି ଠିକ୍ ଟ୍ରାଫିକପରିଚାଳନାକରିବାକୁଦାବିହେଉଛି।



ଟ୍ରାଫିକ୍ ଜାମ୍ ଯୋଗୁ ଭୁବନେଶ୍ୱର ସତ୍‌ସଙ୍ଗବିହାର ସମ୍ମୁଖ ଜାତୀୟ ରାଜପଥ ଏବଂ ଓଭରବ୍ରିଜ୍‌ରେ ଗାଡ଼ିମୋଟର ଫସି ରହିଛି।


ରସୁଲଗଡ଼ ଛକରୁ କଟକ ରୋଡ୍‌ର ବହୁ ବାଟ ଯାଏ ଗାଡ଼ିଗୁଡ଼ିକ ଅଟକି ରହିଛି।

# ଛାତ୍ରୀଛାତ୍ରଙ୍କୁ ନିୟମିତ ସ୍କୁଲ ପଠାଇବାକୁ ପରାମର୍ଶ

ବାଲିଅନ୍ତା,୧୦।୮
(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ- ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ମ ଶ୍ରେଣୀର ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ବୈଠକରେ ବିଦ୍ୟାଳୟ ଅଧକ୍ଷ ସତ୍ୟବ୍ରତ ସାମଲ ଛାତ୍ରୀଛାତ୍ରଙ୍କ ପାଠପଢାରେ ଉନ୍ନତି ପାଇଁ ନାନା ପରାମର୍ଶ ଦେଇଥିଲେ। ବିଶେଷକରି ଛାତ୍ରୀଛାତ୍ରଙ୍କୁ ନିୟମିତ ସ୍କୁଲ ପଠାଇବା ସହ ମୋବାଇଲ ଫୋନର ଅଧିକ ବ୍ୟବହାର ଉପରେ ରୋକ୍ ଲଗାଇବାକୁ ଉପସ୍ଥିତ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଭିଭାବକମାନେ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଛାତ୍ରୀଛାତ୍ର ଆଗାମୀ ପରୀକ୍ଷାରେ ଭଲ ରେଜଲ୍ଟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଶିକ୍ଷୟିତ୍ରୀ ସ୍ମୃତିଦୀପ୍ତା ସ୍ୱାଇଁ, ଶୁଭଶ୍ରୀ ମହାରଣା, ପ୍ରଜ୍ଞା ପାରମିତା ପରିଡ଼ା, ସୁଚିତ୍ରା ପାଣି, ସାଗରିକା ବିଶ୍ୱାଳ ଓ ଶିକ୍ଷକ ରାଜେଶ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର, ୧୦।୮
(ଅସମାପିକା ସାହୁ)

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷର ଦ୍ୱିତୀୟ ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ (ଏସ୍‌ଏମ୍‌ସି)/ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ (ଏସ୍‌ଏମ୍‌ଡିସି) ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହିଆଲୋଚନାରେ ସମସ୍ତ ସଭ୍ୟ ଓ ଅଭିଭାବକ ଯୋଗଦେଇଥିଲେ। ବୈଠକରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା ବ୍ୟବସ୍ଥା, ଅନଲାଇନ୍ ସୁରକ୍ଷା ଓ ସାଇବର ସଚେତନତା, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି-୨୦୨୪, ବିଦ୍ୟାଳୟର ୟୁଥ୍ ଏବଂ ଇକୋ କ୍ଲବ୍ ଗଠନ, ଛାତ୍ରୀଛାତ୍ରଙ୍କୁ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମଲେଖାଇବା ଓ ନିୟମିତ ଭାବରେ ଶିକ୍ଷା ସମାପ୍ତିକୁ ସୁନିଶ୍ଚିତ କରିବା, ବେଟୀ ବଚାଓ ବେଟୀ ପଢ଼ାଓ, କିଶୋରୀ ଛାତ୍ରୀମାନଙ୍କ ପାଇଁ ଇନ୍‌ସିନରେଟର ଓ ଭେଣ୍ଡିଂ ମେଶିନର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ପରିଦର୍ଶନ କରିଥିଲେ।


ବୈଠକରେ ଉପସ୍ଥିତ ଅଭିଭାବକମାନେ।

# 'କଟକ ପାଇଁ ନିବେଦିତାଙ୍କ ଅବଦାନ ଅତୁଳନୀୟ'

କଟକ,୧୦।୮ (ଶିଲ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି)ର ପ୍ରଥମ ମେୟର ନିବେଦିତା ପ୍ରଧାନଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ସିଡିଏସ୍ଥିତ ୱିଣ୍ଡସର ପ୍ଲେସ୍‌ଠାରେ ଏକ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ନିବେଦିତା ପ୍ରଧାନ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସଭାରେ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଛନ୍ତି, କଟକକୁ ନୂଆ ରୂପରେଖ ଦେବା କ୍ଷେତ୍ରରେ ନିବେଦିତାଙ୍କ ଅବଦାନ ଅତୁଳନୀୟ। ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ସେ ସବୁଦିନ ଚିରସ୍ମରଣୀୟ ହୋଇ ରହିବେ ବୋଲି ପାଢ଼ୀ କହିଛନ୍ତି। ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଓଡ଼ିଶାରେ ନାରୀନେତ୍ରୀ ଭାବେ ନିବେଦିତା ସୁପରିଚିତ। ତାଙ୍କ ଭଳି ମନୋଭାବ ନେଇ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ। ଏଥିରେ ଅନ୍ୟତମ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଚାରପତି ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ମହିଳାଙ୍କୁ ନିବେଦିତା ପ୍ରଧାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ତଥା ସ୍ମୃତି ପରିଷଦର ସଭାପତି ସମୀର ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଭାଜପାର ବରିଷ୍ଠ ନେତା ବିନୋଦ ଦାସ, କର୍ପୋରେଟର ଲକ୍ଷ୍ମୀଧର ବେହେରା, ଗୋପାଳ ବେହେରା, ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଆଇନଜୀବୀ ଶିବା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ



ବିଶ୍ୱଶାନ୍ତି ପାଇଁ କାର୍ଯ୍ୟକ୍ରମରେ ନିବେଦନ କରାଯାଉଛି।

## ନାଗାସାକି ଦିବସ

ଭୁବନେଶ୍ୱର, ୧୦।୮
(ବନ୍ଦନା ସେଠୀ)

୧୯୪୫ ଅଗଷ୍ଟ ୬ ଓ ୯ରେ ଜାପାନର ହିରୋଶିମା ଏବଂ ନାଗାସାକି ସହର ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ପରମାଣୁ ବୋମା ନିକ୍ଷେପଣର ହୃଦୟବିଦାରକ ବିନାଶ ଆଜି ବି ଇତିହାସର ଏକ କଳାଫର୍ଦ୍ଦ ହୋଇରହିଛି। ଏହି ବିଧ୍ୱଂସରେ ଲକ୍ଷଲକ୍ଷ ଲୋକଙ୍କ ଜୀବନହାନି ହୋଇଥିଲା। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ପ୍ରତିବର୍ଷ ଅଗଷ୍ଟ ୯କୁ ନାଗାସାକି ଦିବସ ଭାବେ ପାଳନ କରାଯାଉଛି। ଏହି ଦୁଃଖଦ ଦିବସକୁ ମନେପକାଇବା ସହ ଯୁଦ୍ଧ ନୁହେଁ ବରଂ ଆମକୁ ଶାନ୍ତି ଆବଶ୍ୟକ ବୋଲି ଦର୍ଶାଇ ସ୍ନେହ ଅନୁଷ୍ଠାନ ପକ୍ଷରୁ ଶନିବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସାଲିଆ ସାହି ବସ୍ତିରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କ ମଧ୍ୟରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିସହ ଯୁଦ୍ଧର କୁପରିଣାମ ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ବିଶ୍ୱବନ୍ଦିତା ସ୍ୱାଇଁ, ବନ୍ଦନା ସେଠୀ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଶାନ୍ତିପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର କର୍ମଚାରୀ ସ୍ୱସ୍ତିକା ଷଡ଼ଙ୍ଗୀଙ୍କ ଦ୍ୱାରା ଡକ୍ୟୁମେଣ୍ଟାରି ପ୍ରଦର୍ଶିତ ହୋଇଥିଲା। ଭବିଷ୍ୟତର ବିପର୍ଯ୍ୟୟକୁ ରୋକିବାରେ ଯୁବ ସମାଜର ଭୂମିକା ଏବଂ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାର ମହତ୍ତ୍ୱ ଉପରେ ଦୁଇଜଣ ସ୍ୱେଚ୍ଛାସେବୀ ସେମାନଙ୍କ ଭାବନା ବାଣ୍ଟିଥିଲେ। ଏହାପରେ ୟୁଥ୍ ସେଲ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଶାନ୍ତି ସଙ୍ଗୀତରେ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ତରଫରୁ ଦିବାକର ମାହାଳି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ସାଇ ଇଣ୍ଟରନ୍ୟାଶନାଲ୍‌ରେ 'ସାଇ ଗିଫ୍‌ଟେଡ୍ ପ୍ରୋଗ୍ରାମ'

ଭୁବନେଶ୍ୱର, ୧୦।୮
(ବନ୍ଦନା ସେଠୀ)

ସାଇ ଇଣ୍ଟରନ୍ୟାଶ୍‌ନାଲ୍ ସ୍କୁଲରେ ସାଇ ଗିଫ୍‌ଟେଡ୍ ପ୍ରୋଗ୍ରାମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଏବଂ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ ସ୍କୁଲର ସିବିଏସ୍‌ଇ, ଆଇସିଏସ୍‌ଇ ଏବଂ କେମ୍ବ୍ରିଜ୍ ବିଦ୍ୟାଳୟର ଅଷ୍ଟମରୁ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହା ଶିକ୍ଷା ଅନୁଭୂତି ସହ ଏକବିଂଶ ଶତାବ୍ଦୀର ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ଆତ୍ମବିଶ୍ୱାସ, ନେତୃତ୍ୱ ନେବାର କୌଶଳ, ଉତ୍ପାଦନ ଡିଜାଇନିଂ ଓ ଡିଜାଇନ୍ ଚିନ୍ତାଧାରା ବିଷୟରେ ପ୍ରଶିକ୍ଷଣ ପ୍ରଦାନ ଉପରେ ପର୍ଯ୍ୟବସିତ। ଆମେରିକାର ମିଚିଗାନ୍ କଲେଜ୍ ଆସୋସିଏଶନ୍ ସହଯୋଗରେ ଡେଟ୍ରୋଇଟ୍ ୟୁନିଭର୍ସିଟିର ପ୍ରଫେସର ଷ୍ଟିଫେନ ସ୍ଲକ୍, ଆଣ୍ଡ୍ରିୟୁ ୟୁନିଭର୍ସିଟିର ଡ. ସଙ୍ଗ୍ କେ କଙ୍ଗ, ଆଲ୍‌ମା କଲେଜର ଜ୍ୟାକବ୍ କିଲେ ଓ ଆଲ୍‌ମା କଲେଜର ନୟୋନିକା ସିଙ୍ଘାଲ ଉପସ୍ଥିତ ରହି ଯଥାକ୍ରମେ ଏଆଇ ରୋବୋଟିକ୍ସ, ଡିଜାଇନ୍, ନେତୃତ୍ୱ, ଆତ୍ମବିଶ୍ୱାସ ବୃଦ୍ଧି ଉପରେ ଜ୍ଞାନ ପ୍ରଦାନ କରିଥିଲେ। ଡିଜାଇନ ଚିନ୍ତାଧାରାର ୫ଟି ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯାଇଥିଲା। ସାଇ ଇଣ୍ଟରନ୍ୟାଶ୍‌ନାଲ୍ ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ସହିତ ଦକ୍ଷତା ବୃଦ୍ଧି କରିବା 'ସାଇ ଗିଫ୍‌ଟେଡ୍ ପ୍ରୋଗ୍ରାମର ମୂଳ ଲକ୍ଷ୍ୟ। ବିଶେଷଜ୍ଞଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗିତା ପାଇଁ ଆଗ୍ରହ ସୃଷ୍ଟି କରିବାରେ ସହାୟକ ହେବ। ଅଗଷ୍ଟ ୫ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ତିନି ସପ୍ତାହ ପର୍ଯ୍ୟନ୍ତ ଚାଲୁ ରହିବ।



'ସାଇ ଗିଫ୍‌ଟେଡ୍ ପ୍ରୋଗ୍ରାମ'ରେ ଯୋଗଦେଇଥିବା ଛାତ୍ରଛାତ୍ରୀ।

# ଛାତ୍ରୀଛାତ୍ରଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବାକୁ ଆହ୍ୱାନ

ଭୁବନେଶ୍ୱର, ୧୦।୮
(ଅସମାପିକା ସାହୁ)

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଚାଲିଥିବା ୪ଦିନିଆ ବହୁଭାଷୀ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜନଜାତି ନିର୍ଦ୍ଦେଶକ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ସଦସ୍ୟ ସଚିବ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଜନଜାତି ଛାତ୍ରୀଛାତ୍ର ସାମ୍ନା କରୁଥିବା ଭାଷା ସମ୍ବନ୍ଧୀୟ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ବହୁଭାଷୀ ଶିକ୍ଷକ ପ୍ରଶିକ୍ଷାର୍ଥୀମାନେ ଏହି ଶିବିରରୁ ଆହରଣ କରିଥିବା ଜ୍ଞାନ ଛାତ୍ରୀଛାତ୍ରଙ୍କ ବିକାଶ କ୍ଷେତ୍ରରେ ବିଶେଷ ଉପଯୋଗୀ ହୋଇପାରିବ। ପିଲାମାନଙ୍କୁ ନିଜ ସନ୍ତାନ ଭଳି ସମାନ ବିଚାର କରି ସେମାନଙ୍କ ପ୍ରତି ଅଧିକ ଯତ୍ନଶୀଳ ଓ ଦାୟିତ୍ୱବାନ ହେବାକୁ ଶିକ୍ଷକଙ୍କୁ ସେ ଆହ୍ୱାନ ଦେଇଥିଲେ।


ପ୍ରଶିକ୍ଷଣ ନେଇଥିବା ବହୁଭାଷୀ ଶିକ୍ଷକମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## ବହୁଭାଷୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୋର୍ଦ୍ଧା ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ ଯୋଗଦେଇ ଶ୍ରେଣୀଗୃହରେ ଭାଷାକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ସପ୍ତାହରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାରେ ନିଯୁକ୍ତ ଭାଷା ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ ହେବ ବୋଲି ସହ ନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆ ସୂଚନା ଦେଇଥିଲେ। ଏହି ଶିବିରରେ ୫୦ ଜଣ ବହୁଭାଷୀ ଶିକ୍ଷକ ପ୍ରଶିକ୍ଷାର୍ଥୀ ଭାବେ ଯୋଗଦେଇ ପାଠ୍ୟପୁସ୍ତକ, ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ସହିତ ଜନଜାତି ଭାଷାର ସଂଯୋଜନ ଆଦି ଉପରେ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷଣ ନେଇଥିବା ଶିକ୍ଷକଙ୍କ ହସ୍ତ ଲିଖିତ ତିନୋଟି ପତ୍ରିକା ଯଥା 'କଥା ବାର୍ତ୍ତା' ଓ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ଏମ.ଏଲ.ଇ ଏବଂ ଏଫ.ଏଲ.ଏନ୍ ପାଇଁ ଉପଯୋଗୀ ଶିକ୍ଷଣୀୟ ଉପକରଣ ଭାଗ-୧ ଓ ଭାଗ-୨ ଉନ୍ମୋଚିତ କରାଯାଇଥିଲା। ଏଥିସହିତ ସମସ୍ତ ପ୍ରଶିକ୍ଷାର୍ଥୀ ଶିକ୍ଷକଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଗବେଷଣା ସହାୟିକା ଡ. ସଞ୍ଜୁକ୍ତା ମହାରଣା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ବାଣପୁର,୧୦।୮ (ଦିଲୀପ କୁମାର ସ୍ୱାଇଁ)

ନାରୁଣୀ ଥାନା ଅଧୀନ ଆୟତପୁରର ତୋଟା ଗ୍ରାମର ଶିବାନୀ ବରାଳଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିବା ନେଇ ନାରୁଣୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଣପୁର ବ୍ଲକ ଅନ୍ତର୍ଗତ ନୟାକୋଟ ଗ୍ରାମର ଶିବାନୀ ୨ବର୍ଷ ପୂର୍ବେ ତୋଟା ଗ୍ରାମର ପବିତ୍ର ବରାଳଙ୍କୁ ବିବାହ କରିଥିଲେ। ତେବେ ବିବାହ ବେଳେ ଦାବି ମୁତାବକ ଯୌତୁକ ଭାବେ ୧ଲକ୍ଷ ଟଙ୍କା, ସୁନାଚେନ, ଦୁଇଟି ସୁନା ମୁଦି, ବ୍ରେସଲେଟ, ଫ୍ରିଜ, ଗ୍ରାଇଣ୍ଡର ଦିଆଯାଇଥିଲା। ତେବେ ବିବାହର ୩ମାସ ପରେ ଯୌତୁକ ବାବଦ ଆହୁରି ଟଙ୍କା ଓ ଏକ ବାଇକ୍ ବାପଘରୁ ଆଣିବାକୁ ଶିବାନୀଙ୍କୁ ଶାଶୁଘର ଲୋକେ କହିଥିଲେ। ଶିବାନୀ ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ବିଭିନ୍ନ ସମୟରେ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ। ଏପରିକି ଖାଦ୍ୟରେ ବିଷ ମିଶାଇ ମାରିଦେବାକୁ ଚେଷ୍ଟା କରିଥିଲେ। ଶାଶୁଘର ଲୋକେ ପୁଣି ଶିବାନୀଙ୍କୁ ମାଡ଼ ମାରିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଖବରପାଇ ବାପଘର ଲୋକେ ପହଞ୍ଚି ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହେବା ପରେ ଏନେଇ ଶିବାନୀ ନାରୁଣୀ ଥାନାରେ ଅଭିଯୋଗ କରିଛନ୍ତି।

### ଯୁବକଙ୍କୁ ଟେକିନେଇ ଆକ୍ରମଣ ଘଟଣା, ୨ଗିରଫ

ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)

ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ଟେକିନେଇ ପୁଣି ମାଡ଼ ମାରିବା ଅଭିଯୋଗରେ ଖୋର୍ଦ୍ଧା ଟାଉନ ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ତୋଟାପଡା ଟାଙ୍ଗୀସାହିର ଅଜିମୁଦ୍ଦିନ ଖାନ ଓରଫ ଅଜିମ(୩୦) ଓ ସେକ ନଜି ଅଲ୍ଲୀ ଓରଫ ରାଜା(୩୬)। ତେବେ ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, ଗତ ବୁଧବାର ମୁକୁନ୍ଦପ୍ରସାଦ ପୋଡାସାହିର ବିଶ୍ୱଜିତ ମହାରଣା ଓ ମୁକେଶ ସେଠୀ ନୂଆ ବସଷ୍ଟାଣ୍ଡ ନିକଟ ଏକ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ତୋଟାପଡ଼ାରୁ ୧୦ରୁ ୨୦ଜଣ ଯୁବକ ହଠାତ୍ ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସେଠାରୁ ଉଠାଇନେଇ ତୋଟାପଡା କ୍ଲବ ଘରେ ପୁଣି ମାଡ ମାରିବା ସହ ହିନ୍ଦୁଧର୍ମକୁ ନେଇ ଆକ୍ଷେପ, ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଗୋଚାଲାଣରେ ପ୍ରତିବନ୍ଧକ ସାଜିଥିବାରୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ୫୦ହଜାର ଟଙ୍କା ଏବଂ ସୁନାଚେନ ଲୁଟିନେଇଥିଲେ ବୋଲି ବିଶ୍ୱଜିତ ଥାନାରେ ପ୍ରାୟ ୨୧ଜଣ ଯୁବକଙ୍କ ନାଁରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୯୪/୨୪)ରୁଜୁ କରି ତଦନ୍ତ ଚଳାଇବା ସହ ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

# ବଜାର ବନ୍ଦ, ୧୪ ପ୍ଲାଟୁନ ଫୋର୍ସ ମୁତୟନ



ଛଣଗିରିରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି।



ବନ୍ଦ ରହିଥିବା ବଜାର।

ନିରାକାରପୁର,୧୦।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

**ଗୋରୁ ବୋଝେଇ ଗାଡ଼ିକୁ ନେଇ ତୁମୁଳକାଣ୍ଡ ଘଟଣା**

■ ସ୍ୱାଭାବିକ ସ୍ଥିତିକୁ ଫେରୁଛି ଛଣଗିରି

ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ପଞ୍ଚାୟତ ଅଞ୍ଚଳରେ ଏକ ଗୋରୁ ଗାଡ଼ିକୁ ନେଇ ଶୁକ୍ରବାର ତୁମୁଳକାଣ୍ଡ ଘଟିଛି। ମୁସଲିମ୍ ସମ୍ପ୍ରଦାୟର କେତେଜଣ ବ୍ୟକ୍ତିଙ୍କ ସହ ହିନ୍ଦୁ ସଙ୍ଗଠନର କର୍ମୀମାନଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏପରିକି କେତେଜଣ ଖଣ୍ଡା ବୁଲାଇବା ସହ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ଓ ଦୋକାନ ଭଙ୍ଗାରୁଜା ହୋଇଛି। ପରେ ୫ଦଫା ଦାବିରେ ହିନ୍ଦୁ ସଙ୍ଗଠନର କର୍ମୀମାନେ ଜଙ୍କିଆଠାରେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀଙ୍କ ସମେତ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ଓ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଶନିବାର ଉକ୍ତ ଅଞ୍ଚଳରେ ସ୍ୱାଭାବିକ ସ୍ଥିତି ଫେରିଥିବା ବେଳେ ଗ୍ରାମବାସୀ ରାସ୍ତାରେ ଯାତାୟାତ କରିଥିଲେ। ତେବେ ଛଣଗିରି ବଜାର ବନ୍ଦ ରହିଥିବା ବେଳେ ଗ୍ରାମରେ ଥିବା ଦୋକାନ ଖୋଲାଥିବା ଦେଖିବାକୁ ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଗ୍ରାମର ପ୍ରତ୍ୟେକ ଛକ, ମନ୍ଦିର ନିକଟରେ ଫୋର୍ସ ମୁତୟନ ରହିଛନ୍ତି। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ରାସ୍ତାରୋକୋ ହୋଇଥିବା ଖବରପାଇ ପୋଲିସ ଓ ବିଧାୟକ ଜଗଦ୍ଦେବଙ୍କ ସହ ପହଞ୍ଚି ବୁଝାଶୁଝା କରିଥିଲୁ। ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକା ପ୍ରତ୍ୟାହୃତ ହୋଇଥିଲା।

# ବଦଳିଲେ ସଦର ଏସ୍‌ଡିପିଓ

ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କୁ କଟକ ମୁଖ୍ୟାଳୟକୁ ବଦଳି କରାଯାଇଛି। ଖୋର୍ଦ୍ଧା ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ଡିଏସ୍‌ପି ଅନିଲ ମହାନ୍ତିଙ୍କୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସଦର ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଛି। ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ହୋଇପଡିଥିଲେ ଦିଲୀପ। କଟକ ମୁଖ୍ୟାଳୟରୁ ତାଙ୍କ ବଦଳି ଆଦେଶ ପ୍ରକାରେ ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ ତଥା ଡିଆଇଜି ଅବିନାଶ କୁମାର ଶନିବାର ତାଙ୍କୁ ଏଠାରୁ ସ୍ଥାନାନ୍ତର କରିଛନ୍ତି।

ପ୍ରକାଶ ଯେ, ନିକଟରେ ଜବତ ହୋଇଥିବା ଗୋରୁ ଗାଡି ଛାଡିବା ନେଇ ଶିଳ୍ପାଞ୍ଚଳ ଥାନାରେ ଦିଲୀପ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିବା ନେଇ ଏସ୍‌ପିଙ୍କ ନିକଟରେ ଲିଖିତ ଭାବେ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ ଥାନାରେ ଏହାର ତଦନ୍ତ କରି ଏସ୍‌ପିଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ସେହିପରି ଖୋର୍ଦ୍ଧାରେ ବଢ଼ିଚାଲିଥିବା ଗୋ ଚାଲାଣକାରୀଙ୍କ ସମ୍ପୃକ୍ତି ନେଇ ଶତାଧିକ ଗୋଭକ୍ତ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅତିରିକ୍ତ ଏସ୍‌ପିଙ୍କ ରିପୋର୍ଟ ଏବଂ ଗୋଭକ୍ତ ମାନଙ୍କ ଅଭିଯୋଗକୁ ଭିତ୍ତିକରି ଡିଆଇଜି ପୋଲିସ ମହାନିର୍ଦ୍ଦେଶକଙ୍କୁ ରିପୋର୍ଟ କରିଥିଲେ। ଏସପିଙ୍କ ରିପୋର୍ଟ ଆଧାରରେ ଏସଡିପିଓ ଦିଲୀପଙ୍କ ବଦଳି ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସେହିଭଳି ସାଧାରଣ ନିର୍ବାଚନ ସମୟରେ ବୋଲଗଡ ଥାନା ଅଞ୍ଚଳର ଏକ ବୁଥରେ ଇଭିଏମ ଭାଙ୍ଗାରୁଜା ଘଟଣାରେ ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫକୁ ନେଇ ବିବାଦ ଘେରକୁ ଆସିଥିଲେ ଦିଲୀପ। ଏପରିକି ଭାଜପାର କର୍ମକର୍ତ୍ତା ତାଙ୍କ ବିରୋଧରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ତାଙ୍କ ବଦଳି ଦାବି କରିଥିଲେ। ଅନ୍ୟପଟେ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଦିଲୀପ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ତାଙ୍କ ସମୟରେ ସବୁଠାରୁ ଅଧିକ ଗୋ'ଚାଲାଣ, ଗୋମାଂସ ଜବତ କରାଯାଇଥିବା ବେଳେ ଏକାଧିକଙ୍କୁ ଗିରଫ କରାଯାଇଛି। ଏକାଧିକ ବେଆଇନ ଖଣିରେ ଚଢ଼ାଉ କରାଯାଇ ବ୍ୟବହୃତ ସାମଗ୍ରୀ ଜବତ ସହ ବହୁଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଶିଳ୍ପାଞ୍ଚଳ ଥାନାର କେଜେଜଣ ପୋଲିସ କର୍ମଚାରୀ ତାଙ୍କ ବିରୋଧରେ ଆଣିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଦିଲୀପ କହିଛନ୍ତି।

# ଅନୁପ୍ରବେଶକାରୀଙ୍କୁ ରୋକିବାକୁ ଚିଲିକାରେ ପାଟ୍ରୋଲିଂ



କୃଷ୍ଣପ୍ରସାଦ,୧୦।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ବାଂଲାଦେଶୀଙ୍କ ଅନୁପ୍ରବେଶ ଆଶଙ୍କା ନେଇ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅରଖକୁଦା ମେରାଇନ ଥାନା ପୋଲିସର ୨୪ଘଣ୍ଟିଆ ପଇଁତରା ଚିଲିକାରେ ଆରମ୍ଭ ହୋଇଛି। ଅରଖକୁଦା ମେରାଇନ ଥାନା ଆଇଆଇସି ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ପାଟ୍ରୋଲିଂକୁ ଜୋରଦାର କରାଯାଇଛି। ସ୍ୱତନ୍ତ୍ର ବୋଟ୍ ଓ ଇଣ୍ଟରସେପ୍ଟର ବୋଟ୍ ଦ୍ୱାରା ପାଟ୍ରୋଲିଂ ଜାରି ରହିଛି। ଶୁକ୍ରବାର ସାତପଡ଼ା, ଜହ୍ନିକୁଦା, ମହିଁସା ବ୍ରହ୍ମପୁର ପର୍ଯ୍ୟନ୍ତ ମେରାଇନ ପୋଲିସ ପାଟ୍ରୋଲିଂକୁ କଡାକଡି କରିଛି। ନୌଚାଳକ, ତଟରକ୍ଷୀ ବାହିନୀ, ସୁରକ୍ଷା କର୍ମୀ, ପୋଲିସ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି। ବାଇନାକୁଲାର ଦ୍ୱାରା ଟିମ୍ ବିଭିନ୍ନ ବୋଟ୍ ଉପରେ ନଜର ରଖିଛନ୍ତି। ମେରାଇନ ପୋଲିସ ଉପକୂଳରେ ସଜାଗ ରହିଛି। ଚିଲିକା କୂଳରେ ମଧ୍ୟ ସନ୍ଦେହ ହେଉଥିବା ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଉଛି। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ଖବର ଦେବାକୁ ପୋଲିସ ପକ୍ଷରୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ଅନୁରୋଧ କରାଯାଇଥିବା ଆଇଆଇସି ସସ୍ମିତା ବେହେରା ସୂଚନା ଦେଇଛନ୍ତି।

## ଚାରାରୋପଣ କାର୍ଯ୍ୟକ୍ରମ

ବେଗୁନିଆ,୧୦।୮ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ସ୍ଥାନୀୟ ପତିତପାବନ ଯୁବକ ସଂଘ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ପ୍ରାୟ ୨ଶହ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତି ରଞ୍ଜନ ବେହେରା, ବେଗୁନିଆ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲ୍ଲୀପ କୁମାର ରାୟ, ସମ୍ପାଦକ ଭାଗୀରଥି ପରିଡ଼ା, ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ସଭାପତି ଦୀନବନ୍ଧୁ ଦାଶ, ପ୍ରତାପ କୁମାର ସାହୁ, ଶିକ୍ଷକ ରଶ୍ମିଚାନ୍ଦ କରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ସୁସ୍ଥ ପରିବେଶ ବିକଶିତ କରିବାକୁ ହେଲେ ଚାରାଟିଏ ଲଗାଇ ତାର ଯତ୍ନ ନେବା ନିହାତି ଜରୁରୀ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ପତିତପାବନ ଯୁବକ ସଂଘର ଉପଦେଷ୍ଟା ଦିବାକର ସାହୁ, ସଭାପତି ହିମାଂଶୁ ଭୂଷଣ ଦାଶ, ଉପସଭାପତି ବିଶ୍ୱରଞ୍ଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, ସହ-ସମ୍ପାଦକ ବଟକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ରାକେଶ ହରିଚନ୍ଦନ, ଲାଲା ଅମିତ ରାୟ, ସରୋଜ ମହାପାତ୍ର, ସନାତନ ମଲିକ, ସତ୍ୟପ୍ରିୟ ମହାପାତ୍ର ପରିଚାଳନା କରିଥିଲେ।

# ଜଟଣୀରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଜଟଣୀ, ୧୦।୮ (ରବୀନ୍ଦ୍ରନାଥ ମହାକୁଡ଼)

କମିଶନରେଟ୍ ପୋଲିସ ଜଟଣୀ ପକ୍ଷରୁ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମରେ ଜଟଣୀ ପୋଲିସ ଏବଂ ଭୁବନେଶ୍ୱର ରିଜର୍ଭ ବାଟାଲିୟନ ମିଳିତ ଭାବେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଜଟଣୀ ଥାନା ଅଞ୍ଚଳରେ କୌଣସି ବିଶୃଙ୍ଖଳାରୁ ସାଧାରଣ ଜନତାଙ୍କୁ ନିବୃତ୍ତ ରଖିବା ଏବଂ ଶାନ୍ତିରକ୍ଷା ଉଦ୍ଦେଶ୍ୟରେ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ଜଣାପଡିଛି। ୱାଟର କ୍ୟାନନ୍ୟନ ସହିତ ସତର୍କ ସାଇରନ ବଜାଇ ଫ୍ଲାଗମାର୍ଚ୍ଚ କରାଯାଇଥିବା ଦେଖିବାକୁ ମିଳିଥିଲା।

# ଧନ୍ଦାମୂଳକ ପ୍ରଶିକ୍ଷଣ ପାଇଁ ୨୫ ମନୋନୀତ

ବୋଲଗଡ,୧୦।୮ (ଦେବବ୍ରତ ହୋତା)





କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବୋଲଗଡ ବ୍ଲକ ରାଜୀବ ଗାନ୍ଧୀ ସଭା ଗୃହଠାରେ କିଶୋରୀ ବାଳିକାମାନଙ୍କୁ ଧନ୍ଦାମୂଳକ ଶିକ୍ଷା, ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସୁଯୋଗ ଦେବା ନେଇ ଏକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ପାଠ ଛାଡ଼ିଥିବା ୧୮ରୁ ୩୫ ବର୍ଷ ଝିଅ ଓ ମହିଳାମାନେ କିପରି ପୁନର୍ବାର ପାଠପଢି ଶିକ୍ଷିତ ହେବେ ଏବଂ ବେକାରି ସମସ୍ୟା ଦୂର ପାଇଁ ଓଡିଶା ସରକାରଙ୍କ ଦ୍ୱାରା ମାଗଣା ପ୍ରଶିକ୍ଷଣ ଓ ନିଯୁକ୍ତି ଯୋଗାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ସିଡିପିଓ କ୍ରିଷ୍ଣପ୍ରିୟା ପ୍ରଧାନ, ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁଷମା ବେହେରା, ସାଇ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ୍ କେନ୍ଦ୍ର ପରିଚାଳକ ଅଧିକାରୀ ପ୍ରକାଶ ଚନ୍ଦ୍ର ବାରିକ, ଆଇଟିଆଇ ଭୁବନେଶ୍ୱର ଅଧିକାରୀଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ସଚେତନ କରାଇବା ସହିତ ୪୦ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୨୫ଜଣଙ୍କୁ ପ୍ରଶିକ୍ଷିତ କରିବାକୁ ଚୟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ବ୍ଲକ ଅଞ୍ଚଳର ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ବହୁ କିଶୋରୀ ବାଳିକାମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ଟାଙ୍ଗୀ,୧୦।୮ (ରଘୁନାଥ ସାହୁ)

ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସରକାରଙ୍କ ଅଭିନବ ପ୍ରୟାସ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କ ବୈଠକ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୀଣାପାଣି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରିଚାଳନା କମିଟି ଉପସଭାପତି ସୋନାଲି ମଣ୍ଡଳ, ଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ପତିତ ପରମାଣିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ସରକାରୀ ସୁବିଧା ଉପଲବ୍ଧ, ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ମଧ୍ୟାହ୍ନଭୋଜନ ଆଦିରେ ସମସ୍ତଙ୍କ ସହଯୋଗ ରହିଲେ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଭିଭାବକମାନେ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋକପାତ କରିଥିଲେ। ଦୁଇବର୍ଷ ମଧ୍ୟରେ ବିଦ୍ୟାଳୟର ଗୁଣାତ୍ମକ ବିକାଶ ହୋଇଥିବା ଅଭିଭାବକମାନେ ପ୍ରକାଶ କରିବା ସହିତ ଖୁସି ପ୍ରକଟ କରିଥିଲେ। ଲଳିତ ନାରାୟଣ ମହାପାତ୍ର ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଶିକ୍ଷକ ସତ୍ୟ ନାରାୟଣ ପଲେଇ ଧନ୍ୟବାଦ ଦେଇଥିଲେ।

# ରାଜପଥରେ ଖାଲଖମା, ବଢୁଛି ଦୁର୍ଘଟଣା



ବେଗୁନିଆ,୧୦।୮ (ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ, ୪୮ନମ୍ବର ରାଜ୍ୟ ରାଜପଥ ବାଘମାରୀ-କଣ୍ଟିଲୋ ଓ ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟିବା ସହ ଜୀବନ ଯାଉଥିବା ନଜିର ରହିଛି। ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ- ବେଗୁନିଆ ଏବଂ ୪୮ ନମ୍ବର ରାଜ୍ୟ ରାଜପଥର ବାଘମାରୀ-କଣ୍ଟିଲୋ ସଂଯୋଗ ସ୍ଥଳରେ ଗର୍ତ୍ତ ହୋଇଥିବା ବେଳେ ବେଗୁନିଆ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ସମ୍ମୁଖ ମଝି ରାସ୍ତାରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ସେହିପରି ବାଘମାରୀ-କଣ୍ଟିଲୋ ରାଜ୍ୟ ରାଜପଥର ବାଘମାରୀ-ସିମୋର ମଧ୍ୟରେ ଏକ ଶଙ୍ଖ ଉପରେ ଖାଲ, ସିମୋର ବଜାର ନିକଟ ରାସ୍ତାରେ ଖାଲ ଓ ଗୋବିନ୍ଦପୁର ଛକ ଉପରେ ମଧ୍ୟ ଗର୍ତ୍ତ ହୋଇଥିବା ଦେଖିବାକୁ ମିଳିଛି। ଏତଦ୍‌ବ୍ୟତୀତ ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାର ପୋଡ଼ାଡିହ-ଦିନିଆରୀ ମଧ୍ୟରେ ଦୁଇ ସ୍ଥାନରେ ଗର୍ତ୍ତ ଓ ଦିନିଆରୀ-ଭୋଗଡ଼ା ମହାଦେବ ମନ୍ଦିର ସମ୍ମୁଖ ରାସ୍ତାରେ ଗର୍ତ୍ତ ହୋଇଛି । ଏହି ସମସ୍ତ ରାସ୍ତାଦେଇ ପ୍ରତିଦିନ ଯାତ୍ରୀବାହୀ ବସ, ଭାରି ଓ ଲଘୁଯାନ, ବାଇକ୍ ଓ ପଥଚାରୀମାନେ ଯାତାୟାତ କରିଥାନ୍ତି। ଏପରିକି ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତା ମରାମତି ପାଇଁ ଦାବି ହେଉଛି।

# ଜରିମାନା ନ ଦେଲେ ରଦ୍ଦ ହେବ ଚୁକ୍ତିନାମା

ଖୋର୍ଦ୍ଧା,୧୦।୮ (ପ୍ରଭାତ ପାଣିଗ୍ରାହୀ)

**ଶ୍ରୀମନ୍ଦିର ପ୍ରଶାସନର ୧୯ଖଣିକୁ ନୋଟିସ ପ୍ରସଙ୍ଗ**

■ ୨୪ବର୍ଷରେ ୫ଶହ କୋଟି ଊର୍ଦ୍ଧ୍ୱ ଟଙ୍କାର ଖଣିଜ ଲୁଟ୍

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଖୋର୍ଦ୍ଧା ଜିଲାର ୧୯ଖଣି ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ୧୭ଟି ନିର୍ମାଣ ପଥର ଖଣି, ୨ଟି ମାଙ୍କଡ଼ା ପଥର ଖଣିରୁ ଧାର୍ଯ୍ୟ ଅନୁମୋଦିତ ପରିମାଣଠୁ ଅଧିକ ଉତ୍ତୋଳନ କରାଯାଇଛି। ସପ୍ତାହକ ମଧ୍ୟରେ ଜରିମାନାର ମୂଲ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୟାଲିଟି, ଆନୁଷଙ୍ଗିକ ଦେୟ, ଅଧିକ ଉତ୍ତୋଳନ ପାଇଁ ଜରିମାନା ଦେବାକୁ ପଡିବ। ତେବେ ନୋଟିସ ହୋଇଥିବା ଖଣି ଲିଜଧାରୀଙ୍କ ମଧ୍ୟରୁ ଜଣେ ଲିଜ୍‌ଧାରୀ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଜରିମାନା ଦାଖଲ କରିଛନ୍ତି। ଖୋର୍ଦ୍ଧା ଉପଜିଲାପାଳ ତଥା ଶ୍ରୀମନ୍ଦିର ପ୍ରଶାସନ(ଏସଜେଟିଏ) କମ୍ପିଟେଟିଭ ଅଥୋରିଟି ଦୀପ୍ତିରଞ୍ଜନ ସେଠୀ ରୟାଲିଟି, ଆନୁଷଙ୍ଗିକ ଦେୟ ପ୍ରଦାନ କରିଥିବା ଲିଜ୍‌ଧାରୀଙ୍କ ଏକ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ରିପୋର୍ଟ ଅନୁସାରେ, ଧନିଆ ନ୍ୟୁ ବିଲ୍ଡିଂ ଏସ.କ୍ୟୁ(ଡିଏ) କାଇପଦର ଲିଜ୍‌ଧାରୀଙ୍କୁ ୨,୯୦,୨୪,୭୦୨ ଟଙ୍କା ଜରିମାନା କରିଛି ଏସ୍‌ଜେଟିଏ। ସେହିପରି ନିଜିଗଡ ତାପଙ୍ଗ ଏଲ୍‌ଏସ୍ ଆଣ୍ଡ ମୋରମ୍ କ୍ୱାରି(କେଏ)କୁ ୯,୪୧,୦୧୨ଟଙ୍କା, ଦକ୍ଷିଣେଶ୍ୱର ଏଲ୍‌ଏସ୍ ଆଣ୍ଡ ମୋରମ କ୍ୱାରି(ଜିଏଚଏ)କୁ ୧୦,୯୯,୮୧୨, ଗୋଲପୁତାକୁଆ ବିଲ୍ଡିଂ ମୋରମ କ୍ୱାରି(କେଏଚଏ) ନିଜିଗଡ ତାପଙ୍ଗକୁ ୧୦,୩୩,୮୮୦, ଶଙ୍ଖାରୀ ସାଉଥ ନ୍ୟୁ ବିଲ୍ଡିଂ ଏସ୍‌କ୍ୟୁ(ସିଏଚଏଚଏ) କାଇପଦରକୁ ୩, ୨୪, ୬, ୭୫୩, ଧନିଆ ନ୍ୟୁ ବିଲ୍ଡିଂ ଏସ୍‌କ୍ୟୁ(ଜିଏ) କାଇପଦରକୁ ୫୧,୮୫,୩୪୦, ହାତିଆ ନ୍ୟୁ ବିଲ୍ଡିଂ ଏସ୍‌କ୍ୟୁ(ଜିଏଚଏ) କାଇପଦରକୁ ୧,୮୨, ୯୮,୨୬୧, ଧନିଆ ନ୍ୟୁ ବିଲ୍ଡିଂ ଏସ୍‌କ୍ୟୁ(ୟୁଏନଏ) କାଇପଦରକୁ ୧,୭୭, ୫୪,୯୦୨, ଶଙ୍ଖାରୀ ଇଷ୍ଟ/ୱେଷ୍ଟ ବିଲ୍ଡିଂ ଏସ୍‌କ୍ୟୁ(କେଏଚଏ)କୁ ୧,୪୨,୫୫,୪୯୩, ଧନିଆ ବିଲ୍ଡିଂ ଏସକ୍ୟୁ(ଇ) କାଇପଦରକୁ ୩, ୩୬, ୫୯,୨୨୨, ହାତିଆ ବିଲ୍ଡିଂ ଏସ୍‌କ୍ୟୁ (ଜିଏ) ନିଜିଗଡ ତାପଙ୍ଗକୁ ୬୨,୧୭, ୨୫୨, ଧନିଆ ନ୍ୟୁ ବିଲ୍ଡିଂ ଏସ୍‌କ୍ୟୁ(ଏଫ) କାଇପଦର ୧,୫୪, ୪୧,୯୬୫, ଧନିଆ ୱେଷ୍ଟ ବିଲ୍ଡିଂ ଏସ୍‌କ୍ୟୁ(ଜିଏଚଏ) କାଇପଦର ୫୧, ୩୪, ୯୪୮, ଧନିଆ ନ୍ୟୁ ବିଲ୍ଡିଂ ଏସ୍‌କ୍ୟୁ ଉତ୍ତର ପଟ(ଟିଏ) କାଇପଦରକୁ ୫୧,୪୩,୧୦୩, ହାତିଆ ନ୍ୟୁ ବିଲ୍ଡିଂ ଏସ୍‌କ୍ୟୁ(ସିଏଚଏଚଏ) ନିଜଗଡ ତାପଙ୍ଗକୁ ୧, ୧୨,୯୮,୯୯୪, କଳାଚୁଆ ନ୍ୟୁ ବିଲ୍ଡିଂ ଏସକ୍ୟୁ(ଟିଏ) ଡଙ୍ଗରପଡା ୧, ୭୩,୨,୨୮୩, ଧନିଆ ସାଉଥ-ଇଷ୍ଟ ନ୍ୟୁ ବିଲ୍ଡିଂ ଏସକ୍ୟୁ କାଇପଦର ୫୬, ୬୩, ୯୯୩ ଏବଂ ଧନିଆ ୱେଷ୍ଟ ବିଲ୍ଡିଂ ଏସ୍‌କ୍ୟୁ(ଜିଏ) କାଇପଦରକୁ ୧,୧୮,୦୫, ୦୦୯ ଟଙ୍କା ଜରିମାନା କରାଯାଇଛି।

ରିପୋର୍ଟ ଅନୁଯାୟୀ, ଗୋଟିଏ ବର୍ଷରେ ମହାପ୍ରଭୁଙ୍କ ଖଣିରୁ ୨୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରାଯାଇଛି। ଖୋର୍ଦ୍ଧାର ଉପରୋକ୍ତ ଲିଜ୍‌ଧାରୀଙ୍କଠାରୁ ରୟାଲିଟି ଓ ପେନାଲ୍ଟି ବାବଦକୁ ୨୨ କୋଟି ୬୫ଲକ୍ଷ ୨୩ହଜାର ୭ଶହ ଟଙ୍କା ଦାବି କରିଛି ଶ୍ରୀମନ୍ଦିର ପ୍ରଶାସନ। ଧାର୍ଯ୍ୟ କରାଯାଇଥିବା ଜରିମାନା ଦାଖଲ ନ କରିବା ପର୍ଯ୍ୟନ୍ତ ଖଣିରୁ ବ୍ଲାଷ୍ଟିଂ ଅନୁମତିକୁ ସ୍ଥଗିତ ରଖାଯାଇଛି। ଅନ୍ୟପଟେ ମହାପ୍ରଭୁଙ୍କ ସମସ୍ତ ଭୂସମ୍ପତ୍ତି ଦାଖଲକୁ ନିଆଯାଇ ଏହାର ସୁରକ୍ଷା କରାଯିବ ବୋଲି ପୂର୍ବରୁ ସ୍ପଷ୍ଟୀକରଣ ରଖିଛି ଶ୍ରୀମନ୍ଦିର ପ୍ରଶାସନ। ସପ୍ତାହ ମଧ୍ୟରେ ରୟାଲିଟି ଏବଂ ପେନାଲ୍ଟି ବାବଦ ଜରିମାନା ଦାଖଲ ନ କଲେ ଚୁକ୍ତିନାମା ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି ଏସ୍‌ଜେଟିଏ ମୁଖ୍ୟ ପ୍ରଶାସକ। ସେପଟେ ଉପଜିଲାପାଳଙ୍କ ରିପୋର୍ଟକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଜିଲାସ୍ତରୀୟ ଟାସ୍କ ଫୋର୍ସ ଏହାର ତଦନ୍ତ କରିବ, ବେଆଇନ ଉତ୍ତୋଳନ ପ୍ରମାଣିତ ହେଲେ ବ୍ଲାଷ୍ଟିଂ ଅନୁମତି ରଦ୍ଦ କରିଦିଆଯିବ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାପ୍ରଭୁଙ୍କ ଖଣିଜ ସମ୍ପଦର ସୁରକ୍ଷା ପାଇଁ ପୂର୍ବ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ମହାପ୍ରଭୁଙ୍କ ୫୮ହଜାର ଏକର ସମ୍ପତ୍ତି ମଧ୍ୟରୁ ୩୬ହଜାର ଏକର କାଗଜପତ୍ର ରହିଥିବା ବେଳେ ବଳକା ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ବାକି ସମ୍ପତ୍ତିର ଜବରଦଖଲ ମୁକ୍ତ ପାଇଁ ପଦକ୍ଷେପ ନିଆଯିବ। କଂଗ୍ରେସର ବରିଷ୍ଠ ନେତା ଶିଶିର ପରିଡା କହିଛନ୍ତି, ଦୀର୍ଘ ୨୪ବର୍ଷ ମଧ୍ୟରେ ମାଫିଆମାନେ ୫ଶହରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଲଘୁଖଣିଜ ଲୁଟ୍ କରିଛନ୍ତି। ସେହିପରି ସାମାଜିକ କର୍ମୀ ପ୍ରବୀଣ ଭଞ୍ଜ କହିଛନ୍ତି, ବର୍ଷ ବର୍ଷ ଧରି ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନରେ ଗାଦି ମାଡି ବସିଥିବା କେତେଜଣ ଅସାଧୁ କର୍ମଚାରୀ ମାଫିଆଙ୍କ ସହ ହାତ ମିଳାଇ ମାସିକିଆ ବଟି ନେଇ କୋଟିକୋଟିଟଙ୍କା ଖଣିଜ ଲୁଟକୁ ପ୍ରୋତ୍ସାହିତ କରିଛନ୍ତି। ଏହାର କ୍ରାଇମବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ କରାଗଲେ ବହୁ ଗୁମର ପଦାକୁ ଆସିବ ବୋଲି ସେ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୮।୨୦୨୪

| | |
|---|---|
| ୬,୫୦,୨୬୯ ଟଙ୍କା | |
| ସୁନା | ୬୩ ଗ୍ରାମ୍ |
| ରୁପା | ୨୫.୪୦୦ ଗ୍ରାମ୍ |

# ଦ୍ୱାରଫିଟା ନୀତିରେ ବିଳମ୍ବ, ସେବାୟତଙ୍କୁ ନୋଟିସ

ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ଦ୍ୱାରଫିଟା ସମୟରେ ପାଳିରେ ଥିବା ବଡ଼ଦ୍ୱାର ପ୍ରତିହାରୀ ସେବକ ଅନୁପସ୍ଥିତ ଯୋଗୁ ଶନିବାର ଦ୍ୱାରଫିଟା ନୀତିରେ ବିଳମ୍ବ ହୋଇଛି। ୩୫ ମିନିଟ ବିଳମ୍ବରେ ଅନ୍ୟଜଣେ ପ୍ରତିହାରୀ ସେବକଙ୍କ ଦ୍ୱାରା ଦ୍ୱାର ଖୋଲାଯାଇଥିଲା। ମହାପ୍ରଭୁଙ୍କ ନୀତିକାନ୍ତିରେ ବିଶୃଙ୍ଖଳାକୁ ସହ୍ୟ କରାଯାଇପାରିବ ନାହିଁ। ତେଣୁ ନୀତି ବିଳମ୍ବ ହୋଇଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପାଳିଆ ପ୍ରତିହାରୀ ସେବକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏପରି କି ଆସନ୍ତା ୭ଦିନ ମଧ୍ୟରେ ଏହାର ଉତ୍ତର ଜଣାଇବାକୁ କୁହାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ପ୍ରକାଶ ଯେ, ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତିକୁ ନେଇ ଅନେକ ସମୟରେ ବିଶୃଙ୍ଖଳା ଦେଖିବାକୁ ମିଳୁଛି। ଏପରିକି ନୀତିରେ ମଧ୍ୟ ଅହେତୁକ ବିଳମ୍ବ ପରିଲକ୍ଷିତ ହେଉଥିଲା, ଯାହାକୁ ନେଇ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଅନେକ ସମୟରେ ମହାପ୍ରଭୁଙ୍କ ଦର୍ଶନରୁ ମଧ୍ୟ ବଞ୍ଚିତ ହେଉଥିଲେ। ତେବେ ଚଳିତ ରଥଯାତ୍ରା ମଧ୍ୟରେ ଅରବିନ୍ଦ ପାଢ଼ୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଭାବରେ ନିଯୁକ୍ତ ହେବାପରେ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ଶୀଘ୍ର କରିବା ପାଇଁ ସେବାୟତଙ୍କୁ ଅନୁରୋଧ କରିଥିଲେ। ନୀତିରେ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା। ହେଲେ ଶନିବାର ଦ୍ୱାରଫିଟାରେ ବିଳମ୍ବ ଘଟିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଶନିବାର ଶ୍ରୀମନ୍ଦିର ଦ୍ୱାରଫିଟା ସମୟରେ ପାଳିରେ ଥିବା ବଡ଼ଦ୍ୱାର ପ୍ରତିହାରୀ ସେବକ ଶିବଶଙ୍କର ମହାପାତ୍ର ଅନୁପସ୍ଥିତ ରହିଥିଲେ। ଫଳରେ ଦ୍ୱାର୍ଫିଟା ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ନୀତି ବିଳମ୍ବ ହୋଇଥିବା ହେତୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପାଳିଆ ପ୍ରତିହାରୀ ସେବକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନୋଟିସରେ ଦର୍ଶାଯାଇଛି, ବଡ଼ଦ୍ୱାର ପ୍ରତିହାରୀ ସେବକଙ୍କ ଶନିବାର ପାଳି ଥିଲା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାତି ୩ଟା ଠାରୁ ୱାକବ କରାଯାଇଥିଲେ ହେଁ ସେବକ ସେବାକୁ ଆସି ନ ଥିଲେ। ଅନ୍ୟଜଣେ ବଡ଼ଦ୍ୱାର ସେବକଙ୍କ ଦ୍ୱାରା ଏହି ସେବା କାର୍ଯ୍ୟ ସମ୍ପାଦନ କରିବା ପାଇଁ କହିଥିଲେ। ଫଳରେ ସମୟ ଅବଧି ମଧ୍ୟରେ କୌଣସି ବଡ଼ଦ୍ୱାର ପ୍ରତିହାରୀ ଶ୍ରୀମନ୍ଦିରରେ ଉପସ୍ଥିତ ନ ଥିବାରୁ ଦ୍ୱାରଫିଟାରେ ବିଳମ୍ବ ହେଲା। ପରେ ଅନ୍ୟ ଜଣେ ପ୍ରତିହାରୀଙ୍କ ଦ୍ୱାରା ପ୍ରାତଃ ଘ୫.୫୦ମି. ସମୟରେ ଦ୍ୱାରଫିଟା ନୀତି ସମ୍ପାଦନ କରାଯାଇଥିଲା। ଦାୟିତ୍ୱହୀନତା ଯୋଗୁ ଦ୍ୱାରଫିଟାରେ ୩୫ ମିନିଟ ବିଳମ୍ବ ହୋଇଛି। ନୀତି ବିଳମ୍ବ ହୋଇଥିବା କାରଣରୁ ପ୍ରଶାସନ ପକ୍ଷରୁ କାହିଁକି ସମ୍ପୃକ୍ତ ପ୍ରତିହାରୀ ସେବକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ଏଥିସହ ଉକ୍ତ ଦିନର ପାଳିଆ ପୁରସ୍କାର ବନ୍ଦ କାହିଁକି କରା ନ ଯିବ, ତାହାର ସନ୍ତୋଷଜନକ କୈଫିୟତ ୭ ଦିନ ମଧ୍ୟରେ କମାଣ୍ଡରଙ୍କ ଜରିଆରେ ପ୍ରଶାସନକୁ ଜଣାଇବା ନିମନ୍ତେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ କାରଣ ଦର୍ଶାଅ ନୋଟିସ୍‌ରେ ଉଲ୍ଲେଖ କରିଛନ୍ତି। ତେବେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସନ୍ତୋଷଜନକ କୈଫିୟତ ହସ୍ତଗତ ନ ହେଲେ ସେବକଙ୍କ ବିରୋଧରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଅନୁସାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦର୍ଶାଯାଇଛି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ସମସ୍ତ ସେବାୟତଙ୍କଠାରୁ ଆରମ୍ଭ କରି ପ୍ରଶାସନ, ପରିଚାଳନା କମିଟିର ପ୍ରାଥମିକତା ହେଉଛି ମହାପ୍ରଭୁଙ୍କ ସେବା ପୂଜା ଯେପରି ଶୃଙ୍ଖଳିତ ତଥା ନିର୍ବିଘ୍ନରେ ହେବ ସେଥିଲାଗି ପ୍ରୟାସ ଆରମ୍ଭ କରାଯାଇଛି। ଜଣେ ବଡ଼ଦ୍ୱାର ପ୍ରତିହାରୀ ସେବକ ତାଙ୍କ କାର୍ଯ୍ୟରେ ଅବହେଳା କରିଥିବାରୁ ପ୍ରଶାସନ ତାଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ନୀତି ପ୍ରଶାସକ, ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଉଛି। ଅପରପକ୍ଷରେ ଅନ୍ୟ ନୀତି ବିଳମ୍ବରେ ବି ସମାନ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଶ୍ରୀମନ୍ଦିର ପ୍ରଶାସକଙ୍କୁ ନିବେଦନ କରିଥିବା ମହାପାତ୍ର କହିଛନ୍ତି।



ନୌସେନା ମୁଖ୍ୟ ଆଡ୍‌ମିରାଲ ଦୀନେଶ ତ୍ରିପାଠୀ ଏବଂ ଅନ୍ୟମାନେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ।

## ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ: ଜିଲାପାଳ

ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ଅଛନ୍ତି। ଜଳସେଚନ ଓ ଡ୍ରେନେଜ ବିଭାଗର ଅଧିକାରୀମାନେ ବିଭିନ୍ନ ସମୟରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଯଦି କୌଣସି ସ୍ଥାନରେ କିଛି ବି ପରିସ୍ଥିତି ଉପୁଜିବା ଆଶଙ୍କା ଦେଖାଯାଏ, ତା'ର ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ବନ୍ୟାଜଳ ନିଷ୍କାସନ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ। ଏପଟେ ପୁରୀ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହୁଥିବାବେଳେ ଏହାକୁ କିଭଳି ଠିକ୍ ସମୟରେ ନିଷ୍କାସନ କରାଯିବ ସେନେଇ ପୌରସଂସ୍ଥା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ସେଭଳି କୌଣସି ପରିସ୍ଥିତି ଉପୁଜି ନାହିଁ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

## ନାଗାସାକି ଦିବସରେ ଆଲୋଚନାଚକ୍ର, କବିତା ପାଠୋତ୍ସବ




ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)

ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ପକ୍ଷରୁ ନାଗାସାକି ଦିବସ ଅବସରରେ ବିଶ୍ୱଶାନ୍ତି ସମ୍ବନ୍ଧିତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ସ୍ଥାନୀୟ ୟୁଥ୍ ହଷ୍ଟେଲଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ସଂଗୋଷ୍ଠୀର ସଭାନେତ୍ରୀ ବିଜୟଲକ୍ଷ୍ମୀ ଦାଶ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରମୋଦା ଦେବୀ, ପୌର୍ଣ୍ଣମାସୀ ଦେବୀ ଓ ଚକ୍ରଧର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରମୋଦ ଦେବୀଙ୍କ ପୁସ୍ତକ 'ନାରୀ ସେ ନାରାୟଣୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବରିଷ୍ଠ ଖବରଦାତା ଶ୍ୟାମ କାହ୍ନା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପର କୁପରିଣାମ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଶାନ୍ତି ପ୍ରତିଷ୍ଠାକୁ ନେଇ କବିମାନେ କବିତାପାଠ କରିଥିଲେ। ପୁଷ୍କର ମହାପାତ୍ର, ଦାଶରଥି ମହାପାତ୍ର, ଜୟକୃଷ୍ଣ ନନ୍ଦ, ଯୋଗେନ୍ଦ୍ର ସାହୁ, ଦୟାନିଧି ପଣ୍ଡା, ରାମଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ମହାରଣା, ବୈକୁଣ୍ଠ ପ୍ରଧାନ, କରୁଣାକର ଭୋଳ, ଡା. ରାନୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କବି ବିଶ୍ୱମ୍ଭର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ପୀତବାସ ନାୟକଙ୍କ ୧୫ତମ ସ୍ମୃତି ସଭା

ପୁରୀ,୧୦।୮ ( ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ଆଇନଜୀବୀ ତଥା କମ୍ୟୁନିଷ୍ଟ ନେତା ପୀତବାସ ନାୟକଙ୍କ ୧୫ତମ ବାର୍ଷିକ ସ୍ମୃତି ଚାରଣ ସଭା ବଡ଼ଶଙ୍ଖ ସ୍ଥିତ ଏଚ୍ ଆର ଲଜ୍‌ରେ ଅଗଷ୍ଟ କ୍ରାନ୍ତି ଦିବସରେ ପାଳିତ ହୋଇଛି। ପୀତବାସ ବାବୁ ଜଣେ ସଫଳ ଆଇନଜୀବୀ, ପଥ ପ୍ରଦର୍ଶକ, ସମାଜସେବୀ, ପରୋପକାରୀ, ସରଳ, ଅମାୟିକ ତଥା କମ୍ୟୁନିଷ୍ଟ ଆଦର୍ଶରେ ଦୀକ୍ଷିତ ହୋଇ ଜୀବନର ଶେଷ ପର୍ଯ୍ୟନ୍ତ ଅବିଚଳିତ ଓ ଦୃଢ଼ ଭାବେ ରହିବା ଓ ଅନ୍ୟମାନଙ୍କୁ ସେଇ ବାଟର ପଥିକ ହେବାକୁ ପରାମର୍ଶ ଦେଉଥିଲେ। ଦେୱାନୀ ଆଇନରେ ଓଡ଼ିଶାର ଜଣେ ଭଲ ଓକିଲ ଭାବେ ପ୍ରତିଷ୍ଠା ଅର୍ଜନ କରି ଅନେକ ସହଯୋଗୀ ଓକିଲଙ୍କୁ ତିଆରି କରିଥିଲେ ବୋଲି ସ୍ମୃତି ସଭାରେ ବରିଷ୍ଠ ଓକିଲମାନେ ଶ୍ରଦ୍ଧାଞ୍ଜଳି ଦେଇ ନିଜର ମତ ରଖିଥିଲେ। ଆଇନଜୀବୀ ଶରତ କୁମାର ରାୟଗୁରୁଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତି ସଭାରେ ବହୁ ଆଇନଜୀବୀ ଏବଂ ମାନଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ପୀତବାସଙ୍କ ସ୍ମୃତିଚାରଣ କରିଥିଲେ।

### ବର୍ଷାରେ ଭାଙ୍ଗିଗଲା ଝାଟିମାଟି ଘର

ଯୋଗେଶ୍ୱରପୁର,୧୦।୮ (ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅଧୀନ ଧୂମାଳ ପଞ୍ଚାୟତର ଧୂମାଳ ବ୍ରାହ୍ମଣ ଶାସନ ଗ୍ରାମର ତାପସ କୁମାର ମିଶ୍ରଙ୍କ ଝାଟିମାଟି ଘର ଗୁରୁବାର ରାତିରେ ପ୍ରବଳ ବର୍ଷାରେ ଭାଙ୍ଗିଯାଇଛି। ସେ ଜଣେ ଗରିବ, ଦିନମଜୁରିଆ ହୋଇଥିବାରୁ ଛାତ ଘର ପାଇଁ ତାଙ୍କର ସମ୍ବଳ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## କୃଷକ ତାଲିମ ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଯୋଗଦାନ

ନିମାପଡ଼ା,୧୦।୮ (ରଞ୍ଜନ ପଟ୍ଟନାୟକ)

ଉନ୍ନତ ଜ୍ଞାନକୌଶଳ ଏବଂ ଜୈବିକ ସାର ବ୍ୟବହାର କରି ଚାଷୀ କିଭଳି ଅଧିକ ଲାଭବାନ ହୋଇପାରିବ, ସେ ସମ୍ବନ୍ଧରେ ଏକ କୃଷକ ତାଲିମ ଶିବିର ନିମାପଡ଼ା ବ୍ଲକ ଅଧୀନ ଅରିଷଣ୍ଡ ପଞ୍ଚାୟତର ବିଜୁ ପଟ୍ଟନାୟକ ପଞ୍ଚାୟତ କଲ୍ୟାଣମଣ୍ଡପ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଏବଂ ସୂର୍ଯ୍ୟ ସିଡ୍‌ସ (ଦେଶୀ) ମିଳିତ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୃଷି ବିଶେଷଜ୍ଞ ଡା. ଉପେନ୍ଦ୍ର କୁମାର ଯୋଗଦେଇ ଜମିର ଉର୍ବରତା ସହିତ ରାସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ଗୁଆଡିରା ଗ୍ରାମରେ ୨୦୧୫ରୁ ମାତ୍ର ୧୦ ଏକର ଜମିରେ ରାସାୟନିକ ବଦଳରେ ଜୈବିକ ସାର ପ୍ରୟୋଗ କରି ୫୦୦ କିସମର ଧାନ ଉତ୍ପାଦନ କରି କିଭଳି ସଫଳତା ପାଇଛନ୍ତି, ନିଜେ ଅନ୍ୟତମ ଅତିଥି ଜାତୀୟ ଧାନ ଗବେଷଣା କେନ୍ଦ୍ର ବୈଜ୍ଞାନିକ ତଥା ସୂର୍ଯ୍ୟ ସିଡ୍‌ସର ପ୍ରତିଷ୍ଠାତା ଡା. ଶୁଭାଶିଷ ବଳ ଚାଷୀଙ୍କୁ ତାଲିମ ଦେଇଥିଲେ। ଏହି ଅବସରରେ ସରପଞ୍ଚ ଝିଲି ସେଠୀ, ବିଟିଏମ୍ ଶ୍ରୀକାନ୍ତ ବଡେଇ ସହଯୋଗ କରିଥିଲେ। ଶିବିରରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

## ପ୍ରଭୁ ଅଲାରନାଥ, ଠାକୁର ଅଭିରାମ ପୁସ୍ତକ ଉନ୍ମୋଚିତ

କଣାସ,୧୦।୮ (ବିଭୂତି ଭୂଷଣ ତ୍ରିପାଠୀ)



କଣାସ ବ୍ଲକ ନୂଆଗାଁ ଗ୍ରାମରେ ଜନ୍ମଗ୍ରହଣ କରିଥିବା ସାରସ୍ୱତ ସାଧକ କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନଙ୍କ ଲିଖିତ ପ୍ରଭୁ ଅଲାରନାଥ, ଠାକୁର ଅଭିରାମ ପୁସ୍ତକକୁ ଶୁକ୍ରବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉନ୍ମୋଚନ କରିଛନ୍ତି। ପୁସ୍ତକରେ ପ୍ରଭୁ ଅଲାରନାଥଙ୍କ ୧୧ଟି ଅଧ୍ୟାୟ ଓ ଠାକୁର ଅଭିରାମ ପରମହଂସଙ୍କ ସମ୍ବନ୍ଧରେ ୫ଟି ଅଧ୍ୟାୟ ବର୍ଣ୍ଣନା ରହିଛି। ଉନ୍ମୋଚନ ସମୟରେ ଲେଖକ ଶ୍ରୀଚନ୍ଦନଙ୍କ ସମେତ କୃଷ୍ଣଚନ୍ଦ୍ର ସାହୁ, ସଂଯୁକ୍ତା ଦେବୀ, ଅର୍ଚ୍ଚିତା ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ଦୀନେଶ ହତ୍ୟାକାଣ୍ଡ: ୫ କୋର୍ଟ ଚାଲାଣ

ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)

ଟାଉନଥାନା ଅନ୍ତର୍ଗତ ହାଡଗୋଡ଼ିଆ ସାହିର ରାଧା ଗୋବିନ୍ଦ ଲେନ୍‌ରେ ଗତ ୮ତାରିଖ ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡରେ ସାମିଲ ୫ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିବା ପୋଲିସ ସୂଚନା ପ୍ରଦାନ କରିଛି। ଶନିବାର ଟାଉନଥାନାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି କି ଘଟଣା ରାତି ପ୍ରାୟ ୧୦ଟାରୁ ସାଢ଼େ୧୦ଟା ମଧ୍ୟରେ ରାଧାଗୋବନ୍ଦି ଲେନ୍‌ରେ ଦୀନେଶ ଖୁଣ୍ଟିଆ ନାମକ ଜଣେ ଯୁବକଙ୍କୁ କିଛି ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କ ବାପା ବାଣୁଆଗଲିଠାରେ ଖଜା ଦୋକାନ କରିଥିଲେ। ଘଟଣା ଦିନ ଦୀନେଶ ଉକ୍ତ ଦୋକାନକୁ ଯାଇ ଦୋକାନ ଉଠାଇଦେବା ନିମନ୍ତେ ଧମକ୍ ଦେଇଥିଲେ। ଫଳରେ ଦୀନେଶଙ୍କୁ ମାରିବାକୁ ଅଭିଯୁକ୍ତମାନେ ଯୋଜନା କରିଥିଲେ। ଅଭିଯୁକ୍ତମାନେ ୨ଟି ଟିମ୍‌ରେ ବିଭକ୍ତ ହୋଇ ଦୀନେଶଙ୍କୁ ରାଧାଗୋବନ୍ଦ ଲେନ୍‌ଠରେ ଜଗି ରହିଥିଲେ। ଦୀନେଶ ଘରକୁ ଫେରିବା ସମୟରେ ପ୍ରଥମ ଟିମ୍ ଦୀନେଶଙ୍କୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ସେ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଅନ୍ୟ ଅନ୍ୟ ଅଭିଯୁକ୍ତମାନେ ଏକ ଧାରୁଆ ଅସ୍ତ୍ରରେ ଦୀନେଶଙ୍କୁ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ଦୀନେଶଙ୍କୁ ସେଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଦୀନେଶଙ୍କ ମା' ସୁକାନ୍ତି ଖୁଣ୍ଟିଆଙ୍କ ଅଭିଯୋଗକୁ ଭିତ୍ତି କରି ଟାଉନଥାନା ପୋଲିସ କେସ୍ ନଂ. ୨୯୧/୨୪ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଚୁଡ଼ଙ୍ଗ ସାହି ଖୁଣ୍ଟିଆ ବଗିଚାର ରୁଦ୍ର ନାରାୟଣ ସାହୁ, ମାର୍କଣ୍ଡେଶ୍ୱର ସାହି ରାଧା ଗୋବିନ୍ଦ ଲେନ୍‌ର ପ୍ରଦୀପ ସାହୁ, ମିଶ୍ର ସାହିର କୁଲଦୀପ ବାନାର୍ଜୀ, ଚନ୍ଦନପୁର ଥାନା ଅନ୍ତର୍ଗତ ତୁଳସୀ ଚଉରାର ରୁପେନ୍ଦ୍ର ଜେନାଙ୍କ ସମେତ ଜଣେ ନାବାଳକଙ୍କୁ ଅଟକ ରଖିବା ସହ ସେମାନଙ୍କ ଠାରୁ ଗୋଟିଏ ଭୁଜାଲି ଏବଂ ଛୁରି ଜବତ କରିଥିଲା। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦେବଦତ୍ତ ଚକ୍ର, ଶୁଶୀଲ କୁମାର ମିଶ୍ର , ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏବଂ ଟାଉନଥାନା ଅଧିକାରୀ ସୁନିଲ କୁମାର ପ୍ରଧାନ ଉପସ୍ଥିତ ଥିଲେ।




ପୁରୀ ଜିଲା ଥ୍ରୋବଲ ଆସୋସିଏଶନ ପକ୍ଷରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଥ୍ରୋବଲ୍ ପ୍ରିମିୟର ଲିଗ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ।

## ୨୨ ହଜାର କୃମିନାଶକ ବଟିକା ଖାଇଲେ ଛାତ୍ରୀଛାତ୍ର

ସାକ୍ଷୀଗୋପାଳ,୧୦।୮ (ଭରତ ରାଉତ)

ସତ୍ୟବାଦୀରେ ଶନିବାର କୃମି ନିବାରଣ ଦିବସର ପ୍ରଥମ ଦିନରେ ୨୨ ହଜାର କୃମିନାଶକ ବଟିକା ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଖୁଆଯାଇଛି। ଏନେଇ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଦେଶରୁ କୃମି ଜୀବାଣୁ ନାଶ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସପ୍ତାହ ଧରି ୧ରୁ ୧୯ ବର୍ଷୀୟ ପିଲାଙ୍କୁ ଗୋଟିଏ ଗୋଟିଏ କରି କୃମି ବଟିକା ଖାଇବାକୁ କୁହାଯାଇଛି। ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସତ୍ୟବାଦୀ ଉନ୍ନିତ ହାଇସ୍କୁଲ ପରିସରରେ କୃମି ବଟିକା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସତ୍ୟବାଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ସଂଯୋଜକ ଜ୍ୟୋତିରଞ୍ଜନ ଶତପଥୀ ପିଲାଙ୍କୁ କୃମିନାଶକ ବଟିକା ଖୁଆଇଥିଲେ। ସ୍ୱାସ୍ଥ୍ୟକର୍ମୀ ସୁବାସ ପ୍ରଧାନଙ୍କ ସହିତ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ବଟିକା ଖୁଆଇବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ୯୯ ପିଲାଙ୍କୁ କୃମିନାଶକ ବଟିକା ଖୁଆଯାଇଥିବା ଜଣାପଡ଼ିଛି।

# ମାନସ ରଞ୍ଜନ ସାମଲଙ୍କୁ ଶିଶୁ ସାହିତ୍ୟିକ ସମ୍ମାନ

ପୁରୀ,୧୦।୮ ( ଅଜିତ୍ କୁମାର ମହାନ୍ତି )

ଓଡ଼ିଶାର ପ୍ରଥମ ଶିଶୁ ସମ୍ବାଦ ପତ୍ର ଶିଶୁ ସମାଚାରର ସପ୍ତଦଶ ସ୍ୱନକ୍ଷତ୍ର ସମାରୋହ ଓ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସ୍ଥାନୀୟ ପୌର ସଦନଠାରେ ପାଳିତ ହୋଇଛି। ଏହି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫୦୦ରୁ ଊର୍ଦ୍ଧ୍ୱ ଶିଶୁ କଳାକାର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଶିଶୁ ସମାଚାର ଉତ୍ସବ କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମୁଖ୍ୟ ସନ୍ତୋଷ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ଶିଶୁମାନଙ୍କ ବିକାଶରେ ରାଷ୍ଟ୍ରର ବିକାଶ ହେବ ଏବଂ ଶିଶୁମାନଙ୍କ ପ୍ରତିଭା ବିକାଶ ଦିଗରେ ଦୀର୍ଘ ୧୭ ବର୍ଷ ଧରି ଶିଶୁ ସମାଚାର କରି ଆସୁଥିବା ପ୍ରୟାସ ପ୍ରଶଂସା ଯୋଗ୍ୟ ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ ଶିଶୁ ସାହିତ୍ୟିକ ସମ୍ମାନ, ଡାକ୍ତର ହରି ବଲ୍ଲଭ ମହାପାତ୍ରଙ୍କୁ ଶିଶୁ ସମାଚାର ସେବା ସମ୍ମାନ,ଶିଶୁ କଣ୍ଠ ଶିଳ୍ପୀ ଦେବାଂଶୀ ପରିଡାଙ୍କୁ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସେହି ପରି ସ୍ୱଚ୍ଛ ଓ ସବୁଜ ସୁନ୍ଦର ପରିବେଶ ପାଇଁ ବାଲି ଗୁଆଳିସ୍ଥିତ ସାରଦା ବିହାର ଉଚ୍ଚ ସରକାରୀ ବିଦ୍ୟାଳୟ ସ୍କୁଲକୁ ଶିଶୁ ସମାଚାର ସବୁଜ ବିଦ୍ୟାଳୟ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଦେବୀ ସୁଭଦ୍ରାଙ୍କ ବାଡଗ୍ରାହୀ ରାମ ଚନ୍ଦ୍ର ଦାସମହାପାତ୍ର ,ଉତ୍କଳ ବିଦ୍ୱାନ ପରିଷଦର ସଭାପତି ମନୋଜ ରଥ, ଆଧ୍ୟାତ୍ମିକ ଗୁରୁ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ, ବିଶିଷ୍ଟ ଶିଳ୍ପଉଦ୍ୟୋଗୀ ଗିରିଶ ଚନ୍ଦ୍ର ନାୟକ, ଇ- ଟୋଣ୍ଟି ଫୋର୍ ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ରାଜେଶ କୁମାର ମିଶ୍ର ଏବଂ ବିଶେଷ ଅତିଥି ଭାବରେ ଶିଶୁ କଳାକାର ବୈଷ୍ଣବୀ ବର୍ତ୍ତିୟା ଯୋଗଦେଇ ଥିଲେ। ଶିଶୁ ସମାଚାର ଉପଦେଷ୍ଟା ରଘୁନାଥ ମହାପାତ୍ର, କୈଳାଶ ଚନ୍ଦ୍ର ତିକାୟତ ରାୟ, ଚକ୍ରଧର ମହାପାତ୍ର, ଧ୍ରୁବ ଚରଣ କର ପ୍ରଭୃତି ଏହି ଅବସରରେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଶିବସୁନ୍ଦର ମିଶ୍ର,ଶରତ କୁମାର ରାୟଗୁରୁ,ଶ୍ରୀକାନ୍ତ ମହାନ୍ତି ସଂଯୋଜନା କରିଥିଲେ। ଏହି ଅବସରରେ ଶିଶୁ ସମାଚାର ସମ୍ବାଦ ପତ୍ରର ଅଗଷ୍ଟ ସଂଖ୍ୟା ଓ ଅନୁଷ୍ଠାନର ସ୍ମରଣିକା "ମୁଖଶାଳା"କୁ ଅତିଥି ମାନେ ଉନ୍ମୋଚନ କରିଥିଲେ।




ଶିଶୁସମାଚାରର ବାର୍ଷିକ ଉତ୍ସବରେ ଅନୁଷ୍ଠାନର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

# ଡିମାଣ୍ଡରେ କଷ୍ଟୋମାଇଜ୍‌ଡ ରାଖୀ

କଟକ,୧୦।୮(ଶିକ୍ଷା ପ୍ରିୟଦର୍ଶିନୀ)




ଭଉଣୀ-ଭାଇଙ୍କ ପବିତ୍ର ସମ୍ପର୍କକୁ ଅଧିକ ସୁଦୃଢ଼ କରିଥାଏ ରାଖୀ। ଭଉଣୀ ହାତରୁ ରାଖୀ ବାନ୍ଧି ଆଜୀବନ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥାଏ ଭାଇ। ଆସୁଛି ରକ୍ଷା ବନ୍ଧନ। ଏହାକୁ ଦୃଷ୍ଟିରେ ରଖି ବଜାରରେ ରାଖୀ ଦୋକାନ ଖୋଲିଲାଣି। ତେବେ ଚଳିତବର୍ଷ ବଜାରରେ ମିଳୁଥିବା ରାଖୀ ଅପେକ୍ଷା କଷ୍ଟୋମାଇଜ୍‌ଡ ବା ଡିଜାଇନ୍ ରାଖୀର ଚାହିଦା ଅଧିକ ରହିଛି। ରାଖୀକୁ ନିଜ ପସନ୍ଦ ମୁତାବକ ସଜାଇ ଭାଇ ହାତରେ ବାନ୍ଧିବାକୁ ଭଉଣୀମାନଙ୍କ ମନରେ ଉତ୍କଣ୍ଠା ଭରି ରହିଛି। କଷ୍ଟୋମାଇଜ୍‌ଡ ରାଖୀର ଚାହିଦାକୁ ଦୃଷ୍ଟିରେ ରଖି ଚଳିତବର୍ଷ କଟକ ଚାଉଳିଆଗଞ୍ଜ ଅଞ୍ଚଳର ଈଶ୍ୱର ସାହୁ, ବିଜୟଲକ୍ଷ୍ମୀ ସ୍ୱାଇଁ, କୃଷକ ବଜାର ଅଞ୍ଚଳର ସୋନିଶ୍ରୀ ବେହେରା ବିଭିନ୍ନ ପ୍ରକାରର ରାଖୀ ତିଆରି କରିଛନ୍ତି।

ଈଶ୍ୱର ୩ ପ୍ରକାରର ରାଖୀ କିଟ୍ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ସେଥିମଧ୍ୟରେ ରହିଛି ଶ୍ରୀମଦ୍ ଭଗବଦ୍‌ଗୀତା ରାଖୀ କିଟ୍, କିଡ୍‌ସ ରାଖୀ କିଟ୍ ଓ ସୁରକ୍ଷା ରାଖୀ କିଟ୍। ଏହି କିଟ୍‌ରେ ପ୍ରାୟ ୭ ପ୍ରକାର ଜିନିଷ ରହିଛି। ସେଗୁଡ଼ିକ ହେଲା- ଫଟୋ ରାଖୀ, ଶ୍ରୀମଦ୍ ଭଗବଦ୍ ଗୀତା, ଭଉଣୀ-ଭାଇଙ୍କ ଫଟୋ ଥିବା ଚକୋଲେଟ୍, ମିନି ମୋବାଇଲ ଷ୍ଟାଣ୍ଡ, ମେସେଜ୍ କାର୍ଡ, ଫଟୋ ଥିବା ଚାବି ରିଙ୍ଗ୍ ଓ ନୋଟ୍‌ବୁକ୍, ମ୍ୟାଜିକାଲ ଏଜୁକେଶନାଲ ବିଜ୍ଞାନ ଟୟ, ଇନ୍‌ଭିଜିବୁଲ୍ କଲମ, ଚାଉଳ-ସିନ୍ଦୂର। ଶ୍ରୀମଦ୍ ଭଗବଦ୍ ଗୀତା ରାଖୀ କିଟ୍‌ର ଦର ୨୯୯ ଟଙ୍କା, କିଡ୍‌ସ ରାଖୀ କିଟ୍ ଓ ସୁରକ୍ଷା ରାଖୀ କିଟ୍ ଦର ୨୭୦ ଟଙ୍କା ରହିଛି। ଏହା ବ୍ୟତୀତ ରାଇଜିଂ ରାଖୀ ଦର ୭୦ ଟଙ୍କା, ନେମ୍ ରାଖୀ ୬୦ ଟଙ୍କା ଓ ବ୍ରେସ୍ଲେଟ୍ ରାଖୀ ମୂଲ୍ୟ ୧୨୦ ଟଙ୍କା ରହିଛି। ସୋନିଶ୍ରୀ ପ୍ରାୟ ୬ ବର୍ଷ ହେବ ରାଖୀ ତିଆରି କରି ବିକ୍ରି କରୁଛନ୍ତି। ଚଳିତବର୍ଷ ସେ ପ୍ରସ୍ତୁତ କରିଥିବା ପିକ୍‌ଅପ୍ ଉଇଥ୍ ମୋତି ରାଖୀ ଦର ୧୩୦ ଟଙ୍କା, ଫ୍ଲାୱାର ଆର୍କିଲିକ ଫଟୋ ରାଖୀ ୧୦୦ ଟଙ୍କା, କୁନ୍ଦନ ରାଖୀ ୧୩୦ ଟଙ୍କା, ଏଭି ଲାଇଟ୍ ବିଟ୍ ରାଖୀ ଦର ୫୦ ଟଙ୍କା ରହିଛି।



ଅପରପକ୍ଷରେ ବିଜୟଲକ୍ଷ୍ମୀ ସ୍ୱାଇଁ ଘର କାମ ଓ ପିଲାଙ୍କୁ ଟ୍ୟୁଶନ କରିବା ସହ ରାଖୀ ତିଆରି କରି ବିକ୍ରି କରୁଛନ୍ତି। ଧାନ, କଉଡ଼ି, ମାଳି, ରୁଦ୍ରାକ୍ଷ ଓ ଅନ୍ୟ ସାମଗ୍ରୀ ନେଇ ସେ ରାଖୀ ତିଆରି କରୁଛନ୍ତି। କଉଡ଼ି ରାଖୀ ୪୦ ଟଙ୍କା, ଧାନ ରାଖୀ ୨୫ରୁ ୪୦ ଟଙ୍କା, ରୁଦ୍ରାକ୍ଷ ରାଖୀ ୨୦ରୁ ୪୦ ଟଙ୍କା, ଷ୍ଟୋନ୍ ରାଖୀର ଦର ୫୦ ଟଙ୍କା ରହିଛି। ସେହିପରି ଛୋଟ ପିଲାଙ୍କ ପାଇଁ ଚକୋଲେଟ ରାଖୀ ସେ ତିଆରି କରିଛନ୍ତି। ବିଭିନ୍ନ ରାଖୀ ପାଇଁ ତାଙ୍କ ନିକଟକୁ ୧୦୦ରୁ ଅଧିକ ଅର୍ଡର ଆସିଛି।

## ଏମାନେ କୁହନ୍ତି...

### ନୂଆ ଭେରାଇଟି ରାଖୀ ତିଆରି କରିଛି



"ଚଳିତବର୍ଷ କିଛି ନୂଆ ଭେରାଇଟି ରାଖୀ ତିଆରି କରିଛି। ସେଥିରେ ଭଉଣୀ-ଭାଇଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପ୍ରୟାସ କରିଛି। କଟକ, ଭୁବନେଶ୍ୱର, ହାଇଦ୍ରାବାଦ ସମେତ ଅନ୍ୟ ଅଞ୍ଚଳରୁ ଏଥିପାଇଁ ଅର୍ଡର ଆସିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଅର୍ଡର କରିବାର ଗୋଟିଏ ଦିନରେ ରାଖୀ ଗ୍ରାହକଙ୍କ ପାଖରେ ପହଞ୍ଚିବ। ସେହିପରି ରାଜ୍ୟ ବାହାରୁ ଅର୍ଡର ଆସିଲେ ୫ ଦିନ ମଧ୍ୟରେ ରାଖୀ ଗ୍ରାହକଙ୍କ ପାଖରେ ପହଞ୍ଚିବ।

**ଈଶ୍ୱର ସାହୁ, ଦୋକାନ ମାଲିକ**

### ଭଲ ବ୍ୟବସାୟ ହେବ ବୋଲି ଆଶା ଅଛି



"ଗ୍ରାହକ ଏବେ ହାତ ତିଆରି ରାଖୀ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଗ୍ରାହକ ଯେଉଁଭଳି ଚାହୁଁଛନ୍ତି ଠିକ୍ ସେହିପରି ଡିଜାଇନ ରାଖୀ ଅର୍ଡର ରଖୁଛି। ଦର ସୁହାଇଲା ପରି ରହିଛି। ଅର୍ଡର କରିବାର ୮ ଦିନ ମଧ୍ୟରେ ଗ୍ରାହକଙ୍କ ପାଖରେ ରାଖୀ ପହଞ୍ଚିଯିବ। ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

**ସୋନିଶ୍ରୀ ବେହେରା, କ୍ରାଫ୍ଟ ବ୍ୟବସାୟୀ**

### ଧାନ, କଉଡ଼ି ରାଖୀ ଗ୍ରାହକଙ୍କ ଅଧିକ ପସନ୍ଦ



"ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ରାଖୀ ତିଆରି କରୁଛି। ବିଶେଷକରି ଧାନ ଓ କଉଡ଼ିରେ ପ୍ରସ୍ତୁତ ରାଖୀକୁ ଗ୍ରାହକ ଅଧିକ ପସନ୍ଦ କରୁଛନ୍ତି। ପ୍ରତିଦିନ ଘର କାମ ଓ ପିଲାଙ୍କୁ ଟ୍ୟୁଶନ କରିବା ପରେ ରାଖୀ ତିଆରିରେ ୨ ଘଣ୍ଟା ସମୟ ଦେଇଥାଏ। ଏବେସୁଦ୍ଧା ୬୦୦ରୁ ଅଧିକ ରାଖୀ ତିଆରି କରିସାରିଛି। ଆଗାମୀ ଦିନରେ ଅର୍ଡର ମୁତାବକ ରାଖୀ ତିଆରି କରିବି।

**ବିଜୟଲକ୍ଷ୍ମୀ ସ୍ୱାଇଁ, ଗୃହିଣୀ**

# 'ପରିଶ୍ରମ କଲେ ସଫଳତା ମିଳିବ'




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୦।୮(ଶିକ୍ଷା ପ୍ରିୟଦର୍ଶିନୀ)

ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସରରେ ଶନିବାର ଲଡୁ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ଗୁରୁ ଚନ୍ଦ୍ରଭାନୁ ଶତପଥୀ ଯୋଗଦେଇ ପରିଶ୍ରମ କଲେ ସଫଳତା ମିଳିବ ବୋଲି କହିଛନ୍ତି। ଅନ୍ୟତମ ଅତିଥି ଭାବେ ଏସ୍‌ଆରସି ସତ୍ୟବ୍ରତ ସାହୁ ଓ ପୂର୍ବତନ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଗତୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଲଡୁ ବଣ୍ଟନ କରାଯାଇଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କୃମିନାଶ ଦିବସ ପାଳିତ

କଟକ,୧୦।୮(ଶିକ୍ଷା ପ୍ରିୟଦର୍ଶିନୀ)

ଜିଲାସ୍ତରୀୟ କୃମିନାଶ ଦିବସ ପାଳନ ଅବସରରେ ଜିଲା ସ୍ୱାସ୍ଥ୍ୟ ସମିତି ଓ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ମିଳିତ ଆନୁକୂଲ୍ୟରେ କଟକ ମାତୃଭବନ ହାଇସ୍କୁଲଠାରେ ଶନିବାର କୃମିନାଶକ ବଟିକା ପ୍ରଦାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏଡିପିଏଚ୍‌ଓ (ଡିସି) ଡା. ଲୋକନାଥ ପାତ୍ର, ପରିବାର କଲ୍ୟାଣ ବିଭାଗର ଏଡିପିଏଚଓ ଡା. ଚିନ୍ତାମଣି ପଣ୍ଡା, କଟକ ମହାନଗର ନିଗମର ଏଡିପିଏଚ୍‌ଓ ଡା. କାନ୍ତି ନାୟକ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ଶ୍ୟାମା କାନୁନ୍‌ଗୋ, ଶିଶୁ ରୋଗ ବିଶେଷଜ୍ଞ ଡା. ଅକ୍ଷୟ ଶତପଥୀ, ଡିପିଏଚ୍‌ସିଓ ମନ୍ଦାକିନୀ ବେହେରା, ଡିଏମ୍‌ଆର୍‌ସିଏଚ୍ ସନ୍ଧ୍ୟାରାଣୀ ପଣ୍ଡା, ଏଲିନା ମହାପାତ୍ର ଯୋଗ ଦେଇଥିଲେ। ଚଳିତବର୍ଷ କଟକ ଜିଲାରେ ୧ରୁ ୧୯ ବର୍ଷ ବୟସର ୮, ୮୧, ୫୫୧ ପିଲାଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାର ୨,୯୨୦ ସରକାରୀ, ୫୨୦ ବେସରକାରୀ ବିଦ୍ୟାଳୟ ସହିତ ୩,୪୪୧ ଅଙ୍ଗନୱାଡି କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବଟିକା ପ୍ରଦାନ କରାଯିବ। ଯେଉଁ ପିଲାମାନେ ଉକ୍ତ କାର୍ଯ୍ୟକ୍ରମରେ କୃମିନାଶକ ବଟିକା ଖାଇ ନ ଥିବେ ସେମାନଙ୍କୁ ଆସନ୍ତା ୧୭ରେ ଏହି ବଟିକା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସ୍କୁଲ ଅଧକ୍ଷା ନୀତା ସରକାର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ କୃମିନାଶକ ବଟିକା ଖାଇବାକୁ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପଦଯାତ୍ରାରେ ଡେଙ୍ଗୁ ସଚେତନତା

କଟକ, ୧୦।୮(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୩୫ ନମ୍ବର ୱାର୍ଡରେ ଡେଙ୍ଗୁ ସଚେତନତା ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ଜେ. କାମେଶ୍ୱର ରାଓଙ୍କ ନେତୃତ୍ୱରେ ଏସ୍‌ସିବି ମେଡିକାଲ ରାଣୀହାଟ ଗେଟ୍ ନିକଟରୁ ପଦଯାତ୍ରା ବାହାରି ମେଡିକାଲ ପରିସର ଓ ୱାର୍ଡ ପରିକ୍ରମା କରି ଜନସାଧାରଣଙ୍କୁ ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ପଦଯାତ୍ରାରେ ଦୀପ୍ତିରେଖା ବାରିକ, ବର୍ଷା ମହାନ୍ତି, ପୁଷ୍ପା ସାହୁଙ୍କ ସମେତ ସିଏମ୍‌ସି ପରିମଳ ବିଭାଗ ନିରୀକ୍ଷକ, ସ୍ୱଚ୍ଛସାଥୀ, ଜନନୀ ମହିଳା ମିଶନଶକ୍ତି, ଜଗନ୍ନାଥ ମହିଳା ମିଶନଶକ୍ତି ଗ୍ରୁପ୍‌ର ସଦସ୍ୟ ୱାର୍ଡବାସୀ ଉପସ୍ଥିତ ଥିଲେ।

### ୱକଫ୍ ବିଲ୍‌କୁ ରାଜ୍ୟ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ସମର୍ଥନ

କଟକ, ୧୦।୮(ଶିକ୍ଷା ପ୍ରିୟଦର୍ଶିନୀ)

ରାଜ୍ୟ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ କଟକ ବକ୍ସିବଜାରସ୍ଥିତ ପାନ୍ଥନିବାସଠାରେ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ୱକ୍‌ଫ ବିଲ୍ ସଂଶୋଧନକୁ ସମର୍ଥନ କରାଯାଇଥିବା ନେଇ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲି କହିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଯାଇଛି। ବାଂଲାଦେଶରେ ହିନ୍ଦୁ ଦେବଦେବୀ, ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଭଙ୍ଗାଯାଉଛି। ଓଡ଼ିଶାକୁ ବାଂଲାଦେଶ କରିବା ନେଇ ବିଜେଡିର ବରିଷ୍ଠ ନେତା ଦେଇଥିବା ମନ୍ତବ୍ୟକୁ ଦୃଢ଼ ବିରୋଧ କରିଛି ସଂଖ୍ୟାଲଘୁ ମୋର୍ଚ୍ଚା। ଏନେଇ ସିକନ୍ଦର କହିଛନ୍ତି, ଏହି ବିଲ୍ ନେଇ ବିରୋଧୀ ଦଳର ବିଭ୍ରାନ୍ତରୁ ସବୁ ସଂଖ୍ୟାଲଘୁ ସମାଜ ଦୂରେଇ ରୁହନ୍ତୁ। ତତ୍କାଳୀନ ସରକାର ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ଦେଇଛନ୍ତି। ଦେଶର ସୁରକ୍ଷା ପାଇଁ ଲୋକେ ସଚେତନ ହୁଅନ୍ତୁ। ଯେଉଁ ସ୍ଥାନରେ ଅନୁପ୍ରବେଶକାରୀ ରହିଛନ୍ତି ସେମାନଙ୍କୁ ଚିହ୍ନଟ କରି ପୋଲିସ ଜିମା ଦିଅନ୍ତୁ। ଏହି ଖବରଦାତା ସମ୍ମିଳନୀରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

# 'କଟକ ପାଇଁ ନିବେଦିତାଙ୍କ ଅବଦାନ ଅତୁଳନୀୟ'




କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ ଅନ୍ୟ ଅତିଥି ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ,୧୦।୮(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି)ର ପ୍ରଥମ ମେୟର ନିବେଦିତା ପ୍ରଧାନଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ସିଡିଏସ୍ଥିତ ୱିଣ୍ଡସର ପ୍ଲେସ୍‌ଠାରେ ଏକ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ନିବେଦିତା ପ୍ରଧାନ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସଭାରେ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଛନ୍ତି, କଟକକୁ ନୂଆ ରୂପରେଖ ଦେବା କ୍ଷେତ୍ରରେ ନିବେଦିତାଙ୍କ ଅବଦାନ ଅତୁଳନୀୟ। ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ସେ ସବୁଦିନ ଚିରସ୍ମରଣୀୟ ହୋଇ ରହିବେ ବୋଲି ପାଢ଼ୀ କହିଛନ୍ତି। ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଓଡ଼ିଶାରେ ନାରୀନେତ୍ରୀ ଭାବେ ନିବେଦିତା ସୁପରିଚିତ। ତାଙ୍କ ଭଳି ମନୋଭାବ ନେଇ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ। ଏଥିରେ ଅନ୍ୟତମ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଚାରପତି ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ମହିଳାଙ୍କୁ ନିବେଦିତା ପ୍ରଧାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ତଥା ସ୍ମୃତି ପରିଷଦର ସଭାପତି ସମୀର ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଭାଜପାର ବରିଷ୍ଠ ନେତା ବିନୋଦ ଦାସ, କର୍ପୋରେଟର ଲକ୍ଷ୍ମୀଧର ବେହେରା, ଗୋପାଳ ବେହେରା, ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଆଇନଜୀବୀ ଶିବା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଭାଗବତ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ

ଚୌଦ୍ୱାର,୧୦।୮(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବଡ଼ପଦା ଗ୍ରାମରେ ଭାଗବତ କଥାମୃତ ଜ୍ଞାନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ଅଧ୍ୟକ୍ଷ ସିଦ୍ଧେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଚାର ସମିତି ସଭାପତି ନଙ୍ଗୁଳୀ ବାବା ଅତିଥି ଭବେ ଯୋଗଦେଇ କହିଛନ୍ତି, ନିୟମିତ ଭାଗବତ ପଠନ ଓ ଶ୍ରବଣ କଲେ ମନୁଷ୍ୟ ମଧ୍ୟରେ ଆଧ୍ୟାତ୍ମିକ ଭାବ ଜାଗ୍ରତ ହୋଇଥାଏ। ହୃଷୀକେଶ ମହାନ୍ତି, ପରମାନନ୍ଦ ସାହୁ, ରବି ନାରାୟଣ ସିଂ, ବିଦ୍ୟାଧର ବାରିକ, ପ୍ରବୀର ଦାସ ପ୍ରମୁଖ ଭାଗବତ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁସଂଖ୍ୟକ ଭାଗବତପ୍ରେମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦାମୋଦର ରାଉତ, ମନୋରଞ୍ଜନ ନାୟକ, ସୁବାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

# ନିବେଦିତାଙ୍କ ନାମରେ ପାର୍କ ନାମିତ



ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୦।୮(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ (ସିଏମ୍‌ସି)ର ପ୍ରଥମ ମେୟର ନିବେଦିତା ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ସିଡିଏ ସେକ୍ଟର-୯ଠାରେ ଏକ ପାର୍କକୁ ନିବେଦିତାଙ୍କ ନାମରେ ନାମିତ କରାଯିବା ସହ ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ନିବେଦିତା ପ୍ରଧାନ ସ୍ମୃତି କମିଟି ଅଧ୍ୟକ୍ଷ ସମୀର ଦେ, ଡେପୁଟି ମେୟର ଦମୟନ୍ତୀ ମାଝୀ ଯୋଗଦେଇଥିଲେ। ଏହି ପାର୍କ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ତଥା କର୍ପୋରେଟର ମୋନାଲିସା ଦାସ, ଦୀପ୍ତିମୟୀ ମୂଳିଆ, ପ୍ରଜ୍ଞା ବେଉରା, ପ୍ରଦୀପ କୁମାର ରାଉତ, ପ୍ରିୟମ୍ବଦା ମହାନ୍ତି, ବିକାଶ ରଞ୍ଜନ ବେହେରା, ତାପସ ମହାନ୍ତି, ପ୍ରମିଳା ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ସପ୍ତାହ ପାଳନ, ଚିତ୍ରାଙ୍କନ ପ୍ରତିଯୋଗିତା

ଖୁଣ୍ଟୁଣୀ,୧୦।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ୭୦ତମ ବନ୍ୟପ୍ରାଣୀ ସପ୍ତାହ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବନ୍ୟପ୍ରାଣୀଙ୍କ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଖୁଣ୍ଟୁଣୀ, କଖଡ଼ି, ନୂଆପାଟଣା ଓ ଗୁରୁଡିଝାଟିଆ ଉଚ୍ଚ ବିଦ୍ୟାଳୟର ୩୪ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ସ୍ୱରୂପ ସୋମବାର ପାଠ୍ୟ ଉପକରଣ ପ୍ରଦାନ କରାଯିବ। ଏଥିସହ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଅକ୍ଟୋବର ୨ରେ ଭୁବନେଶ୍ୱର ସୂଚନା ଭବନଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରିବା କାର୍ଯ୍ୟକ୍ରମ ରହିଥିବା ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି। ବନାଞ୍ଚଳର ସମସ୍ତ ଫରେଷ୍ଟର, ଗାର୍ଡ ଓ ପାରା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# କୁଳପତି ନିବାସ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା

କଟକ,୧୦।୮(ଶିକ୍ଷା ପ୍ରିୟଦର୍ଶିନୀ)




କୁଳପତି ନିବାସ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣା ବସିଛନ୍ତି।

- ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସରେ ଏମ୍‌ବିଏ, ବିବିଏ ବିଭାଗ ସ୍ଥାନାନ୍ତରକୁ ବିରୋଧ
- ବଦଳିଲା ନିଷ୍ପତ୍ତି

କଟକ ବ୍ରଜବିହାରୀପୁରସ୍ଥିତ ଦ୍ୱିତୀୟ କ୍ୟାମ୍ପସକୁ ଦୁଇଟି ସେଲ୍ଫ ଫାଇନାନ୍ସିଂ ବିଭାଗ(ଏମ୍‌ବିଏ ଓ ବିବିଏ)କୁ ସ୍ଥାନାନ୍ତର ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଆସନ୍ତା ମଙ୍ଗଳବାର ସୁଦ୍ଧା ଏହି ଦୁଇଟି ବିଭାଗର ପାଠପଢ଼ା ଆରମ୍ଭ କରାଯିବାକୁ ଥିବାବେଳେ ବିଭାଗ ସ୍ଥାନାନ୍ତର ନିଷ୍ପତ୍ତି ବିଷୟରେ ଅଧ୍ୟାପିକାଅଧ୍ୟାପକଙ୍କୁ ଜଣାଯାଇଥିଲା। ହେଲେ ଛାତ୍ରୀଛାତ୍ରମାନେ ଏହି ବିଷୟରେ ଅବଗତ ନ ଥିଲେ। ଏପରି କି ସ୍ଥାନାନ୍ତରକୁ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଉପଯୁକ୍ତ ବ୍ୟବସ୍ଥା ନ କରି ସ୍ଥାନାନ୍ତର କରାଯିବାକୁ ନେଇ ଦୁଇ ବିଭାଗର ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ଶନିବାର ଏନେଇ କୁଳପତିଙ୍କ ନିବାସ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ କରିଥିଲେ। ପ୍ରାୟ ୪ ଘଣ୍ଟାରୁ ଅଧିକ ସମୟ ଧାରଣା ଦେବା ପରେ ଅପରାହ୍ନରେ କୁଳପତି ସଞ୍ଜୟ ନାୟକ ଧାରଣାସ୍ଥଳକୁ ଆସି ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ଶିକ୍ଷାବର୍ଷରେ ବିଭାଗ ସ୍ଥାନାନ୍ତର କରା ନ ଯିବାକୁ ଛାତ୍ରୀଛାତ୍ର ଦାବି କରିଥିଲେ। ସେମାନଙ୍କ ଦାବିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମାନି ନେଇ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ଚଳିତ ଶିକ୍ଷାବର୍ଷ ବଦଳରେ ଆସନ୍ତା ବର୍ଷଠାରୁ ମହାନଦୀ କ୍ୟାମ୍ପସକୁ ଏହି ଦୁଇ ବିଭାଗ ସ୍ଥାନାନ୍ତର କରିବାକୁ ଛାତ୍ରୀଛାତ୍ରଙ୍କୁ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଥିବା ନେଇ ନୋଟିସ ଜାରି କରାଯାଇଛି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବିଭିନ୍ନ ସେଲ୍ଫ ଫାଇନାନ୍ସିଂ ବିଭାଗକୁ ମହାନଦୀ କ୍ୟାମ୍ପସକୁ ସ୍ଥାନାନ୍ତର କରାଯାଉଛି। ପୂର୍ବରୁ ଆଇଟିଏମ୍ ଏବଂ ଆଇଏସ୍‌ଟି ପାଠ୍ୟକ୍ରମର ପାଠପଢ଼ା ସେଠାରେ ଚାଲିଛି। ହେଲେ ଛାତ୍ରୀଛାତ୍ରଙ୍କୁ ଏବେସୁଦ୍ଧା ଉପଯୁକ୍ତ ସୁବିଧା ସୁଯୋଗ ମିଳିପାରୁନାହିଁ। ଏଥିପାଇଁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏବେ ଏମ୍‌ବିଏ ଏବଂ ବିବିଏ ବିଭାଗ ସ୍ଥାନାନ୍ତର ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ହେଲେ ଶ୍ରେଣୀଗୃହରେ ଟେବୁଲ, ଚେୟାରର ବ୍ୟବସ୍ଥା କରାଯାଇନାହିଁ। ଲାବରେଟୋରି କିମ୍ବା ହଷ୍ଟେଲ ସୁବିଧା କରାଯାଇନାହିଁ। ଏଭଳି ସ୍ଥିତିରେ କୌଣସି ନୋଟିସ ନ ଦେଇ କର୍ତ୍ତୃପକ୍ଷ ମନମୁଖୀ ଭାବେ ନେଇଥିବା ନିଷ୍ପତ୍ତିକୁ ବିଭାଗର ଛାତ୍ରୀଛାତ୍ର ବିରୋଧ କରିଥିଲେ। ଅଧ୍ୟାପିକା ଏବଂ ଅଧ୍ୟାପକ ଦ୍ୱିତୀୟ କ୍ୟାମ୍ପସକୁ ଯାଇଥିଲେ ମଧ୍ୟ ଛାତ୍ରୀଛାତ୍ର ଯାଇ ନ ଥିଲେ।

**ଗିରୀଶଙ୍କ ବିରୋଧରେ ମନମୋହନଙ୍କୁ ଫେରାଦ**

**ସମ୍ବଲପୁର(ବି.ଶଙ୍କର):** ସମ୍ବଲପୁରରେ ଦଳୀୟ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ସେଥିପାଇଁ ସମ୍ବଲପୁର ଜିଲା ଭାଜପା ସଭାପତି ଗିରୀଶ ପଟେଲ ସମ୍ପୂର୍ଣ୍ଣ ଦାୟୀ ବୋଲି ସମ୍ବଲପୁର ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ଓ ଅନ୍ୟ କେତେଜଣ ନେତା ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ସେମାନେ ଭୁବନେଶ୍ୱରଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।



# ପୂର୍ବୋଦୟ ଭାରତର ନେତୃତ୍ୱ ନେବ ଓଡ଼ିଶା: ମନମୋହନ

## ଓଡ଼ିଶାକୁ ୧୫ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ରେଳ ପ୍ରକଳ୍ପ

### ବିଜେଡି ସରକାର ଅମଳରେ ଆନ୍ତରିକତାର ଅଭାବ ଯୋଗୁ ବିକାଶ ବାଧାପ୍ରାପ୍ତ ହୋଇଥିଲା

ଭୁବନେଶ୍ୱର,୧୦।୮(ଅନିଲ ଦାସ)

ଚଳିତ ଆର୍ଥିକବର୍ଷ ବଜେଟରେ ରେଳପଥ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ୧୦,୮୫୬ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ପରିମାଣର ଆର୍ଥିକ ଅନୁଦାନ ମିଳିଛି। ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତି ଓଡ଼ିଶାବାସୀଙ୍କ ଲାଗି ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, କ୍ୟାବିନେଟ୍‌ରେ ଅନୁମୋଦନ ମିଳିଥିବା ସମୁଦାୟ ୮ଟି ରେଳ ପ୍ରକଳ୍ପ ମଧ୍ୟରୁ ଓଡ଼ିଶା ପାଇଁ ୬ଟି ରହିଛି। ଓଡ଼ିଶାର ରେଳ ଇତିହାସରେ ପ୍ରଥମ ଥର ପାଇଁ ୧୫ ହଜାରରୁ ଊର୍ଦ୍ଧ୍ୱ କୋଟି ବ୍ୟୟରେ ଏସବୁ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି। ଓଡ଼ିଶାର ବିକାଶ ଲାଗି ମୋଦିଙ୍କ ପ୍ରତିଶ୍ରୁତିବଦ୍ଧତା ପାଇଁ ମନମୋହନ ତାଙ୍କୁ କୃତଜ୍ଞତା ଜଣାଇବା ସହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶୁକ୍ରବାର କେନ୍ଦ୍ର କ୍ୟାବିନେଟରେ ଓଡ଼ିଶା ପାଇଁ ଅନୁମୋଦିତ ହୋଇଥିବା ୬ଟି ରେଳ ପ୍ରକଳ୍ପ ଗୁଣପୁର-ଥେରୁବାଲି ନୂତନ ରେଳ ପାଇଁ ୧,୩୨୬ କୋଟି, ଜୁନାଗଡ- ନବରଙ୍ଗପୁର ନୂତନ ରେଳ ପ୍ରକଳ୍ପ ଲାଗି ୩,୨୭୪ କୋଟି,



ମନମୋହନ ସାମଲ

ମାଲକାନଗିରି ଭଦ୍ରାଚଳମ୍-ପାଣ୍ଡୁରାଙ୍ଗପୁରମ୍ ନୂତନ ରେଳ ପାଇଁ ୪,୧୦୯ କୋଟି, ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ପାଇଁ ୨,୧୦୭ କୋଟି, ବାଙ୍ଗିରିପୋଷୀ-ଗୋରୁମହିଷାଣି ନୂତନ ରେଳ ନିମନ୍ତେ ୨,୫୪୯ କୋଟି ଏବଂ ବୁରାମରା ଚାକୁଲିଆ ନୂତନ ରେଳ ପାଇଁ ୧,୬୩୯ କୋଟି ଟଙ୍କା ମଞ୍ଜୁରୀ ମିଳିଛି ବୋଲି ମନମୋହନ କହିଛନ୍ତି।

ନୂତନ ରେଳ ପ୍ରକଳ୍ପ ଯୋଗୁ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ କଳାହାଣ୍ଡି ଆଦି ଆଦିବାସୀ ଜିଲାର ଆର୍ଥିକ ବିକାଶ ସୁଦୃଢ଼ ହୋଇପାରିବ ବୋଲି ମନମୋହନ କହିଛନ୍ତି। ଯେଉଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକୁ ପୂର୍ବରୁ ଯିବାକୁ କଷ୍ଟକର ଥିଲା, ସେସବୁ ଅଞ୍ଚଳରେ ଗମନାଗମନ ସୁଦୃଢ଼ ହେବା ସହ କୃଷି, ଶିଳ୍ପ, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହୋଇପାରିବ। ଏଥିସହ ବନଜାତ ଦ୍ରବ୍ୟକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପହଞ୍ଚାଯାଇପାରିବ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସ୍ଥିତି ମଜଭୁତ ହେବ। ରାଜ୍ୟରେ ନୂତନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ। ଜଳପଥ ସହ ସଂଯୋଗୀକରଣ ସମ୍ଭବ ହେବାରେ ସହାୟକ ହେବ। ବାସ୍ତବରେ ରାଜ୍ୟରେ ରୋଜଗାର ଓ ସ୍ୱରୋଜଗାର କାରଣରୁ ଅନେକ ଲକ୍ଷ ଓଡ଼ିଆ ଯୁବତୀଯୁବକଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଅନୁମୋଦନ କରାଯାଇ ବାସହୀନଙ୍କ ପାଇଁ ୩ କୋଟି ପକ୍କାଘର ନିର୍ମାଣ ଲାଗି ୫ ଲକ୍ଷ ୩୬ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ଓଡ଼ିଶାର ଯୋଗ୍ୟ ବାସହୀନ ହିତାଧିକାରୀମାନେ ପକ୍କା ଘର ପାଇପାରିବେ ବୋଲି ମନମୋହନ କହିଛନ୍ତି। କେନ୍ଦ୍ରରେ ମୋଦି ସରକାର ଗଠନ ହେବା ପରେ ଓଡ଼ିଶାର ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି। ମାତ୍ର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ମିଳି ପାରୁ ନ ଥିଲା ଏବଂ ଓଡ଼ିଶାରେ ବିକାଶ ବାଧାପ୍ରାପ୍ତ ହେଉଥିଲା। ଏବେ ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଗଠନ ହୋଇଥିବାରୁ ସମସ୍ତ ବାଧା ଦୂର ହୋଇଛି। ପୂର୍ବଭାରତର ବିକାଶ ପାଇଁ ମୋଦି ଦେଖିଥିବା ସ୍ୱପ୍ନ ନିଶ୍ଚୟ ପୂରଣ ହେବ ଏବଂ ଭାଜପା ଶାସନରେ ଓଡ଼ିଶା ପୂର୍ବୋଦୟ ଭାରତର ନେତୃତ୍ୱ ନେବ ବୋଲି ମନମୋହନ କହିଛନ୍ତି।

# ୮ବର୍ଷ ମଧ୍ୟରେ ଓଡ଼ିଶା ପାଇଁ ମଞ୍ଜୁର ହୋଇନି ନୂଆ ରେଳ ପ୍ରକଳ୍ପ: ବିଜେଡି

## ସାତବର୍ଷ ପୂର୍ବରୁ ଘୋଷିତ ପ୍ରକଳ୍ପକୁ ପୁଣି କ୍ୟାବିନେଟ ମଞ୍ଜୁରୀ

ଭୁବନେଶ୍ୱର, ୧୦।୮(ଅନିଲଦାସ)

ଗତ ୮ ବର୍ଷ ମଧ୍ୟରେ ଓଡ଼ିଶା ପାଇଁ କୌଣସି ନୂଆ ରେଳଲାଇନ ମଞ୍ଜୁର ହୋଇନାହିଁ। କିଛି ପ୍ରକଳ୍ପ ବଜେଟରେ ମଞ୍ଜୁରୀ ପାଇ ମଧ୍ୟ କେନ୍ଦ୍ର ସରକାର ଶୀତଳଭଣ୍ଡାରରେ ରଖି ଦେଇଛନ୍ତି। ଅଣଭାଜପା ଶାସିତ ରାଜ୍ୟ ପ୍ରତି କେନ୍ଦ୍ର ସରକାର ଏଭଳି ଆଭିମୁଖ୍ୟ ସର୍ବଦା ପୋଷଣ କରିଆସିଛି ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି।

ଶଙ୍ଖଭବନଠାରେ ଶନିବାର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଗୁଣପୁର-ଥେରୁବାଲି ରେଳଲାଇନ ଏହାର ଜ୍ୱଳନ୍ତ ଉଦାହରଣ। ୨୦୧୭-୧୮ ବଜେଟରେ ଏହା ଅନୁମୋଦନ ହୋଇସାରିଥିଲେ ମଧ୍ୟ ଗତ ୭ବର୍ଷ ଧରି କେବଳ ରାଜ୍ୟ ସରକାରଙ୍କୁ ଜମି ଓ ଅର୍ଥ ମାଗିବା ଛଡ଼ା କେନ୍ଦ୍ର ସରକାର ଆଉ କିଛି କରିନାହାନ୍ତି। ରାଜ୍ୟ ସରକାର ଜମି ଦେଲା ପରେ ବି କୌଣସି କାର୍ଯ୍ୟାରମ୍ଭ ହୋଇନାହିଁ। ୭ବର୍ଷ ପୂର୍ବର ବଜେଟ ଅନୁମୋଦିତ ପ୍ରକଳ୍ପକୁ ବର୍ତ୍ତମାନ ପ୍ରଚାର କରାଯାଉଛି।



ଲେନିନ୍ ମହାନ୍ତି

କ୍ୟାବିନେଟ୍‌ରେ ମଞ୍ଜୁର ହୋଇଥିବା ରେଳ ପ୍ରକଳ୍ପଗୁଡ଼ିକ କେବଳ ରାଜ୍ୟରୁ ଖଣିଜପଦାର୍ଥ ପରିବହନ କରିବା ପାଇଁ ଉଦ୍ଦିଷ୍ଟ। ଖଣିଜ ପଦାର୍ଥ ଉତ୍ତୋଳନ କରି ଚାଲାଣ କରିବା ପାଇଁ କେନ୍ଦୁଝର ଜିଲାରେ ଏହି ପ୍ରକଳ୍ପ ହେବ, ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ନୁହେଁ। ମାଲକାନଗିରି-ଭଦ୍ରାଚଳମ୍ ଏହାର ଦୃଷ୍ଟାନ୍ତ। ଇବ୍ ଥର୍ମାଲ ଓ ତାଳଚେରରୁ କୋଇଲା ଓ ଲୁହାପଥର ଏହି ବିକଳ୍ପ ରେଳଲାଇନ ମାଧ୍ୟମରେ ଆନ୍ଧ୍ର ପ୍ରଦେଶ ଓ ମହାରାଷ୍ଟ୍ରକୁ ଯିବ। ଏହାଦ୍ୱାରା ଅନ୍ୟ ରାଜ୍ୟଗୁଡ଼ିକ ଉପକୃତ ହେବେ। ଯଦି ଗୋପାଳପୁର ବନ୍ଦରକୁ ଏହି ଲାଇନ ଯୋଡ଼ି ହୋଇଥାଆନ୍ତା, ତାହାହେଲେ ରାଜ୍ୟ ଅର୍ଥନୀତିକୁ ସମୃଦ୍ଧ କରିଥାଆନ୍ତା। ଚନ୍ଦ୍ରବାବୁ ନାଇଡୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପ୍ରକଳ୍ପମାନ କରାଯାଉଛି। ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପର କ'ଣ ଅଗ୍ରଗତି ହୋଇଛି ସେ ପ୍ରଶ୍ନ କରିଛନ୍ତି। ପ୍ରତିବର୍ଷ ରେଳମନ୍ତ୍ରୀ ଓଡ଼ିଶାକୁ ୭ହଜାର/୮ହଜାର/୧୦ହଜାର କୋଟି ଟଙ୍କା ବଜେଟରେ ଘୋଷଣା କରୁଛନ୍ତି। ବଜେଟରେ ମଞ୍ଜୁରିପ୍ରାପ୍ତ ଅର୍ଥ ମଧ୍ୟରୁ କେତେ ବ୍ୟୟ ହୋଇଛି ପ୍ରଶ୍ନକଲେ ତାହାର ଉତ୍ତର ମିଳୁନାହିଁ। ଆଶ୍ଚର୍ଯ୍ୟର କଥା କୌଣସି ବର୍ଷ ବ୍ୟୟ ପରିମାଣ ୩ ହଜାର କୋଟି ଟଙ୍କା ଛୁଇଁପାରି ନାହିଁ। ପଦ୍ମପୁର ଉପନିର୍ବାଚନ ବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀ ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁରରେ ରେଳଲାଇନ ନିର୍ମାଣ ବାବଦରେ କରିଥିବା ଘୋଷଣା ଭୁଲି ଯାଇଛନ୍ତି ବୋଲି ଲେନିନ୍ କହିଛନ୍ତି।

# ଡବଲ ଇଞ୍ଜିନ ସରକାରର ଗ୍ୟାରେଣ୍ଟି, ଭୂମିହୀନ ରହିବେ ନାହିଁ: ସୁରେଶ ପୂଜାରୀ



ଚିପଲିମାରେ ଆୟୋଜିତ ସାଧାରଣ ସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଲୋକେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସମସ୍ତ ଭୂମିହୀନଙ୍କୁ ମିଳିବ ୪ ଡେସିମିଲ ଜମି

ସମ୍ବଲପୁର,୧୦।୮ (ଭବାନୀ ଶଙ୍କର ଭୋଇ)

ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଭୂମିହୀନଙ୍କୁ ୪ଡେସିମିଲ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯିବା ଲକ୍ଷ୍ୟ ରଖାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଆବାସ, ମାଗଣା ବିଜୁଳି ସଂଯୋଗ, ହର ଘର ନଳ ସେ ଜଳ ଯୋଜନାରେ ପାଇପ ଯୋଗେ ପାଣି ଓ ଉଜ୍ଜ୍ୱଳା ଗ୍ୟାସ୍‌ର ଫୁଲ୍ ପ୍ୟାକେଜ ମିଳିବ। ରାଜ୍ୟରେ କେହି ବି ଭୂମିହୀନ ରହିବେ ନାହିଁ। ଏହା ମୋଦି ସରକାର ଓ ଡବଲ ଇଞ୍ଜିନ ସରକାରର ଗ୍ୟାରେଣ୍ଟି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସମ୍ବଲପୁର ଜିଲା ଚିପିଲିମାଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେବା ଅବସରରେ ସ୍ଥାୟୀ ଜମିପଟ୍ଟା ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ଅବସରରେ ମନ୍ତ୍ରୀ ପୂଜାରୀ ଏହା କହିଛନ୍ତି। ବିଗତ ବର୍ଷଗୁଡ଼ିକରେ ବିଭିନ୍ନ ବିଭାଗ ଓ ଶିଳ୍ପାନୁଷ୍ଠାନକୁ ଦିଆ ଯାଇ ଅବ୍ୟବହୃତ ଥିବା ସମସ୍ତ ଜମିକୁ ରାଜସ୍ୱ ବିଭାଗକୁ ଫେରାଇ ଆଣିବା ଦିଗରେ ସମ୍ପୃକ୍ତ ବିଭାଗ କାମ ଆରମ୍ଭ କରିଛି ବୋଲି ସେ କହିଛନ୍ତି।

ସଭାରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ କହିଥିଲେ ଯେ, ବିଧାୟକ ଥିବା ସମୟରେ ବସନ୍ତପୁର ଅଞ୍ଚଳବାସୀଙ୍କ ପୈତୃକ ଜମି ଫେରେଇବା ପାଇଁ ବିଧାନସଭାରେ ସେ ଦାବି କରିଥିଲେ। ହେଲେ ପୂର୍ବ ବିଜେଡି ସରକାର ରାଜନୈତିକ ବିଦ୍ୱେଷ କାରଣରୁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ମନ୍ତ୍ରୀ ନିଜେ ଲୋକଙ୍କ ପାଖକୁ ଆସି ଦାବି ଶୁଣୁଥିବା ସେ କହିଥିଲେ। ଏହି ଅବସରରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ମେହେର, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଗୋଶାଳା ମଣ୍ଡଳ ସଭାପତି ଦେବେନ୍ଦ୍ର ନାଏକ, କଲାମାଟି ପଞ୍ଚାୟତ ସରପଞ୍ଚ ସୁଷମା ସାହୁ, ବସନ୍ତପୁର ପଞ୍ଚାୟତ ସରପଞ୍ଚ ସସ୍ମିତା ରଣା, ସଂଯୁକ୍ତା ପ୍ରଧାନ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏଥିପୂର୍ବରୁ ମନ୍ତ୍ରୀ ପୂଜାରୀ ହୀରାକୁଦ ବନ୍ଧର ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ପାଇଁ ଜମି ହରାଇଥିବା ଲୋକଙ୍କୁ ଭେଟିଥିଲେ। ୭୫ବର୍ଷ ପୂର୍ବରୁ ଜଳସମ୍ପଦ ବିଭାଗ ଦ୍ୱାରା ଅଧିକୃତ ହୋଇ ଅବ୍ୟବହୃତ ରହିଥିବା ପୈତୃକ ଜମିକୁ ଫେରାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ସେଠାରୁ ଯାଇ ମନ୍ତ୍ରୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଚିପିଲିମାସ୍ଥିତ ମା' ଘଣ୍ଟେଶ୍ୱରୀଙ୍କ ଦର୍ଶନ କରିଥିଲେ।

# ଆଳୁ ସମସ୍ୟା ସମାଧାନ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ: ପ୍ରମିଳା

## ଅସାଧୁ ବ୍ୟବସାୟୀଙ୍କ ସହ ଭାଜପାର ସମ୍ପର୍କ ରହିଛି

ଭୁବନେଶ୍ୱର,୧୦।୮(ଅନିଲ ଦାସ)

ପ୍ରାୟ ମାସେ ଧରି ରାଜ୍ୟରେ ଆଳୁ ସମସ୍ୟା ଦେଖାଦେଇଛି, ଯାହା ଥମିବାର ନାଁ ନେଉନାହିଁ। ରାଜ୍ୟ ସରକାରଙ୍କ ଆଳୁ ମହଜୁଦକାରୀଙ୍କ ଉପରେ କୋହଳ ମନୋଭାବ ଓ ଆଳୁ ସମସ୍ୟାର ସମାଧାନ ପାଇଁ ଆନ୍ତରିକତାର ଅଭାବ ଯୋଗୁ ସମସ୍ୟା ଯେଉଁଠିକୁ ସେଇଠି ରହିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି।

ଶଙ୍ଖଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସରକାର ଆଳୁ ଦର ନିୟନ୍ତ୍ରଣରେ ରହିଥିବା ଦାବି କରୁଥିଲେ ମଧ୍ୟ ଏବେ ବି ଦର କିଲୋ ପିଛା ୫୦ ଟଙ୍କା ରହିଛି। ଅନ୍ୟ ରାଜ୍ୟରୁ ଆଳୁ ଆଣିବା ନେଇ ସମସ୍ୟା ଥିବା କଥା କୁହାଯାଉଥିଲେ ବି କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଆଳୁ ମହଜୁଦ ରଖାଯାଇ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି। ଏହି ସମସ୍ୟା ପ୍ରତି ଭାଜପା ସରକାରଙ୍କ ଉଦାସୀନତା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି। ଆଳୁ ମହଜୁଦ ରଖୁଥିବା ଅସାଧୁ ବ୍ୟବସାୟୀଙ୍କ ଭାଜପା ସହିତ ନିବିଡ଼ ସମ୍ପର୍କ ରହିଥିବାରୁ ସରକାର ଏ ପର୍ଯ୍ୟନ୍ତ ସେହି ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପା ସରକାର ଓଡ଼ିଶାରେ ନାଫେଡ୍ ସହଯୋଗରେ ଆଳୁ ସପ୍ତାହକ ଭିତରେ ଉପଲବ୍ଧ କରିବାକୁ କହୁଛନ୍ତି, କିନ୍ତୁ ଏବେ ସ୍ଥିତିକୁ ଦେଖିଲେ ଲାଗୁଛି, ଆଗାମୀ ୧୫ ଦିନ ମଧ୍ୟରେ ସ୍ଥିତି ସ୍ୱାଭାବିକ ହେବ ନାହିଁ। ଓଡ଼ିଶା ଲୋକେ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ସମସ୍ୟା ଭୋଗିବେ। ସେହିପରି ବଜାରରେ ଅନ୍ୟାନ୍ୟ ପନିପରିବା ଦର ଆକାଶଛୁଆଁ ହୋଇଛି। ତାହାର ନିୟନ୍ତ୍ରଣ ପ୍ରତି ସରକାରଙ୍କ ନିଘା ନାହିଁ। ଓଲଟା ମନ୍ତ୍ରୀ ପନିପରିବା ଦର ନିୟନ୍ତ୍ରଣ କରିବାରେ ସରକାରଙ୍କ କୌଣସି ଭୂମିକା ନାହିଁ ବୋଲି ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ସରକାର ତୁରନ୍ତ ଆଳୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ। ଆବଶ୍ୟକ ଅନୁସାରେ, ଏସ୍‌ମା ଆଇନ ଲାଗୁକରିବା କଥା ଚିନ୍ତା କରନ୍ତୁ ବୋଲି ପ୍ରମିଳା କହିଛନ୍ତି।

## ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

# ହାଇକୋର୍ଟରେ ମାମଲା

କଟକ,୧୦।୮(କାର୍ତ୍ତିକ ସାହୁ)

ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଓ କାଉନସିଲରଙ୍କ ମଧ୍ୟରେ ଚାଲିଥିବା ବିବାଦ ରୋଚକ ମୋଡ଼ ନେଇଛି। ଅଧ୍ୟକ୍ଷା ଆରତି ପ୍ରଧାନ ଓ ତାଙ୍କ ସ୍ୱାମୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ବିରୋଧରେ ବିଜେଡି କାଉନ୍‌ସିଲରଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ମାମଲା ହୋଇଛି। ଏଥିସହ ବ୍ୟବସ୍ଥାର ଗଳାବାଟ ଦେଇ ଅନାସ୍ଥା ଆଣିବାକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଆପତ୍ତିଜନକ ମନ୍ତବ୍ୟ ଦେଇଥିବା କାଉନ୍‌ସିଲରଙ୍କ ବିରୋଧରେ ଆରତି ଓ ବିଧାନ ଚନ୍ଦ୍ର ୫ କୋଟି ଟଙ୍କାର ମାନହାନି ମକଦ୍ଦମା କରିଛନ୍ତି।

ସୂଚନା ଅନୁସାରେ, ପୌର ନିର୍ବାଚନବେଳେ ଖଣ୍ଡପଡା ଏନ୍‌ଏସି ଅଧ୍ୟକ୍ଷା ପଦବୀ ପାଇଁ ଆରତି ସ୍ୱାଧୀନ ଭାବେ ଲଢ଼ିଥିଲେ। ବିଜେଡିକୁ ଚକ୍‌ମା ଦେଇ ସେ ବିଜୟୀ ହୋଇଥିଲେ। ୧୩ ଆସନ ବିଶିଷ୍ଟ ଖଣ୍ଡପଡା ଏନ୍‌ଏସିରେ ବିଜେଡିରୁ ୮, ଭାଜପାରୁ ଜଣେ ଏବଂ ୪ ଜଣ ସ୍ୱାଧୀନ ଭାବେ ବିଜୟୀ ହୋଇଥିଲେ। ତା'ପରେ ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ହେଲେ ୨୦୨୪ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପରେ ଖଣ୍ଡପଡ଼ା ରାଜନୀତି କଡ ଲେଉଟାଇଥିଲା। ଅଧ୍ୟକ୍ଷା ଆରତିଙ୍କ ବିରୋଧରେ ବିଜେଡିର କାଉନ୍‌ସିଲରମାନେ ଅନାସ୍ଥା ଆଣିଥିଲେ। ଗତ ମାସ ୩୦ ତାରିଖରେ ସେମାନେ ନୟାଗଡ଼ ଜିଲାପାଳଙ୍କ ପାଖରେ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ଏଥିସହ ଆରତି ଓ ବିଧାନ ଚନ୍ଦ୍ରଙ୍କ ବିରୋଧରେ ସେମାନେ ବିଭିନ୍ନ ଗଣମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏହା ବିରୋଧରେ ଗତ ୫ ତାରିଖରେ ଆରତି ଓ ତାଙ୍କ ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଭୟେ ଅନାସ୍ଥା ବିରୋଧ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସେହିପରି ଅପମାନଜନକ ମନ୍ତବ୍ୟ ଦେଇଥିବା ବିଜେଡି କାଉନ୍‌ସିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା: କାଉନସିଲରଙ୍କୁ ନୋଟିସ

## ନୀଳଗିରି ଏନ୍‌ଏସି

### ଭାଜପା ଶିବିରରେ ତତ୍ପରତା

ନୀଳଗିରି, ୧୦।୮(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବିଜ୍ଞପିତ ଅଞ୍ଚଳ ପରିଷଦ(ଏନଏସି) ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଅନାସ୍ଥା ଭୋଟ ନେଇ କାଉନସିଲରଙ୍କୁ ନୋଟିସ୍ କରାଯାଇଛି। ଅଗଷ୍ଟ ୫ରେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗି ୧୩ଜଣ କାଉନସିଲରଙ୍କ ମଧ୍ୟରୁ ୧୧ଜଣଙ୍କ ଦସ୍ତଖତ ଥାଇ ୯ଜଣ କାଉନସିଲର ବାଲେଶ୍ୱର ଜିଲାପାଳଙ୍କୁ ଭେଟି ପତ୍ର ଦେଇଥିଲେ। ଅନାସ୍ଥା ପ୍ରସ୍ତାବ ମୁତାବକ ଓଡ଼ିଶା ମ୍ୟୁନିସପାଲ ଆଇନ ୧୯୫୦ ଧାରା ୫୪ (୨) ଅନୁସାରେ ନୀଳଗିରି ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଆସନ୍ତା ୧୪ତାରିଖ ପୂର୍ବାହ୍ନ ୧୧ଟାରେ ଏନ୍‌ଏସି ସଭା ଗୃହରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଆବଶ୍ୟକସ୍ଥଳେ ଭୋଟ ଗ୍ରହଣ ଅପରାହ୍ନ ୧୨ଟା ୩୦ମିନିଟ୍‌ରେ କରାଯିବ ଓ ଅପରାହ୍ନ ୧ଟାରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

ସୂଚନା ଥାଉ କି, ନୀଳଗିରି ଏନ୍‌ଏସି ନିର୍ବାଚନରେ ୧୩ଟି କାଉନସିଲର ପଦବୀ ମଧ୍ୟରୁ ବିଜେଡି ୮ଟି ହାତେଇ ଥିବା ବେଳେ ବିଜେଡିର ଅମ୍ବିକା ଦାସ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଗତ ୨୦୨୪ ନିର୍ବାଚନ ସମୟରେ ଦଳ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ସେହି ସମୟରେ ୬ଜଣ ବିଜେଡି କାଉନସିଲର ଏବଂ ଜଣେ ସ୍ୱାଧୀନ କାଉନସିଲର ଭାଜପାରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୦ନଂ. ୱାର୍ଡ କାଉନସିଲର ଗୌରାଙ୍ଗ ବିନ୍ଧାଣି ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଅପରପକ୍ଷେ ଅନାସ୍ଥା ଭୋଟ ନେଇ ଭାଜପା ଶିବିରରେ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି।


**OFFICE OF THE PRINCIPAL, RAJSUNAKHALA COLLEGE**

Rajsunakhala, Dist.: Nayagarh, Odisha - 752065

**TENDER CALL NOTICE**

No.: RC/OHEPEE/2024-25/001 Date: 09.08.2024

Sealed tenders (Two Bid) are invited from the intending registered Suppliers /dealers/ firms having valid GST Registration/ Tax Clearance Certificate of last three years/ PAN Card for supply of stools for laboratory, CCTV with monitor and Laboratory Furniture for the Department of "Physics, Chemistry, Botany & Zoology" of reputed brand. CE & ISO Certified Company Interested bidders may submit their quotations by Registered Post / Speed Post/Courier only on or before 30.08.2024 (4.00 P.M.). Quotations received incomplete or after scheduled date and time shall be summarily rejected. The details of items, specifications, Terms and Conditions can be obtained from the office website **www.rajsunakhalacollege.ac.in** or Principal office on producing valid ID proof of the Firm. The undersigned reserves the right to accept/reject or cancel any or all quotations without assigning any reasons thereof.

PRINCIPAL
RAJSUNAKHALA COLLEGE, NAYAGARH



**कार्यपालक अभियन्ता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग**

शुद्धि पत्र

इस कार्यालय के पत्रांक–1061, दिनांक–24.07.2024 द्वारा आमंत्रित ई–निविदा आमंत्रण सूचना सं0–04/2024-25/RWD/EE/HAZARIBAG, दिनांक–24.07.2024, जिसका PR No-330717 Rural Work Department (24-25).D से प्रकाशित निविदा में निम्नवत् संशोधन की जाती है–

1. वेबसाईट में निविदा प्रकाशन की तिथि :– 13.08.2024
2. ई–निविदा प्राप्ति की अंतिम तिथि एवं समय :–23.08.2024 अपराह्न 5.00 बजे तक।
3. निविदा खोलने की, तिथि, एवं समय–24.08.2024 अपराह्न 5.30 बजे।

शेष सभी शर्तें यथावत रहेगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, हजारीबाग

PR 332381 Rural Work Department(24-25)D



idco Your power to grow | ODISHA NEW OPPORTUNITIES No.CAD-817

**OFFICE OF THE DIVISIONAL HEAD, IDCO, ROURKELA DIVISION, ROURKELA- 769004**

Tender Call Notice No. IDCO/RKL/CIV/E/1799/2023-2024/1617 DTD: 08.08.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

| Sl. No. | Name of work | Value of work (Approx.) | Period of completion |
|---|---|---|---|
| 1 | Up Gradation of Mini Auditorium in the Administrative Building of BPUT, Rourkela | Rs.34.91 Lakhs | 03 (Three) calendar months |

1. Other details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, IDCO, Rourkela Division, Rourkela | Bid ID no- DH/ RKL/ CIV//E-03/ 2024-25 | 17.00 hours of dt.13.08.2024 | 17.00 hours of dt.22.08.2024 |

Further details can be seen from the e-Procurement Portal: www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

Sd./- Divisional Head
IDCO, Rourkela Division

OIPR-14003/11/0038/2425



**कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, चाईबासा**

email- rwdchaibasa64@gmail.com

शुद्धि पत्र

एतद् द्वारा सूचित किया जाता है कि इस कार्यालय के पत्रांक–1060(अनु0) दिनांक –29.07.2024 द्वारा आमंत्रित ई निविदा आमंत्रण सूचना सं0– 06 /2024-25 /RWD /EE/CHAIBASA जिसका PR No&331180 (West Singhbhum) 24-25 (D) में निकाली गई निविदा को आंशिक रूप से संशोधित किया जाता है जो निम्न है –

| क्र0 | पूर्व में दैनिक समाचार पत्र में प्रकाशित | संशोधित तिथि |
|---|---|---|
| 1 | वेबसाईट में निविदा प्रकाशन की तिथि :– 10.08. 2024 | वेबसाईट में निविदा प्रकाशन की तिथि – 14.08.2024 |
| 2 | ई–निविदा प्राप्ति की अंतिम तिथि एवं समय :– 20.08. 2024 अपराह्न 05:00 बजे तक। | ई–निविदा प्राप्ति की अंतिम तिथि एवं समय :– 04.09.2024 अपराह्न 05:00 बजे तक। |
| 3 | निविदा खोलने की तिथि एवं समय :– 21.08. 2024 अपराह्न 05:00 बजे। | निविदा खोलने की तिथि एवं समय :– 05.09.2024 अपराह्न 05:00 बजे। |

निविदा की शेष कंडिकाएँ एवं शर्तें यथावत् रहेंगी।

विश्वासभाजन,
कार्यपालक अभियंता
ग्रामीण कार्य विभाग, कार्य प्रमण्डल, चाईबासा।

PR.NO.332345 West Singhbhum(24-25):D



**DIRECTORATE OF GROUND WATER DEVELOPMENT, ODISHA**

Office of the Deputy Director, GWD Division-II, Bhubaneswar
A/2, Unit-V, Bhubaneswar
[e-mail: srgeologistrsbbsr@gmail.com]

INVITATION FOR BIDS (IFB)

e-Procurement Notice: 559 Date: 07.08.24
Bid Identification No. 05/GWRSD/CHHATA/2024-25
(Single- Envelope Bidding Process)

No.A-211:- Deputy Director, Geology, GWD Division-II, Plot - A/2, Unit-V, Bhubaneswar on behalf of Governor of Odisha invites bids from bidders Class 'D' & 'C' (As per latest OPWD codal provisions) registered with the State Governments and bidders of equivalent Grade / Class registered with Central Government / MES / Railways for the construction of works following work.

Bids must be submitted online on or before **22.08.2024 at 11.00 hrs**. IST (system server time). Proposals will be opened online on **22.08.2024; at 12.00 hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the tender will be available in the procurement portal '*www.tendersodisha.gov.in*'.

| Sl. No. | Description | Details |
|---|---|---|
| 1 | Name of the work | Construction of 04 Nos. RRHS under CHHATA scheme in Nayagarh Urban and Block area of Nayagarh District |
| 2 | Start date of availability of bid document online (bid download) | 13.08.2024 from 11.00 hrs. |
| 3 | Last date of availability of bid document online (bid download) | 22.08.2024 upto 11.00 hrs. |
| 4 | Last date and time for receipt of bid document (Bid submission end date & time) | 22.08.2024 upto 11.00 hrs. |
| 5 | Date & time of opening of bid document (bid opening date) | 22.08.2024 at 12.00 hrs. |

Sd./- Deputy Director, Geology, GWD Division-II, Bhubaneswar
OIPR-32469/11/0004/2425



**e-Procurement Cell**
**OFFICE OF THE EXECUTIVE ENGINEER, SPECIAL WORKS DIVISION, BUILDING CONSTRUCTION DEPARTMENT Ranchi**

**e-Procurement Notice, (Very-Very Short Notice)**

Notice Inviting Tender Reference No:- BCD/EE, Special Works Div, BCD, Ranchi-RFP11/2024-25 Date:-08.08.24

*Online bids are invited by Executive Engineer, Special Works Division, Building Construction Department, Ranchi for appointing "Consultancy Service for Preparation of DPR & PMC Services for Construction of State Guest House at Puri, Odisha" from qualified reputed Consultancy firms.*

| | |
|---|---|
| Date of Procurement of RFP Document | From 16.08.2024 , 10.00 A.M. |
| Last date of online submission of RFP and Bid Document | 27.08.2024 upto 12.00 Noon |
| Date and Time of Opening of Technical | 28.08.2024 at 12.00 Noon |
| Date of Pre Bid meeting | 21.08.2024 at 11.30 A.M. |
| Place of Opening | From 2.5 crore upto 5 crore :- e-procurement cell office of the chief engineer, Combined Office Building, Building Construction Department, Line Tank Road, Ranchi Above 5 crore :- Chairman, e-procurement Cell, Room No. 326A, 3rd Floor, Building Construction Department, Jharkhand Mantralaya, Dhurwa, Ranchi |
| Cost of RFP Documents | Rs. 10,000/- |

Note- Cost of Bidding Document (Not Refundable) & Bid Security (Security Deposit) shall be payable online through http://jharkhandtenders.gov.in
Any change can be seen on Website http:// jharkhandtenders.gov.in
Any other information can be seen on http://jharkhandtenders.gov.in

PR 332393
Building(24-25)#D

Nodal Officer, e-Procurement Cell
OFFICE OF EXECUTIVE ENGINEER, SPECIAL WORKS DIVISION, BUILDING CONSTRUCTION DEPARTMENT, RANCHI.

# ପୁରୀରେ ପ୍ରଥମଥର ପାଳନ ହେବ ନୌସେନା ଦିବସ

- ଯୋଗଦେବେ ରାଷ୍ଟ୍ରପତି
- ସମୁଦ୍ରରେ ୫ ଯୁଦ୍ଧ ଜାହାଜ ଦେଖିଲେ ପର୍ଯ୍ୟଟକ

ପୁରୀ,୧୦।୮ (ଅଜିତ୍ କୁମାର ମହାନ୍ତି)

ଏୟାର ଶୋ’ ପରେ ଏବେ ପୁରୀରେ ଅନୁଷ୍ଠିତ ହେବ ନୌସେନା ଦିବସ ବା ନାଭାଲ୍ ଡେ। ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ନୌସେନା ଦିବସ ଅନୁଷ୍ଠିତ ହେବ। ଏହାପୂର୍ବରୁ ନୌସେନା ମୁଖ୍ୟଙ୍କ ସହ ନୌସେନାର ଅଧିକାରୀମାନେ ଶନିବାର ପୁରୀ ଆସି ବେଳାଭୂମିରେ ହାଇଡ୍ରୋଗ୍ରାଫି ସର୍ଭେ କରିଥିବା ବେଳେ ବିସ୍ତୃତ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ଅବସରରେ ପୁରୀ ବେଳାଭୂମିର ଅନତି ଦୂର ସମୁଦ୍ର ମଧ୍ୟରେ ନୌସେନାର ୫ଟି ଯୁଦ୍ଧ ଜାହାଜକୁ ଅତି ନିକଟରୁ ଦେଖି ପର୍ଯ୍ୟଟକମାନେ ଖୁସିବ୍ୟକ୍ତ କରିଛନ୍ତି। ବିଶେଷକରି ପ୍ରଥମଥର ପାଇଁ ଆୟୋଜିତ ହେବାକୁଥିବା ନୌସେନା ଦିବସ ଖବର ଶୁଣି ପୁରୀବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାରୁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ସାଧାରଣ ଲୋକମାନେ ସମୁଦ୍ରକୂଳରେ ଉପସ୍ଥିତ ରହି ନୌସେନା ଦିବସରେ ବିଭିନ୍ନ କଳାକୌଶଳ ଦେଖି ଅଭିଜ୍ଞତା ହାସଲ କରିପାରିବେ।

ଶନିବାର ପୂର୍ବାହ୍ନରେ ପୁରୀ ବେଳାଭୂମିଠାରୁ ମାତ୍ର ୨୦୦ମିଟର ଦୂରରେ ନୌସେନାର ୫ଟି ଯୁଦ୍ଧ ଜାହାଜ ରହିଥିଲା। ଆଇଏନ୍ଏସ୍ ଜଳସ୍ୱ, ଆଇଏନ୍ଏସ୍ କିଲଟନ୍, ଆଇଏନ୍ଏସ୍ ସୁମେଧା, ସରସ୍ୱତୀ ଭଳି ଯୁଦ୍ଧ ଜାହାଜ ସମେତ ନୌସେନାର ଗୋଟିଏ ରେସ୍କ୍ୟୁ ଜାହାଜ ସମୁଦ୍ର ତଟରେ ସାମିଲ ହୋଇଥିଲା। ନୌସେନା ପକ୍ଷରୁ ୧୯୪୪ ମସିହାଠାରୁ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳନ ହେଉଛି। ପୂର୍ବରୁ ଏହି ସ୍ୱତନ୍ତ୍ର ଦିବସ ବମ୍ବେ, ବିଶାଖାପାଟଣା ଭଳି ବଡ଼ ବଡ଼ ସହରର ସମୁଦ୍ର କୂଳରେ ପାଳନ ହୋଇ ଆସୁଥିଲା। ତେବେ ଚଳିତ ବର୍ଷ ପୁରୀ ସମୁଦ୍ର ତଟରେ ଏହି ଦିବସ ପାଳନ କରିବାକୁ ନୌସେନା ନିଷ୍ପତ୍ତି ନେଇଛି। ଏଥିପାଇଁ ବହୁ ସଂଖ୍ୟାରେ ଜଳ ଜାହାଜ ପୁରୀ ଉପକୂଳକୁ ଆସିବ। ନୌସେନା ଦିବସ ପାଳନ ଅବସରରେ ଏହି ଜାହାଜ କଳା କୌଶଳ ପ୍ରଦର୍ଶନ କରିବ। ପୂର୍ବରୁ ପୁରୀ ଉପକୂଳରେ ବାୟୁସେନା ପକ୍ଷରୁ ଏୟାର ଶୋ’ ପ୍ରଦର୍ଶିତ ହୋଇ ସାରିଥିବାବେଳେ ଏବେ ନୌସେନା ତା’ର ବୀରତ୍ୱର କଳାକୌଶଳ ପ୍ରଦର୍ଶନ କରିବା ପାଇଁ ପୁରୀ ଉପକୂଳକୁ ମନୋନୀତ କରିଛି। ନୌସେନାର ମୁଖ୍ୟ ଆଡମିରାଲ୍ ଦିନେଶ୍ କେ. ତ୍ରିପାଠୀ ବ୍ଲୁଫ୍ଲାଗ୍ ବିଚ୍ ଯାଇ ଅଧିକାରୀଙ୍କ ସହ ନୌସେନା ଦିବସ ନିମନ୍ତେ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ତେବେ ଆଗକୁ ଆହୁରି ନୌସେନା ଜାହାଜ ପୁରୀ ବେଳାଭୂମିକୁ ଆସିବାକୁଥିବାବେଳେ ନୌସେନା ଦିବସରେ ଚିତ୍ତାକର୍ଷକ ଶୋ’ ଦେଖିବାକୁ ମିଳିବ ବୋଲି ନୌସେନା ଅଧିକାରୀ କହିଛନ୍ତି। ଭାରତୀୟ ନୌସେନା ଅଧିକାରୀ ବୀରଜ ଚୌଧୁରୀ କହିଛନ୍ତି, ଭାରତୀୟ ନୌସେନାର ବିଭିନ୍ନ ଜାହାଜ ଏଠାରେ ରହି ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବେ। ବିଭିନ୍ନ ଯୁଦ୍ଧ ବିମାନ ଏୟାର ଶୋ’ କରିବା ସହ ଯୁଦ୍ଧ ଜାହାଜ ବୋଟ୍ ଶୋ’ କରିବେ। ଶୋ’ ସହ କମାଣ୍ଡୋମାନେ ମଧ୍ୟ ଏହି ଅବସରରେ ବିଭିନ୍ନ ଯୁଦ୍ଧର କଳା କୌଶଳ ପ୍ରଦର୍ଶନ କରିବେ। ସମୁଦ୍ରରେ କେତେ ଗଭୀରତା ରହିଛି, ଜାହାଜଗୁଡ଼ିକ ଆସିପାରିବ କି ନାହିଁ ସେନେଇ ଏବେ ଅନୁଧ୍ୟାନ କରାଯାଉଛି। ବେଳାଭୂମି ଏବଂ ସମୁଦ୍ରର ସ୍ଥିତି ନେଇ ମଧ୍ୟ ଅନୁଧ୍ୟାନ କରାଯାଉଛି। ଅନେକ ଜାହାଜ ଆସିବ। ଭାରତୀୟ ନୌସେନା ନିଜର ପରାକାଷ୍ଠା ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି। ତେବେ ପୁରୀ ବେଳାଭୂମିଠାରୁ କମ୍ ଦୂରରେ ଲାଗିଥିବା ୫ଟି ନୌସେନା ଜାହାଜକୁ ଅତି ନିକଟରୁ ଦେଖି ପର୍ଯ୍ୟଟକମାନେ ବେଶ୍ ଖୁସି ପ୍ରକଟ କରିଛନ୍ତି। ପ୍ରଥମଥର ଓଡ଼ିଶାର ଜଗନ୍ନାଥ ଧାମ ପୁରୀରେ ନୌସେନା ଦିବସ ପାଳନ ହେବାକୁ ଥିବାରୁ ପର୍ଯ୍ୟଟକମାନେ ଖୁସି ଜାହିର କରିଛନ୍ତି। ପୁରୀରେ ନୌସେନା ଦିବସ ପାଳନ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇସାରିଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହାପ୍ରଭୁଙ୍କ ଦର୍ଶନ କରି ନୌସେନା ଅଧିକାରୀ ତ୍ରିପାଠୀ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଭାରତୀୟ ନୌସେନାର ନେଭି ଡେ’ ପାଳନ କରାଯାଇଥାଏ। ତେବେ ଚଳିତଥର ପୁରୀ ବେଳାଭୂମିରେ ଏହାକୁ ପାଳନ କରାଯିବାକୁ ସ୍ଥିର ହୋଇଛି, ଯାହା ଏକ ଗର୍ବ ଓ ଖୁସିର ବିଷୟ। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।


ପୁରୀ ନିକଟ ସମୁଦ୍ରରେ ରହିଥିବା ନୌସେନାର ଯୁଦ୍ଧ ଜାହାଜ।

## ୧୨ରେ ବିଏଡ୍, ବିଏଚ୍ଏଡ୍, ଏମ୍ଏଡ୍ ନାମଲେଖା ପ୍ରଥମ ପର୍ଯ୍ୟାୟ ମେଧାତାଲିକା

ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ବିଏଡ୍, ବିଏଚ୍ଏଡ୍ ଏବଂ ଏମ୍ଏଡ୍‌ରେ ନାମଲେଖା ପାଇଁ ଅନୁଷ୍ଠିତ ହୋଇଥିବା ପ୍ରବେଶିକା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଥିଲା। ତେବେ ନାମଲେଖା ପାଇଁ ୧୨ତାରିଖ ଅପରାହ୍ନ ୨ଟାରେ ପ୍ରଥମ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୧୩ତାରିଖ ପୂର୍ବାହ୍ନ ୧୦ଟାରୁ ୧୭ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ତେବେ ୧୫ତାରିଖ ଦିନ ନାମଲେଖା ଅନୁଷ୍ଠିତ ହେବ ନାହିଁ। ୨୪ ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୨୭ରୁ ୨୯ତାରିଖ ଭିତରେ ନାମଲେଖାଇବେ। ସେପ୍ଟେମ୍ବର ୫ ଅପରାହ୍ନ ୨ଟାରେ ତୃତୀୟ ମେଧା ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ମନୋନୀତ ଛାତ୍ରୀଛାତ୍ର ୬, ୯ ଏବଂ ୧୦ତାରିଖରେ ନାମ ଲେଖାଇବେ। ସେହିଭଳି ସେପ୍ଟେମ୍ବର ୧୭ରେ ଚତୁର୍ଥ ମେଧାତାଲିକା ପ୍ରକାଶ ପାଇବ ଏବଂ ଛାତ୍ରୀଛାତ୍ରଙ୍କୁ ୧୮ ରୁ ୨୧ତାରିଖ ମଧ୍ୟରେ ନାମ ଲେଖାଇବାକୁ ପଡ଼ିବ। ସେପ୍ଟେମ୍ବର ୨୩ରୁ ବିଏଡ୍, ବିଏଚ୍ଏଡ୍ ଏବଂ ଏମ୍ଏଡ୍ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ତେବେ ନାମଲେଖା ପ୍ରକ୍ରିୟା କିପରି ହେବ ସେନେଇ ଉଚ୍ଚଶିକ୍ଷା ବିଭାଗ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛି। ଏ ନେଇ ବିଭାଗ ପକ୍ଷରୁ ୨ବର୍ଷିଆ ବିଏଡ୍ ଏବଂ ଏମ୍ଏଡ୍ ଥିବା ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଚେୟାରମ୍ୟାନ ଏବଂ ସମସ୍ତ ସରକାରୀ ଶିକ୍ଷକ ଶିକ୍ଷା ଶିକ୍ଷାନୁଷ୍ଠାନ ପ୍ରିନ୍ସିପାଲଙ୍କୁ ଚିଠି ଲେଖିଛନ୍ତି।



ଆସନ୍ତା ୧୩ ତାରିଖରୁ ସ୍ୱାଧୀନତା ଦିବସ ଯାଏ ଦେଶବ୍ୟାପୀ ହେବାକୁ ଥିବା ‘ହର୍ ଘର୍ ତିରଙ୍ଗା’ ଅଭିଯାନକୁ ନେଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଜଣଙ୍କ ଅସ୍ତ୍ରୋପଚାର, ଅନ୍ୟ ଜଣେ ଡିସ୍‌ଚାର୍ଜ ହେଲେ

**ଏସ୍‌ସିବିରେ କ୍ରେନ୍ ଭାଙ୍ଗି ୩ ଶ୍ରମିକ ଗୁରୁତର ଘଟଣା**

କଟକ,୧୦।୮ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ଶୁକ୍ରବାର କ୍ରେନ୍ ଭାଙ୍ଗି ପଡିବାରୁ ୩ ଜଣ ଶ୍ରମିକ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବିରେ ଭର୍ତ୍ତିକରାଯାଇଥିଲା। ସେମାନେ ହେଲେ ବିହାର ଅଞ୍ଚଳର ଅଂସାରୀ ବେଗ୍, ଓଡ଼ିଶାର ଦୀନବନ୍ଧୁ ବେହେରା ଓ ବଂଶୀରାଜ ମଲ୍ଲିକ। ସେମାନଙ୍କ ମଧ୍ୟରୁ ବଂଶୀରାଜଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ଅନ୍ୟ ୨ ଜଣଙ୍କ ଚିକିତ୍ସା ଜାରି ରହିଛି। ମେଡିକାଲର ଅର୍ଥପେଡିକ ବିଭାଗରେ ୨ ଶ୍ରମିକ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଶନିବାର ଦୀନବନ୍ଧୁଙ୍କ ଅସ୍ତ୍ରୋପଚାର କରାଯାଇଥିବାବେଳେ ରବିବାର ଅଂସାରୀଙ୍କ ଅସ୍ତ୍ରୋପଚାର କରାଯିବା ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଭୟ


@ ଦେବୀପ୍ରସାଦ


@ ଜୀବନଜ୍ୟୋତି


@ ସୁକାନ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୩ରୁ ଜିଲାସ୍ତରରେ ‘ହର୍ ଘର୍ ତିରଙ୍ଗା’ ଅଭିଯାନ

**ସ୍ୱାଧୀନତା ଦିବସ ଉତ୍ସବସ୍ଥଳରେ ରହିବ ମହାପୁରୁଷଙ୍କ ଫଟୋଚିତ୍ର**

ଭୁବନେଶ୍ୱର, ୧୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଚଳିତ ବର୍ଷ ଜିଲାସ୍ତରରେ ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ‘ହର୍ ଘର୍ ତିରଙ୍ଗା’ ଅଭିଯାନ ଚାଲିବ। ଏଥିସହ ଜିଲାସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତାର ଝଲକ ଦେଖିବାକୁ ମିଳିବ। ଏହି ଗୁରୁତ୍ୱପୂର୍ଣ୍ଣ ଦୁଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପରାମର୍ଶ ଦେଇଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ଉଚ୍ଚ ପଦାଧିକାରୀ ଏବଂ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଶନିବାର ଅପରାହ୍ନରେ ଆଭାସୀ ମାଧ୍ୟମରେ ଆୟୋଜିତ ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସିଂ ଏହି ପରାମର୍ଶ ଦେବା ସହିତ ଉଭୟ କାର୍ଯ୍ୟକ୍ରମ ପାଇଁ ଜିଲାସ୍ତରରେ ଗ୍ରହଣ କରାଯିବାକୁ ଥିବା ବିବିଧ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିସହିତ ଅଦ୍ୟାବଧି ଏ ଦିଗରେ ଜିଲାସ୍ତରରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମଧ୍ୟ ସେ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଉଭୟ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ସ୍ୱାଧୀନତା ସଂଗ୍ରାମୀ କିମ୍ବା ସେମାନଙ୍କ ପରିବାରର ନିକଟତମ ସଦସ୍ୟ ଏବଂ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ ଆଗୁଆ ନିମନ୍ତ୍ରଣ ଓ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ସିଂ ସମୀକ୍ଷା କରିଥିଲେ। ସେହିପରି, ହର୍ ଘର୍ ତିରଙ୍ଗା ଅଭିଯାନକୁ ଶତ ପ୍ରତିଶତ ସଫଳ କରିବାକୁ ବ୍ୟାପକ ପ୍ରଚାର ପ୍ରସାର କରିବା ସଙ୍ଗେସଙ୍ଗେ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ମଧ୍ୟ ସେସବୁକୁ ପ୍ରଦର୍ଶିତ କରିବାକୁ ସିଂ ପରାମର୍ଶ ଦେଇଥିଲେ। ଅଭିଯାନର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯେପରି ସମାଜର ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇପାରିବେ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ସେ କହିଥିଲେ। ଭୁବନେଶ୍ୱର ଗାନ୍ଧୀମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡ ଓ ଜିଲାସ୍ତରରେ ହେବାକୁ ଥିବା ସ୍ୱାଧୀନତା ଦିବସ ଉତ୍ସବରେ ଓଡ଼ିଶାର ମହାପୁରୁଷମାନଙ୍କ ଫଟୋଚିତ୍ର ସ୍ଥାନିତ କରାଯିବାବାକୁ ସିଂ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ବିଭାଗୀୟ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ-ନିର୍ଦ୍ଦେଶିକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ)

ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାରୁ ବର୍ଷା ଲାଗି ରହିଛି। ଶନିବାର ନୟାଗଡ଼ରେ ସର୍ବାଧିକ ୨୫.୬ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ମାଲକାନଗିରିରେ ୧୩.୪, ସୋନପୁର ୧୨, ବାରିପଦା ୮.୪, ବଲାଙ୍ଗୀର ୮, ଢେଙ୍କାନାଳ ୭.୬ ଓ ରାଉରକେଲାରେ ୪.୮ମିମି ବର୍ଷା ହୋଇଛି। ଆସନ୍ତା ୭ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ। ତେବେ ରବିବାର ପାଇଁ ବର୍ଷା ନେଇ କୌଣସି ସତର୍କ ସୂଚନା ଜାରି କରାଯାଇ ନ ଥିବାବେଳେ କାଁ ଭାଁ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ ୧୪ ତାରିଖରୁ ପୁଣି ବର୍ଷାର ପରିମାଣ ବଢ଼ିବ। କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଆଉ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଥିବା ଶନିବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ୧୪ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୫ ଓ ୧୬ ତାରିଖରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ଅର୍ଥାତ୍ ୭୦ରୁ ୧୧୦ମିମି ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ଦୁଇଦିନ ସତର୍କ ରହିବା ପାଇଁ କୁହାଯିବା ସହ ୟେଲୋ ୱାର୍ନିଂ ଜାରି ହୋଇଛି।

## କଟକରୁ କିନାଉର୍ କୈଳାସ ଯାତ୍ରା କଲେ ରାଜେଶ

**ଶ୍ରାବଣରେ ମହାଦେବଙ୍କୁ ଦର୍ଶନ କରିବେ**

କଟକ,୧୦।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରାବଣ ମାସରେ କଟକ ବଣିଆ ସାହି ଅଞ୍ଚଳର ରାଜେଶ ମହାରଣା ହିମାଚଳ ପ୍ରଦେଶର କିନାଉର୍ କୈଳାସ ଅଭିମୁଖେ ଯାତ୍ରା କରିଛନ୍ତି। କଟକ ଗଡ଼ଗଡ଼େଶ୍ୱର ମନ୍ଦିରରେ ସେ ଠାକୁରଙ୍କୁ ଦର୍ଶନ କରି ଶୁକ୍ରବାରଠାରୁ ଏହି ଯାତ୍ରା ଆରମ୍ଭ କରିଛନ୍ତି। ମୋଟ୍ ୨୫୦୦ କିମି ସେ ବାଇକ୍‌ରେ ଯାତ୍ରା କରିବାକୁ ଥିବାବେଳେ ଶନିବାର ରାତି ସୁଦ୍ଧା ୧୦୦୦ କିମି ଅତିକ୍ରମ କରିଛନ୍ତି। ସେ ପ୍ରଥମେ ମଧ୍ୟପ୍ରଦେଶର ଉଜ୍ଜୈନ୍ ଅଞ୍ଚଳରେ ଥିବା ମହାକାଳେଶ୍ୱର ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିବେ। ପରେ ସେଠାରୁ କିନାଉର୍ କୈଳାସ ଅଭିମୁଖେ ଯିବେ। କିନାଉର୍ କୈଳାସର ପ୍ରାୟ ୧୭ ହଜାର ଫୁଟ୍ ଉଚ୍ଚ ପାହାଡ଼ ଉପରେ ମହାଲିଙ୍ଗ ଅବସ୍ଥାପିତ। ସେଠାରେ ପହଞ୍ଚିବା ପାଇଁ ସଡ଼କ ପଥ ବାଦ୍ ୨୦ କିମି ଅତିକ୍ରମ କରିବାକୁ ପଡ଼ିବ। ପ୍ରାୟ ୧୫ ଦିନ ମଧ୍ୟରେ ଉକ୍ତ ସ୍ଥାନରେ ପହଞ୍ଚିବା ପାଇଁ ରାଜେଶ ଲକ୍ଷ୍ୟ ରଖିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ପ୍ରାୟ ୬ ବର୍ଷ ହେବ ଶ୍ରାବଣ ମାସରେ ଠାକୁରଙ୍କୁ ଦର୍ଶନ କରିଆସୁଛି। ଇତିମଧ୍ୟରେ ରାମେଶ୍ୱରମ୍, କେଦାରନାଥ, ତ୍ରୟମ୍ବକେଶ୍ୱରଙ୍କୁ ଦର୍ଶନ କରିସାରିଛି। ଠାକୁରଙ୍କ ନିକଟରେ ଜଗତର କଲ୍ୟାଣ ଓ ସମସ୍ତଙ୍କ ମଙ୍ଗଳ କାମନା କରୁଛି। ଆଗାମୀ ଦିନରେ ଏହି ଯାତ୍ରା ଜାରି ରହିବ ବୋଲି ସେ କହିଛନ୍ତି।



## ୧୩,୯୪୪ ଛାତ୍ରୀଛାତ୍ର ସମୂହ ଗାଇଲେ ଜାତୀୟ ସଙ୍ଗୀତ

**ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଲା**

୧୪ରେ ରିଲିଜ ହେବ ଭିଡିଓ

ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ)

୧୪ହଜାର ଛାତ୍ରୀଛାତ୍ର ସମୂହ ଜାତୀୟ ସଙ୍ଗୀତ ଗାନ କରି ରେକର୍ଡ କରିଛନ୍ତି। ଏହା ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଙ୍ଗୀତଜ୍ଞ, ପରିବେଶବିତ୍ ତଥା ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍‌ଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ(କିସ୍)ର ୧୩,୯୪୪ ଛାତ୍ରୀଛାତ୍ର ଏହି ସଙ୍ଗୀତ ଗାନ କରିଛନ୍ତି। ଏଥିରେ ପ୍ରଖ୍ୟାତ ବଂଶୀ ବାଦକ ହରି ପ୍ରସାଦ ଚୌରାସିଆ, ବିଶିଷ୍ଟ ସରୋଦ ବାଦକ ଅମନ ଓ ଆୟାନ ଅଲ୍ଲୀ ଖାନ୍, ବିଶିଷ୍ଟ ସନ୍ତୁର ବାଦକ ରାହୁଲ ଶର୍ମାଙ୍କ ଭଳି ଭାରତର ବହୁ ପ୍ରତିଷ୍ଠିତ ତଥା ସୁନାମଧନ୍ୟ ବାଦ୍ୟଯନ୍ତ୍ର ଶିଳ୍ପୀ ବାଦ୍ୟଯନ୍ତ୍ର ପରିବେଷଣ କରିଛନ୍ତି। ଆସନ୍ତା ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ୧୪ ତାରିଖରେ ଏହାର ଭିଡିଓ ଆନୁଷ୍ଠାନିକ ଭାବେ ରିଲିଜ ହେବ ବୋଲି କିଟ୍ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରିକି କେଜ୍ ଉପସ୍ଥିତ ରହି ଏହି ସୂଚନା ଦେଇଛନ୍ତି। ଏହି ଭିଡିଓଟି ରିଲିଜ୍ ହେବା ପରେ ଏହାର କପି ରାଇଟ୍ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ସମୂହ ସଙ୍ଗୀତର ରେକର୍ଡିଂଠାରୁ ଆରମ୍ଭ କରି ଭିଡିଓ ଶୁଟିଂ ପର୍ଯ୍ୟନ୍ତ କିଭଳି କାର୍ଯ୍ୟ କରାଯାଇଥିଲା ସେ ନେଇ ରିକି ଆଲୋକପାତ କରିଥିଲେ। ଦୁଇଦିନ ପିଲାମାନେ ଅଭ୍ୟାସ କରିବା ସହିତ ସେମାନଙ୍କ ପାଇଁ ୨୦୦ ରେକର୍ଡିଂ ମାଇକ୍ରୋଫୋନ ରଖାଯାଇଥିଲା। ଜାତୀୟ ସଙ୍ଗୀତ ରେକର୍ଡ କରାଯାଉଥିବାରୁ ଦୁଇଦିନ କିଭଳି ପିଲାମାନେ ଛିଡ଼ାହୋଇ ଧୈର୍ଯ୍ୟର ସହିତ ଏହାକୁ ସମାପନ କରିଥିଲେ ତାକୁ ନେଇ ରିକି କେଜ୍ ପ୍ରଶଂସା କରିଥିଲେ। କିସ୍‌ର ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଏହା କେବଳ କିସ୍ ନୁହେଁ, ଓଡ଼ିଶା ତଥା ଭାରତ ପାଇଁ ସମ୍ମାନର ବିଷୟ। ଏଥିପାଇଁ ରିକି କେଜ୍‌ଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। କିସ୍‌ର ଛାତ୍ରୀଛାତ୍ର ଉତ୍ସାହର ସହ ଜାତୀୟ ସଙ୍ଗୀତ ଗାନକରି ସେମାନଙ୍କ ସଙ୍ଗୀତ ପ୍ରତିଭା ଓ ପରିବେଶ ପ୍ରଚାର କ୍ଷେତ୍ରରେ ଉତ୍ସର୍ଗୀକୃତ ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମ କିସ୍ ଛାତ୍ରୀଛାତ୍ରଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବା ସହ କିସ୍‌ର ଶିକ୍ଷା ଓ ସଶକ୍ତୀକରଣ ଅଭିଯାନକୁ ସୁଦୃଢ଼ କରିଛି ବୋଲି ସାମନ୍ତ କହିଛନ୍ତି। ସୂଚନାଯୋଗ୍ୟ, କିସ୍‌ର ଏହା ୫ମ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ। ଏ ନେଇ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡ କର୍ତ୍ତୃପକ୍ଷ ଗତ ୮ତାରିଖ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି।



ଖବରଦାତା ସମ୍ମିଳନୀରେ ରିକି କେଜ୍ ଓ ଡ. ଅଚ୍ୟୁତ ସାମନ୍ତ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ମେଘ ସର୍ଜନାର ପ୍ରତୀକ

ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମେଘ ଉତ୍ସବ 'ଶ୍ରାବଣୀ' ଏକ ଅନନ୍ୟ ଶୈଳୀରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସାଇଁ ସଭାପତିତ୍ୱ କରି ମେଘକୁ ସର୍ଜନାର ପ୍ରତୀକ ଭାବେ ଅଭିହିତ କରିବା ସହ ମେଘ ଓ ବର୍ଷାର ବାସ୍ତବତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କବି ଆଶୁତୋଷ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମେଘ ସବୁବେଳେ ସମସ୍ତଙ୍କୁ ମୁଗ୍ଧ କରି ଆସିଛି ଓ ଏହା ଜୀବନଧାରାର ଏକ ପ୍ରବାହ ସଦୃଶ। ଏହା ସବୁବେଳେ ନୂଆ ଅନୁଭବକୁ ପ୍ରେରଣା ଦେଇ ଆସିଛି। ଏଥିସହ ସେ ଓଡ଼ିଆ ସାହିତ୍ୟରେ ମେଘ ଓ ବର୍ଷା ବର୍ଣ୍ଣନାର ବିଭିନ୍ନ ସ୍ଥାନରେ ଉଲ୍ଲିଖିତ ରଚନାବଳୀ ସମ୍ପର୍କରେ କହିଥିଲେ। ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସିକତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଉଭୟ ମେଘ ଓ ବର୍ଷା ସମସ୍ତଙ୍କୁ ଆହ୍ଲାଦିତ କରିଥାଏ। ନୃତ୍ୟ ମାଧ୍ୟମରେ ବର୍ଷାର ବିଭିନ୍ନ ରୂପ ଓ ଭାବକୁ ରୂପାୟିତ କରାଯାଇଥାଏ। ତେଣୁ ବର୍ଷା ସହ ନୃତ୍ୟର ଏକ ସ୍ୱତନ୍ତ୍ର ନିବିଡ଼ତା ରହିଆସିଛି ବୋଲି ସେ ମତ ଦେଇଥିଲେ। ଶିକ୍ଷାବିତ୍ ଡ. ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟବକ୍ତା ଭାବେ ଓଡ଼ିଆ ସାହିତ୍ୟ ବର୍ଷାକୁ ନେଇ ସମୃଦ୍ଧ ଓ ଋଦ୍ଧିମନ୍ତ ବୋଲି କହିଥିଲେ। ଅଧ୍ୟାପକ ଡ. ଜ୍ଞାନ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ, କୁଳସଚିବ ଅନାମିକା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସଂଯୋଜନା କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ମେଘ ଉପରେ ଆଧାରିତ ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଯନ୍ତ୍ର ସଙ୍ଗୀତ, ବୃନ୍ଦବାଦ୍ୟ ଓ ଓଡିଶୀ ନୃତ୍ୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

### ଯୁବକଙ୍କୁ ଟେକିନେଇ ଆକ୍ରମଣ ଘଟଣା, ୨ଗିରଫ

ଖୋର୍ଦ୍ଧା, ୧୦।୮ (ପ୍ରଭାତ ପାଣିଗ୍ରାହୀ)

ଯୁବକଙ୍କୁ ଟେକିନେଇ ମାଡ଼ ମାରିବା ଅଭିଯୋଗରେ ଖୋର୍ଦ୍ଧା ଟାଉନ ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ତୋଟାପଡା ଟାଙ୍ଗୀସାହିର ଅଜିମୁଦ୍ଦିନ ଖାନ ଓରଫ ଅଜିମ(୩୦) ଓ ସେକ ନଜି ଅଲ୍ଲୀ ଓରଫ ରାଜା(୩୬)। ତେବେ ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, ଗତ ବୁଧବାର ମୁକୁନ୍ଦପ୍ରସାଦ ପୋଡାସାହିର ବିଶ୍ୱଜିତ ମହାରଣା ଓ ମୁକେଶ ସେଠୀ ନୂଆ ବସଷ୍ଟାଣ୍ଡ ନିକଟ ଏକ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ତୋଟାପଡ଼ାରୁ ୨୦ଜଣ ଯୁବକ ହଠାତ୍ ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସେଠାରୁ ଉଠାଇନେଇ ତୋଟାପଡା କ୍ଲବ ଘରେ ପୁଣି ମାଡ ମାରିବା ସହ ହିନ୍ଦୁଧର୍ମକୁ ନେଇ ଆକ୍ଷେପ, ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଗୋଚାଲାଣରେ ପ୍ରତିବନ୍ଧକ ସାଜିଥିବାରୁ ମାରିଦେବାକୁ ଧମକ ଦେଇଥିଲେ। ୫୦ହଜାର ଟଙ୍କା ଏବଂ ସୁନାଚେନ ଲୁଟିନେଇଥିଲେ ବୋଲି ବିଶ୍ୱଜିତ ଥାନାରେ ପ୍ରାୟ ୨୧ଜଣ ଯୁବକଙ୍କ ନାଁରେ ଅଭିଯୋଗ କରିଥିଲେ।

# ବଜାର ବନ୍ଦ, ୧୪ ପ୍ଲାଟୁନ ଫୋର୍ସ ମୁତୟନ

## ଗୋରୁ ବୋଝେଇ ଗାଡ଼ିକୁ ନେଇ ତୁମ୍ଫୁଲକାଣ୍ଡ ଘଟଣା

■ ସ୍ୱାଭାବିକ ସ୍ଥିତିକୁ ଫେରୁଛି ଛଣଗିରି

ନିରାକାରପୁର, ୧୦।୮ (ମାନସ ଚନ୍ଦ୍ର ପଟ୍ଟନାୟକ)


ଛଣଗିରିରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି।


ବନ୍ଦ ରହିଥିବା ବଜାର।

ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ପଞ୍ଚାୟତ ଅଞ୍ଚଳରେ ଏକ ଗୋରୁ ଗାଡ଼ିକୁ ନେଇ ଶୁକ୍ରବାର ତୁମ୍ଫୁଲକାଣ୍ଡ ଘଟିଛି। ମୁସଲିମ୍ ସମ୍ପ୍ରଦାୟର କେତେଜଣ ବ୍ୟକ୍ତିଙ୍କ ସହ ହିନ୍ଦୁ ସଙ୍ଗଠନର କର୍ମୀମାନଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏପରିକି କେତେଜଣ ଖଣ୍ଡା ବୁଲାଇବା ସହ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ଓ ଦୋକାନ ଭଙ୍ଗାରୁଜା ହୋଇଛି। ପରେ ୫ଦଫା ଦାବିରେ ହିନ୍ଦୁ ସଙ୍ଗଠନର କର୍ମୀମାନେ ଜଙ୍କିଆଠାରେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀଙ୍କ ସମେତ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ଓ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଶନିବାର ଉକ୍ତ ଅଞ୍ଚଳରେ ସ୍ୱାଭାବିକ ସ୍ଥିତି ଫେରିଥିବା ବେଳେ ଗ୍ରାମବାସୀ ରାସ୍ତାରେ ଯାତାୟାତ କରିଥିଲେ। ତେବେ ଛଣଗିରି ବଜାର ବନ୍ଦ ରହିଥିବା ବେଳେ ଗ୍ରାମରେ ଥିବା ଦୋକାନ ଖୋଲାଥିବା ଦେଖିବାକୁ ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଗ୍ରାମର ପ୍ରତ୍ୟେକ ଛକ, ମନ୍ଦିର ନିକଟରେ ଫୋର୍ସ ମୁତୟନ ରହିଛନ୍ତି। ଏନେଇ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ରାସ୍ତାରୋକୋ ହୋଇଥିବା ଖବରପାଇ ପୋଲିସ ଓ ବିଧାୟକ ଜଗଦେବଙ୍କ ସହ ପହଞ୍ଚି ବୁଝାଶୁଝା କରିଥିଲୁ। ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକା ପ୍ରତ୍ୟାହୃତ ହୋଇଥିଲା।



ରାଷ୍ଟ୍ରୀୟ କ୍ଷେତ୍ରୀୟ ମହାସଂଘ ଓଡ଼ିଶାର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ସାକ୍ଷାତ ସହ ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି।

# ଗୀତା ମନୁଷ୍ୟ ସମାଜର ମାନବୀୟ ସମ୍ବିଧାନ

ଭୁବନେଶ୍ୱର, ୧୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

## ଗୀତା ମିଶନ ପକ୍ଷରୁ 'ଗୀତା ଓ ମାନବଧର୍ମ' ଆଲୋଚନାଚକ୍ର

ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟରନ୍ୟାଶନାଲ ଗୀତା ମିଶନ ପକ୍ଷରୁ ଦୁଇଦିନିଆ 'ଗୀତା ଓ ମାନବଧର୍ମ' ଶୀର୍ଷକ ଆଲୋଚନାଚକ୍ର ଶନିବାର ବୁଦ୍ଧମନ୍ଦିରଠାରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଗୀତା ମିଶନର ସଭାପତି ଡ. ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ କହିଲେ, ଗୀତା ଏକ ଧର୍ମଶାସ୍ତ୍ର ନୁହେଁ, ଏହା ସମଗ୍ର ବିଶ୍ୱର ମନୁଷ୍ୟ ସମାଜର ମାନବୀୟ ସମ୍ବିଧାନ। ସମଗ୍ର ବିଶ୍ୱକୁ ମାନବଧର୍ମର ଭାବନା ସହିତ ସାମିଲ କରିବାକୁ ଗୀତା ଆମକୁ ଶିକ୍ଷା ପ୍ରଦାନ କରିଛି। ଗୀତା ହିଁ ମାନବଧର୍ମର ବାସ୍ତବ ପରିପ୍ରକାଶକ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଆର୍ଯ୍ୟସମାଜ ଓଡ଼ିଶାର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର, ପ୍ରଫେସର ଶକୁନ୍ତଳା ବଳିୟାରସିଂ ଉପସ୍ଥିତ ଥିଲେ।


'ଗୀତା ଓ ମାନବଧର୍ମ' ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# ପ୍ରତିମା ଷଡ଼ଙ୍ଗୀଙ୍କ ୧୧ ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, ୧୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

## ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୭୯ତମ ଅଧିବେଶନ

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୭୯ତମ ଅଧିବେଶନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ସଂସଦ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ୧୧ଟି ପୁସ୍ତକ ଲୋକାର୍ପିତ ହେବା ସହ ଲେଖିକାଙ୍କ ୭୨ତମ ଜନ୍ମଦିବସ ପାଳନ କରାଯାଇଛି। ସଂସଦର ପ୍ରତିଷ୍ଠାତା ସଭାପତି ଡ. ଦିଗରାଜ ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୁସ୍ତକଗୁଡିକର ସମୀକ୍ଷା କରିଥିଲେ ଡ. ରମେଶ ଚନ୍ଦ୍ର ମଲ୍ଲିକ, ପ୍ରଫେସର ପ୍ରେମପ୍ରକାଶ ସିଂହ, ଡ. ଦେବାଶିଷ ମହାପାତ୍ର, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ବିଦ୍ୟାଧର ଗୁରୁ ଓ ନିଶାମଣି ଷଡ଼ଙ୍ଗୀ। ଏଥିସହ ସଂସଦର ମାସିକ ୱେବ୍ ସାହିତ୍ୟ ପତ୍ରିକା 'ଇ-ପତ୍ରିକା' ଓ ଶିଶୁ ସାହିତ୍ୟ ପତ୍ରିକା 'ଶିଶୁ ରାଇଜ', ସଂସଦର ମାସିକ ସାହିତ୍ୟ ବୁଲେଟିନ 'ଆମ ସାହିତ୍ୟ ଆସର-୬୮' ଲୋକାର୍ପିତ ହୋଇଥିଲା। ସଂସଦର ପ୍ରତିଷ୍ଠାତା ସମ୍ପାଦକ କବି ବସନ୍ତ ମାଝି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଶ୍ୱମିତ୍ରା ମିଶ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଡ. ପ୍ରଣିତା ପ୍ରଜ୍ଞାଦୀପ୍ତା ଷଡ଼ଙ୍ଗୀ।

# ବିଦ୍ୟାଳୟ ପରିସରରେ ଚାରାରୋପଣ

ବାଲିଅନ୍ତା, ୧୦।୮ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବଇଁଚୁଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଲାୟନ୍ସ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି ଆଦି ନାନା ପ୍ରକାରର ଚାରାରୋପଣ କରାଯାଇଥିଲା।

ଏଥିରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ପୂର୍ବତନ ସମିତି ସଭ୍ୟ ନବୀନ ଚନ୍ଦ୍ର ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାମଦେବ ତ୍ରିପାଠୀ ଓ ଯୋଗେନ୍ଦ୍ର ସାହୁ ଏବଂ କ୍ଲବ କର୍ମକର୍ତ୍ତା ବିଜୟ କେତନ ମିଶ୍ର, ସୁରେନ୍ଦ୍ର ମିଶ୍ର, ଅଶୋକ ମହାନ୍ତି, ଦୁର୍ଗାମାଧବ ମିଶ୍ର, ପୂର୍ଣ୍ଣିମାରାଣୀ ପ୍ରଧାନ ଓ ପୁଲିନ ବିହାରୀ ଜେନା ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

# 'ଅଣ୍ଡର ସିକ୍ସଟିନ୍‌ରେ' ପ୍ରତିଭା ଦେଖାଇଲେ ନୃତ୍ୟଶିଳ୍ପୀ

ଭୁବନେଶ୍ୱର, ୧୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶୀ ନୃତ୍ୟଶିଳ୍ପୀ ପରିଷଦ(ଓଡିସି) ଦ୍ୱାରା ଆୟୋଜିତ 'ଅଣ୍ଡର ସିକ୍ସଟିନ ୨୦୨୪' ନୃତ୍ୟ କାର୍ଯ୍ୟକ୍ରମର ୧୦ମ ସଂସ୍କରଣ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ୮ଜଣ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଡ. ଅରୁଣା ମହାନ୍ତି, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସିକତା ଦାସ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତିରାଣୀ ସାମନ୍ତ, ଓଡିସି ସଭାପତି ଡ. ସ୍ନେହପ୍ରଭା ସାମନ୍ତରାୟ, ସଚିବ ଡ. ଇଲିଆନା ଚିତାରିସ୍ତି ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଗୁରୁ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ମଙ୍ଗଳାଚରଣ ବିନାୟକ ସ୍ମରଣେ। ଶ୍ରୀଗଣେଶ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ମହାପ୍ରଭୁଙ୍କ ନିକଟରେ ନତମସ୍ତକ ହୋଇ ପରିବେଷଣ କରିଥିଲେ ଗୁରୁ ପୌଲୋମୀ ମୁଖାର୍ଜୀଙ୍କ ଶିଷ୍ୟା ସୁଶ୍ରୀ ଆଥେନା ମୁଖାର୍ଜୀ। ଏହା ପରେ ସ୍ୱପ୍ନାରାଣୀ ସିହ୍ନାଙ୍କ ତତ୍ତ୍ୱାବଧାନରେ ଅନୁଷ୍କା ସାହା ପରିବେଷଣ କରିଥିଲେ ବଜ୍ରକାନ୍ତି ପଲ୍ଲବୀ। ଶିବାଙ୍ଗୀ ପ୍ରହରାଜ ପାରମ୍ପରିକ ଚମ୍ପୂ ରଚନାରେ ଅଭିନୟ ଭଙ୍ଗୀ ଚାହାଁ.. ପରିବେଷଣ କରିଥିଲେ। ପରେ ସାଗ୍ନିକା ସିକଦାର, ଶ୍ରୀନିକା ପୁରୋହିତ, ମାନ୍ୟତା ରଥ, ଡିମ୍ପଲେ ରାଜନନ୍ଦିନୀ ପାତ୍ର, ଅର୍ପିତା ଶତପଥୀ ପ୍ରମୁଖ ନିଜର ପ୍ରଦର୍ଶନ ରଖିଥିଲେ। ଦେବୀପ୍ରସାଦ ମିଶ୍ର ଆଲୋକ ସଂଯୋଜନା କରିଥିବା ବେଳେ ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଅନୁପ୍ରବେଶକାରୀଙ୍କୁ ରୋକିବାକୁ ଚିଲିକାରେ ପାଟ୍ରୋଲିଂ



କୃଷ୍ଣପ୍ରସାଦ, ୧୦।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ବାଂଲାଦେଶୀଙ୍କ ଅନୁପ୍ରବେଶ ଆଶଙ୍କା ନେଇ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଅରଖକୁଦା ମେରାଇନ ଥାନା ପୋଲିସର ୨୪ଘଣ୍ଟିଆ ପଇଁତରା ଚିଲିକାରେ ଆରମ୍ଭ ହୋଇଛି। ଅରଖକୁଦା ମେରାଇନ ଥାନା ଆଇଆଇସି ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ପାଟ୍ରୋଲିଂକୁ ଜୋରଦାର କରାଯାଇଛି। ସ୍ୱତନ୍ତ୍ର ବୋଟ୍ ଓ ଇଣ୍ଟରସେପ୍ଟର ବୋଟ୍ ଦ୍ୱାରା ପାଟ୍ରୋଲିଂ ଜାରି ରହିଛି। ଶୁକ୍ରବାର ସାତପଡ଼ା, ଜହ୍ନିକୁଦା, ମହିଁସା ବ୍ରହ୍ମପୁର ପର୍ଯ୍ୟନ୍ତ ମେରାଇନ ପୋଲିସ ପାଟ୍ରୋଲିଂକୁ କଡାକଡି କରିଛି। ନୌଚାଳକ, ତଟରକ୍ଷୀ ବାହିନୀ, ସୁରକ୍ଷା କର୍ମୀ, ପୋଲିସ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି। ବାଇନାକୁଲାର ଦ୍ୱାରା ଟିମ୍ ବିଭିନ୍ନ ବୋଟ୍ ଉପରେ ନଜର ରଖିଛନ୍ତି। ମେରାଇନ ପୋଲିସ ଉପକୂଳରେ ସଜାଗ ରହିଛି। ଚିଲିକା କୂଳରେ ମଧ୍ୟ ସନ୍ଦେହ ହେଉଥିବା ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଉଛି। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ଖବର ଦେବାକୁ ପୋଲିସ ପକ୍ଷରୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ଅନୁରୋଧ କରାଯାଇଥିବା ଆଇଆଇସି ସସ୍ମିତା ବେହେରା ସୂଚନା ଦେଇଛନ୍ତି।

# ରେଭେନ୍‌ଶା କୁଳପତି ନିବାସ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା

କଟକ, ୧୦।୮ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବ୍ରଜବିହାରୀପୁରସ୍ଥିତ ଦ୍ୱିତୀୟ କ୍ୟାମ୍ପସକୁ ଦୁଇଟି ସେଲ୍ଫ ଫାଇନାନ୍ସ ବିଭାଗ(ଏମ୍‌ବିଏ ଓ ବିବିଏ)କୁ ସ୍ଥାନାନ୍ତର ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଆସନ୍ତା ମଙ୍ଗଳବାର ସୁଦ୍ଧା ଏହି ଦୁଇଟି ବିଭାଗର ପାଠପଢ଼ା ଆରମ୍ଭ କରାଯିବାକୁ ଥିବାବେଳେ ବିଭାଗ ସ୍ଥାନାନ୍ତର ନିଷ୍ପତ୍ତି ବିଷୟରେ ଅଧ୍ୟାପିକାଅଧ୍ୟାପକଙ୍କୁ ଜଣାଯାଇଥିଲା। ହେଲେ ଛାତ୍ରୀଛାତ୍ରମାନେ ଏହି ବିଷୟରେ ଜଣାପଡିବା ପରେ ଦୁଇ ବିଭାଗର ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ଶନିବାର ଏନେଇ କୁଳପତିଙ୍କ ନିବାସ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ କରିଥିଲେ। ଅପରାହ୍ନରେ କୁଳପତି ସଞ୍ଜୟ ନାୟକ ଧାରଣାସ୍ଥଳକୁ ଆସି ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ଦାବିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମାନି ନେଇ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି।

# ଜାତୀୟ ହିରୋଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା 'ବନ୍ଦେ ଓଡ଼ିଶା'

ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)

ସ୍ଥାପନା ଚାରିଟେବଲ ଟ୍ରଷ୍ଟ ଓଡ଼ିଶା ପକ୍ଷରୁ ସୂଚନାଭବନଠାରେ 'ବନ୍ଦେ ଓଡ଼ିଶା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ଏ ଜାତି, ମାଟିର ସମ୍ମାନ ଓ ସ୍ୱାଭିମାନ ପାଇଁ ଜୀବନ ଉତ୍ସର୍ଗ କରିଥିବା ପ୍ରକୃତ ହିରୋଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ଏମ୍‌ପି, ଡ. ପ୍ରଭାସ ସିଂ ଏବଂ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ 'ବନ୍ଦେ ଓଡ଼ିଶା'ର ଅଡ଼ିଓ ଭିଜୁଆଲ୍ ରିଲିଜ୍ କରିଥିଲେ। ଲ୍ୟୁଟନାଣ୍ଟ ଜେନେରାଲ ଡ. ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଂସ୍ଥାପିକା ନିବେଦିତା ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। କାର୍ଯ୍ୟକ୍ରମକୁ ଗୋରେଖନାଥ ସାହୁ, ଶିବପ୍ରସାଦ ମିଶ୍ର, ଶାନ୍ତା ରଥ, ସୁଚିସ୍ମିତା ବଡ଼ଜେନା ପରିଚାଳନା କରିଥିଲେ। ସମ୍ପାଦକ ସରୋଜ କୁମାର ଭୂୟାଁ ଏହାକୁ ସଞ୍ଚାଳନ କରିଥିଲେ।



'ବନ୍ଦେ ଓଡ଼ିଶା'ରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

# 'ନମାମୀ ସୁରମଣି'ରେ ପଦ୍ମଶ୍ରୀ ରଘୁନାଥ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୦।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ବଳିଷ୍ଠ ସଙ୍ଗୀତ ପରମ୍ପରାର ଉଜ୍ଜ୍ୱଳ ପ୍ରକାଶକ ଥିଲେ ସୁରମଣି ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀ। ଶାସ୍ତ୍ରୀୟ ସଙ୍ଗୀତ ସହ ସୁଗମ ସଙ୍ଗୀତର ସେ ଏକ ନୂତନ ଧାରା ସୃଷ୍ଟି କରିଥିଲେ ବୋଲି ଉପସ୍ଥିତ ଅତିଥି ମତ ବ୍ୟକ୍ତ କରିଥିଲେ। ଶନିବାର ରବୀନ୍ଦ୍ର ମଣ୍ଡପରେ ସଂଯୁକ୍ତା ଓ ରଘୁନାଥ ପାଣିଗ୍ରାହୀ ସାଂସ୍କୃତିକ ଐତିହ୍ୟ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ସହଭାଗିତାରେ 'ନମାମୀ ସୁରମଣି' ସନ୍ଧ୍ୟା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ସଞ୍ଜୀବ ଚନ୍ଦ୍ର ହୋତା, ଅତିଥି ଭାବେ ପୂର୍ବତନ ପ୍ରଶାସକ କୁଳମଣି ଦେଓ, ବଟକୃଷ୍ଣ ତ୍ରିପାଠୀ, ଅନୁଷ୍ଠାନର ଉପସଭାପତି ଜଗଦୀଶ ମର୍ଦ୍ଦରାଜ, ମୁଖ୍ୟ ଟ୍ରଷ୍ଟି ବାବୁ ପାଣିଗ୍ରାହୀ, ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୁରୁ ସିକତା ଦାସ ପ୍ରମୁଖ ଯୋଗଦେଇ ପଦ୍ମଶ୍ରୀ ପାଣିଗ୍ରାହୀଙ୍କ ସମ୍ପର୍କରେ କହିଥିଲେ। ଏହି ଅବସରରେ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ କଣ୍ଠଶିଳ୍ପୀ। କଣ୍ଠଶିଳ୍ପୀ ବାବୁ ପାଣିଗ୍ରାହୀଙ୍କ କଣ୍ଠରୁ ସବୁଥିରୁ ବଞ୍ଚିତ କରି.., ସୁଷମା ଗୋ...ସଙ୍ଗୀତରୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଗୀତଗୋବିନ୍ଦର ଅଷ୍ଟପଦୀମାମିୟମ୍ ଛନ୍ଦିତ ବିଲୋକ୍ୟ.., ଧୀର ସମୀରେ.., କେତକୀ ଗୋ ଖୋଲି, ନାଚ ନାଚ ସଜନୀ ନାଚରେ.., ମା ନାମ ମଧୁର ଅତି.., ଆଗୋ ଚନ୍ଦ୍ରିକା.., ନୂପୁର ବଜାଏ କିଏ.. ଆଦି ସଙ୍ଗୀତ ସୁରମଣିଙ୍କୁ ମନେ ପକାଇ ଦେଇଥିଲା। ସେହିପରି ଡ. ମିତାଲି ଚିନ୍ନାରା, ରଣଦୀପ ପାଲିତ୍, ବନ୍ଦୀଶ ପାଲିତ୍, ରଶ୍ମିତା ଦାସ, ଅଭିଜିତ ମିଶ୍ର, ତନୁଶ୍ରୀ ଜେନା, ଦେବାଶିଷ ମହାପାତ୍ର, ନରେଶ ନାରାୟଣ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥାପିକା ମଧୁସ୍ମିତା ମହାନ୍ତି ଓ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରବୀନ୍ଦ୍ର ମଣ୍ଡପରେ ଶନିବାର ଅନୁଷ୍ଠିତ 'ନମାମୀ ସୁରମଣି' ସନ୍ଧ୍ୟାରେ ସଙ୍ଗୀତ ପରିବେଷଣ କରାଯାଉଛି।

# ସବୁଦିନ ଟ୍ରାଫିକ୍ ଜାମ୍

## ବାଣୀବିହାର, ରସୁଲଗଡ଼, ହଂସପାଳ ଛକ

### ଘଣ୍ଟା ଘଣ୍ଟା ଧରି ପୁଣି ଜାମ୍‌ରେ ଫସିଲେ ଲୋକେ

ଭୁବନେଶ୍ୱର,୧୦।୮
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ଜାମ୍ ସହରୀଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ପଦାକୁ ବାହାରିଲେ ଭିଡ଼ରେ ଫସିବା ଭୟ ରହୁଛି। ଅଫିସ୍ ବା ଗନ୍ତବ୍ୟସ୍ଥଳରେ କେତେବେଳେ ପହଞ୍ଚିବେ ଆଶଙ୍କାରେ ରହୁଛନ୍ତି। ସେହିଭଳି ସହରକୁ ଆସୁଥିବା ବା ସହର ଦେଇ ଯିବାଆସିବା କରୁଥିବା ଲୋକେ ମଧ୍ୟ ଭିଡ଼ରେ ଫସି ତିକ୍ତ ଅନୁଭୂତି ନେଇ ଯାଉଛନ୍ତି। ସହରର ଅଧିକାଂଶ ରାସ୍ତାରେ ଟ୍ରାଫିକ୍ ଜାମ୍ ହେଉଥିଲେ ମଧ୍ୟ ସବୁଠୁ ବିପଜ୍ଜନକ ଜୋନ୍ ପାଲଟିଛି ୧୬ ନମ୍ବର ଜାତୀୟ ରାଜପଥ। ବିଶେଷକରି ସନ୍ଧ୍ୟାହେଲେ ବାଣୀବିହାର, ରସୁଲଗଡ ଓ ହଂସପାଳ ଛକରେ ସବୁଦିନ ଟ୍ରାଫିକ ଜାମ୍ ହେଉଛି। ଦୁର୍ଘଟଣା କିମ୍ବା ବର୍ଷା ହେଲେ କଥା ସରିଲା। ଘଟଣାସ୍ଥଳରୁ ବହୁ କିମି ଯାଏ ଗାଡିମୋଟର ଅଟକି ରହୁଛି। କେବଳ ମୁଖ୍ୟ ରାସ୍ତା ନୁହେଁ, ଏହାକୁ ସଂଯୋଗ କରୁଥିବା ସହର ବା କଲୋନୀ ରାସ୍ତାରେ ମଧ୍ୟ ଲୋକେ ଫସି ରହୁଥିବାବେଳେ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ଇତିମଧ୍ୟରେ ଏସବୁସ୍ଥାନରେ ଅଧିକ ସଂଖ୍ୟକ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ ମଧ୍ୟ ସମସ୍ୟା ସୁଧୁରିବାର ନାଁ ଧରୁନି। ଶୁକ୍ରବାର ରସୁଲଗଡ ଛକରେ ଘଣ୍ଟା ଘଣ୍ଟା ଧରି ହୋଇଥିବା ଟ୍ରାଫିକ ଜାମ୍‌ରେ ଲୋକେ ଫସି ହଟହଟା ହୋଇଥିବାବେଳେ ଶନିବାର ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ଫଳରେ ଲୋକମାନଙ୍କୁ ଟ୍ରାଫିକରୁ ବାହାରିବା ପାଇଁ ବହୁ ହଇରାଣ ହେବାକୁ ପଡିଥିଲା। ତେବେ ଏହି ସମସ୍ୟା ଦୀର୍ଘବର୍ଷ ଧରି ଲାଗି ରହିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରୁ ନାହିଁ। ଏଥିପାଇଁ ତ୍ରୁଟିପୂର୍ଣ୍ଣ ଟ୍ରାଫିକ୍ ପରିଚାଳନା ସହ ମନମୁଖି ରାସ୍ତା ନିର୍ମାଣକୁ ଦାୟୀ କରାଯାଉଥିଲେ ମଧ୍ୟ ସେପରି ଦୃଢ଼ ପଦକ୍ଷେପ ନିଆଯାଉନାହିଁ। ସେହିପରି ରାସ୍ତା ଉପରେ ଅବାଧ ପାର୍କିଂ, ଯାତ୍ରୀବାହୀ ଯାନଗୁଡିକ ରାସ୍ତା ଉପରୁ ଯାତ୍ରୀ ଉଠାଇବା, ରଙ୍ଗରୁଟ୍‌ରେ ଗାଡି ଚଳାଚଳ ଯୋଗୁ ମଧ୍ୟ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି। ସହରରେ ଟ୍ରାଫିକ ଜାମ୍ ବଡ ସମସ୍ୟା ଭାବେ ଉଭା ହୋଇଥିଲେ ମଧ୍ୟ ଏଥିପ୍ରତି ପୋଲିସ, ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତତ୍ପରତା ନ ଦେଖାଇବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଶେଷକରି ବଡ ଧରଣର ଦୁର୍ଘଟଣା ଘଟିଲେ କିମ୍ବା ପ୍ରବଳ ବର୍ଷା ହେଲେ ଟ୍ରାଫିକ ଜାମ ହୋଇଥାଏ। କିନ୍ତୁ ଜାତୀୟ ରାଜପଥ ଓ ସହରର କୌଣସି ରାସ୍ତାରେ ସାମାନ୍ୟ ଦୁର୍ଘଟଣା ଘଟିଲେ କିମ୍ବା ଅନ୍ୟ କିଛି ଛୋଟ ମୋଟ କାରଣ ପାଇଁ ପ୍ରବଳ ଭିଡ ହେବା ଚିନ୍ତାର ବିଷୟ ପାଲଟିଛି। ଏମିତି କି ଶହେ ମିଟର ରାସ୍ତା ଯିବା ପାଇଁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। କଳ୍ପନାରୁ ରସୁଲଗଡ଼ ପର୍ଯ୍ୟନ୍ତ ଯାଇଥିବା କଟକ-ପୁରୀ ରୋଡ୍‌ରେ ଟ୍ରାଫିକ୍ ସମସ୍ୟା ଆଜିର ନୁହେଁ। ଦୀର୍ଘ ଦୁଇ ଦଶନ୍ଧି ଧରି ଏହି ରାସ୍ତାରେ ଭିଡ଼ ପରିଲକ୍ଷିତ ହେଉଛି। ସେହିପରି ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାରେ ମଧ୍ୟ ଅଧିକାଂଶ ସମୟରେ ଟ୍ରାଫିକ୍ ଜାମ୍ ହେଉଛି। ରାସ୍ତା ସମ୍ପ୍ରସାରଣ ସତ୍ତ୍ୱେ ବି ସମସ୍ୟାର ସ୍ଥାୟୀ ସମାଧାନ ଏପର୍ଯ୍ୟନ୍ତ ବାହାରିପାରିନାହିଁ। ଅନ୍ୟପଟେ ଟ୍ରାଫିକ ପରିଚାଳନାରେ ଅଧିକ ପୋଲିସ କିମ୍ବା ଫୋର୍ସ ମୁତୟନ ହେଉ ନ ଥିବାରୁ ଟ୍ରାଫିକ କ୍ଲିୟର ହେବାକୁ ଘଣ୍ଟା ଘଣ୍ଟା ସମୟ ଲାଗୁଛି। ସେହିଭଳି ପର୍ବପର୍ବାଣି ଓ ଭିଆଇପିଙ୍କ ଆଗମନ ସମୟରେ ରାସ୍ତା ଜାମ୍ ହେଉଛି। ତେଣୁ ଏହାର ସ୍ଥାୟୀ ସମାଧାନ ବାହାର କରି ଠିକ୍ ଟ୍ରାଫିକ ପରିଚାଳନା କରିବାକୁ ଦାବି ହେଉଛି।



ଟ୍ରାଫିକ୍ ଜାମ୍ ଯୋଗୁ ଭୁବନେଶ୍ୱର ସତ୍‌ସଙ୍ଗବିହାର ସମ୍ମୁଖ ଜାତୀୟ ରାଜପଥ ଏବଂ ଓଭରବ୍ରିଜ୍‌ରେ ଗାଡ଼ିମୋଟର ଫସିରହିଛି।

## ଶିକ୍ଷକ-ଅଭିଭାବକ ବୈଠକ

ଟିଗିରିଆ, ୧୦।୮ (ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ସାଧନ କେନ୍ଦ୍ରରେ ଶନିବାର ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଏକମାତ୍ର ଅଭିମୁଖ୍ୟ ବୋଲି ବୈଠକରେ ପାଞ୍ଚଗାଁ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମିଶ୍ର ଯୋଗଦେଇ କହିଥିଲେ। ଜିଲା ଶିକ୍ଷାଧିକାରୀ ଡା. ସନ୍ତୋଷ କୁମାର ରାଉତଙ୍କ ନିର୍ଦ୍ଦେଶ ଓ ବ୍ଲକ ଶିକ୍ଷାଧିକାରୀ ପ୍ରିୟରଞ୍ଜନ ହୋତାଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଭିଭାବକ ଅମରେଶ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବିନାଶ ଦାଶ ସଂଯୋଜନା କରିଥିଲେ। ବୈଠକରେ ବିଶେଷକରି ଛାତ୍ରୀଛାତ୍ରଙ୍କ ନିରାପତ୍ତା, ଅନ୍‌ଲାଇନ ସୁରକ୍ଷା ଓ ସାଇବର ସଚେତନତା, ସ୍ୱଚ୍ଛତା ପକ୍ଷ, ୟୁଥ୍ ଇକୋ କ୍ଲବ ଆଦି ବିଷୟରେ ଆଲୋଚନା ହୋଇଥିଲା। ସହକାରୀ ଶିକ୍ଷାଧିକାରୀ ମାଧବଚନ୍ଦ୍ର ଦେହୁରି ଓ ସଂଯୁକ୍ତା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ଗୋଛି, ପ୍ରଭାତ କୁମାର ପଣ୍ଡା, ସଚ୍ଚିଦାନନ୍ଦ ରାଉଳ, ଗଙ୍ଗାଧର ସାମଲ, ଚନ୍ଦ୍ରମଣି ସ୍ୱାଇଁ, ଭକ୍ତ ଚରଣ ନାୟକ ଯୋଗଦେଇଥିଲେ।


କଳାବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ ସମାରୋହରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ପାଗଳା କୁକୁର କାମୁଡ଼ାରେ ୩ ଗୁରୁତର

ମାଣିଆବନ୍ଧ, ୧୦।୮ (ଅଖିଳ କୁମାର ସାହୁ):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଷିକିଆରୀ ଗ୍ରାମରେ ଶନିବାର ପାଗଳ କୁକୁର କାମୁଡାରେ ୩ ଜଣ ଗୁରୁତର ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ଶିଶୁ ରହିଛି। ଏହି ଗ୍ରାମର ବେନୁ ସେଠ (୫୫) ଓ ବେଣୁଧର ପ୍ରଧାନ (୨୪) ସକାଳେ ଗାଧେଇ ସାରି ଘରକୁ ଫେରୁଥିବା ସମୟରେ ଏକ ପାଗଳ କୁକୁର ଆକ୍ରମଣ କରି ପ୍ରଥମେ ସେଠଙ୍କ ମୁହଁକୁ କାମୁଡ଼ି ରକ୍ତାକ୍ତ କରିଦେଇଥିଲା। ଏହି ସମୟରେ ସେହିବାଟ ଦେଇ ଯାଉଥିବା ପ୍ରଧାନଙ୍କୁ ମଧ୍ୟ ଆକ୍ରମଣ କରି ଗୁରୁତର କରିଥିଲା। ସେହିପରି ପାଗଳ କୁକୁରଟି ଗାଁ ଦାଣ୍ଡରେ ଖେଳୁଥିବା ଜଗନ ସେଠ (୪)ଙ୍କ ଗାଲ ଏବଂ ନାକକୁ କାମୁଡି କ୍ଷତବିକ୍ଷତ କରିଦେଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ମାଣିଆବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି।

## ଶିକ୍ଷାର ଗୁଣାତ୍ମକ ବିକାଶ ଲାଗି ସମ୍ମିଳନୀ


ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବାଙ୍କୀ ,୧୦।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ କାଳିପୋଇ ପଞ୍ଚାୟତ ଅନ୍ତର୍ଗତ ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶିକ୍ଷାର ଗୁଣାତ୍ମକ ବିକାଶ ତଥା ବିଦ୍ୟାଳୟ ପରିସରରେ ଶୈକ୍ଷିକପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସଭାପତି କାହ୍ନୁଚରଣ ସିଂ ସଭାପତିତ୍ୱ କରିଥିଲେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ଛାତ୍ର, ଅଭିଭାବକ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କମିଟି ସଦସ୍ୟାସଦସ୍ୟମାନେ ଏଥିରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପୀତବାସ ପଟ୍ଟନାୟକ ଯୋଗଦେଇ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସୁସମ୍ପର୍କ କିପରି ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧିରେ ସାହାଯ୍ୟ କରିବ ସେ ବିଷୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାକର ଦାସ, କମିଟି ସଦସ୍ୟ ବାସନ୍ତି ପଣ୍ଡା, ଡମ୍ବରୁଧର ସ୍ୱାଇଁ, ମଦନମୋହନ ମଲ୍ଲିକ, ସାମାଜିକ କର୍ମୀ ବ୍ରଜବନ୍ଧୁ ପ୍ରଧାନ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଧର ସାହୁ, ପ୍ରଦୀପ କୁମାର ମହାପାତ୍ର, ପ୍ରତାପ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ମିହିର କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଶୁ ସାହିତ୍ୟିକ ନିରଞ୍ଜନ ଖଟୁଆଙ୍କ ସ୍ମୃତିସଭା

କଟକ ସଦର,୧୦।୮ (ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅଞ୍ଚଳର ଜଣାଶୁଣା ଶିଶୁ ସାହିତ୍ୟିକ ନିରଞ୍ଜନ ଖଟୁଆଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ କମରପଦାସ୍ଥିତ ତାଙ୍କ ବାସଭବନରେ ଶନିବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କାଠଯୋଡ଼ି ସାହିତ୍ୟ ସଂସଦ ସମ୍ପାଦକ ତଥା ଗୀତିକବି ବାବାଜୀ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବି ପୀତାମ୍ବର ମହାପାତ୍ର, ବାବା ଅରକ୍ଷୀତ ଦାସ, ଗୀତିକବି ବାମଦେବ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ମନ ମୋହିଲା ଓଡ଼ିଶୀ ନୃତ୍ୟ

### କଳାବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ ସମାରୋହ

କଟକ,୧୦।୮ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ କଳାବିକାଶ କେନ୍ଦ୍ରର ୭୩ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବରେ ଶନିବାର ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଛନ୍ତି, ଅତୀତରେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ଭାବେ ପ୍ରମାଣିତ କରିବା କ୍ଷେତ୍ରରେ କଳାବିକାଶ କେନ୍ଦ୍ରର ଅବଦାନ ଅତୁଳନୀୟ। ସଭାପତି ଡ. ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରର ପ୍ରେକ୍ଷାଳୟ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ତଥା ଶିକ୍ଷାବିତ୍ ରବୀନ୍ଦ୍ରନାଥ ମହାନ୍ତି, ସମ୍ପାଦକ ପ୍ରସେନ୍‌ଜିତ ମହାନ୍ତି ଯୋଗଦେଇଥିଲେ। କେନ୍ଦ୍ର ପକ୍ଷରୁ ବାଚସ୍ପତି ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାପୁ ଲେଙ୍କାଙ୍କ ରଚନାରେ ନାଟକ '୭୩ବର୍ଷର ଗରିମାମୟ ଇତିହାସ' ପରିବେଷିତ ହୋଇଥିଲା। କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ବାବୁଲାଲ ଦୋଶୀଙ୍କ ଉପରେ ପର୍ଯ୍ୟବେକ୍ଷିତ ଏକ ପ୍ରତୀକାତ୍ମକ ନାଟକ 'ସ୍ୱର୍ଣ୍ଣ ତ୍ରିଭୁଜ' ପରିବେଷିତ ହୋଇଥିଲା। ଗୁରୁ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଏହି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। କଳାବିକାଶ କେନ୍ଦ୍ରର ଛାତ୍ରୀଛାତ୍ର, ପରଫରମିଂ ଗ୍ରୁପ' ଓ ମହାନଗର ନିଗମର ପରଫରମିଂ ଗ୍ରୁପ୍‌ର ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉପ ସଭାପତି ରାଧାମୋହନ ସାହୁ, ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ ଓ କାମାକ୍ଷ୍ୟା ପ୍ରସାଦ ମହତାବ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲକ୍ଷ୍ମଣ ପ୍ରଧାନ ମଞ୍ଚ ସଞ୍ଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣ, ଡ. ସ୍ନେହଲତା ମିଶ୍ର କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ଜଟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ବରିଷ୍ଠ ସଦସ୍ୟ ଗୌର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଖବର ପ୍ରସାରଣ ପରେ ତହସିଲଦାରଙ୍କ ଚେତା ପଶିଲା

### କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା ଘଟଣା

- ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ମାହାଙ୍ଗା,୧୦।୮ (ଯଯାତି ସିଂହ)

ସରକାରଙ୍କ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶନାମା ଆସିଥିଲେ ମଧ୍ୟ କେତେଜଣ ସରକାରୀ ଅଧିକାରୀଙ୍କ ମନମାନୀ ଯୋଗୁ ଏହି କାର୍ଯ୍ୟରେ ବିଳମ୍ବ ହେଉଛି। ମାହାଙ୍ଗା ତହସିଲ ବାଜପୁର ପଞ୍ଚାୟତ ଅନ୍ତର୍ଗତ ଚକମଧୁପୁର ଗ୍ରାମର ୪୭ ଜଣ ସରକାରୀ ଜାଗା ଜବରଦଖଲ କରିରଖିଛନ୍ତି। ସେଠାରେ ସେମାନେ ଗୃହ ନିର୍ମାଣ,ରୋଷଇ ଘର,ଗୁହାଳ ଏବଂ ଗଛ ଲଗାଇଛନ୍ତି। ଫଳରେ ଜନସାଧାରଣ ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଗ୍ରାମବାସୀ ୨୦୧୯ରେ କୋର୍ଟରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୩ଥର ତହସିଲକୁ କୋର୍ଟଙ୍କ ନୋଟିସ ପଠାଯାଇଥିଲା। ହେଲେ ତତ୍କାଳୀନ ତହସିଲଦାରଙ୍କ ମନମାନୀ ଯୋଗୁ ଜବରଦଖଲ ଉଚ୍ଛେଦ ହୋଇ ପାରି ନ ଥିଲା। ଏନେଇ ୧।୬।୨୪ରେ ପୁର୍ନବାର କୋର୍ଟରୁ ନିର୍ଦ୍ଦେଶ ଆସିବା ପରେ ଦାୟିତ୍ୱରେ ଥିବା ତହସିଲଦାର ସୁଶାନ୍ତ ମିଶ୍ର ଚକମଧୁପୁର ଗାଁକୁ ଯାଇ ତଦନ୍ତ କରିଥିଲେ। ଏହାପରେ ୨୧।୭।୨୪ରେ ୪୭ ଜଣଙ୍କ ବଦଳରେ ମାତ୍ର ୩ ଜଣ ଜବରଦଖଲକାରୀଙ୍କୁ ନୋଟିସ ପଠାଇଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରକାଶ ପାଇଥିଲା। ଏହାପରେ ତହସିଲଦାରଙ୍କ ଚେତା ପଶିଥିଲା। ଗତ ୧।୮।୨୪ରେ ପୁର୍ନବାର ତହସିଲଦାର ମିଶ୍ର ୪୭ ଜଣଙ୍କ ନାମରେ ନୋଟିସ ପଠାଇଛନ୍ତି। ମାତ୍ର ସେମାନଙ୍କୁ 'ଗ' ଫର୍ମ ପଠାଇବା ବଦଳରେ ପୁର୍ନବାର 'ଖ' ଫର୍ମ ପଠାଇ ଏକ ମାସ ସମୟ ଦେଇଛନ୍ତିବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ତହସିଲଦାର ମିଶ୍ର କହିଛନ୍ତି, ସେ ସୋମବାର କାର୍ଯ୍ୟାଳୟକୁ ଗଲେ ଏ ବାବଦରେ କଥାବାର୍ତ୍ତା ହେବେ। ଅପରପକ୍ଷେ ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ଛତ୍ରବଜାର ଗୋଦାମରେ ଯାଞ୍ଚକଲା ଜିଲା ଯୋଗାଣ ବିଭାଗ

### ପଶ୍ଚିମବଙ୍ଗରୁ ଆସିଲା ୮ ଆଳୁ ଟ୍ରକ୍

କଟକ,୧୦।୮ (ଶିଳ୍ପା ପ୍ରିୟଦର୍ଶିନୀ):

ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ହୋଇ ନ ପାରିବାରୁ ଓଡ଼ିଶାରେ ଏହାର ସଙ୍କଟ ଦେଖାଦେଇଛି। ଇତିମଧ୍ୟରେ ପଶ୍ଚିମବଙ୍ଗରୁ କଟକ ଛତ୍ରବଜାରକୁ ୮ଟି ଟ୍ରକ୍‌ରେ ଶନିବାର ସକାଳ ପ୍ରାୟ ୯ଟାରେ ଆଳୁ ଆସିଛି। ଏଥିସହ ୬ରୁ ଅଧିକ ଛୋଟ ଗାଡ଼ିରେ ଆଳୁ ମଧ୍ୟ ଆସିଥିବା ସୂଚନା ରହିଛି। ଫଳରେ ଗୋଦାମରେ ପୂର୍ବ ଅପେକ୍ଷା ଆଳୁର ଦର ହ୍ରାସ ପାଇଛି। ଶନିବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ଛତ୍ରବଜାରର ବିଭିନ୍ନ ଗୋଦାମରେ ଯାଞ୍ଚ କରାଯାଇଛି। କେତେ ପରିମାଣରେ ଆଳୁ ସଂରକ୍ଷିତ ରହିଛି ଏବଂ କେତେ ଆଳୁ ଆମଦାନୀ ହୋଇଛି ସେନେଇ ଉକ୍ତ ବିଭାଗ ପକ୍ଷରୁ ତଦାରଖ କରାଯାଇଛି। ଏହାସହ ଛତ୍ରବଜାର ଅର୍ବାନ ହାଟ ଅଞ୍ଚଳରେ ଖୁଚୁରା ଦୋକାନଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଇଛି। ତେବେ ଗୋଦାମଗୁଡ଼ିକରେ ଆଳୁ କେଜି ଦର ୩୩ ଟଙ୍କା ରହିଥିବାବେଳେ ଖୁଚୁରା ଦୋକାନରେ ସ୍ଥିତିରେ ସେଭଳି କୌଣସି ପରିବର୍ତ୍ତନ ହୋଇନାହିଁ। ଏବେ ବିଭିନ୍ନ ଦୋକାନରେ ଆଳୁ କେଜି ୫୦ରୁ ୬୦ ଟଙ୍କା ଦରରେ ବିକ୍ରି କରାଯାଉଛି। ପଶ୍ଚିମବଙ୍ଗରୁ ଆଳୁ ଆସିଥିବାବେଳେ ଏବେ ବି ଏନେଇ ଅସ୍ଥିରତା ଦେଖାଦେଇଛି। ଏନେଇ ଛତ୍ରବଜାର ବ୍ୟବସାୟୀ ସଂଘ ସଭାପତି ଦେବେନ୍ଦ୍ର ସାହୁ କହିଛନ୍ତି, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସୀମାରେ ଗାଡ଼ିଗୁଡ଼ିକୁ ଛଡ଼ାଯାଉନାହିଁ। ସେଥିପାଇଁ ଆଳୁ ଗାଡ଼ିଗୁଡ଼ିକ ଫେରିଯାଉଛି। ଛୋଟ ଗାଡ଼ିରେ ଆଳୁ ଲୁଚାଛପାରେ ଆସୁଛି। ଏପରି କି କିଛି ଟ୍ରକ ବିହାରରୁ ଝାଡ଼ଖଣ୍ଡ ଦେଇ ଓଡ଼ିଶାରେ ପ୍ରବେଶ କରୁଛି। ଅଧିକାଂଶ ବ୍ୟବସାୟୀ ଖର୍ଚ୍ଚାନ୍ତ ହେଉଥିବାରୁ ସେମାନେ ଓଡ଼ିଶାକୁ ଟ୍ରକ ପଠାଇବାକୁ ରାଜି ହେଉନାହାନ୍ତି। ପଶ୍ଚିମବଙ୍ଗରୁ ସିଧାସଳଖ ଓଡ଼ିଶାକୁ ଆଳୁ ଆମଦାନୀ ନ ହେବା ପର୍ଯ୍ୟନ୍ତ ଛତ୍ରବଜାରରେ ଏଭଳି ସ୍ଥିତି ଲାଗି ରହିବ ବୋଲି ସେ କହିଛନ୍ତି।


ଛତ୍ରବଜାରସ୍ଥିତ ଏକ ଗୋଦାମରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି।

## ଛାତ୍ରୀଛାତ୍ରଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବାକୁ ଆହ୍ୱାନ

### ବହୁଭାଷୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୮
(ଅସମାପିକା ସାହୁ)

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଚାଲିଥିବା ୪ଦିନିଆ ବହୁଭାଷୀ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜନଜାତି ନିର୍ଦ୍ଦେଶକ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ସଦସ୍ୟ ସଚିବ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଜନଜାତି ଛାତ୍ରୀଛାତ୍ର ସାମ୍ନା କରୁଥିବା ଭାଷା ସମ୍ବନ୍ଧୀୟ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ବହୁଭାଷୀ ଶିକ୍ଷକ ପ୍ରଶିକ୍ଷାର୍ଥୀମାନେ ଏହି ଶିବିରରୁ ଆହରଣ କରିଥିବା ଜ୍ଞାନ ଛାତ୍ରୀଛାତ୍ରଙ୍କ ବିକାଶ କ୍ଷେତ୍ରରେ ବିଶେଷ ଉପଯୋଗୀ ହୋଇପାରିବ। ପିଲାମାନଙ୍କୁ ନିଜ ସନ୍ତାନ ଭଳି ସମାନ ବିଚାର କରି ସେମାନଙ୍କ ପ୍ରତି ଅଧିକ ଯତ୍ନଶୀଳ ଓ ଦାୟିତ୍ୱବାନ ହେବାକୁ ଶିକ୍ଷକଙ୍କୁ ସେ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ ଯୋଗଦେଇ ଶ୍ରେଣୀଗୃହରେ ଭାଷାକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ସପ୍ତାହରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାରେ ନିଯୁକ୍ତ ଭାଷା ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ ହେବ ବୋଲି ସହ ନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆ ସୂଚନା ଦେଇଥିଲେ। ଏହି ଶିବିରରେ ୫୦ ଜଣ ବହୁଭାଷୀ ଶିକ୍ଷକ ପ୍ରଶିକ୍ଷାର୍ଥୀ ଭାବେ ଯୋଗଦେଇ ପାଠ୍ୟପୁସ୍ତକ, ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ସହିତ ଜନଜାତି ଭାଷାର ସଂଯୋଜନ ଆଦି ଉପରେ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷଣ ନେଇଥିବା ଶିକ୍ଷକଙ୍କ ହସ୍ତ ଲିଖିତ ତିନୋଟି ପତ୍ରିକା ଯଥା 'କଥା ବାର୍ତ୍ତା' ଓ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ଏମ.ଏଲ.ଇ ଏବଂ ଏଫ.ଏଲ.ଏନ୍ ପାଇଁ ଉପଯୋଗୀ ଶିକ୍ଷଣୀୟ ଉପକରଣ ଭାଗ-୧ ଓ ଭାଗ-୨ ଉନ୍ମୋଚିତ କରାଯାଇଥିଲା। ଏଥିସହିତ ସମସ୍ତ ପ୍ରଶିକ୍ଷାର୍ଥୀ ଶିକ୍ଷକଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଗବେଷଣା ସହାୟିକା ଡ. ସଞ୍ଜୁକ୍ତା ମହାରଣା ଧନ୍ୟବାଦ ଦେଇଥିଲେ।


ପ୍ରଶିକ୍ଷଣ ନେଇଥିବା ବହୁଭାଷୀ ଶିକ୍ଷକମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଗ୍ନିକାଣ୍ଡ

**ଅସ୍ତରଙ୍ଗ,୧୦।୮(ପ୍ରଦୀପ୍ତ କୁମାର ଦୀକ୍ଷିତ):** ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ବିପିଏମ୍ କାର୍ଯ୍ୟାଳୟରେ ଶନିବାର ରାତି ସମୟରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଘଟଣାସ୍ଥଳରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଜାରି ରଖିଥିବାବେଳେ ବିପିଏମ୍ କାର୍ଯ୍ୟାଳୟ ପରିସରରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ଓ ଆସବାବପତ୍ର ଜଳିଯାଇଛି। କିନ୍ତୁ ସମ୍ପୂର୍ଣ୍ଣ ଘଟଣା ସ୍ପଷ୍ଟ ହୋଇନାହିଁ। କାର୍ଯ୍ୟରତ କର୍ମଚାରୀଙ୍କ ଖାମଖିଆଲ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକ କହୁଛନ୍ତି।

### ପ୍ରତିମା ଷଡ଼ଙ୍ଗୀଙ୍କ ୧୧ ପୁସ୍ତକ ଲୋକାର୍ପିତ

**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୭୯ତମ ଅଧିବେଶନ**

**ଭୁବନେଶ୍ୱର,୧୦।୮(ଶର୍ମିଷ୍ଠା ପାଣିଗ୍ରାହୀ):** ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୭୯ତମ ଅଧିବେଶନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ସଂସଦ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ୧୧ଟି ପୁସ୍ତକ ଲୋକାର୍ପିତ ହେବା ସହ ଲେଖିକାଙ୍କ ୭୨ତମ ଜନ୍ମଦିବସ ପାଳନ କରାଯାଇଛି। ସଂସଦର ପ୍ରତିଷ୍ଠାତା ସଭାପତି ଡ. ଦିଗରାଜ ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୁସ୍ତକଗୁଡ଼ିକର ସମୀକ୍ଷା କରିଥିଲେ ଡ. ରମେଶ ଚନ୍ଦ୍ର ମଲ୍ଲିକ, ପ୍ରଫେସର ପ୍ରେମପ୍ରକାଶ ସିଂହ, ଡ. ଦେବାଶିଷ ମହାପାତ୍ର, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ବିଦ୍ୟାଧର ଗୁରୁ ଓ ନିଶାମଣି ଷଡ଼ଙ୍ଗୀ। ଏଥିସହ ସଂସଦର ମାସିକ ୱେବ୍ ସାହିତ୍ୟ ପତ୍ରିକା 'ଇ-ପତ୍ରିକା' ଓ ଶିଶୁ ସାହିତ୍ୟ ପତ୍ରିକା 'ଶିଶୁ ରାଇଜ', ସଂସଦର ମାସିକ ସାହିତ୍ୟ ବୁଲେଟିନ 'ଆମ ସାହିତ୍ୟ ଆସର-୬୮' ଲୋକାର୍ପିତ ହୋଇଥିଲା। ସଂସଦର ପ୍ରତିଷ୍ଠାତା ସମ୍ପାଦକ କବି ବସନ୍ତ ମାଝି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଶ୍ୱମିତ୍ରା ମିଶ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଡ. ପ୍ରଣିତା ପ୍ରଜ୍ଞାଦୀପ୍ତା ଷଡ଼ଙ୍ଗୀ।

### ଆଇନ ସଚେତନତା ଶିବିର

**ଖୋର୍ଦ୍ଧା,୧୦।୮(ପ୍ରଭାତ ପାଣିଗ୍ରାହୀ):** ଦଲେଇପୁଟସ୍ଥିତ ଏକ ଘରୋଇ କଲେଜରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଅଦାଲତର ସିଭିଲ ଜଜ୍ କନିଷ୍ଠ ପ୍ରଭାତ କୁମାର ସାମଲ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବସନ୍ତ କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଏସ୍‌ଡିଜେଏମ୍ ପ୍ରତାପ ଚନ୍ଦ୍ର ପୃଷ୍ଟି ଜେଏସଏଫସି(ଧରତବ୍ୟ) ଲିପ୍ସା ରାଉତ, ପ୍ରୋବେଶନ ଅଧିକାରୀ ମିସ ଦେବସ୍ମିତା, କଲେଜର ଅଧ୍ୟକ୍ଷ ଗଣେଶ ପ୍ରସାଦ ଖୁଣ୍ଟିଆ, ରସାୟନ ବିଜ୍ଞାନ ଅଧ୍ୟାପିକା ଦେବସ୍ମିତା ଦାସ, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ନ୍ୟାୟବନ୍ଧୁ ଅଶୋକ କୁମାର ମହାପାତ୍ର, ଶିବପ୍ରସାଦ ତ୍ରିପାଠୀ, ପ୍ରିୟଦର୍ଶିନୀ ଚହଟରାୟ, ହୃଦୟରଞ୍ଜନ ସାମଲ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିବିରରେ ଅନୁଷ୍ଠାନର ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଯୋଗଦେଇଥିଲେ।

# କମୁଛି ପାଣି, ବଢୁଛି ଦୁର୍ଦ୍ଦଶା

**ନିରାକାରପୁର,୧୦।୮(ମାନସ ଚନ୍ଦ୍ର ପଟ୍ଟନାୟକ)**


ଗ୍ରାମକୁ ଯାଇଥିବା ରାସ୍ତାରେ ବନ୍ୟାଜଳ ଜମି ରହିଛି।

ଉପର ମୁଣ୍ଡରେ ଲଗାଣ ବର୍ଷା ହେବା ଫଳରେ ରାଜୁଆ, ମକରା, ଦୟା, ଲୁଣା, ମଲାଗୁଣୀ ନଦୀର ଲେଉଟାଣି ପାଣିରେ ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତର ହିରିମୂଳ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା। ବନ୍ୟାଜଳରେ ଚାଷଜମି ବୁଡ଼ିରହିଛି। ଶନିବାର ଗ୍ରାମରେ ପାଣି କମିବା ସହ ଯାତାୟାତ ଏକପ୍ରକାର ସ୍ୱାଭାବିକ ହୋଇଛି। ତେବେ ରାସ୍ତାର କେତେକ ସ୍ଥାନ ଖାଲୁଆ ଥିବାରୁ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ପାଣି କମିଥିଲେ ମଧ୍ୟ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଚୁଲିରେ ପାଣି ପଶିଯିବାରୁ ଲୋକେ ରୋଷେଇ କରିପାରି ନ ଥିବା କହିଛନ୍ତି। ସ୍ଥାନୀୟ ଜନପ୍ରତିନିଧି, ଆର୍‌ଆଇ ପରିସ୍ଥିତି ଉପରେ ନଜର ରଖିଛନ୍ତି। ବନ୍ୟାଜଳ ଦ୍ୱାରା ଚାଷଜମି ବିଶେଷ ପ୍ରଭାବିତ ହେବା ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଚାଷୀଙ୍କ କହିବା ଅନୁଯାୟୀ, ଚଳିତବର୍ଷ ଓରବରସିଂ, ହିରିମୂଳ, ଡିହଖଲା, ଦୁର୍ଗାପୁର, ଓରମୀ, ଓରକୁଳ, ମେଦିନୀ ଓ ପଡୋଶୀ ନରଣଗଡ଼ ପଞ୍ଚାୟତ ଧବଳପୁର, ବଳପୁର ଆଦି ମୌଜାର ୭ଶହ ଏକର ଜମିରେ ଧାନଚାଷ କାମ ସରିଥିଲା। କାମ ସାରିବା ବେଳକୁ ବନ୍ୟାପାଣି ବାର୍ଷିକ ଦାନା ପାଣି ଛଡାଇ ନେଲା। ଏବେ ଋଣ କିପରି ପରିଶୋଧ କରି ଋଣ ମୁକ୍ତ ହେବୁ ବୋଲି କହିଛନ୍ତି। ବିଡିଓ କ୍ଷୀରବ୍ଧୀ ତନୟା ସାହୁ କହିଛନ୍ତି, ଏବେ ସ୍ଥିତି ସ୍ୱାଭାବିକ ହୋଇଛି। ଏକପ୍ରକାର ବିପଦ ଟଳିଛି। ସମ୍ପୂର୍ଣ୍ଣ ପାଣି ଛାଡ଼ିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

# 'ବାଂଲାଦେଶୀଙ୍କୁ ଚିହ୍ନଟକରି ବିତାଡ଼ିତ କରାଯାଉ'



**ବୋଲଗଡ,୧୦।୮(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ପ୍ରଖଣ୍ଡର ବଜରଙ୍ଗ ଦଳ ସଦସ୍ୟମାନେ ଶନିବାର ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀମାନଙ୍କୁ ଚିହ୍ନଟ କରି ବିତାଡିତ କରିବା ପାଇଁ ଥାନା ଅଧିକାରୀ ଜ୍ୟୋତ୍ସ୍ନାମୟୀ ବାରାଳଙ୍କୁ ଏକ ସ୍ମାରକପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ସମ୍ପ୍ରତି ବାଂଲାଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥିବା ବେଳେ ସେଠାରେ ହିନ୍ଦୁମାନଙ୍କୁ ଅତ୍ୟାଚାର କରାଯାଉଛି। ତେବେ ଭାରତବର୍ଷ ସର୍ବଧର୍ମ ସମନ୍ୱୟ ରକ୍ଷାକରି ସମଗ୍ର ବିଶ୍ୱ ପାଇଁ ପଥପ୍ରଦର୍ଶକ ସାଜିଛି। ଏହାର ସୁଯୋଗ ନେଇ କେତେଜଣ ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀ ଜାଲ ଭୋଟର, ଆଧାର କାର୍ଡ, ନକଲି ପରିଚୟପତ୍ର ଆଦି ତିଆରି କରି ଏହି ଅଞ୍ଚଳରେ ଫେରିବାଲା, ପ୍ଲାଷ୍ଟିକ ସାମଗ୍ରୀ ବିକ୍ରେତା, କବାଡିବାଲା ଏବଂ ବିଭିନ୍ନ ପ୍ରକାର ବ୍ୟବସାୟର ସାହାରା ନେଇ ଛଦ୍ମବେଶରେ ବ୍ରାଉନ୍‌ସୁଗାର, ଗୋ ଚାଲାଣ, ପିଲାଚୋରି ଆଦି ଅପରାଧରେ ଲିପ୍ତ ରହି ଏହି ଅଞ୍ଚଳର ପରିବେଶକୁ କଳୁଷିତ କରୁଛନ୍ତି। ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଅନୁପ୍ରବେଶକାରୀଙ୍କୁ ତୁରନ୍ତ ଏହି ଅଞ୍ଚଳରୁ ବିତାଡିତ କରିବା ସଙ୍ଗେସଙ୍ଗେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଖୋର୍ଦ୍ଧା ଜିଲା ଗୋରକ୍ଷା ପ୍ରମୁଖ ମୁକେଶ ସାମନ୍ତରାୟ ଓ ବୋଲଗଡ ପ୍ରଖଣ୍ଡ ସଂଯୋଜକ ଇତେଶ କୁମାର ବେହେରା, ସହ ସଂଯୋଜକ ଲୋକଜିତ ପରିଡା, ଶ୍ରୀତମ ପ୍ରଧାନ, ସିଦ୍ଧାନ୍ତ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ୫୦ଜଣ କର୍ମୀ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ହିନ୍ଦୁମାନଙ୍କୁ ଜାଗ୍ରତ କରିବା ପାଇଁ ହନୁମାନ ଚାଳିଶା ପଠନ କରାଯିବା ସହ ପୁସ୍ତକ ବଣ୍ଟନ କରାଯାଇଥିଲା।

# ଓଡ଼ିଶାର ଯୁବପିଢ଼ି ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ନେତୃତ୍ୱ ନେଉଛନ୍ତି

**ଖୋର୍ଦ୍ଧା, ୧୦।୮(ପ୍ରଭାତ ପାଣିଗ୍ରାହୀ)**

ୟୁଥ୍ ଫର୍ ୱାଟର ପ୍ଲସ୍ ଅଭିଯାନ ପକ୍ଷରୁ ୟୁନିସେଫ୍ ଓଡ଼ିଶା ସହଯୋଗରେ ଶୁକ୍ରବାର ଖୋର୍ଦ୍ଧାସ୍ଥିତ ଏକ ସ୍କୁଲରେ ଜଳବାୟୁ ପରିବର୍ତ୍ତନ ଉପରେ ତିନିଦିନିଆ ଓଡ଼ିଶା ଯୁବ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୟୁନିସେଫ୍ ଇଣ୍ଡିଆର ୱାଶ ସ୍ପେଶାଲିଷ୍ଟ କରିନା ମଲଜୱଏସ୍କା ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାର ସମାଧାନ ଦିଗରେ ଯୁବପିଢ଼ିଙ୍କର କ'ଣ ଭୂମିକା ରହିଛି ଏବଂ ୟୁନିସେଫ୍ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଭୁବନେଶ୍ୱରରେ ଥିବା ୟୁନିସେଫ୍ ଫିଲ୍ଡ କାର୍ଯ୍ୟାଳୟର ପୋଷଣ ବିଶେଷଜ୍ଞ ତଥା ଅଫିସର ଇନ୍‌ଚାର୍ଜ ସୌରଭ ଭଟ୍ଟାଚାର୍ଜୀ କହିଥିଲେ, ଓଡ଼ିଶାର ଯୁବପିଢ଼ି ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ନେତୃତ୍ୱ ନେଉଛନ୍ତି। ଓଡ଼ିଶାର ଯୁବପିଢ଼ିଙ୍କ ଶକ୍ତି ଏବଂ ଉତ୍ସାହ ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ଓ ଏହାର ମୁକାବିଲା ପାଇଁ ହାତକୁ ନେଇଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯିବ। ଏଥିରେ ଭାରତ ତଥା ବିଦେଶରୁ ୧୫ ରୁ ୨୦ଜଣ ବିଶେଷଜ୍ଞ ଏବଂ ପ୍ରଶିକ୍ଷକ ସହିତ ରାଜ୍ୟର ୧୫୦ଯୁବପିଢ଼ି ଅଂଶଗ୍ରହଣ କରିଛନ୍ତି।



ଯୁବ ସମ୍ମିଳନୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ

**ନାଗାସାକି ଦିବସ**

**ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)**

୧୯୪୫ ଅଗଷ୍ଟ ୬ ଓ ୯ରେ ଜାପାନର ହିରୋଶିମା ଏବଂ ନାଗାସାକି ସହର ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ପରମାଣୁ ନିକ୍ଷେପଣର ହୃଦୟବିଦାରକ ବିନାଶ ଆଜି ବି ଇତିହାସର ଏକ କଳାଫର୍ଦ୍ଦ ହୋଇରହିଛି। ଏହି ବିଧ୍ୱଂସରେ ଲକ୍ଷଲକ୍ଷ ଲୋକଙ୍କ ଜୀବନ ହାନୀ ହୋଇଥିଲା। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ପ୍ରତିବର୍ଷ ଅଗଷ୍ଟ ୯କୁ ହିରୋସୀମା ଓ ନାଗାସାକି ଦିବସ ଭାବେ ପାଳନ କରାଯାଉଛି। ଏହି ଦୁଃଖଦ ଦିବସକୁ ମନେପକାଇବା ସହ ଯୁଦ୍ଧ ନୁହେଁ ବରଂ ଆମକୁ ଶାନ୍ତି ଆବଶ୍ୟକ ବୋଲି ଦର୍ଶାଇ ସ୍ନେହ ଅନୁଷ୍ଠାନ ପକ୍ଷରୁ ଶନିବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସାଲିଆ ସାହି ବସ୍ତିରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କ ମଧ୍ୟରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିସହ ଯୁଦ୍ଧର କୁପରିଣାମ ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ବିଶ୍ୱବନ୍ଦିତା ସ୍ୱାଇଁ, ବନ୍ଦନା ସେଠୀ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଶାନ୍ତିପଥରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର କର୍ମଚାରୀ ସ୍ୱସ୍ତିକା ଷଡ଼ଙ୍ଗୀଙ୍କ ଦ୍ୱାରା ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହୋଇଥିଲା। ଭବିଷ୍ୟତର ବିପର୍ଯ୍ୟୟକୁ ରୋକିବାରେ ଯୁବ ସମାଜର ଭୂମିକା ଏବଂ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାର ମହତ୍ତ୍ୱ ଉପରେ ଦୁଇଜଣ ସ୍ୱେଚ୍ଛାସେବୀ ସେମାନଙ୍କ ଭାବନା ବାଣ୍ଟିଥିଲେ। ଏହାପରେ ୟୁଥ୍ ସେଲ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଶାନ୍ତି ସଙ୍ଗୀତରେ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ତରଫରୁ ଦିବାକର ମାହାଳି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରସ୍ତାବ ଗୃହୀତ



**ବୋଲଗଡ଼,୧୦।୮(ଦେବବ୍ରତ ହୋତା)**

ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଏବଂ ଶିକ୍ଷକ ଦୀପ୍ତି ରଞ୍ଜନ ଦାସ ଓ ଶିକ୍ଷୟିତ୍ରୀ ଶ୍ରୋତାଲିନି ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀଙ୍କ ପିତାମାତା ଓ ଶିକ୍ଷୟିତ୍ରୀଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ଅଭିଭାବକ ରମେଶଚନ୍ଦ୍ର ମହାନ୍ତି ପୌରୋହିତ୍ୟ ଓ ଅଭିଭାବିକା ବିନୋଦିନୀ ଦତ୍ତ ସଂଯୋଜନା କରିଥିଲେ। ପ୍ରଥମେ ପ୍ରଧାନଶିକ୍ଷକ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ରଙ୍କୁ ନିୟମିତ କରିବା ସହ ଡ୍ରପ ଆଉଟ ରୋକିବାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସହଯୋଗ କରିବାକୁ ଶିବରାମ ବେହେରା, ଜୟନ୍ତୀ ସାହୁ,ମିନାକ୍ଷୀ ସୁନ୍ଦରା, ହରିବନ୍ଧୁ ସୁବୁଦ୍ଧି, ଝରଣା ମହାନ୍ତି, ବିନୋଦିନୀ ଦତ୍ତ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଶିକ୍ଷକ ବିଭୁପ୍ରସାଦ ମହାପାତ୍ର ଛାତ୍ରୀଛାତ୍ରଙ୍କ ନିରାପତ୍ତା ବ୍ୟବସ୍ଥା, ବିଚିତ୍ର ଘଡେଇ ବୟସ ଅନୁସାରେ ବିଦ୍ୟାର୍ଥୀଙ୍କ ନାମ ଲିଖନ ଓ ଶିକ୍ଷା ସମାପ୍ତିକୁ ନିଶ୍ଚିତ କରିବା, ଅଂଶୁମାନ ଧଳ ବେଟି ବଚାଅ ବେଟି ପଢାଅ, ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଅନଲାଇନ ସୁରକ୍ଷା ଏବଂ ସାଇବର ସଚେତନତା, ସ୍ମିତାସିନ୍ଧୁ ମହାପାତ୍ର ସ୍ୱଚ୍ଛତା ପକ୍ଷ ପାଳନ, ସର୍ଣ୍ଣଲତା ପ୍ରଧାନ ୟୁଥ ଏବଂ ଇକୋ କ୍ଲବ, ନମିତା ସାହୁ ବିଦ୍ୟାଳୟକୁ ସରକାର ଯୋଗାଇଥିବା ଭେଣ୍ଡିଂ ମେଶିନ, ସୌଦାମିନୀ ସୁବୁଦ୍ଧି ସୁରଭି ଏବଂ ସୌଦାମିନୀ ପରିଡ଼ା ପିଟିଏର କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ। ଅଭିଭାବକମାନେ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଦେଇଥିବା ଗଠନମୂଳକ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବାକୁ ପ୍ରଧାନ ଶିକ୍ଷକ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ବିତ କେଦାର କର, ଶିବ ପ୍ରଧାନ, ସ୍ନେହଲତା ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ବିଶ୍ୱଜିତ ସରୋଜ କୁମାର ଧନ୍ୟବାଦ ଦେଇଥିଲେ।

# କୁଳପତି ନିବାସ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା

**କଟକ,୧୦।୮(ଶିଲ୍ପା ପ୍ରିୟଦର୍ଶିନୀ)**

କଟକ ବ୍ରଜବିହାରୀପୁରସ୍ଥିତ ଦ୍ୱିତୀୟ କ୍ୟାମ୍ପସକୁ ଦୁଇଟି ସେଲ୍ଫ ଫାଇନାନ୍ସିଂ ବିଭାଗ(ଏମ୍‌ବିଏ ଓ ବିବିଏ)କୁ ସ୍ଥାନାନ୍ତର ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଆସନ୍ତା ମଙ୍ଗଳବାର ସୁଦ୍ଧା ଏହି ଦୁଇଟି ବିଭାଗର ପାଠପଢ଼ା ଆରମ୍ଭ କରାଯିବାକୁ ଥିବାବେଳେ ବିଭାଗ ସ୍ଥାନାନ୍ତର ନିଷ୍ପତ୍ତି ବିଷୟରେ ଅଧ୍ୟାପିକାଅଧ୍ୟାପକଙ୍କୁ ଜଣାଯାଇଥିଲା। ହେଲେ ଛାତ୍ରୀଛାତ୍ରମାନେ ଏହି ବିଷୟରେ ଅବଗତ ନ ଥିଲେ। ଏପରି କି ସ୍ଥାନାନ୍ତରକୁ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଉପଯୁକ୍ତ ବ୍ୟବସ୍ଥା ନ କରି ସ୍ଥାନାନ୍ତର କରାଯିବାକୁ ନେଇ ଦୁଇ ବିଭାଗର ଛାତ୍ରୀଛାତ୍ର ବିରୋଧ କରିଛନ୍ତି। ଶନିବାର ଏନେଇ କୁଳପତିଙ୍କ ନିବାସ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ କରିଥିଲେ। ପ୍ରାୟ ୪ ଘଣ୍ଟାରୁ ଅଧିକ ସମୟ ଧାରଣା ଦେବା ପରେ ଅପରାହ୍ନରେ କୁଳପତି ସଞ୍ଜୟ ନାୟକ ଧାରଣାସ୍ଥଳକୁ ଆସି ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ଶିକ୍ଷାବର୍ଷରେ ବିଭାଗ ସ୍ଥାନାନ୍ତର କରା ନ ଯିବାକୁ ଛାତ୍ରୀଛାତ୍ର ଦାବି କରିଥିଲେ। ସେମାନଙ୍କ ଦାବିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମାନି ନେଇ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ଚଳିତ ଶିକ୍ଷାବର୍ଷ ବଦଳରେ ଆସନ୍ତା ବର୍ଷଠାରୁ ମହାନଦୀ କ୍ୟାମ୍ପସକୁ ଏହି ଦୁଇ ବିଭାଗ ସ୍ଥାନାନ୍ତର କରିବାକୁ ଛାତ୍ରୀଛାତ୍ରଙ୍କୁ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଥିବା ନେଇ ନୋଟିସ ଜାରି କରାଯାଇଛି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବିଭିନ୍ନ ସେଲ୍ଫ ଫାଇନାନ୍ସିଂ ବିଭାଗକୁ ମହାନଦୀ କ୍ୟାମ୍ପସକୁ ସ୍ଥାନାନ୍ତର କରାଯାଉଛି। ପୂର୍ବରୁ ଆଇଟିଏମ୍ ଏବଂ ଆଇଏସ୍‌ଟି ପାଠ୍ୟକ୍ରମର ପାଠପଢ଼ା ସେଠାରେ ଚାଲିଛି। ହେଲେ ଛାତ୍ରୀଛାତ୍ରଙ୍କୁ ଏବେସୁଦ୍ଧା ଉପଯୁକ୍ତ ସୁବିଧା ସୁଯୋଗ ମିଳିପାରୁନାହିଁ। ଏଥିପାଇଁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏବେ ଏମ୍‌ବିଏ ଏବଂ ବିବିଏ ବିଭାଗ ସ୍ଥାନାନ୍ତର ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ହେଲେ ଶ୍ରେଣୀଗୃହରେ ଟେବୁଲ, ଚେୟାରର ବ୍ୟବସ୍ଥା କରାଯାଇନାହିଁ। ଲାବରେଟୋରି କିମ୍ବା ହଷ୍ଟେଲ ସୁବିଧା କରାଯାଇନାହିଁ।

# ବେଗୁନିଆରେ ଜାତୀୟ କୃମିନାଶ ଦିବସ

**ବେଗୁନିଆ,୧୦।୮(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଜାତୀୟ କୃମି ନାଶ ଦିବସ ପାଳିତ ହୋଇଯାଇଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଦିବସ ପାଳନ ସମାରୋହକୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଇଓ ପ୍ରଭାସିନୀ ପଣ୍ଡା ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଉପସ୍ଥିତ ଥିଲେ। କୃମି ରୋଗର ସଂକ୍ରମଣ ଓ ପ୍ରତିକାର ସମ୍ପର୍କରେ ପିଏଚ୍‌ଇଓ ପଣ୍ଡା ଅବଗତ କରାଇଥିଲେ। ସାଧାରଣତଃ ଅପରିଷ୍କାର ହାତରେ ଖାଇବା ଓ ଅପରିଷ୍କାର ବସ୍ତ୍ର ପିନ୍ଧିବା ଦ୍ୱାରା ପିଲାମାନଙ୍କ ଶରୀରରେ କୃମି ରୋଗ ଦେଖାଦେଇଥାଏ। ପରେ ପିଏଚ୍‌ଇଓ ପଣ୍ଡା ପ୍ରଥମେ ପିଲାମାନଙ୍କୁ ବଟିକା ଖୁଆଇଥିଲେ। ଏହି ରୋଗର ପ୍ରତିଷେଧକ ପାଇଁ ପିଲାମାନଙ୍କୁ ସିରପ ଓ ବଟିକା ବଣ୍ଟନ କରାଯାଇଥିଲା। ବ୍ଲକର ମୋଟ୍ ୧୭୬ଟି ସରକାରୀ ବିଦ୍ୟାଳୟ, ଯୁକ୍ତ ୨ ବିଦ୍ୟାଳୟ ସହିତ ବେସରକାରୀ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ରରେ ୧ ବର୍ଷରୁ ଅଧିକ ଏବଂ ୧୯ ବର୍ଷରୁ କମ ବୟସର ଛାତ୍ରୀଛାତ୍ରଙ୍କୁ ଏହି ବଟିକା ଏବଂ ସିରପ ବଣ୍ଟନ କରାଯାଇଛି। ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୭ତାରିଖ ସୁଦ୍ଧା ବଣ୍ଟନ କରାଯିବ ବୋଲି ପିଏଚ୍‌ଇଓ ପଣ୍ଡା ସୂଚନା ଦେଇଛନ୍ତି।




# ଛାତ୍ରୀଛାତ୍ରଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବାକୁ ଆହ୍ୱାନ

**ବହୁଭାଷୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

**ଭୁବନେଶ୍ୱର, ୧୦।୮(ଅସମାପିକା ସାହୁ)**

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଚାଲିଥିବା ୪ଦିନିଆ ବହୁଭାଷୀ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜନଜାତି ନିର୍ଦ୍ଦେଶକ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ସଦସ୍ୟ ସଚିବ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଜନଜାତି ଛାତ୍ରୀଛାତ୍ର ସାମ୍ନା କରୁଥିବା ଭାଷା ସମ୍ବନ୍ଧୀୟ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ବହୁଭାଷୀ ଶିକ୍ଷକ ପ୍ରଶିକ୍ଷାର୍ଥୀମାନେ ଏହି ଶିବିରରୁ ଆହରଣ କରିଥିବା ଜ୍ଞାନ ଛାତ୍ରୀଛାତ୍ରଙ୍କ ବିକାଶ କ୍ଷେତ୍ରରେ ବିଶେଷ ଉପଯୋଗୀ ହୋଇପାରିବ। ପିଲାମାନଙ୍କୁ ନିଜ ସନ୍ତାନ ଭଳି ସମାନ ବିଚାର କରି ସେମାନଙ୍କ ପ୍ରତି ଅଧିକ ଯତ୍ନଶୀଳ ଓ ଦାୟିତ୍ୱବାନ ହେବାକୁ ଶିକ୍ଷକଙ୍କୁ ସେ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ ଯୋଗଦେଇ ଶ୍ରେଣୀଗୃହରେ ଭାଷାକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ସପ୍ତାହରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାରେ ନିଯୁକ୍ତ ଭାଷା ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ ହେବ ବୋଲି ସହ ନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆ ସୂଚନା ଦେଇଥିଲେ। ଏହି ଶିବିରରେ ୫୦ ଜଣ ବହୁଭାଷୀ ଶିକ୍ଷକ ପ୍ରଶିକ୍ଷାର୍ଥୀ ଭାବେ ଯୋଗଦେଇ ପାଠ୍ୟପୁସ୍ତକ, ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ସହିତ ଜନଜାତି ଭାଷାର ସଂଯୋଜନ ଆଦି ଉପରେ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷଣ ନେଇଥିବା ଶିକ୍ଷକଙ୍କ ହସ୍ତ ଲିଖିତ ତିନୋଟି ପତ୍ରିକା ଯଥା 'କଥା ବାର୍ତ୍ତା' ଓ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ଏମ.ଏଲ.ଇ ଏବଂ ଏଫ.ଏଲ.ଏନ୍ ପାଇଁ ଉପଯୋଗୀ ଶିକ୍ଷଣୀୟ ଉପକରଣ ଭାଗ-୧ ଓ ଭାଗ-୨ ଉନ୍ମୋଚିତ କରାଯାଇଥିଲା। ଏଥିସହିତ ସମସ୍ତ ପ୍ରଶିକ୍ଷାର୍ଥୀ ଶିକ୍ଷକଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଗବେଷଣା ସହାୟିକା ଡ. ସଞ୍ଜୁକ୍ତା ମହାରଣା ଧନ୍ୟବାଦ ଦେଇଥିଲେ।


ବହୁଭାଷୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଦିବସରେ ଅତିଥି ଏବଂ ଅନ୍ୟମାନେ।

## ସଂକ୍ଷେପରେ

### କାର୍‌-ଟ୍ରକ୍‌ ଧକ୍କା, ୨ ଆହତ

ନିମାପଡ଼ା,୧୦।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା– ପିପିଲି ରାସ୍ତାର ଓଲିକୋଣା ଛକଠାରେ ଶନିବାର ଏକ କାର୍‌ ସହ ଟ୍ରକ୍‌ ଧକ୍କା ହୋଇଛି। ଦୁର୍ଘଟଣାରେ କାର୍‌ରେ ଥିବା ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ନିମାପଡ଼ା ଥାନା ଅଧୀନ ଅଂଶାଲୋ ଗ୍ରାମର ବିରଞ୍ଚି ନାରାୟଣ ସାହୁ ଓ ପଞ୍ଚୁ ସାହୁ। ଖବରପାଇ ନିମାପଡ଼ା ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌ ଓ ଟ୍ରକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ଟ୍ରକ୍‌ ଚାଳକ ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଧୀନ ନାରୁଣୀ ଗ୍ରାମର ଦୁର୍ଗାପ୍ରସାଦ ଦାସ ଓ ହେଲ୍‌ପର ଖୋର୍ଦ୍ଧା ଜିଲା ଟାଙ୍ଗି ଥାନା ଅଧୀନ ଦକ୍ଷିତପଡ଼ା ଗ୍ରାମର ଚିକୁନ ବେହେରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଟ୍ରକ୍‌ଟି ପିପିଲିରୁ ନିମାପଡ଼ା ଅଭିମୁଖେ ଆସୁଥିବାବେଳେ ନିମାପଡ଼ାରୁ ଭୁବନେଶ୍ୱର ଯାଉଥିବା କାର୍‌ ସହ ଧକ୍କା ହୋଇଥିଲା। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ବିପଦ ସଙ୍କେତ ଉପରେ ଦୟାନଦୀ ବନ୍ୟାଜଳ
### ୩ ପଞ୍ଚାୟତ ଜଳମଗ୍ନ



କଣାସ,୧୦।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ଥିବା ଦୟାନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ତାହାର ଶାଖାନଦୀ ରାଜୁଆ, ମକରାରେ ମଧ୍ୟ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୧ମି.ମି. ଥିବାବେଳେ ବର୍ତ୍ତମାନ ୪.୩୫ମି.ମି. ବନ୍ୟାଜଳ ପ୍ରବାହିତ ହେଉଛି। ଯାହାଦ୍ୱାରା ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ସମସ୍ତ ଚାଷଜମିରେ ୧୦ ଫୁଟ୍‌ରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ଉତ୍ପାଦନ ହେଉଥିବା ପରିବା ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି।

### ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଗ୍ନିକାଣ୍ଡ

ଅସ୍ତରଙ୍ଗ,୧୦।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ବିପିଏମ୍‌ କାର୍ଯ୍ୟାଳୟରେ ଶନିବାର ରାତି ସମୟରେ ବିଦ୍ୟୁତ୍‌ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଘଟଣାସ୍ଥଳରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁଲିଭା କାର୍ଯ୍ୟ ଜାରି ରଖିଥିବାବେଳେ ବିପିଏମ୍‌ କାର୍ଯ୍ୟାଳୟ ପରିସରରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ଓ ଆସବାବପତ୍ର ଜଳିଯାଇଛି। କିନ୍ତୁ ସମ୍ପୂର୍ଣ୍ଣ ଘଟଣା ସ୍ପଷ୍ଟ ହୋଇନାହିଁ। କାର୍ଯ୍ୟରତ କର୍ମଚାରୀଙ୍କ ଖାମଖିଆଲ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକେ କହୁଛନ୍ତି।

# ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

**ବିଦ୍ୟାଳୟ ପରିଚାଳନା କମିଟି ଅଜାଣତରେ ରୂପାନ୍ତୀକରଣ କାର୍ଯ୍ୟ ଆରମ୍ଭ**

ଅସ୍ତରଙ୍ଗ,୧୦।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ବିଦ୍ୟାଳୟ ପରିଚାଳନା କମିଟି ଅଜାଣତରେ ଉନ୍ନତୀକରଣ କାର୍ଯ୍ୟ କରାଯିବାକୁ ନେଇ ପଞ୍ଚାୟତ ସମିତି ସଭ୍ୟା ଓ ଗ୍ରାମବାସୀ ଶନିବାର ସ୍କୁଲ ସମ୍ମୁଖରେ ଧାରଣା ଦେଇଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବାରୁ ଧାରଣା ହଟିଥିଲା। ଏପରି ଘଟଣା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ କୋରଣା ପଞ୍ଚାୟତ ଉଦୟପୁର ନିକଟ ନାରାୟଣ ବିଦ୍ୟାପୀଠରେ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ୫-ଟି ଅଧୀନ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ନାରାୟଣ ବିଦ୍ୟାପୀଠକୁ ଅନୁଦାନ ଅର୍ଥ ଆସିଥିଲା। କିନ୍ତୁ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟକୁ ନେଇ ଦ୍ୱନ୍ଦ୍ୱ ହେବାରୁ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ମିଶ୍ର ଉକ୍ତ ଟଙ୍କାକୁ ବିଡିଓ ସୁଶ୍ରୀ ସସ୍ମିତା ବେହେରା ନିକଟକୁ ଫେରସ୍ତ କରିଦେଇଥିଲେ। ହେଲେ ବିଦ୍ୟାଳୟ ପରିଚାଳନା କମିଟି ଅଜାଣତରେ ବ୍ଲକ ପ୍ରଶାସନ ପକ୍ଷରୁ ନୂତନ



ପଞ୍ଚାୟତ ସମିତି ସଭ୍ୟା ଓ ଗ୍ରାମବାସୀ ଶନିବାର ସ୍କୁଲ ସମ୍ମୁଖରେ ଧାରଣାରେ ବସିଛନ୍ତି ।

ଗୃହ ନିର୍ମାଣ ପାଇଁ ଶନିବାର ଶୁଭ ଭିତ୍ତିପ୍ରସ୍ତର ଦିଆଯାଇଥିଲା। ଏହାକୁ ବିରୋଧ କରି ପଞ୍ଚାୟତ ଓ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସମିତି ସଭ୍ୟା କମଳା ରାଉତଙ୍କ କହିବା ଅନୁଯାୟୀ, ରୂପାନ୍ତରଣ ପାଇଁ ଦିଆଯାଇଥିବା ଶୁଭ ଭିତ୍ତିପ୍ରସ୍ତର ଲାଗି ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅବଗତ କରାଯାଇନାହିଁ। ଗ୍ରାମବାସୀ ତୁଷାରକାନ୍ତ ନାୟକଙ୍କ କହିବା ମୁତାବକ, ରୂପାନ୍ତରଣ ବାବଦରେ ବିଦ୍ୟାଳୟ ପରିଚାଳନା କମିଟିକୁ ଅବଗତ କରା ନ ଯାଇ କେବଳ ଗ୍ରାମର ୨–୩ ନିର୍ଦ୍ଦିଷ୍ଟ ଲୋକଙ୍କୁ ଜଣାଇ ଏହି କାର୍ଯ୍ୟ କରାଯାଉଛି, ଯାହାକୁ ନେଇ ସେମାନେ ଧାରଣା ଦେଇଛନ୍ତି। ପ୍ରଧାନ ଶିକ୍ଷକ ମିଶ୍ର ସେଠାରେ ପହଞ୍ଚିବା ପରେ ଆନ୍ଦୋଳନ ହଟିଥିଲା। ଏବଂ ବିଦ୍ୟାଳୟ ଅଫିସ କାର୍ଯ୍ୟାଳୟରେ ଉନ୍ନତୀକରଣ ବାବଦରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟ ପରିଚାଳନା କମିଟି ସହମତିରେ ହେଉ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦ୍ୱିଜବର ବାଘ କହିଥିଲେ। ଯଦି ମନମୁଖି କାର୍ଯ୍ୟ ହେବ ସେମାନେ ଆଗାମୀ ଦିନରେ ଦୃଢ ପ୍ରତିବାଦ କରିବେ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଅସ୍ତରଙ୍ଗ ବିଡିଓ ସୁଶ୍ରୀ ସସ୍ମିତା ବେହେରା କହିଛନ୍ତି, ଗ୍ରାମବାସୀଙ୍କ ଧାରଣା ବାବଦରେ ସେ ଅବଗତ ନାହାନ୍ତି। ଏ ସମସ୍ୟା ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିବେ ବୋଲି ବେହେରା କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ରୂପାନ୍ତରଣ କାର୍ଯ୍ୟ କରୁ ବୋଲି ଆଲୁମ୍‌ନି କମିଟି ସଭାପତି ମନୋରଞ୍ଜନ ପ୍ରଧାନ, ହରିହର ରାଉତ, ଦ୍ୱିଜବର ନାୟକ, କାଳନ୍ଦୀ ଚରଣ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# କମେଣ୍ଟମରାକୁ ନେଇ ଛାତ୍ର- ଅଣଛାତ୍ର ମାରପିଟ୍‌

**ଆକ୍ରମଣରେ ଜଣେ ଛାତ୍ର, ଅଣଛାତ୍ର ଆହତ**

ଗୋପ,୧୦।୮ (ଭାରତୀ ଭୂଷଣ ଉପାଧ୍ୟାୟ)

କିଛିଦିନ ଧରି ଗୋପ ମହାବିଦ୍ୟାଳୟରେ ଅଶାନ୍ତି ଲାଗି ରହିଥିବାବେଳେ ଶନିବାର ପୂର୍ବାହ୍ନରେ ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ବିଭୂତି ଦାସ (୧୭)ଙ୍କୁ କେତେଜଣ ଅଣଛାତ୍ର ମାଡ଼ ମାରିବାରୁ ସେ ଆହତ ହୋଇଛନ୍ତି। ଏପରି ଗଣ୍ଡଗୋଳ ପରେ କେତେଜଣ ଲୋକ ଜଣେ ଅଣଛାତ୍ରଙ୍କୁ ମଧ୍ୟ ମାଡ଼ ମାରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ମହାବିଦ୍ୟାଳୟ ନିକଟରେ କିଛିଦିନ ହେବ ଅଣଛାତ୍ରମାନେ ଆଡ୍ଡା ଜମାଉଥିବାବେଳେ ବିଭିନ୍ନ ସମୟରେ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରୁଥିଲେ। ଏହି କମେଣ୍ଟମରାକୁ ନେଇ ପୂର୍ବରୁ ଥରେ ଦୁଇଥର ଗଣ୍ଡଗୋଳ ହୋଇଥିଲା। ତେବେ ଶନିବାର ୭/୮ ଜଣ ଅଣଛାତ୍ର କଲେଜ ନିକଟରେ କେତେଜଣ ଛାତ୍ରଙ୍କୁ ମରାମରି କରିବାରେ ଜଣେ ଛାତ୍ରନେତା ଏହାକୁ ସମାଧାନ କରିଥିଲେ। କିନ୍ତୁ କିଛି ସମୟ ପରେ ବିଭୂତି କଲେଜ ବାହାରକୁ ଯାଉଥିବାବେଳେ ୭/୮ ଜଣ ଅଣଛାତ୍ର ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଛାତ୍ର ଜଣଙ୍କର ମୁହଁ, ଆଖିରେ ଆଘାତ ଲାଗିଛି। ଛାତ୍ର ଜଣଙ୍କୁ ଗୋପ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବାବେଳେ ଛାତ୍ରଙ୍କ ବାପା ଗୋପ ଥାନାରେ ଏକ ଅଭିଯୋଗ କରିଛନ୍ତି। ଏପଟେ ଜଣେ ଅଣଛାତ୍ରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିବାବେଳେ ଖବର ଲେଖା ପର୍ଯ୍ୟନ୍ତ ଥାନାରେ ମକଦ୍ଦମା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସମସ୍ତ ଘଟଣା ବାବଦରେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ବିପ୍ଳବ କୁମାର ପ୍ରଧାନଙ୍କୁ ପଚାରିବାରେ, ତଦନ୍ତ ଚାଲିଛି ବୋଲି କହିଥିଲେ।

# ଅଧିକାରୀଙ୍କ ରାଜୁଆ, ଦୟାନଦୀ ବନ୍ଧ ପରିଦର୍ଶନ

କଣାସ,୧୦।୮ (ବିଭୂତି ଭୂଷଣ ତ୍ରିପାଠୀ)



ଚିଫ ଇଞ୍ଜିନିୟର ମହାନଦୀ କାଠଯୋଡି ସିଷ୍ଟମ୍‌ର ଦିଲୀପ କୁମାର ରାଉତ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଖୋର୍ଦ୍ଧା ଜଳସେଚନ ବିଭାଗ ପ୍ରିୟବ୍ରତ ବେହେରା, ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍‌ ଖୋର୍ଦ୍ଧା ଜଳସେଚନ ବିଭାଗର ଅନିଲ କୁମାର ପାଢୀ, ଖୋର୍ଦ୍ଧା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ, ଖୋର୍ଦ୍ଧା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ସନତ କୁମାର ମଲ୍ଲିକ ପ୍ରମୁଖ ଶନିବାର କଣାସରେ ପ୍ରବାହିତ ରାଜୁଆ, ଦୟାନଦୀ ବନ୍ଧ ପରିଦର୍ଶନ କରିଛନ୍ତି। ଗଡବଡ଼ପୁଟ ନିକଟ ରାଜୁଆ ନଦୀର ଡାହାଣ ପାର୍ଶ୍ୱ ବନ୍ଧ ନ ଥିବାରୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ରାଜୁଆର ବାମପାର୍ଶ୍ୱ ଓ ଦୟାନଦୀର ଡାହାଣ ପାର୍ଶ୍ୱରେ ବନ୍ଧ ନ ଥିବାରୁ ୩ ପଞ୍ଚାୟତ ପ୍ରତ୍ୟେକ ବନ୍ୟାରେ ବୁଡୁଥିବା ଦେଖି ବନ୍ଧ ନିର୍ମାଣ ସମ୍ପର୍କରେ ସର୍ଭେ କରିଥିଲେ। ଏହାପରେ ଅଧିକାରୀ ନୂଆହାଟଠାରେ ବାମପାର୍ଶ୍ୱ ଦୟାନଦୀ ବନ୍ଧ ଅବସ୍ଥା ଭଲ ନ ଥିବା ଦେଖିବା ସହିତ ବନ୍ୟା ଛାଡ଼ିଲା ପରେ କିପରି କମଜୋର ଥିବା ସ୍ଥାନରେ ନଦୀ ଭିତରେ କଂକ୍ରିଟ୍‌ ବନ୍ଧ ନିର୍ମାଣ ହେବ ସେନେଇ ପ୍ରସ୍ତାବ ରଖିଥିଲେ।

# ଛେଳି ଗଛ ଖାଇବାକୁ ନେଇ ପରିବାର ଲୋକଙ୍କୁ ସଂଘବଦ୍ଧ ଆକ୍ରମଣ

ଗୋପ,୧୦।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ରାସ୍ତାକଡ଼ରେ ଲାଗିଥିବା ଗଛକୁ ଛେଳି ଖାଇବାକୁ ନେଇ ଗୋପ ଥାନା ଅଧୀନ ଖଣ୍ଡସାହି ଗ୍ରାମର ଗୋଟିଏ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ସୁବାସ ମହାପାତ୍ରଙ୍କ ସ୍ତ୍ରୀ ଶକୁନ୍ତଳା ମହାପାତ୍ର(୪୫), ବଡ଼ପୁଅ ବଳରାମ ମହାପାତ୍ର(୨୫) ସାନପୁଅ କୃଷ୍ଣଚନ୍ଦ୍ର ମହାପାତ୍ର(୨୨)ଙ୍କ ମୁଣ୍ଡ, ଛାତି, ଆଖିରେ ଆଘାତ ଲାଗିଥିବାରୁ ସେମାନେ ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଆକ୍ରମଣ ଅଭିଯୋଗରେ ଗାଁ ସଭାପତି ସମ୍ପୃକ୍ତ ଥିବାବେଳେ ୧୦ ଜଣରୁ ଊର୍ଦ୍ଧ୍ୱ ଆକ୍ରମଣ କରିଥିବା ଜଣାପଡ଼ିଛି। ତେବେ





ଆହତ ବାପ ଓ ପୁଅ ।

ଏହି ଘଟଣାରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ରାହାଙ୍ଗୋରଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ରାସ୍ତାକଡ଼ରେ ଚାରାରୋପଣ କରାଯାଇଥିଲା। ବାରମ୍ବାର ଏହି ସବୁ ଗଛକୁ ଛେଳି ଖାଇ ଯାଉଥିବା ଅଭିଯୋଗ ହେଉଥିଲା। ଶନିବାର ବଳରାମ ଛେଳି ଚରାଉଥିବାବେଳେ ଲଗାଯାଇଥିବା ଗଛ ଛେଳି ଖାଉଛି ବୋଲି ଗାଁ ସଭାପତି ବଳରାମଙ୍କୁ କହିବା ପରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ସଭାପତିଙ୍କ ପରିବାରର ୧୦/୧୨ ଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ସୁବାସଙ୍କ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବଳଙ୍ଗା,୧୦।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଚନ୍ଦ୍ରାଦେଇପୁର ଗ୍ରାମର ଜଣେ ସାମ୍ବାଦିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାଡ଼ ମାରିବା, ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦ୍ରାଦେଇପୁର ଗ୍ରାମର ମାଧବ ପରିଡ଼ା(୫୪)। ସୂଚନା ମୁତାବକ, ମାଧବଙ୍କ ପୁଅ ଚନ୍ଦୁ ପରିଡ଼ା ଏକ ମାମଲାରେ ଫେରାର ଥିବାବେଳେ ଗତ ୫ ତାରିଖ ରାତିରେ ବଳଙ୍ଗା ପୋଲିସ ଚନ୍ଦୁଙ୍କୁ ଗିରଫ କରିବାକୁ ଚନ୍ଦ୍ରାଦେଇପୁର ଗ୍ରାମକୁ ଯାଇଥିଲା। ସେଠାରେ ଚନ୍ଦୁଙ୍କ ଜଣେ ସହଯୋଗୀ ପୋଲିସକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସେହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଘଟଣାରେ ଚନ୍ଦ୍ରାଦେଇପୁର ଗ୍ରାମର ଖବରଦାତା ରାଜ ପ୍ରସାଦ ଦାଶଙ୍କୁ ମାଧବ ଫୋନ୍‌ ଯୋଗେ ଗାଳିଗୁଲଜ କରି ଧମକ ଦେଇଥିଲେ। ଶୁକ୍ରବାର ସକାଳେ ରାଜପ୍ରସାଦ ବିଲକୁ ଯାଉଥିବା ସମୟରେ ହଠାତ୍‌ କ'ଣ ପାଇଁ ମୋ ପୁଅର ଖବର ଛାଡ଼ିଲୁ ବୋଲି କହି ପାଖରେ ଥିବା ଏକ ବନ୍ଧୁକ ବାହାର କରି ମୁଣ୍ଡରେ ଲଗାଇ ମାଡ଼ ମାରିଥିଲେ। ଥାନାକୁ ଗଲେ ଜୀବନରୁ ମାରିଦେବାକୁ ଧମକ ଦେବା ସହ ତାଙ୍କ ବେକରେ ଥିବା ସୁନାଚେନକୁ ଛିଣ୍ଡାଇ ନେଇଥିଲେ। ଏ ସମ୍ପର୍କରେ ରାଜପ୍ରସାଦ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ଶୁକ୍ରବାର ରାତିରେ ବଳଙ୍ଗା ବଜାରରୁ ମାଧବଙ୍କୁ ଗିରଫ କରିଛି।

# ଦେବୀନଦୀ ପଠା ଫସଲରେ ମାଡ଼ିଗଲା ବନ୍ୟାପାଣି



**ଋଣ ଶୁଝିବା ନେଇ ଚିନ୍ତାରେ ଚାଷୀ**

ଅସ୍ତରଙ୍ଗ,୧୦।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ହୀରାକୁଦ ଗେଟ୍‌ ଖୋଲିବା ପରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇଛି। ତାହାର ଶାଖା ନଦୀ ଦେବୀନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଦେବୀନଦୀ ଉପକଣ୍ଠ ଖଣ୍ଡାସାହି, ବିନାୟକପୁର, ଅନନ୍ତା, ଅସନ ନିକଟରେ ଏକର ଏକର ପରିବା ଚାଷ ଜମିରେ ଲହଡ଼ି ମାରୁଛି ବନ୍ୟାପାଣି। କିଛିଦିନ ଆଗରୁ ନଦୀପଠାରେ ହୋଇଥିବା କଞ୍ଚା ପରିବା ପୋଟଳ, କଲରା, କଞ୍ଚା ଲଙ୍କା, ବାଇଗଣ ଏବେ ୨ ଫୁଟର ବନ୍ୟାଜଳରେ ବୁଡ଼ିଯାଇଛି। ନିଜ କଷ୍ଟ ଅର୍ଜିତ ଫସଲକୁ ନଦୀବନ୍ଧରେ ଠିଆହୋଇ ଦୁଃଖ, କୋହଭରା ନୟନରେ ଚାହିଁ ରହିଛନ୍ତି ଚାଷୀ। ପାଣି ପ୍ରବେଶ କରିଥିବା ପନିପରିବା ଫସଲ ବନ୍ୟାଜଳ ଛାଡ଼ିଲେ ନା ଖାଇହେବ, ନା ବିକ୍ରି କରିହେବ। ଋଣ ନେଇ ଚାଷ କରିଥିବା ଚାଷୀ ଏବେ କିପରି ତାଙ୍କ ଋଣ ଶୁଝିବେ ସେନେଇ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି।

# ପେଣ୍ଠପଡ଼ା ପଞ୍ଚାୟତରେ ଆଇନ ସଚେତନତା ଶିବିର

ସାକ୍ଷୀଗୋପାଳ,୧୦।୮ (ପ୍ରଶାନ୍ତ ବାରିକ୍‌/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ପେଣ୍ଠପଡ଼ା ପଞ୍ଚାୟତ କଲ୍ୟାଣମଣ୍ଡପ ପରିସରରେ ଏକ ଆଇନସେବା ସହାୟତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମିତ୍‌ ବାରିକ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଯୋଜନାଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ପାଖରେ ଠିକ୍‌ ପହଞ୍ଚୁଛି ନା ନାହିଁ ତା ଉପରେ ଥିବା ଆଇନ ସମ୍ବନ୍ଧୀୟ ଦିଗ ଉପରେ ବାରିକ୍‌ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସାରଙ୍ଗଧର ସ୍ୱାଇଁ, ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଯେଉଁ ଜନ ସାଧାରଣଙ୍କ ବାର୍ଷିକ ଆୟ ୩ ଲକ୍ଷ ଟଙ୍କା ହୋଇଥିବ, ସେମାନେ ସତ୍ୟବାଦୀ ବ୍ଲକ ପରିସରରେ ପ୍ରତ୍ୟେକ ବୁଧବାର ଖୋଲାଯାଉଥିବା ଗ୍ରାମୀଣ ଆଇନ ସହାୟତା କେନ୍ଦ୍ର ପକ୍ଷରୁ ମାଗଣା ଆଇନ ସହାୟତା ପରାମର୍ଶ ନେଇପାରିବେ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ପଞ୍ଚାୟତର ଶତାଧିକ ଲୋକ ଏଥିରେ ଯୋଗ ଦେଇଥିଲେ।




ଆଇନ ସଚେତନତା ଶିବିରରେ ଉପସ୍ଥିତ ପଞ୍ଚାୟତବାସୀ।

# ଛାତ୍ରୀଛାତ୍ରଙ୍କୁ ବୈଜ୍ଞାନିକ ଅନୁଚିନ୍ତାରେ ଶିକ୍ଷାଦାନ ପାଇଁ ପରାମର୍ଶ

ସାକ୍ଷୀଗୋପାଳ,୧୦।୮ (ପ୍ରଶାନ୍ତ ବାରିକ୍‌/ କିଶୋର ମହାପାତ୍ର/ଭରତ ରାଉତ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁକେରା ପରିସରରେ ଶନିବାର ୨୫ତମ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାକ୍ଷୀଗୋପାଳ କୃଷି ବିଜ୍ଞାନକେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ଯୋଗଦେଇଥିଲେ। ପ୍ରୟୋଗାତ୍ମକ ବିଜ୍ଞାନରେ ଉତ୍କର୍ଷ ହିଁ ମାନବ ସମାଜର ଭବିଷ୍ୟତକୁ ସୁରକ୍ଷିତ କରିପାରିବ। ତେଣୁ ବିଦ୍ୟାଳୟସ୍ତରରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ଅନୁଚିନ୍ତାର ପ୍ରେରଣା ଦେବାକୁ ସରଳ ଭାବେ ନୂତନ ଜ୍ଞାନକୌଶଳରେ ଶିକ୍ଷୟିତ୍ରୀ ଶିକ୍ଷକ ଉପଯୁକ୍ତ ଶିକ୍ଷାଦାନ କରିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ମିଶ୍ର ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜୟନ୍ତ ତ୍ରିପାଠୀ, ବିଦ୍ୱତ ପରିଷଦ ସଭାପତି ନିରଞ୍ଜନ ମିଶ୍ର, ପ୍ରଣବ ମିଶ୍ର, ସମ୍ପାଦକ ବିଜୟ ପରିଡ଼ା ପ୍ରମୁଖ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ନବୀନ ସେନାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ପ୍ରକଳ୍ପ, ପ୍ରଶ୍ନମଞ୍ଚ, ପ୍ରୟୋଗ, ପତ୍ରବାଚନ, ମୂର୍ତ୍ତି କଳା ଆଦି ବିଭାଗରେ କନିଷ୍ଠ, ଶିଶୁ, ବାଲ୍‌ ଓ କିଶୋର ବର୍ଗରେ ସର୍ବମୋଟ ୩୭୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସତ୍ୟବାଦୀର ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଚାରକ ଭାବେ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଅପରାହ୍ନରେ କୃତୀ ଛାତ୍ରୀଛାତ୍ରଙ୍କୁ ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାଦୀ ଦାଶ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ବିଜ୍ଞାନ ପ୍ରମୁଖ ସୁଶ୍ରୀ ସୁମିତ୍ରା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ପରିଚାଳନା ସମିତି ସମ୍ପାଦକ ସୁବାସଚନ୍ଦ୍ର ପଣ୍ଡା, ଉପସଭାପତି ଶରତ ନନ୍ଦ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସହସମ୍ପାଦିକା ନମିତା ଦାସ, ସଭ୍ୟ ବାଉରୀବନ୍ଧୁ ସ୍ୱାଇଁ ଓ ସୁଜାତା ବେହେରା ପ୍ରମୁଖ ବ୍ୟବସ୍ଥାର ତଦାରଖ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନେ ଆସନ୍ତା ୧୭ ତାରିଖରେ ସଂକୁଳସ୍ତରୀୟ ବିଜ୍ଞାନମେଳାରେ ଯୋଗଦେବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ଜ୍ଞାନବିଜ୍ଞାନ ମେଳାରେ ୩ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

# ଅଭିଭାବକ-ଶିକ୍ଷକଙ୍କ କମିଟି ବୈଠକ

ଅସ୍ତରଙ୍ଗ/ପିପିଲି,୧୦।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ/ ଦୁର୍ଗାମାଧବ ମିଶ୍ର)

ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଶନିବାର ଅଭିଭାବକ, ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର କିଭଳି ନିଜକୁ ଶୈକ୍ଷିକ ତଥା ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରିବେ, ମୋବାଇଲ ଫୋନର ଉପଯୁକ୍ତ ବ୍ୟବହାର ତଥା ଏହାର ଉପକାରିତା ଓ ଅପକାରିତା ଏବଂ ସର୍ବୋପରି ଅଭିଭାବକଙ୍କଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି କିଭଳି ଭାବେ ସାଧିତ ହୋଇପାରିବ। ଏଥିସହ ଝିଅଙ୍କ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରାଇବା, ଅନ୍‌ଲାଇନ ସୁରକ୍ଷା, ସାଇବର ସଚେତନତା ଆଦି ଆଲୋଚନା ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ବସ୍ତିଆ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍‌ ପ୍ରଦୀପ୍ତ ତ୍ରିପାଠୀ, ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରାଙ୍କ ସହ ଶିକ୍ଷୟତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସେହିପରି କାକଟପୁର ସରକାରୀ ଉଚ୍ଚ



ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇ ଶିଶୁଙ୍କ ସାମଗ୍ରିକ ବିକାଶ ପାଇଁ ନିଜ ନିଜର ସୁଚିନ୍ତିତ ମତ ରଖିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁ ଛାତ୍ରୀଛାତ୍ରଙ୍କ ନିରାପତ୍ତା, ସାଇବର ସଚେତନତା, ଇକୋ କ୍ଲବ ଗଠନ, ବେଟି ବଚାଓ, ବେଟି ପଢାଅ ଓ କିଶୋରୀଙ୍କ ପାଇଁ ଇନସିନେରେଟର ଓ ଭେଣ୍ଡିଂ ମେଶିନ ବ୍ୟବହାର ଉପରେ ବିଷଦ ଭାବେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସଭ୍ୟ ଶଙ୍କର ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ପିପିଲିସ୍ଥିତ ଗୋବିନ୍ଦପୁର କ୍ଲଷ୍ଟରର ଅଡଙ୍ଗପଡ଼ା ପ୍ରାଥମିକ, ହରିଅନ୍ତା ଉଚ୍ଚ ପ୍ରାଥମିକ, ଆରୁହା ୟୁଜିୟୁପି, କଣ୍ଟାପଡ଼ା ପ୍ରାଥମିକ, ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ, ଶିଉଳା ପ୍ରାଥମିକ, କୁଞ୍ଜର ପ୍ରାଥମିକ, ନୀଳକଣ୍ଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷର ଦ୍ୱିତୀୟ ଅଭିଭାବକ-ଶିକ୍ଷକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଚିନ୍ତାମଣି ଓଝା ଏହାର ତତ୍ତ୍ୱାବଧାନ କରିଥିଲେ। ବୈଠକରେ ମୁଖ୍ୟତଃ ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି -୨୦୨୪, ୟୁଥ୍‌ ଏବଂ ଇକୋ କ୍ଲବ ଗଠନ, ବ୍ୟବସ୍ଥା ଆଦି ଆଲୋଚନା ହୋଇଥିଲା।

# ଗୁଣିଗାରେଡ଼ି: ଗାଁ ଦାଣ୍ଡରେ ଗଡ଼ିଲେ ମହିଳା

ଯାଜପୁର ସଦର, ୧୦।୮
(ସମର ବିଜୟ ଶରଣ)



ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ପଞ୍ଚାୟତର ଶବରସାହିରେ ଗୁଣି ଗାରେଡ଼ିକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ସାହିର କେତେଜଣ ମହିଳା ଓ ଯୁବତୀ ଗାଁଦାଣ୍ଡରେ ଗଡୁଥିବା ଦେଖିବାକୁ ମିଳିଛି। ଖବର ପାଇ ପୋଲିସ ପହଞ୍ଚିବାରୁ ଲୋକେ ଗୁଣି କରିଥିବା ବ୍ୟକ୍ତିଙ୍କୁ କାବୁ କରିବା ଦାବିରେ ପୋଲିସକୁ ଅଟକ ରଖିଛନ୍ତି। ପରେ ବରିଷ୍ଠ ଅଧିକାରୀ ପହଞ୍ଚି ଅଟକ ପୋଲିସ କର୍ମଚାରୀ ଓ ଗୁଣି କରିଥିବା ବ୍ୟକ୍ତିଙ୍କ ମା' ଏବଂ ସ୍ତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ଘଟଣାକୁ ନେଇ ସାହିରେ ଚାପା ଉତ୍ତେଜନା ଲାଗି ରହିଛି।

ସୂଚନା ମୁତାବକ, ସୁନିନ୍ଦା ଗ୍ରାମର ଜଗନ୍ନାଥ ବାରିକ ନିଜ ମୋବାଇଲ ଫୋନ୍‌ରେ ଶୁକ୍ରବାର ସକାଳେ ଶବର ସାହିର ଗ୍ରାମଦେବତୀ 'ଡାଲୁଆସୁଣୀ'ଙ୍କ ଫଟୋ ଉଠାଇ କୌଣସି ଗୁଣିଆ ଦ୍ୱାରା ମନ୍ତ୍ରତନ୍ତ୍ର କରି ଶବର ସାହିରେ ବସବାସ କରୁଥିବା ପ୍ରାୟ ୩୦ ପରିବାରର କ୍ଷତି ଘଟାଇବାକୁ ଧମକ ଦେଇଥିଲେ। ପରେ ସନ୍ଧ୍ୟାରେ ସାହିର କେତେଜଣ ମହିଳା,

### ଶବରସାହିରେ ଉତ୍ତେଜନା

ଯୁବତୀ ଗାଁଦାଣ୍ଡରେ ଗଡୁଥିବା ଦେଖିବାକୁ ମିଳିଥିଲା। ଏହାପରେ ଗୁଣି ଗାରେଡ଼ିରେ ସମ୍ପୃକ୍ତ ଥିବା ଜଗନ୍ନାଥଙ୍କ ମା' ଓ ସ୍ତ୍ରୀଙ୍କୁ ଶବର ସାହି ଲୋକେ ଅଟକ ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ସଦଳବଳ ପହଞ୍ଚି ଘଟଣା ସମ୍ପର୍କରେ ପଚରାଉଚରା କରୁଥିବାବେଳେ ଗ୍ରାମବାସୀ ଜଗନ୍ନାଥଙ୍କୁ ଏଠାରେ ହାଜର ନ କଲେ ପୋଲିସ ଗାଡ଼ିକୁ ଛାଡ଼ିବେନି ବୋଲି କହିବା ସହ ପୋଲିସକୁ ଅଟକ ରଖିଥିଲେ। ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଉଭୟ ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ପାଣିରେ ବୁଡ଼ି ଛାତ୍ରୀଛାତ୍ର ମୃତ

ସାଲେପୁର/ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୧୦।୮ (ଅରବିନ୍ଦ ଭୂୟାଁ/ଅଶୋକ କୁମାର ମହାପାତ୍ର/ଯଯାତି ସିଂହ)

ପାଣିରେ ବୁଡ଼ିଯିବାରୁ କଟକ ଜିଲା ସାଲେପୁର ଓ ନିଶ୍ଚିନ୍ତକୋଇଲ ବ୍ଲକରେ ୨ ଜଣ ଛାତ୍ରୀଛାତ୍ରଙ୍କ ଶନିବାର ମୃତ୍ୟୁ ଘଟିଛି। ନଦୀରେ ବୁଡ଼ିଯିବାରୁ ସାଲେପୁର ବ୍ଲକର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଓ କେନାଲରେ ବୁଡ଼ି ଯିବାରୁ ନିଶ୍ଚିନ୍ତକୋଇଲି ବ୍ଲକର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସାଲେପୁର ବ୍ଲକ ଅନ୍ତର୍ଗତ ବାଲିସମଲା ଗ୍ରାମର ସନ୍ତୋଷ ସାହୁଙ୍କ ଝିଅ ପ୍ରିୟନଶୀ ସାହୁ (୮) ସ୍ଥାନୀୟ ଶିଶୁ ମନ୍ଦିରର ୨ୟ ଶ୍ରେଣୀର ଛାତ୍ରୀ। ସେ ଶନିବାର ମଧ୍ୟାହ୍ନ ସମୟରେ ଶୁକ୍ରୁ ନଦୀକୁ ଶୌଚ ହେବାକୁ ଯାଇ ପାଣିରେ ବୁଡ଼ିଯାଇଥଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାକୁ ନଦୀରେ ଖୋଜାଖୋଜି କରି ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ତାକୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରିୟନଶୀକୁ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମର ଉମାକାନ୍ତ ପଲେଇଙ୍କ ପୁଅ ସୌମ୍ୟରଞ୍ଜନ ପଲେଇ (୧୦) ଦୁଇ ବର୍ଷ ହେବ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଅଚ୍ଛୁତପୁର ଗ୍ରାମସ୍ଥିତ ମାମୁ ହଳଧର ଦାସଙ୍କ ଘରେ ରହୁଥିଲେ। ସେ ସ୍ଥାନୀୟ ଗୌଡଗୋପ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢୁଥିଲା। ଶନିବାର ସକାଳୁଆ ସ୍କୁଲ ସାରି ଘରକୁ ଫେରିବା ପରେ ମଧ୍ୟାହ୍ନରେ ସ୍ଥାନୀୟ ୮ ନଂ.କେନାଲକୁ ସୌମ୍ୟ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ପାଣିରେ ଭାସିଯାଇଥିଲେ। ସ୍ଥାନୀୟଲୋକେ ତାକୁ ଉଦ୍ଧାର ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୌମ୍ୟକୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଏସ୍‌ଟି, ଏସ୍‌ସି ଜମି କେଳେଙ୍କାରୀ: ସନ୍ଦେହରେ ବାପପୁଅ

ଭବାନୀପାଟଣା, ୧୦।୮ (ଉତ୍ତମ କୁମାର ଦାଶ)

### ଜୁନାଗଡ଼ ତହସିଲ

କଳାହାଣ୍ଡି ଜିଲା ଜୁନାଗଡ଼ ତହସିଲରେ ଏସ୍‌ସି,ଏସ୍‌ଟି ଜମି କେଳେଙ୍କାରୀ ସାମ୍ନାକୁ ଆସିଛି। ଗତ ୫ ବର୍ଷ ମଧ୍ୟରେ ଏଠାକାର ଅନେକ ଅନୁସୂଚିତ ଜାତି (ଏସ୍‌ସି), ଜନଜାତି (ଏସ୍‌ଟି) ବର୍ଗର ଲୋକଙ୍କ ଜମିକୁ ସରକାରୀ ଅନୁମତି ନାଁରେ ଚଞ୍ଚକତା କରି ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଭାରତୀୟ ସମ୍ବିଧାନ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଆର୍ଥିକ ସଙ୍କଟରୁ ମୁକୁଳାଇବା ପାଇଁ ତାଙ୍କ ଜମି କେବଳ ସେହି ବର୍ଗର ଲୋକେ କିଣିପାରିବେ। ଏହାସହ ଯଦି ଅନ୍ୟବର୍ଗର ବ୍ୟକ୍ତି ତାଙ୍କ ଜମି କିଣିବାକୁ ରାଜି ହୁଅନ୍ତି ତେବେ ପର୍ଯ୍ୟାପ୍ତ କାରଣ ଦର୍ଶାଇ ଅନୁମତି ମାଗିବାକୁ ପଡିଥାଏ। ଏପରି କି ଉପଜିଲାପାଳ ସମସ୍ତ କାରଣର ପର୍ଯ୍ୟାଲୋଚନା କଲାପରେ ଅନୁମତି ପ୍ରଦାନ କରିଥାନ୍ତି। ହେଲେ ଜୁନାଗଡ଼ ତହସିଲରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏଠାକାର ଅଗ୍ରୱାଲ ବାପା ଓ ପୁଅ ଏହି ଘଟଣାର ମାଷ୍ଟର ମାଇଣ୍ଡ ସାଜିଥିବା ଜଣାପଡିଛି।

ରାଜସ୍ୱ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଜୁନାଗଡ ସହରର ଅଗ୍ରୱାଲ ବାପପୁଅ ଗତ ୫ବର୍ଷ ମଧ୍ୟରେ ଏସ୍‌ସି,ଏସ୍‌ଟି ଲୋକଙ୍କଠାରୁ ସରକାରୀ ଅନୁମତି ପରେ ତାଙ୍କଠାରୁ ଜାଗା କିଣି ବିକ୍ରି କରିଥିବା ଜଣାପଡିଛି। ବିଶେଷକରି ଜୁନାଗଡ ତସହିଲ ଅଧୀନ କୁରୁଗୁଡା, ମୁରାଜୋର, ହିଙ୍ଗଲିବାହାଲି, କୋଏଲ ଗାଁ, ମାଟିଗାଁ, ଚଞ୍ଚରାବାଡି, ଡୁମେର ବାହାଲ ପ୍ରଭୃତି ଗ୍ରାମରେ ଏହି କେଳେଙ୍କାରୀ ହୋଇଥିବା ସୂଚନା ମିଳିଛି। ଉଭୟ ବାପା,ପୁଅଙ୍କ ନିଜସ୍ୱ ନାମରେ ବର୍ତ୍ତମାନ ୨୦ରୁ ଉର୍ଦ୍ଧ୍ୱ ପ୍ଲଟ୍ ରହିଥିବାବେଳେ ଅନେକ ପ୍ଲଟ୍ ସେମାନେ କିଣାବିକା କରିଥିବା ଓ ଏହା ୫୦ରୁ ୬୦ ଏକର ବୋଲି ଆକଳନ କରାଯାଉଛି। ପ୍ରଥମେ ସେମାନେ ନିଜ ଚିହ୍ନା ୨ ଜଣ ଏସ୍‌ସି,ଏସ୍‌ଟି ଲୋକଙ୍କୁ ଧରି ଉପରୋକ୍ତ ଗ୍ରାମର ନିରୀହ ଏସ୍‌ସି,ଏସ୍‌ଟି ଲୋକଙ୍କ ଜାଗାକୁ କମ୍ ଦାମରେ କିଣିଥାନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ଚିହ୍ନା ଏସ୍‌ସି,ଏସ୍‌ଟି ଲୋକଙ୍କ ନାମରେ ସରକାରୀ ଅନୁମତି କରି ନିଜ ନାମକୁ ଜମି ହସ୍ତାନ୍ତର କରିବା ସହ ଅନ୍ୟ ସାଧାରଣ ବର୍ଗର ଲୋକଙ୍କୁ ଚଢାଦରରେ ବିକ୍ରି କରିଥାନ୍ତି। ଏପରି କି ଏହି ଜମି କିଣାବିକା ସମୟରେ ଜାଲ୍ ଲିଗାଲ ହେୟାର, ମୃତ୍ୟୁ ସାର୍ଟିଫିକେଟ ଆଦି ବ୍ୟବହାର କରାଯାଇଥିବା ଜଣାପଡିଛି। ଏସବୁ ଜାଲିଆତି ଓ କେଳେଙ୍କାରୀରେ ରାଜସ୍ୱ ବିଭାଗର କର୍ମଚାରୀ ସାମିଲ ଥିବା ମଧ ଅଭିଯୋଗ ହୋଇଛି। କଳାହାଣ୍ଡି ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କଲେ ଏହି କେଳେଙ୍କାରୀର ଫର୍ଦ୍ଦାଫାଶ ହେବ ବୋଲି ସାଧାରଣରେ ଦାବି ହୋଇଛି। ଏ ନେଇ ଭାରପ୍ରାପ୍ତ କଳାହାଣ୍ଡି ଜିଲାପାଳ ତନ୍ମୟ କୁମାର ଦରୱାନଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ଆୟ ବହିର୍ଭୂତ ସମ୍ପତ୍ତି: ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ପ୍ରଦୀପ ରଥ ନିଲମ୍ବିତ

ଭୁବନେଶ୍ୱର, ୧୦।୮ (ଅନିଲ ଦାସ)

କଟକ (ରାସ୍ତା ଓ ଗୃହନିର୍ମାଣ) ସର୍କଲର ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କୁ ଦୁର୍ନୀତି ଓ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଗତ ଅଗଷ୍ଟ ୬ ତାରିଖରେ ଗିରଫ କରାଯାଇଥିଲା। ସେହିଦିନ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଅଦାଲତଙ୍କ ଆଦେଶ ଅନୁସାରେ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୁର୍ନୀତି ମାମଲାର ତଦନ୍ତ ଜାରି ରହିବା ସହ ୪୮ ଘଣ୍ଟାରୁ ଅଧିକ ନ୍ୟାୟିକ ହେପାଜତରେ ରହିଥିବାରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପୂର୍ତ୍ତ ବିଭାଗ ତରଫରୁ ଶନିବାର ରଥଙ୍କ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଯନ୍ତ୍ରୀମୁଖ୍ୟ (ସିଭିଲ୍), ଭୁବନେଶ୍ୱରଙ୍କ କାର୍ଯ୍ୟାଳୟକୁ ରଥଙ୍କ ସଦର ମହକୁମା ସ୍ଥିର କରାଯାଇଛି। ନିଲମ୍ବନ ଅବଧିରେ ସେ ଯନ୍ତ୍ରୀମୁଖ୍ୟ (ସିଭିଲ୍)ଙ୍କ ପୂର୍ବ ଅନୁମତି ବିନା ସଦର ମହକୁମା ଛାଡ଼ିପାରିବେ ନାହିଁ ବୋଲି ଆଦେଶରେ ଉଲ୍ଲେଖ ରହିଛି।

ଏଠାରେ ସୂଚନାଯୋଗ୍ୟ, ବର୍ତ୍ତମାନ ରାଜ୍ୟ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ଅଧିକ କଡ଼ାକଡ଼ି ଭାବେ ଆପଣେଇଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ଯେତେ ବଡ଼ ଅଧିକାରୀ ହୋଇଥାନ୍ତୁ ପଛେ ତାଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଦିଲ୍ଲୀ ଗସ୍ତରେ ଖାଦ୍ୟ ଯୋଗାଣ ମନ୍ତ୍ରୀ

### କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର, ୧୦।୮ (ଅନିଲଦାସ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ୪ ଦିନିଆ ଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ସେ କେନ୍ଦ୍ରମନ୍ତ୍ରୀମାନଙ୍କୁ ସାକ୍ଷାତ କରିବା ସହ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ରେଳ ଭବନରେ ଭେଟିବା ସହ ରାଜ୍ୟରେ ରେଳ ଯୋଗାଯୋଗ ସୁଦୃଢ଼ୀକରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଢେଙ୍କାନାଳରୁ ଯୋରନ୍ଦା, ଯୋରନ୍ଦାଠାରୁ କପିଳାସ, କପିଳାସରୁ ଯାଜପୁର ରୋଡ(ଇସ୍ପାତ ନଗର) ସହ ରେଳ ସଂଯୋଗ ବ୍ୟବସ୍ଥା କରିବା ପାଇଁ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନ ଓ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସମର୍ପିତ ଓ ନିଷ୍ଠିତ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟରେ ରେଳ ସଂଯୋଗୀକରଣର ଆହୁରି ଉନ୍ନତି ହେବ ବୋଲି ରେଳମନ୍ତ୍ରୀ ଅବଗତ କରାଇଥିଲେ। ଏହାଛଡ଼ା ମନ୍ତ୍ରୀ କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂଙ୍କୁ ମଧ ସାକ୍ଷାତ କରିବା ସହ ରାଜ୍ୟକୁ ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ଆଗକୁ ନେବା ପାଇଁ ଆଲୋଚନା କରିଛନ୍ତି। ରାଜ୍ୟରେ ସାଇନ୍ସ ସିଟି, ସାଇନ୍ସ ପାର୍କ ଏବଂ ବାୟୋଟେକ୍ନୋଲୋଜି ପାର୍କ ପ୍ରତିଷ୍ଠା ପାଇଁ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ଡ. ସିଂଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ଉନ୍ନତୀକରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନ ଉପରେ ଅଧିକ ଗବେଷଣା କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ପାତ୍ର ଅନୁରୋଧ କରିଛନ୍ତି। ଏ ସମସ୍ତ ଦାବିକୁ ବିଚାରକୁ ନେବା ସହ ରାଜ୍ୟର ଡବଲ ଇଞ୍ଜିନ ସରକାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ସମସ୍ତ ସହଯୋଗ ପ୍ରଦାନ କରାଯିବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## 'ହର୍ ଘର୍ ତ୍ରିରଙ୍ଗା'ରେ ସାମିଲହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୦।୮ (ଅନିଲ ଦାସ)

ଆସନ୍ତା ଅଗଷ୍ଟ ୧୫ରେ ଭାରତର ୭୭ତମ ସ୍ୱାଧୀନତା ଦିବସ ଅବସରରେ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନରେ ସାମିଲ ହୋଇ ଦେଶ ପ୍ରତି ନିଜର ଭାବନାକୁ ଜାଗୃତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟବାସୀଙ୍କୁ ମଧ୍ୟ ଏହି ଅଭିଯାନରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଦନ କରିଛନ୍ତି। ସମସ୍ତେ ଜାତୀୟ ପତାକା ଉତ୍ତୋଳନ କରି ହର୍ ଘର୍ ତ୍ରିରଙ୍ଗା ୱେବ୍‌ସାଇଟ୍‌ରେ ନିଜ ସେଲ୍‌ଫି ଅପ୍‌ଲୋଡ୍ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

## ଓଡ଼ିଶାରେ ଡାକ୍ତରୀ ନାମଲେଖା: ଏନ୍‌ଇଇଟି-ୟୁଜି କୃତୀ ପିଲାଙ୍କ ପାଇଁ ପଞ୍ଜୀକରଣ ଆରମ୍ଭ

ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ)

ଏନ୍‌ଇଇଟି-ୟୁଜି କୃତି ଛାତ୍ରୀଛାତ୍ର ରାଜ୍ୟରେ ଥିବା ଡାକ୍ତରୀ କଲେଜରେ ପଢ଼ିବା ପାଇଁ ନାମ ପଞ୍ଜୀକରଣ କରିପାରିବେ। ଏଥିପାଇଁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ପକ୍ଷରୁ ଶନିବାରଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୧୪ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ସଂରକ୍ଷିତ କୋଟା ଲାଗି ଆସନ୍ତା ୧୩ ଓ ୧୪ତାରିଖରେ ଦିବ୍ୟାଙ୍ଗ ପ୍ରାର୍ଥୀମାନେ କଟକ ଏସ୍‌ସିବି ମେଡିକାଲଠାରେ ମେଡିକାଲ ବୋର୍ଡ ନିକଟରେ ଉପସ୍ଥିତ ରହିବେ। ସେହିପରି ସେନାରେ କାର୍ଯ୍ୟରତ ବା ଅବସରପ୍ରାପ୍ତ କର୍ମଚାରୀଙ୍କ ପିଲା ହୋଇଥିଲେ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ରାଜ୍ୟ ସୈନିକ ବୋର୍ଡ ନିକଟରେ ଉପସ୍ଥିତ ହେବେ। ସେଠାରୁ ସୁପାରିଶ ପାଇବା ପରେ ସଂରକ୍ଷିତ କୋଟାରେ ନାମଲେଖା ପ୍ରକ୍ରିୟା ପାଇଁ ସେମାନଙ୍କୁ ବିଚାରକୁ ନିଆଯିବ। ବୋର୍ଡ ନିକଟରେ ଉପସ୍ଥିତ ନ ହେଲେ ସଂରକ୍ଷିତ କୋଟା ପାଇଁ ବିଚାରକୁ ନିଆଯିବ ନାହିଁ ବୋଲି ଓଜେଇଇ ସ୍ପଷ୍ଟ କରିଛି। ପ୍ରାଥମିକ ମେଧା ତାଲିକା ୧୮ ତାରିଖ ଅପରାହ୍ନ ୫ଟାରେ ପ୍ରକାଶ ପାଇବ। ମେଧା ତାଲିକାକୁ ନେଇ ଆବେଦନକାରୀଙ୍କ କୌଣସି ଦ୍ୱନ୍ଦ୍ୱ ଥିଲେ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ୧୯ ତାରିଖ ଅପରହ୍ନ ୫ଟା ମଧ୍ୟରେ ଆବେଦନ କରିପାରିବେ। ଚୂଡ଼ାନ୍ତ ମେଧା ତାଲିକା ୨୦ ତାରିଖରେ ପ୍ରକାଶ ପାଇବ। ରାଜ୍ୟର ଛାତ୍ରୀଛାତ୍ରଙ୍କୁ କେବଳ ରାଜ୍ୟ କୋଟାରେ ଥିବା ସିଟ୍ ପାଇଁ ଚୟନ କରାଯିବ। ସେହିପରି ଅନ୍ୟ ରାଜ୍ୟର ଛାତ୍ରୀଛାତ୍ର ଏନ୍‌ଆର୍‌ଆଇଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସିଟ୍ ପାଇଁ ଚୟନ କରାଯିବ।

## କୃମିନାଶକ ଔଷଧ ଖାଇ ୭ ଛାତ୍ରୀ ଅସୁସ୍ଥ



ନିମାପଡ଼ା, ୧୦।୮ (ବିଚିତ୍ରାନନ୍ଦ ସାହୁ)

ଜାତୀୟ କୃମି ନିବାରଣ ଦିବସ ଅବସରରେ ଶନିବାର ପୁରୀ ଜିଲା ନିମାପଡ଼ା ବ୍ଲକ ଅଧୀନ ଭିଲି ଗ୍ରାମପଞ୍ଚାୟତର ଭିଲିଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ କୃମିନାଶକ ଔଷଧ ଖାଇ ୭ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେମାନେ ହେଲେ ୮ମ ଶ୍ରେଣୀର ଆଦ୍ୟାଶା ପ୍ରିୟଦର୍ଶିନୀ (୧୩), ରୋଜାଲିନ ମହାନ୍ତି(୧୩), ୭ମ ଶ୍ରେଣୀର ପାୟଲ ନାୟକ(୧୩), କରୀନା ବେହେରା(୧୨), ବର୍ଷା ସ୍ୱାଇଁ(୧୩), ଦୀପ୍ତିମୟୀ ନାୟକ(୧୨), ମନୀଷା ପଲେଇ (୧୨)। ଶନିବାର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇସାରିବା ପରେ ୬ଷ୍ଠ, ୭ମ, ୮ମ, ଶ୍ରେଣୀର ୭୦/୮୦ ଜଣ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଥିଲା। ଏହାର କିଛି ସମୟ ପରେ ୭ ଛାତ୍ରୀଙ୍କ ବାନ୍ତି, ମୁଣ୍ଡବିନ୍ଧା ହେବା, ମୁଣ୍ଡ ବୁଲାଇବା, ଗୋଡ଼ହାତ ଘୋଳାବିନ୍ଧା ହୋଇ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ କେତେଜଣ ଛାତ୍ରୀ ମଧ ଚେତାଶୂନ୍ୟ ହୋଇପଡ଼ିଥିଲେ। ଖବରପାଇ ସେମାନଙ୍କ ଅଭିଭାବକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପୁରୁଣା ଏକ୍ସପାୟରି ଔଷଧ ପିଲାଙ୍କୁ ଦିଆଯାଇଥିବାରୁ ସେମାନଙ୍କ ଏଭଳି ଅବସ୍ଥା ହୋଇଥିବା କେତେଜଣ ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ଶୁଭଶ୍ରୀ ଧର୍ମପ୍ରଭା ସ୍ୱାଇଁ, ରଜନୀଗନ୍ଧା ସ୍ୱାଇଁ, କଲ୍ୟାଣୀ ସାମନ୍ତରାୟ, ଶିକ୍ଷକ ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୁରୁତର ଛାତ୍ରୀଙ୍କ ଚିକିତ୍ସା କରାଇବା ସହ ଅଭିଭାବକମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ଖବରପାଇ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ କୃମି ଔଷଧ ଖାଇ ଛାତ୍ରୀମାନେ କାହିଁକି ଅସୁସ୍ଥ ହୋଇପଡ଼ିଲେ, ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ।

### ଜାତୀୟ/ଅନ୍ତର୍ଜାତୀୟ ଖବର

## ବାଂଲାଦେଶୀ ଅନୁପ୍ରବେଶକାରୀ କହି ୟୁପି ମୁସଲମାନଙ୍କୁ ଆକ୍ରମଣ

ଗାଜିଆବାଦ, ୧୦।୮ (ପି.ଟି.)

ଉତ୍ତରପ୍ରଦେଶର ଗାଜିଆବାଦ ରେଳଷ୍ଟେଶନ ନିକଟରେ ଝୁମ୍ପୁଡ଼ି ବସ୍ତିରେ ରହୁଥିବା ମୁସଲମାନମାନଙ୍କୁ ବାଂଲାଦେଶୀ ଅନୁପ୍ରବେଶକାରୀ କହି ହିନ୍ଦୁ ଅଧିକାର ଗ୍ରୁପ୍‌ର ସଦସ୍ୟମାନେ ଆକ୍ରମଣ କରିଛନ୍ତି। ଶୁକ୍ରବାର ରାତିରେ ହୋଇଥିବା ଏହି ଆକ୍ରମଣରେ କେତେଜଣ ଆହତ ହୋଇଛନ୍ତି। ଏହି ମାମଲାରେ ହିନ୍ଦୁ ରକ୍ଷା ଦଳର ସଭାପତି ଭୂପେନ୍ଦ୍ର ଚୌଧରୀ ଏବଂ ବାଦଲ ଓରଫ ହରିଓମ୍ ସିଂଙ୍କୁ ଶନିବାର ରାତିରେ ଗିରଫ କରାଯାଇଛି। ଆକ୍ରମଣର ସମ୍ମୁଖୀନ ହୋଇଥିବା ଲୋକମାନେ ବାଂଲାଦେଶୀ ନ ଥିଲେ ବୋଲି ପୋଲିସ କହିଛି। ଏନେଇ ଚୌଧରୀ ଏବଂ ଅନ୍ୟ ୨୦ ଜଣଙ୍କ ନାଁରେ ଦଙ୍ଗା ସୃଷ୍ଟି କରିବା, ଧର୍ମୀୟ ଭାବନାକୁ ଆଘାତ ଦେବା ଓ ଅନ୍ୟାନ୍ୟ ଦଫାରେ ମାମଲା ରୁଜୁ ହୋଇଛି।

## ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗରେ ତ୍ରିରଙ୍ଗା




ନୂଆଦିଲ୍ଲୀ, ୧୦।୮ (ପି.ଟି.)

ଭାରତର ୭୮ତମ ସ୍ୱାଧୀନତା ଦିବସ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ସମର୍ଥନରେ ଏକ ଦୁଃସାହସିକ ଅଭିଯାନ ଟିମ୍ ଆଫ୍ରିକା ମହାଦେଶର ସର୍ବୋଚ୍ଚ ଶୃଙ୍ଗ ଉହୁରୁ ସମିଟ୍ ଅଫ୍ କିଲିମାଞ୍ଜାରୋ ଶୀର୍ଷରେ ୭,୮୦୦ ବର୍ଗଫୁଟ୍‌ର ଜାତୀୟ ପତାକା ଉତ୍ତୋଳନ କରିଛି। ଦିବ୍ୟାଙ୍ଗଜନଙ୍କ ଭବିଷ୍ୟତ ପିଢ଼ିକୁ ଅନୁପ୍ରାଣିତ କରିବା ଏବଂ ଅବହେଳିତ ବର୍ଗର ଯୁବତୀଯୁବକଙ୍କ ସ୍ୱପ୍ନକୁ ସାକାର ଲାଗି ଉଦ୍ୟମ ଜାରି ରଖିବା ଲକ୍ଷ୍ୟରେ ଏକ ମହାଦେଶର ସର୍ବୋଚ୍ଚ ଶିଖରରେ ଏହି ଦୁଃସାହସିକ ପଦକ୍ଷେପ ନିଆଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ ସହାୟତାରେ ହିମାଲୟାନ ମାଉଣ୍ଟେନିୟରିଂ ଇନ୍‌ଷ୍ଟିଚ୍ୟୁଟ୍‌ର ଦିବ୍ୟାଙ୍ଗଜନ ଦୁଃସାହସିକ ଅଭିଯାନ ଟିମ୍ ବିଶାଳ ତ୍ରିରଙ୍ଗା ଉଡ଼ାଇ ରେକର୍ଡ ସୃଷ୍ଟି କରିଛି। ଗ୍ରୁପ୍ କ୍ୟାପଟେନ୍ ଜୟ କିଷାନ ଟିମ୍‌ର ନେତୃତ୍ୱ ନେଇଥିଲେ।

## ରାଷ୍ଟ୍ରପତିଙ୍କୁ ପୂର୍ବ ତିମୋରର ସର୍ବୋଚ୍ଚ ନାଗରିକ ସମ୍ମାନ



ପୂର୍ବ ତିମୋର ରାଷ୍ଟ୍ରପତି ଜୋସ୍ ରାମୋସ୍ ହୋର୍ତାଙ୍କ ସହ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ଡିଲୀ, ୧୦।୮

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଦକ୍ଷିଣ ପୂର୍ବ ଏସୀୟ ଦେଶ ପୂର୍ବ ତିମୋର(ତିମୋର-ଲେସ୍ତେ) ଗସ୍ତ କରିଛନ୍ତି। ଏହି ଅବସରରେ ତାଙ୍କୁ ପୂର୍ବ ତିମୋର ରାଷ୍ଟ୍ରପତି ଜୋସ୍ ରାମୋସ୍ ହୋର୍ତା ତିମୋର-ଲେସ୍ତେର ସର୍ବୋଚ୍ଚ ନାଗରିକ ସମ୍ମାନ 'ଗ୍ରାଣ୍ଡ କଲାର ଅଫ୍ ଦି ଅର୍ଡର ଅଫ୍ ତିମୋର-ଲେସ୍ତେ'ରେ ସମ୍ମାନିତ କରିଛନ୍ତି। ଏହା ପୂର୍ବରୁ ପୂର୍ବ ତିମୋର ରାଜଧାନୀ ଡିଲୀସ୍ଥିତ ରାଷ୍ଟ୍ରପତି ଭବନରେ ଗାର୍ଡ ଅଫ୍ ଅନର ସହ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆଇଟି, ଡିଜିଟାଲ ଟେକ୍ନୋଲୋଜି, ସ୍ୱାସ୍ଥ୍ୟ, କୃଷି ଏବଂ ଦକ୍ଷତା ବୃଦ୍ଧି ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ ରାଷ୍ଟ୍ରପତି ମୁର୍ମୁ ଓ ପୂର୍ବ ତିମୋର ରାଷ୍ଟ୍ରପତି ହୋର୍ତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି।

## ୟୁଟ୍ୟୁବ୍ ପୂର୍ବତନ ସିଇଓଙ୍କ ପରଲୋକ

ୱାଶିଂଟନ, ୧୦।୮



ସୁସାନ୍ ୱୋଜ୍କୀ

'ୟୁଟ୍ୟୁବ୍'ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସୁସାନ୍ ୱୋଜ୍କୀଙ୍କ ୫୬ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ଏନେଇ ତାଙ୍କ ସ୍ୱାମୀ ଡେନିସ୍ ଟ୍ରୋପର ସୂଚନା ଦେଇଛନ୍ତି। ଗତ ୨ ବର୍ଷ ଧରି ସେ କ୍ୟାନ୍ସରରେ ପୀଡ଼ିତ ଥିଲେ। ୨୦୧୪ରୁ ୨୦୨୩ ଯାଏ ୯ ବର୍ଷ ଧରି ସୁସାନ୍ ୟୁଟ୍ୟୁବ୍ ସିଇଓ ଭାବେ କାର୍ଯ୍ୟ କରିଥିଲେ। ଗୁଗ୍‌ଲର ପ୍ରାରମ୍ଭିକ କର୍ମଚାରୀଙ୍କ ମଧ୍ୟରୁ ଅନ୍ୟତମ ସୁସାନ୍ ପୂର୍ବରୁ ଗୁଗ୍‌ଲ ଆଡ୍ ପ୍ରଡକ୍ଟସର ସିନିୟର ଭାଇସ୍ ପ୍ରେସିଡେଣ୍ଟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସୁସାନଙ୍କ ମୃତ୍ୟୁରେ ଗୁଗ୍‌ଲ ସିଇଓ ସୁନ୍ଦର ପିଚାଇ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ଏକ୍ସ'ରେ ଏକ ପୋଷ୍ଟ କରି ଶୋକ ପ୍ରକଟ କରିଛନ୍ତି।

## କେଜ୍‌ରିୱାଲଙ୍କ ବଙ୍ଗଳା ମାମଲାରେ ୩ ଇଞ୍ଜିନିୟର ନିଲମ୍ବିତ

ନୂଆଦିଲ୍ଲୀ, ୧୦।୮

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବଙ୍ଗଳାର ନବୀକରଣ କାର୍ଯ୍ୟରେ ବେଆଇନ ଭାବେ ସମ୍ପୃକ୍ତ ଥିବା ୩ ସରକାରୀ ଇଞ୍ଜିନିୟର ପ୍ରଦୀପ କୁମାର ପାର୍ମାର, ଅଭିଷେକ ରାଜ ଏବଂ ଅଶୋକ କୁମାର ରାଜଦେବଙ୍କୁ କେନ୍ଦ୍ରୀୟ ପୂର୍ତ୍ତ ବିଭାଗ ନିଲମ୍ବନ କରିଛି। ଏମାନଙ୍କ ବ୍ୟତୀତ ଅନ୍ୟ ୪ ଜଣଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି। କେଜ୍‌ରିୱାଲଙ୍କ ନିର୍ଦ୍ଦେଶକ୍ରମେ ବଙ୍ଗଳାର ଉନ୍ନତୀକରଣ ନାମରେ ନିୟମ ବଦଳାଇବା ଏବଂ ଖର୍ଚ୍ଚ ବଢ଼ାଇବାରେ ସେମାନେ ସମ୍ପୃକ୍ତ ଥିଲେ। ସାରା ଦେଶ କୋଭିଡ୍ ମହାମାରୀ ସହ ଲଢୁଥିବାବେଳେ ଜରୁରୀ ଆବଶ୍ୟକତା ନ ଥାଇ ମଧ ଉକ୍ତ ଇଞ୍ଜିନିୟରମାନେ ପୂର୍ତ୍ତ ମନ୍ତ୍ରୀଙ୍କ ପ୍ରରୋଚନାରେ ଜରୁରୀ ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କ ନୂଆ ବଙ୍ଗଳା ନିର୍ମାଣ ପାଇଁ ଅନୁମତି ଦେଇଥିଲେ ବୋଲି ଭିଜିଲାନ୍ସ ବିଭାଗ କହିଛି।

# ଡ୍ରୋନ୍ ଟେକ୍ନୋଲୋଜିରେ ଗ୍ଲୋବାଲ ଲିଡର ହେବ ଭାରତ

ନୂଆଦିଲ୍ଲୀ,୧୦।୮



କ୍ରମାଗତ ଭାବେ ଭାରତୀୟ ଡ୍ରୋନ୍ ବଜାର ଦ୍ରୁତ ଅଭିବୃଦ୍ଧି ପଥରେ ରହିଛି, ଯାହା ୧୭.୦%ର ଏକ କମ୍ପାଉଣ୍ଡ ଆନୁଆଲ ଗ୍ରୋଥ୍ ରେଟ୍ (ସିଏଜିଆର)ରେ ୨୦୨୪ର ୬୫୪ ମିଲିୟନ ଡଲାରରୁ ୨୦୨୯ରେ ୧୪୩୭ ମିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏପରିକି ଏହି ବୃଦ୍ଧି କୃଷି, ପ୍ରତିରକ୍ଷା ଓ ଇ-କମର୍ସ ଭଳି ବିଭିନ୍ନ ପ୍ଲାଟଫର୍ମ(କ୍ଷେତ୍ର)ଗୁଡ଼ିକରେ ବଢ଼ୁଥିବା ଚାହିଦା ଦ୍ୱାରା ବହୁମାତ୍ରାରେ ପରିଚାଳିତ ହୋଇଛି। ଏପରିକି ୨୦୩୦ ସୁଦ୍ଧା ଭାରତ ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ ଏକ ଗ୍ଲୋବାଲ ଲିଡର ହେବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା 'କୌଶଳ ରଥ' ଅଭିଯାନର ଔପଚାରିକ ଉଦ୍‌ଘାଟନ ନିକଟରେ ହୋଇଯାଇଛି। ଏହା ସହ ଓଡ଼ିଶା ଦ୍ରୁତ ଅଭିବୃଦ୍ଧିଶୀଳ ଶିଳ୍ପରେ ଏକ ପ୍ରମୁଖ ରାଜ୍ୟ ଭାବେ ପରିଣତ ହେବାର ଆକାଂକ୍ଷାକୁ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିଛି। ସେହିଭଳି ସ୍କିଲ୍ଡ-ଇନ୍-ଓଡ଼ିଶା ମିଶନ ଅଧୀନରେ ଏହି ପଦକ୍ଷେପର ଏକ ଅଂଶ ଭାବେ ଓଡ଼ିଶାରେ ଅବସ୍ଥାପିତ ଏକ ଡ୍ରୋନ୍ ଟେକ୍ନୋଲୋଜି ଓ ଆନାଲିଟିକ୍ସ କମ୍ପାନୀ 'ଆଇଜି ଡ୍ରୋନ୍ସ' ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ଦ୍ୱାରା ଅନୁମୋଦିତ ପାଠ୍ୟକ୍ରମଗୁଡ଼ିକୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆରମ୍ଭ କରିଛି। ଏହା ମାଧ୍ୟମରେ ଆଡ୍‌ଭାନ୍ସଡ ଡ୍ରୋନ୍ ଟେକ୍ନୋଲୋଜି ଫଣ୍ଡାମେଣ୍ଟାଲ୍ସ ସହିତ ଏ କ୍ଷେତ୍ରରେ ୧୦,୦୦୦ରୁ ଅଧିକ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ କମ୍ପାନୀ ପ୍ରସ୍ତୁତ ରହିଛି। ଏପରିକି ଆଇଜି ଡ୍ରୋନ୍ସ ନିକଟରେ ସ୍ୱତନ୍ତ୍ର ଭାବେ ନିର୍ମିତ ଏକ ଅତ୍ୟାଧୁନିକ ଡ୍ରୋନ୍ ସିମୁଲେଟର ରହିଛି, ଯାହାକି ସ୍ୱଦେଶୀ ଭାବେ ବିକଶିତ ଓ ଭାରତରେ ପ୍ରଥମ ସିମୁଲେଟର। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ସେହିପରି ୨ ଯୁବ ଓଡ଼ିଆ ଉଦ୍ୟୋଗୀ ବୋଧିସତ୍ୱ ସଂଘପ୍ରିୟା ଓ ଓମ୍‌ପ୍ରକାଶଙ୍କ ଦ୍ୱାରା ସ୍ଥାପିତ ଆଇଜି ଡ୍ରୋନ୍ସ ୨୦୩୦ ସୁଦ୍ଧା ଭାରତକୁ ଏକ ଗ୍ଲୋବାଲ ଡ୍ରୋନ୍ ହବ୍‌ରେ ପରିଣତ କରାଇବା ଯାତ୍ରାରେ ଓଡ଼ିଶାକୁ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଭାବେ ଅବସ୍ଥାପିତ କରିବା ଲାଗି ପ୍ରତିବଦ୍ଧ ରହିଛି। ଏପରିକି କମ୍ପାନୀର ପ୍ରୟାସଗୁଡ଼ିକ ରାଜ୍ୟର ପ୍ରତିଭାମାନଙ୍କୁ ଉପଯୋଗ କରିବା ସହ ସେମାନଙ୍କୁ ଡ୍ରୋନ୍ ଟେକ୍ନୋଲୋଜି କ୍ଷେତ୍ରରେ ଅତ୍ୟାଧୁନିକ ଦକ୍ଷତା ପ୍ରଦାନ କରିବା ଦିଗରେ ପ୍ରସ୍ତୁତ ରହିଛି, ଯାହାର ନିଯୁକ୍ତି ବଜାରରେ ଯଥେଷ୍ଟ ଅଧିକ ଚାହିଦା ରହିଛି। ଏ ସମ୍ପର୍କରେ ଆଇଜି ଡ୍ରୋନ୍ସର ଏମ୍‌ଡି ବୋଧିସତ୍ୱ ସଂଘପ୍ରିୟା କହିଛନ୍ତି, ଡ୍ରୋନ ଶିଳ୍ପରେ ଏକ ପ୍ରମୁଖ ଖେଳାଳି ହେବା ପାଇଁ ଓଡ଼ିଶା ନିକଟରେ ଅପାର କ୍ଷମତା ରହିଛି। ଏପରିକି କୌଶଳ ରଥ ଅଭିଯାନ ମାଧ୍ୟମରେ ଆମେ ଯୁବପିଢ଼ିଙ୍କୁ ଡ୍ରୋନ୍ ଟେକ୍ନୋଲୋଜି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରର ଅତ୍ୟାଧୁନିକ ଦକ୍ଷତା ସହ ସୁସଜ୍ଜିତ କରିବା ପାଇଁ ଲକ୍ଷ୍ୟ ରଖିଛୁ, ଯାହା ଭବିଷ୍ୟତ ପାଇଁ ଜରୁରୀ। ଆମର ସ୍ୱତନ୍ତ୍ର ଆଭିମୁଖ୍ୟ ବ୍ୟବହାରିକ ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଉଛି, ଯାହା ଆମର ପ୍ରଶିକ୍ଷାର୍ଥୀମାନେ ଯେପରି ନିଯୁକ୍ତି ପାଇଁ ପ୍ରସ୍ତୁତ ରହିବେ ଏବଂ ବିଭିନ୍ନ ଶିଳ୍ପରେ ଏଭଳି ଦକ୍ଷତାଗୁଡ଼ିକୁ ଉପଯୋଗ କରିବାକୁ ସକ୍ଷମ ହେବେ ତାହା ସୁନିଶ୍ଚିତ କରୁଛି। ସେହିଭଳି ସରକାରୀ ଆଇଟିଆଇ ଲକ୍ଷ୍ମୀପୁର କୋରାପୁଟର ପ୍ରିନ୍ସିପାଲ ଇଞ୍ଜିନିୟର ସୁଜେନ କୁମାର ବେହେରା କହିଛନ୍ତି, ଓଡ଼ିଶା ସରକାରଙ୍କ ଏକ ପ୍ରଶଂସନୀୟ ପଦକ୍ଷେପ କୌଶଳ ରଥ ମୋ ଶିକ୍ଷାନୁଷ୍ଠାନର ଛାତ୍ରାଛାତ୍ରୀମାନଙ୍କୁ ଆଇଜି ଡ୍ରୋନ୍ ମାଧ୍ୟମରେ ଡ୍ରୋନ୍ ଟେକ୍ନୋଲୋଜିର ମୌଳିକତା ଉପରେ ତାଲିମ ପ୍ରଦାନ କରିଛି। ଏହି କାର୍ଯ୍ୟକ୍ରମ ସେମାନଙ୍କୁ ସ୍କିଲ୍ ଇଣ୍ଡିଆ ଏନ୍‌ଏସ୍‌ଡିସି ଅନୁମୋଦିତ ପାଠ୍ୟକ୍ରମଗୁଡ଼ିକର ଜ୍ଞାନ ସହ ସମୃଦ୍ଧ କରିଛି। କୌଶଳ ରଥ ଅଭିଯାନକୁ ବିଶେଷକରି ସୁଦୂର ଅଣସଂରକ୍ଷିତ ଅଞ୍ଚଳଗୁଡ଼ିକରେ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ଦକ୍ଷତା ବିକାଶ ସୁଯୋଗ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି।

# ଡିସେମ୍ବର ୮ରୁ ଏସ୍‌ଏନ୍‌ଏପି

ନୂଆଦିଲ୍ଲୀ,୧୦।୮

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସିମ୍ବାୟୋସିସ୍ ଇଣ୍ଟରନ୍ୟାଶନାଲ୍ (ଡିମ୍ଡ୍ ୟୁନିଭର୍ସିଟି)ର ବହୁ ପ୍ରତୀକ୍ଷିତ ସିମ୍ବିଓସିସ୍ ନ୍ୟାଶନାଲ ଆପ୍ଟିଚ୍ୟୁଡ୍ ଟେଷ୍ଟ ବା ଏସ୍‌ଏନ୍‌ଏପି-୨୦୨୪ର ପଞ୍ଜୀକରଣ ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଏପରିକି ଏହି ପ୍ରବେଶିକା ପରୀକ୍ଷା ୨୦୨୪ ଡିସେମ୍ବର ୮ରୁ ଆରମ୍ଭ ହେଉଛି। ଅପରପକ୍ଷରେ ୨୦୨୪ ଅଗଷ୍ଟ ୫ରୁ ଏହାର ଆବେଦନ ୱିଣ୍ଡୋ ଖୋଲିଥିଲାବେଳେ ପଞ୍ଜୀକରଣ ପ୍ରକ୍ରିୟା, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ପାଇଁ ଆବେଦନକାରୀଙ୍କୁ ଏସ୍‌ଏନ୍‌ଏପି ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ହେବ। ସେହିପରି ୨୦୨୪ ଏସ୍‌ଏନ୍‌ଏପି କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ତିନୋଟି ଭିନ୍ନ ତାରିଖ ୨୦୨୪ ଡିସେମ୍ବର ୮, ଡିସେମ୍ବର ୧୫ ଏବଂ ଡିସେମ୍ବର ୨୧ରେ ଅନୁଷ୍ଠିତ ହେବ। ଏସ୍‌ଏନ୍‌ଏପି ୨୦୨୪ର ପରୀକ୍ଷା ଫଳାଫଳ ୨୦୨୫ ଜାନୁଆରୀ ୮ରେ ଘୋଷଣା ହେବ। ଉଲ୍ଲେଖଯୋଗ୍ୟ, ଆଗାମୀ ପରୀକ୍ଷା ଆଶାୟୀ ପ୍ରାର୍ଥୀଙ୍କୁ ଏକକ ଆବେଦନ ଫର୍ମ ସହିତ ସିମ୍ବିଓସିସ୍ ଇଣ୍ଟରନ୍ୟାଶନାଲ୍ (ଡିମ୍ଡ୍ ୟୁନିଭର୍ସିଟି) ଅଧୀନରେ ଥିବା ୧୭ ଟି ଅନୁଷ୍ଠାନରେ ୨୭ଟି ପ୍ରୋଗ୍ରାମରେ ଆବେଦନ କରିବାର ସୁଯୋଗ ପ୍ରଦାନ କରିଥାଏ।

# ବଜାରରେ ବିଏସ୍‌ଏଚ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୦।୮




ହୋମ୍ ଆପ୍ଲାଏନ୍ସ ଶିଳ୍ପରେ ଏକ ଗ୍ଲୋବାଲ ଲିଡର ବିଏସ୍‌ଏଚ୍ ହଉସଗେରେଟ ଜିଏମ୍‌ବିଏଚ୍‌ର ଏକ ସହାୟକ କମ୍ପାନୀ ବିଏସ୍‌ଏଚ୍ ହୋମ ଆପ୍ଲାଏନ୍ସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦ 'ମେଡ୍-ଇନ୍-ଇଣ୍ଡିଆ' ବଶ୍ ଏବଂ ସାଇମେନ୍ସ ଫ୍ରଣ୍ଟ-ଲୋଡିଂ ୱାଶିଂ ମେଶିନ ରେଞ୍ଜର ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ୯-୧୦ କେଜି ଲୋଡ୍‌କୁ ନିୟନ୍ତ୍ରଣ କରିବାର ଏକ କ୍ଷମତା, ଅତ୍ୟାଧୁନିକ ଶକ୍ତି ଦକ୍ଷତା ଓ ଟେକ୍ନୋଲୋଜି ସହ ଏହି ୱାଶିଂମେଶିନଗୁଡ଼ିକୁ ସମସ୍ତ ସଫେଇ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ସିଲଭର, ଡାର୍କ ଗ୍ରେ ଓ ଡାର୍କ ଗ୍ରେ ଭଳି ଚମତ୍କାର ରଙ୍ଗରେ ଉପଲବ୍ଧ ଏହି ମେଶିନଗୁଡ଼ିକ କେବଳ ଉନ୍ନତ କାର୍ଯ୍ୟଦକ୍ଷତା ପ୍ରଦାନ କରୁନାହାନ୍ତି ବରଂ ଆପଣଙ୍କର ଲଣ୍ଡ୍ରି ସ୍ପେସରେ ବିଳାସପୂର୍ଣ୍ଣତାର ଏକ ସ୍ୱର୍ଣ୍ଣ ଯୋଗ କରୁଛନ୍ତି। ଏହି ନୂଆ ରେଞ୍ଜର ବଶ୍ ଏବଂ ସାଇମେନ୍ସ ମେଶିନଗୁଡ଼ିକ ଏକ ଅତୁଳନୀୟ ସଫେଇ ଅନୁଭୂତି ପ୍ରଦାନ କରୁଛନ୍ତି, ଉତ୍କୃଷ୍ଟମାନର ପୋଷାକ ଯତ୍ନ ଓ ସୁବିଧାର ପ୍ରତିଶ୍ରୁତି ଦେଉଛନ୍ତି। ଜର୍ମାନ ଷ୍ଟାଣ୍ଡାର୍ଡର ଗୁଣବତ୍ତା ଓ ଡିଜାଇନ ସହ ନିର୍ମିତ ଏହି 'ମେଡ୍ ଇନ୍ ଇଣ୍ଡିଆ' ୱାଶିଂ ମେଶିନଗୁଡ଼ିକ ଅନ୍ତର୍ଜାତୀୟ ବେଞ୍ଚମାର୍କ ସହ ମେଳ ଖାଉଥିବା ନିର୍ଭରଯୋଗ୍ୟତା ଓ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରୁଛନ୍ତି। ଏ ସମ୍ପର୍କରେ ବିଏସ୍‌ଏଚ୍ ହୋମ ଆପ୍ଲାଏନ୍ସେସ୍ ଏମ୍‌ଡି ଓ ସିଇଓ ସୈଫ୍ ଖାନ୍ କହିଛନ୍ତି, ମେକ୍-ଇନ୍-ଇଣ୍ଡିଆ-ଫର୍-ଇଣ୍ଡିଆ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାର ଅଂଶ ଭାବେ ଆମେ ଆମର ନୂତନ ରେଞ୍ଜର ଉଚ୍ଚ କ୍ଷମତାସମ୍ପନ୍ନ ଫ୍ରଣ୍ଟ ଲୋଡ୍ ୱାଶିଂ ମେଶିନରେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ବଶ୍ ଫ୍ରଣ୍ଟ ଲୋଡିଂ ୱାଶିଂ ମେଶିନର ବଢ଼ୁଥିବା ଚାହିଦା ପୂରଣ କରିବା ପାଇଁ ଆମେ ଏକ ୨ୟ ଆସେମ୍ବ୍ଲି ଲାଇନ୍ ସହ ଚେନାଇ ଫ୍ୟାକ୍ଟ୍ରିରେ ଆମର କ୍ଷମତାକୁ ଦୁଇ ଗୁଣ ବୃଦ୍ଧି କରିଛୁ। ସେହିଭଳି ଆମର ନୂଆ ୯କେଜି ଓ ୧୦କେଜି ବଶ୍ ଏବଂ ସାଇମେନ୍ସ ଫ୍ରଣ୍ଟ ଲୋଡ୍ ୱାଶିଂ ମେଶିନଗୁଡ଼ିକୁ ଭାରତୀୟ ପରିବାରଗୁଡ଼ିକର ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯତ୍ନର ସହ ନିର୍ମାଣ କରାଯାଇଛି, ଯାହା କପଡ଼ା ଯତ୍ନକୁ ବୈପ୍ଳବିକ କରିଛି।

# ମୌସୁମୀରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣକୁ ଗୁରୁତ୍ୱ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର, ୧୦।୮

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍) ପକ୍ଷରୁ ଚଳିତ ମୌସୁମୀ ଋତୁର ପ୍ରସ୍ତୁତି ପାଇଁ ଅନେକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏପରିକି ଚଳିତ ମୌସୁମୀ ଋତୁରେ ଉପଭୋକ୍ତାଙ୍କ ପାଇଁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ନିରାପତ୍ତା ଉପରେ ଗୁରୁତ୍ୱ ଦେବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ସେହିଭଳି ମୌସୁମୀ ଋତୁରେ ଦାୟିତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିବାକୁ ଟିପିସିଓଡିଏଲ୍ ଉପଭୋକ୍ତାଙ୍କୁ ଉତ୍ସାହିତ କରୁଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଏହି ଆହ୍ୱାନଗୁଡ଼ିକର ସିଧାସଳଖ ମୁକାବିଲା କରିବା ପାଇଁ ଆମର ବ୍ୟାପକ ସୁରକ୍ଷା ପ୍ରୋଟୋକଲ ବିଶେଷ ଭାବେ ପ୍ରସ୍ତୁତ କରାଯାଇଛି, ଯାହା ବର୍ଷାଋତୁରେ ଆମର ଉପଭୋକ୍ତାଙ୍କୁ ନିରନ୍ତର ବିଜୁଳି ଯୋଗାଣ ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବ। ଏପରିକି ଆମେ ଆମର ସମସ୍ତ ଉପଭୋକ୍ତାମାନଙ୍କୁ ସତର୍କ ରହିବାକୁ ଏବଂ ଦିଆଯାଇଥିବା ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଉତ୍ସାହିତ କରୁଛୁ। ଏକାଠି କାମକରି ଆମେ ଏକ ସୁରକ୍ଷିତ ଏବଂ ବିପଦମୁକ୍ତ ମୌସୁମୀ ଋତୁ ସୁନିଶ୍ଚିତ କରିପାରିବା।

# ଆର୍‌ଡିଏସ୍‌ଏସ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର



ନୂଆଦିଲ୍ଲୀ,୧୦।୮

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତଥା ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାର ଗ୍ରୀଡ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ରିଭାମ୍ପଡ୍ ଡିଷ୍ଟ୍ରିବ୍ୟୁଶନ ସେକ୍ଟର ସ୍କିମ୍(ଆର୍‌ଡିଏସ୍‌ଏସ୍)ର ଭିତ୍ତିପ୍ରସ୍ତର ଉତ୍ସବ ନିକଟରେ ଆୟୋଜିତ ହୋଇଯାଇଛି। ଏପରିକି ୟୁନିୟନ ଟେରିଟୋରି(ୟୁଟି) ଲାଦାଖର ରାଜ ନିୱାସ ଲେଠାରେ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଲ୍ୟୁଟ୍‌ନାଣ୍ଟ ଗଭର୍ନର, ଲଦାଖ, ବ୍ରିଗ.(ଡ) ବି.ଡି . ମିଶ୍ର (ରିଟାୟର୍ଡ) ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ୍ ତାସି ଗିଆଲସନ୍ ଚେୟାରମ୍ୟାନ୍/ସିଇସି ଏଲ୍‌ଏଏଚ୍‌ଡିସି ଲେ, ଡ. ଜାଫର ଆଖୋନ୍, ଚେୟାରମ୍ୟାନ୍/ସିଇସି ଏଲ୍‌ଏଏଚ୍‌ଡିସି କାର୍‌ଗିଲ, ଡ. ପୱନ କୋଟୱାଲ, ଆଇଏଏସ୍, ଲ୍ୟୁଟ୍‌ନାଣ୍ଟ ଗଭର୍ନରଙ୍କ ଉପଦେଷ୍ଟା ଲଦାଖ, ,ଆର୍.କେ.ତ୍ୟାଗୀ, ଅଧ୍ୟକ୍ଷ ପରିଚାଳନା ନିର୍ଦ୍ଦେଶକ, ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ଏବଂ ବିକ୍ରମ ସିଂ ମଲିକ, ଆଇଏଏସ୍, ପ୍ରଶାସନିକ ସଚିବ, ଶକ୍ତି ବିକାଶ ବିଭାଗ, ଲଦାଖ ୟୁଟି, ସନ୍ତୋଷ ସୁଖଦେବ, ଆଇଏଏସ୍, ଡେପୁଟି କମିଶନର, ଲେହ ଲଦାଖ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପାୱାର ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିମିଟେଡ୍, ଲଦାଖର ଶକ୍ତି ବିକାଶ ବିଭାଗ ୟୁଟି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପାୱାର ଗ୍ରୀଡ୍‌ର ସିଏମ୍‌ଡି ଆର୍.କେ. ତ୍ୟାଗୀ କହିଥିଲେ, ଆମେ ଆମର ନୂତନ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତରକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ପ୍ରତିଶ୍ରୁତି ଅନୁଯାୟୀ ସମ୍ପୃକ୍ତ ଅଞ୍ଚଳରେ ବିକାଶ କରାଯିବା ସହ ଲଦାଖର ଶକ୍ତି ଭିତ୍ତିଭୂମିର ସ୍ଥାୟୀ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ଘରୋଇ ଖାଦ୍ୟ ବଜାର ୪୭% ବୃଦ୍ଧି ଆଶା

ଭୁବନେଶ୍ୱର,୧୦।୮ (ଅନୁରାଧା ମହାରଣା)



ଘରୋଇ ଖାଦ୍ୟ ବଜାର ୨୦୨୭ ସୁଦ୍ଧା ୪୭%ରୁ ଅଧିକ ବୃଦ୍ଧିହୋଇ ୧,୨୭୪ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ)ର ଏକ ରିପୋର୍ଟରେ ଏହା କୁହାଯାଇଛି। ଡାନ୍‌ଫୋସ୍ ଇଣ୍ଡିଆ ସହଯୋଗରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି, ଭାରତର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ଅଭିନବ ଷ୍ଟାର୍ଟଅପ୍ ଉତ୍ପନ୍ନ ହେଉଛି। 'ଭାରତରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର – ଦକ୍ଷିଣ ରାଜ୍ୟ ପାଇଁ ଆଶା' ଶୀର୍ଷକ ରିପୋର୍ଟ ଅନୁଯାୟୀ ତାମିଲନାଡୁ ପ୍ରକ୍ରିୟାକୃତ ଫଳ, ଜୁସ୍ ଏବଂ ଶୁଖିଲା ଫଳ ରପ୍ତାନିରେ ଭାରତକୁ ଆଗେଇ ନେଇଛି। ରାଜ୍ୟର ଅଂଶ ପରିମାଣ ଅନୁସାରେ ୩୩% ଏବଂ ମୂଲ୍ୟ ଅନୁସାରେ ୨୭ % ରହିଛି। ସିଆଇଆଇ ନ୍ୟାଶନାଲ କାଉନସିଲ ଫର୍ କୋଲ୍ଡ ଚେନ୍ ଆଣ୍ଡ ଏଗ୍ରି ଲଜିଷ୍ଟିକ୍ସର ଚେୟାରମ୍ୟାନ ରବିଚନ୍ଦ୍ରନ ପୁରୋଶୋଥମାନ କହିଛନ୍ତି, ଏହି ଅଭିବୃଦ୍ଧିରେ ଟେକ୍ନୋଲୋଜି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

# ଏସ୍‌ପ୍ଲାନେଡ୍ ମଲ୍‌ରେ ପଞ୍ଜାବ ଗ୍ରୀଲ୍ ଆଉଟ୍‌ଲେଟ୍

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଲାଇଟ୍ ବାଇଟ୍ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଫୁଡ୍ ବ୍ରାଣ୍ଡ 'ପଞ୍ଜାବ ଗ୍ରୀଲ୍'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶା ବଜାରରେ ବ୍ରାଣ୍ଡର ପ୍ରଥମ ଆଉଟ୍‌ଲେଟ୍ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ବ୍ରାଣ୍ଡର ସମୃଦ୍ଧ ଐତିହ୍ୟ ଏବଂ କିମ୍ବଦନ୍ତୀ ରୋଷେଇ ସହରର ଖାଦ୍ୟ ଉତ୍ସାହୀମାନଙ୍କ ନିକଟରେ ପରିଚିତ କରିବ ବୋଲି ବ୍ରାଣ୍ଡ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ଏ ସମ୍ପର୍କରେ ଲାଇଟ୍ ବାଇଟ୍ ଫୁଡ୍‌ସର ସହ-ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ରୋହିତ ଅଗ୍ରୱାଲ କହିଛନ୍ତି, ଓଡ଼ିଶା ବଜାରରେ ଆମର ପ୍ରଥମ ଆଉଟ୍‌ଲେଟ୍ (ଫୁଡ୍ ଷ୍ଟଲ୍)ର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ପଞ୍ଜାବ ଗ୍ରୀଲ୍‌ର ଆଭିମୁଖ୍ୟକୁ ଓଡ଼ିଶା ପରି ଗତିଶୀଳ ରାଜ୍ୟକୁ ଆଣିବାରେ ଆମେ ଅତ୍ୟଧିକ ଆନନ୍ଦିତ ଥିଲାବେଳେ ଅତୁଳନୀୟ ଭୋଜନ ଅଭିଜ୍ଞତା ଯାହା ଆମର ପୃଷ୍ଠପୋଷକମାନେ ବର୍ଷ ବର୍ଷ ଧରି ଭଲ ପାଉଛନ୍ତି। ଉଲ୍ଲେଖଯୋଗ୍ୟ, ପଞ୍ଜାବ ଗ୍ରୀଲ୍‌ର ଆଇକନିକ୍ ବଟର ଚିକେନ୍ ଏବଂ ଡାଲ୍ ମଖାନୀଠାରୁ ଆରମ୍ଭକରି ପାରମ୍ପରିକ ମାଟି ଚୁଲିରେ ସିଦ୍ଧହେବା ପାଇଁ ରନ୍ଧାଯାଇଥିବା କବାବ୍ ଏବଂ ଅଭିନବ ଶାକାହାରୀ ସୃଷ୍ଟିର ଏକ ଶୃଙ୍ଖଳା ପର୍ଯ୍ୟନ୍ତ ଖାଦ୍ୟ ତାଲିକା ଉପଲବ୍ଧ ରହିଛି। ମେନ୍ୟୁରେ ବିରିୟାନିର ଏକ ପ୍ରଲୋଭନକାରୀ ଚୟନ ମଧ୍ୟ ସାମିଲ ରହିଛି, ଯାହା ପ୍ରତ୍ୟେକଟି ସୁଗନ୍ଧିତ ଚାଉଳ ଏବଂ ଏକ ମସଲା ସହ ପ୍ରସ୍ତୁତ ଯାହା ସ୍ୱାଦର ଏକ ସିମ୍ଫୋନୀ ସୃଷ୍ଟି କରିଥାଏ। ମିଠା ମେନ୍ୟୁରେ ଗୁଲାବ ଜାମୁନ୍ ଏବଂ ଫିର୍‌ନି ପରି ପାରମ୍ପରିକ ପଞ୍ଜାବୀ ମିଠାର ବୈଶିଷ୍ଟ୍ୟ ରହିଛି, ଯାହା ଏକ ଅସାଧାରଣ ଭୋଜନ ଅଭିଜ୍ଞତାକୁ ମିଠା ସମାପ୍ତ କରିଥାଏ। ପଞ୍ଜାବ ଗ୍ରୀଲ୍ ଓଡ଼ିଶାରେ ପ୍ରବେଶ ଦ୍ୱାରା ଗ୍ରାହକଙ୍କୁ ସୂକ୍ଷ୍ମ ପଞ୍ଜାବୀ ରୋଷେଇ ଏବଂ ସେବା ସହ ଆନନ୍ଦିତ କରିବା ପାଇଁ ବ୍ରାଣ୍ଡର ଅବିସ୍ମରଣୀୟ ପ୍ରତିବଦ୍ଧତା ଦର୍ଶାଇବ।

# ଏନ୍‌ଏଫ୍‌ଟିର ଓଡ଼ିଶା ଆଚିଭର୍ସ ଆୱାର୍ଡ

ଭୁବନେଶ୍ୱର, ୧୦।୮

ରାଜ୍ୟର ପ୍ରମୁଖ ଘରୋଇ ସାମାଜିକ ପ୍ରତିଷ୍ଠାନ ନିର୍ବାଣ ଫାଉଣ୍ଡେଶନ ଟ୍ରଷ୍ଟ (ଏନ୍‌ଏଫ୍‌ଟି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଓଡ଼ିଶା ଆଚିଭର୍ସ ଆୱାର୍ଡ-୨୦୨୪' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଏନ୍‌ଏଫ୍‌ଟି ଦ୍ୱାରା ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ୨ୟ ଆଚିଭର୍ସ ଆୱାର୍ଡ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଓଡ଼ିଶାର ୩୦ ଜଣ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ଡା.ଗୌରବ ରଲହାନ, ବିଧାୟକ ଅଗସ୍ତି ବେହେରା, ଡା ପାର୍ଥସାରଥି ମିଶ୍ର, ଡ.ପ୍ରସନ୍ନ କୁମାର ପଟ୍ଟଶାଣୀ,କମଳାକାନ୍ତ ସାହୁ, ସାମାଜିକ କର୍ମୀ ନମ୍ରତା ଚଢ଼ା ଏବଂ ନିର୍ବାଣ ଫାଉଣ୍ଡେଶନ ଟ୍ରଷ୍ଟର ମୁଖ୍ୟ ଭରତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଯୁବବର୍ଗଙ୍କ ପାଇଁ ବର୍ତ୍ତମାନ,ଭବିଷ୍ୟତ ଏବଂ ରୋଜଗାର ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ମଧ୍ୟ ଆୟୋଜିତ ହୋଇଥିଲା। ଅପରପକ୍ଷରେ ନିର୍ବାଣ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବସ୍ତିର ୧୦ଜଣ ପିଲାଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଏପରିକି ଆଗକୁ ବସ୍ତିରେ ରହୁଥିବା ମେଧାବୀ ଛାତ୍ରୀଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ଟ୍ରଷ୍ଟ ଘୋଷଣା କରିଛି।

# ଓଜିଏସ୍‌ରେ 'ଦ ନଲେଜ କ୍ରଲ୍'

ଭୁବନେଶ୍ୱର, ୧୦।୮



ଓଡିଏମ୍ ଗ୍ଲୋବାଲ ସ୍କୁଲ(ଓଜିଏସ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଦ ନଲେଜ କ୍ରଲ୍' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଜ୍ଞାନ ଓ ସୃଜନଶୀଳତାର ଶକ୍ତି ସହ ଶିକ୍ଷାର ଯାତ୍ରାକୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗର୍ବର ସହିତ ପାଳନ କରିଛି। ସେହିଭଳି ଦ ନଲେଜ କ୍ରଲ୍ କାର୍ଯ୍ୟକ୍ରମ ଯୁବ ଶିକ୍ଷାର୍ଥୀଙ୍କ ମଧ୍ୟରେ ପାଳନ କରାଯାଇଥିଲାବେଳେ ବୈଜ୍ଞାନିକ କୌତୂହଳକୁ ପ୍ରଜ୍ୱଳିତ ଓ ବୃଦ୍ଧି କରିବା ପାଇଁ ପ୍ରସ୍ତୁତ ଅଭିନବ ବିଚାରଧାରା, କଳାତ୍ମକ ଅଭିବ୍ୟକ୍ତି ଓ ଭୌତିକ ସଫଳତାର ଏହା ଏକ ଜୀବନ୍ତ ପ୍ରଦର୍ଶନୀ ଥିଲା। ବିଶେଷକରି ଗ୍ରେଡ୍-୧ରୁ ୫ ପର୍ଯ୍ୟନ୍ତ ସ୍କୁଲର ଯୁବ ଶିକ୍ଷାର୍ଥୀମାନେ ପ୍ରେରଣାଦାୟକ ଶିକ୍ଷଣୀୟ ଚଳଚ୍ଚିତ୍ରଗୁଡ଼ିକୁ ଅନ୍ୱେଷଣ କରିଥିଲେ। ସେହିପରି ଫନ୍ ୱିଥ୍ ସାଇନ୍ସ, ମ୍ୟାଡ୍ ଓଭର ମ୍ୟାଥ୍‌ସ ଓ ରିଲିଭିଂ ଆୱାର ହିଷ୍ଟ୍ରିର ଏକ ଚମତ୍କାର ଯାତ୍ରାକୁ ପରିଲକ୍ଷିତ ମଧ୍ୟ କରିଥିଲେ, ଯାହା ସେମାନଙ୍କର ପରିକଳ୍ପନାର ସୀମାକୁ ଆଗକୁ ବିସ୍ତାର ଏବଂ ଆନ୍ତଃ ବିଭାଗୀୟ ସହଭାଗିତାକୁ ପ୍ରୋତ୍ସାହିତ କରିଥିଲା। ଅପରପକ୍ଷରେ ସ୍କୁଲର ସିନିୟର ଛାତ୍ରୀଛାତ୍ରମାନେ ରୋବୋଟିକ୍ସ ଉପରେ ରାଜା ମାହାରୀଙ୍କର ଏକ କର୍ମଶାଳା ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ବିଶ୍ୱନାଥ ପାତ୍ରଙ୍କ ଆଲୋଚନାଚକ୍ରରେ ଯୋଗଦେଇଥିଲେ। ଏଥିସହ କସ୍‌ମସ୍:ନୋଇଂ ଦ ସ୍ପେସ୍ ଆଣ୍ଡ ଇନୋଭେଶନ ଫେଷ୍ଟ ଉପରେ ଏକ ସୁନ୍ଦର ଉପସ୍ଥାପନା ଦିଆଯାଇଥିଲା; ଯେଉଁଠାରେ ବିଭିନ୍ନ ଗ୍ରେଡ୍‌ର ଛାତ୍ରୀଛାତ୍ରମାନେ ନିଜର ପ୍ରୋଜେକ୍ଟଗୁଡ଼ିକୁ ପ୍ରଦର୍ଶିତ କରିଥିଲେ।

# ପିଏସ୍‌ପି ମାଧ୍ୟମରେ ଶକ୍ତି ସଂରକ୍ଷଣ




ଭୁବନେଶ୍ୱର, ୧୦।୮

ଇଣ୍ଡିଆନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ମ୍ୟାନୁଫାକ୍ଟରର୍ସ ଆସୋସିଏସନ(ଆଇଇଇଏମ୍‌ଏ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଓଡ଼ିଶା ପାୱାର କନ୍‌କ୍ଲେଭ-୨୦୨୪ର ପ୍ରଥମ ସଂସ୍କରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟର ପ୍ରମୁଖ ସରକାରୀ ଅଧିକାରୀ, ଶିଳ୍ପ ଅଂଶୀଦାର, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପପତିମାନେ ଏକାଠି ହୋଇଥିଲେ। ଏପରିକି ଗ୍ରୀନ୍ ହାଇଡ୍ରୋଜେନ୍/ଆମୋନିଆ ଉତ୍ପାଦନ ଏବଂ ପମ୍ପେଡ୍ ଷ୍ଟୋରେଜ୍ ପ୍ଲାଣ୍ଟ (ପିଏସ୍‌ପି) ମାଧ୍ୟମରେ ଶକ୍ତି ସଂରକ୍ଷଣ ସହ ସୌର ଓ ପବନ ଶକ୍ତିର ଉପଯୋଗ ଉପରେ ବିଶେଷ ଗୁରୁତ୍ୱଦେବା ସହ ଉତ୍ପାଦନ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ହବ୍‌ରେ ପରିଣତ ହେବା ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା ଏହି କନ୍‌କ୍ଲେଭ୍ ଜରିଆରେ କରାଯାଇଥିଲା। ୨୦୩୦ ସୁଦ୍ଧା ରାଜ୍ୟରେ ୧୦,୦୦୦ ମେଗାୱାଟ୍ ଅକ୍ଷୟ ଶକ୍ତିର କ୍ଷମତା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଉଦ୍‌ଘାଟନୀ ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାଞ୍ଚଳରେ ଆଇଇଇଏମ୍‌ଏର ପ୍ରୟାସକୁ ସ୍ୱୀକୃତିଦେବା ସହ ପ୍ରଥମ ଥର ପାଇଁ ଓଡ଼ିଶା ପାୱାର କନ୍‌କ୍ଲେଭ୍ ଆୟୋଜନ କରିଥିବାରୁ ଆଇଇଇଏମ୍‌ଏକୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଏହି କ୍ଷେତ୍ରର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଘୋଷଣା ସହ ସାରା ରାଜ୍ୟରେ ଶକ୍ତିକ୍ଷେତ୍ରର ସମ୍ପ୍ରସାରଣ ଏବଂ ତାଲିମପ୍ରାପ୍ତ କର୍ମଚାରୀମାନେ ସମ୍ଭାବନାର ଉପଯୋଗ ପାଇଁ ପ୍ରଚୁର ସୁଯୋଗ ସୃଷ୍ଟି କରିଛନ୍ତି।

# ପବନ ଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ

ନୂଆଦିଲ୍ଲୀ,୧୦।୮



ସାରା ବିଶ୍ୱ ବର୍ତ୍ତମାନ ପବନ ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏପରିକି ପବନ ଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ସହ ଚତୁର୍ଥ ସ୍ଥାନରେ ରହିଛି ଏବଂ ଅକ୍ଷୟ ଶକ୍ତି ଦୃଶ୍ୟପଟରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ବିଶେଷକରି ୨୦୨୪ ଜୁନ୍ ସୁଦ୍ଧା ଭାରତର ସ୍ଥାପିତ ପବନ ଶକ୍ତି କ୍ଷେତ୍ରରେ ୪୬,୬୫୬ ମେଗାୱାଟରୁ ଅଧିକ ହୋଇଛି, ଯାହା ଦେଶ ତଥା ସର୍ବଭାରତୀୟସ୍ତରରେ ପବନ ଶକ୍ତି ବିକାଶ ଲାଗି ସର୍ବବୃହତ୍ ଉତ୍ପାଦକ ଭାବେ ପରିଣତ ହୋଇଛି।

ସେହିଭଳି ପବନ ଶକ୍ତି କ୍ଷେତ୍ରରେ ଭାରତର ଅକ୍ଷୟ ଶକ୍ତି ଲକ୍ଷ୍ୟ ଯଥେଷ୍ଟ ଅବଦାନ ରଖିଥାଏ। ଏପରିକି ନିର୍ମାଣ ଓ କାର୍ଯ୍ୟ ପରିସର ମଧ୍ୟରେ ପବନ ଶକ୍ତି ଫାର୍ମଗୁଡ଼ିକ ବିଶେଷକରି ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି। ଅଧିକନ୍ତୁ ପବନ ଶକ୍ତି ଗ୍ରୀନ୍ ହାଉସ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ସେହିପରି ୭୦୦୦ କି.ମି.ରୁ ଅଧିକ ଉପକୂଳବର୍ତ୍ତୀ ଭାରତୀୟ ଅଞ୍ଚଳରେ ୫୦୦ ଜିଡବ୍ଲ୍ୟୁ ଅଫ୍‌ଶୋର ପବନ ଶକ୍ତି କ୍ଷମତା ଉତ୍ପାଦନ କରିବାର ସମ୍ଭାବନା ଥିବାବେଳେ ତାମିଲନାଡୁ ଓ ଗୁଜରାଟଠାରେ ନେଟ୍ ଜିରୋ ୨୦୭୦ ଲକ୍ଷ୍ୟରେ ସହଯୋଗ କରିବାକୁ ଉଚ୍ଚାଭିଳାଷୀ ଯୋଜନା ରହିଛି। ତେଣୁ ଏହି କ୍ଷେତ୍ରରେ ନିବେଶକୁ ଆକର୍ଷିତ କରିବା ଲାଗି ରାଜ୍ୟ ସରକାର ସକ୍ରିୟ ଭାବେ ନୀତି ନିୟାମକ ଗଠନ କରିଛନ୍ତି। ନିକଟରେ କେନ୍ଦ୍ର କ୍ୟାବିନେଟ୍ ଗୁଜରାଟ ଓ ତାମିଲନାଡୁଠାରେ ୧ଜିଡବ୍ଲ୍ୟୁ ଅଫ୍‌ଶୋର ପବନ ଶକ୍ତି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି, ଯେଉଁଥିରେ ୭୪୫୩ କୋଟି ନିବେଶ କରାଯାଇଛି। ଏପରିକି ୩,୭୨ ବିଲିୟନ ୟୁନିଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ଓ ୨୫ ବର୍ଷ ପାଇଁ ବାର୍ଷିକ ୨.୯୮ ମିଲିୟନ ଟନ୍ ସିଓ୨ ନିର୍ଗମନ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏପରିକି ବୈଷୟିକ ଅଗ୍ରଗତି କ୍ଷମତା ପବନ ଶକ୍ତି ଉତ୍ପାଦନକୁ ସକ୍ଷମ କରିଥାଏ। ଯାହା ସମଗ୍ର ଦେଶରେ ପବନ ଶକ୍ତି ପ୍ରକଳ୍ପର ସାମଗ୍ରିକ ଦକ୍ଷତାରେ ଯଥେଷ୍ଟ ବିକାଶ ଘଟାଇଥାଏ। ଏଠାରେ ୱିଣ୍ଡର୍ଜି ଇଣ୍ଡିଆ ଶିଳ୍ପରେ ବୈଷୟିକ ବିପ୍ଳବ ଆଜି ଦେଶରେ ପବନ ଶକ୍ତି ଖେଳକୁ ବଦଳାଇ ଦେଇଛି ଓ ସଫଳତାର ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଛି। ଅପରପକ୍ଷରେ ୱିଣ୍ଡର୍ଜି ଇଣ୍ଡିଆ-୨୦୨୪ ପବନ ଶକ୍ତି କ୍ଷେତ୍ର ପାଇଁ ସମର୍ପିତ ଶିଳ୍ପ ପ୍ଲାଟଫର୍ମ ଓ ଏହାର ଅପାର ସମ୍ଭାବନା ଏବଂ ଲାଭଜନକ ସୁଯୋଗ ରହିଛି। ୱିଣ୍ଡର୍ଜି ଇଣ୍ଡିଆ-୨୦୨୪ ନିକଟରେ ପ୍ରଦର୍ଶନୀ ଉତ୍କର୍ଷ ପୁରସ୍କାରରେ ଭାରତର ଦ୍ରୁତ ଅଭିବୃଦ୍ଧି ଶୋ ଭାବେ ସ୍ୱୀକୃତିପ୍ରାପ୍ତ ହୋଇଛି। ଏହାର ଷଷ୍ଠ ସଂସ୍କରଣରେ ୱିଣ୍ଡର୍ଜି ଇଣ୍ଡିଆ-୨୦୨୪ ଶକ୍ତି ମନ୍ତ୍ରଣାଳୟ ଓ ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ ଥିଲାବେଳେ ମେକ୍ ଇନ୍ ଇଣ୍ଡିଆ ଉଦ୍ୟମରେ ୩ ଦିନିଆ ବାଣିଜ୍ୟ ମେଳା ଓ ପ୍ରଦର୍ଶନୀ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର,ଗୁଜରାଟ ଓ ରାଜସ୍ଥାନ ଭଳି ପବନ ଶକ୍ତି ସମୃଦ୍ଧ ରାଜ୍ୟଗୁଡ଼ିକ ପ୍ରତିନିଧିତ୍ୱ କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାଛୁରୀର ଇଣ୍ଟରଭ୍ୟୁ



**ନୂଆଦିଲ୍ଲୀ:** ଅଧିକାଂଶ ପିଲା ପ୍ରାଣୀମାନଙ୍କୁ ବହୁତ ଭଲ ପାଆନ୍ତି। ସେମାନେ ଜୀବଜନ୍ତୁଙ୍କ ସହ ବନ୍ଧୁତା କରିବାକୁ ପସନ୍ଦ କରନ୍ତି। ନିକଟରେ ଏପରି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ଜଣେ ଛୋଟ ଝିଅ ଏକ ବାଛୁରୀର ସାକ୍ଷାତକାର ନେବାକୁ ପ୍ରୟାସ କରୁଛି। ଏହି ଭିଡିଓଟିକୁ ସୋସିଆଲ ମିଡିଆ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି। ଭିଡିଓରେ ପ୍ରଥମେ ଏକ କୁନି ଝିଅ ଜଣେ ରିପୋର୍ଟରଙ୍କ ଭଳି ପୋଜ୍ ଦେଉଛି। ପରେ ସେ ଗୋଟିଏ ମାଇକ୍‌କୁ ବାଛୁରୀର ମୁହଁ ନିକଟରେ ରଖି କୌଣସି ପ୍ରଶ୍ନ ପଚାରିବାକୁ ଲାଗୁଛି। ପ୍ରଶ୍ନ ପଚାରିବା ପରେ ଝିଅଟି ବାଛୁରୀ ପରି ଶବ୍ଦ କରୁଛି। ତେବେ ମାଇକ୍‌ଟି ମୁହଁ ନିକଟକୁ ଆସିବା ମାତ୍ରେ ବାଛୁରୀଟି କିଛି ଶବ୍ଦ କରି କହିବାକୁ ଲାଗୁଛି, ଯେପରି ସେ ଝିଅଟିର ପ୍ରଶ୍ନ ବୁଝିପାରିଛି ଓ ଏହାର ଉତ୍ତର ଦେଉଛି।


## ଜନ୍ମବାର୍ଷିକ ଶୁଭେଚ୍ଛା



**ରାଜଶ୍ରୀ ସ୍ୱାଇଁ (ମାମୁନି)**
ଗ୍ରାମ: ଧୁଁପୁର୍, ତିର୍ତ୍ତୋଲ, ଜଗତ୍‌ସିଂହପୁର
ଜନ୍ମଦିନର ଶୁଭ ଅବସରରେ
କି ଉପହାର ତୁମକୁ ମୁଁ ଦେଇପାରିବି!!
ଖାଲି ଏହାହିଁ ସ୍ୱୀକାର କରିନିଅ
ବହୁତ ବହୁତ ପ୍ରେମ ଓ ସ୍ନେହ ତୁମ ପାଇଁ !!
ଜନ୍ମଦିନ ପାଇଁ ଅନେକ ଅନେକ ଶୁଭକାମନା ତୁମ ପାଇଁ।
ଧ-୧୦୦୯


# ଗୋରୁଙ୍କୁ ଜଗିବେ ପୋଲିସ



**କୋଟା:** ରାସ୍ତାରେ ଯିବାବେଳେ ଅନେକ ପୋଲିସ ଚେକ୍‌ପୋଷ୍ଟ ଦେଖିବାକୁ ମିଳିଥାଏ। ଲୋକଙ୍କ ସୁବିଧା ତଥା ବିଭିନ୍ନ ଯାଞ୍ଚ ପାଇଁ ଏହି ଚେକ୍‌ପୋଷ୍ଟଗୁଡ଼ିକ ନିର୍ମିତ ହୋଇଥାଏ। ତେବେ ରାଜସ୍ଥାନର କୋଟା ସହରରେ ଗୋରୁମାନଙ୍କୁ ଜଗିବା ପାଇଁ ଅନେକ ପୋଲିସ ଚେକ୍‌ପୋଷ୍ଟ ନିର୍ମିତ ହୋଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

କୋଟାରେ ଗୋରୁମାନଙ୍କୁ ଜଗିବା ପାଇଁ ଅନେକ ଚେକ୍‌ପୋଷ୍ଟ ନିର୍ମାଣ କରାଯାଇଛି। ଏହି ଚେକ୍‌ପୋଷ୍ଟଗୁଡ଼ିକରେ ସବୁବେଳେ ପୋଲିସ ନିୟୋଜିତ ରହିଥାନ୍ତି। ଆଖପାଖ ଗ୍ରାମରୁ ଆସୁଥିବା ଗୋରୁମାନେ ଯେପରି କୋଟା ସହର ଭିତରେ ପ୍ରବେଶ ନ କରନ୍ତି, ସେଥିପାଇଁ କୋଟା ମହାନଗର ନିଗମ ପକ୍ଷରୁ ପୋଲିସ ସହଯୋଗରେ ଏହି ଚେକ୍‌ପୋଷ୍ଟଗୁଡ଼ିକର ନିର୍ମାଣ କରାଯାଇଛି। ପୋଲିସ ବ୍ୟତୀତ ବହୁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ମଧ୍ୟ ଏହି ଚେକ୍‌ପୋଷ୍ଟଗୁଡ଼ିକରେ ଗୋରୁମାନଙ୍କୁ ଜଗିବା ପାଇଁ ନିୟୋଜନ କରାଯାଇଛି। ଏନେଇ କୋଟା ଉତ୍ତର ମ୍ୟୁନିସିପାଲିଟି କର୍ପୋରେସନ୍ କମିଶନର ଅନୁରାଗ ଭର୍ଗା ସୂଚନା ଦେଇଛନ୍ତି। ପୂର୍ବରୁ ମହାନଗର ନିଗମ ଅଧୀନରେ ଥିବା କୋଟା ସହର ଉପକଣ୍ଠସ୍ଥିତ ଗ୍ରାମଗୁଡ଼ିକରୁ ଗୋରୁମାନେ ଆସି ସହର ମଧ୍ୟରେ ପ୍ରବେଶ କରୁଥିଲେ, ଫଳରେ ଦୁର୍ଘଟଣା ମାମଲା ବଢ଼ିବାକୁ ଲାଗିଥିଲା। ତେଣୁ ଗୋରୁମାନଙ୍କୁ ସହରାଞ୍ଚଳରେ ପ୍ରବେଶ ନ କରାଇବା ପାଇଁ ଏହିସବୁ ଚେକ୍‌ପୋଷ୍ଟର ନିର୍ମାଣ କରାଯାଇଥିବା କମିଶନର କହିଛନ୍ତି। ସମ୍ପ୍ରତି ସହରର କେଶବ୍‌ରାୟ ପାଟନ୍, ବଲ୍ଲୋଭ, ଧାକଡ୍‌କେଡ଼ି ଏବଂ ବାଁରା ଆଦି ଅଞ୍ଚଳରେ ଏହି ଚେକ୍‌ପୋଷ୍ଟ ନିର୍ମାଣ କରାଯାଇଛି। ସେହିପରି ଉକ୍ତ ଚେକ୍‌ପୋଷ୍ଟଗୁଡ଼ିକରେ ୨୪ ଘଣ୍ଟା ଧରି ପୋଲିସ କର୍ମଚାରୀ କିମ୍ବା ଚୁକ୍ତିଭିତ୍ତିକ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଆଖପାଖ ଗ୍ରାମାଞ୍ଚଳରୁ ଆସୁଥିବା ଗାଈ, ମେଣ୍ଢା, ଛେଳି ପଲ ଆଦିଙ୍କ ଉପରେ ନଜର ରଖୁଛନ୍ତି। ଅନ୍ୟପକ୍ଷରେ ଯେଉଁମାନଙ୍କ ଗୋରୁ ସହରାଞ୍ଚଳରେ ପ୍ରବେଶ କରୁଛନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର କହିଛନ୍ତି।

# ଟ୍ରୋଲ୍ କଲେ ବି ଫରକ ପଡୁନି


ମଲାଇକା ଆରୋରା

**ମୁମ୍ବାଇ:** ଅଭିନେତ୍ରୀ ମଲାଇକା ଆରୋରା ତାଙ୍କ ବୃତ୍ତିଗତ ଜୀବନ ବ୍ୟତୀତ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ବହୁ ଚର୍ଚ୍ଚାରେ ରହିଥାନ୍ତି। କିଛି ଦିନ ତଳେ ଅଭିନେତା ଅର୍ଜୁନ କପୁରଙ୍କ ସହ ତାଙ୍କର ବ୍ରେକ୍‌ଅପକୁ ନେଇ ବହୁ ଚର୍ଚ୍ଚା ଓ ଆଲୋଚନା ହୋଇଥିଲା। ଏହାକୁ ପ୍ରସଙ୍ଗ କରି ସୋସିଆଲ ମିଡିଆରେ ବହୁ ୟୁଜର୍ସ ମଲାଇକାଙ୍କୁ ଟ୍ରୋଲ୍ କରିଥିଲେ। ଶନିବାର ଏକ ସାକ୍ଷାତ୍‌କାରରେ ମଲାଇକା ଏନେଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ପୂର୍ବରୁ ଯେତେବେଳେ ତାଙ୍କୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯାଉଥିଲା, ସେତେବେଳେ ସେ ଉଦାସ ହୋଇଯାଉଥିଲେ ଏବଂ ଏହାଯୋଗୁ ତାଙ୍କର ପୂରା ଦିନ ନଷ୍ଟ ହୋଇଯାଉଥିଲା। କିନ୍ତୁ ବର୍ତ୍ତମାନ ସେ ଏହି ସମସ୍ୟାରୁ ମୁକୁଳିବାରେ ସଫଳ ହୋଇଛନ୍ତି। ଏଥିପାଇଁ ସେ ନିଜକୁ ମାନସିକ ଭାବେ ସୁଦୃଢ଼ କରିଥିବା ମଲାଇକା କହିଛନ୍ତି। ସେ ପ୍ରତ୍ୟେକ ଦିନ ଯୋଗ ଓ ଧ୍ୟାନ କରିବା ସହ ଠିକ୍ ସମୟରେ ଖାଆନ୍ତି ଏବଂ ଠିକ୍ ସମୟରେ ଶୋଉଥିବା ମଧ୍ୟ କହିଛନ୍ତି। ଏସବୁ କରିବା ଦ୍ୱାରା ବ୍ୟକ୍ତି ମାନସିକ ସ୍ତରରେ ସୁଦୃଢ଼ ହୋଇଥାଏ ଏବଂ ଯେତେ ସମାଲୋଚନା କିମ୍ବା ଟ୍ରୋଲ୍ କରାଗଲେ ମଧ୍ୟ ଫରକ ପଡ଼ି ନ ଥାଏ ବୋଲି ମଲାଇକା କହିଛନ୍ତି।

ତେବେ ସୋସିଆଲ ମିଡିଆରେ କେବଳ ଟ୍ରୋଲ୍ କରାଯାଇ ନ ଥାଏ, ବହୁ ପ୍ରଶଂସକ ତାଙ୍କ କାର୍ଯ୍ୟକୁ ସୋସିଆଲ ମିଡିଆରେ ପ୍ରଶଂସା ମଧ୍ୟ କରିଥାନ୍ତି ବୋଲି ମଲାଇକା କହିଛନ୍ତି। ଏହାଦ୍ୱାରା ଭଲ କାମ କରିବାକୁ ତାଙ୍କୁ ପ୍ରେରଣା ମିଳିଥାଏ ବୋଲି ମଲାଇକା କହିଛନ୍ତି। ତେବେ କଠିନ ପରିଶ୍ରମ, ଯୋଗ, ବ୍ୟାୟାମ ଓ ଧ୍ୟାନ ଆଦି ଲଗାତର କରୁଥିବା ହେତୁ ୪୮ ବର୍ଷ ବୟସରେ ମଧ୍ୟ ସେ ଫିଟ୍ ଅଛନ୍ତି ବୋଲି ମଲାଇକା କହିଛନ୍ତି।


# Classified Everyday

0674-2580101, 2549949



## MATRIMONIAL

### BRIDE WANTED

Handsome Brahmin Boy 1991, 5'8", BSc (Physics) serving Clerk Nationalised Bank, Settled Bhubaneswar. "SUNASANSAR". 9937512659. D-75984

### GROOM WANTED

Looking for a BBSR based Bengali Brahmin smart boy for my daughter Devgon Tularashi 30Y, H- 5'.1". She has done her MBA and currently running her own Company in BBSR. Interested person please contact- 9776466119, 9438183096. D-945

62 ବୟସ୍କା Rtd. ବିଧବା ମହିଳାଙ୍କୁ any casteର ବରପାତ୍ର ଆବଶ୍ୟକ। (Urgent need). 7077871702. D-1008



## REAL ESTATE

### SALE

Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650. D-975

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1000

**HOUSE FOR SELL- Main road side individual house near Nua Gaon Petrol Pump Bhubaneswar, corner house, BDA approved, 3 storied building, plot size 2000 sqft. CONTACT- 91780 86321.** D-1003

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75766

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

IDCO plot sale at Khurda Industrial Estate Area 239 decimal with 50ft. Black top road connected with Electric connection and shade. Interested buyer may contact- 9437107010. D-997

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-1001




**Commercial 14 rooms attached bathrooms Ground Floor, Chandrasekharpur, Bhubaneswar. 8763802787.** D-966

**2 BHK House only for Residence, Sahid Nagar. 8249873855.** D-75817




**Full body massage experience good looking therapist @ 999 (Bhubaneswar). 9078484455.** D-999

Newly open SPA positively health benefits with expert therapist. 9040286886. D-76143

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75767

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits spa by expert therapist. Contact: 6371861658. D- 76142

Newly open health benefits SPA special offer @ 799 Bapuji Nagar. 8018429809. D-76144



## BUSINESS

We require white Hospital Bedsheets and School Notebooks. Contact- 8260232337. D-987

**Ice Factory Manchineries Kiloskar Compressor Kcx4,450 Canes. 8480204021, 6371837547.** D-950

## LOST

ମୁଁ ନୀହାରିକା ନାୟକ ଜଣାଉଅଛି କି, ଗତ ୨୮।୦୨।୨୦୨୪ ତାରିଖ ସନ୍ଧ୍ୟା ସମୟରେ ଯୋରନ୍ଦା ବଜାରରେ ଜେରକ୍ସ କରିବା ସମୟରେ ମୋର B.Tech ସାର୍ଟିଫିକେଟ୍ ସହିତ B.Techର ୩, ୪, ୫, ୬, ୭, ୮ ସେମିଷ୍ଟରର ମାର୍କଶିଟ୍ ଓ ପ୍ରମାଣପତ୍ର, ଡିପ୍ଲୋମା ସାର୍ଟିଫିକେଟ ଓ ମାର୍କଶିଟ୍, ମାଧ୍ୟମିକ ସାର୍ଟିଫିକେଟ୍ ଗୁଡ଼ିକ କେଉଁଠାରେ ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ନିମ୍ନ ଠିକଣାରେ ଜଣାଇପାରିବେ। ଠିକଣା- ନୀହାରିକା ନାୟକ, ଗ୍ରାମ- କାବେରା, ପୋଷ୍ଟ- କାବେରା ମାଧପୁର, ଥାନା- ଗଁଦିଆ, ଜିଲ୍ଲା- ଢେଙ୍କାନାଳ। ଫୋନ୍ ନଂ.- 8144541019ରେ ଜଣାଇବାକୁ ଅନୁରୋଧ। ଧ-୭୫୪୪୫

## AFFIDAVIT

I, Rajkishore Nayak, S/o- Late Pabani Nayak, resident of Ward No.- 8, HIG-77, Phase-I, Lumbini Vihar, P.O.- Chandrasekharpur, Bhubaneswar, P.S.- Maitri Vihar, Dist.- Khordha, PIN- 751016, Odisha declare by this affidavit No.-80/ 09.08.2024 that now onwards I shall be known as Rajkishor Nayak for all future purposes. D-1012

By virtue of an affidavit before Notary Public, dtd. Aug. 09.2024, has been changed name/ surname from Sabita Pradhan to Sabita Sahu, At- Jharabeda, Dhenkanal, Odisha for all purposes. D-1005

By virtue of an affidavit before Notary Public, dtd. Aug. 09.2024, Daitary Sahoo has been change son name Rahul Kumar Sahoo to Rohita Kumar Sahoo, At- Shyampur, Ghatikia, Khordha, Odisha for all purposes. D-1006

By virtue of an affidavit before Notary Public, dtd. Aug. 09.2024, Prakash Chandra Parida has been changed his son name Umakant Parida to Prince Parida, At- Jatani, Khordha, Odisha for all purposes. D-1007

Affidavit No.-39, dt. 07.08.2024 before Executive Magistrate, BBSR. My name is Bijaya Kumar Barik which reflect my Aadhaar No. xxxx xxxx 8280 and my D.L. No.- OD33 20190008051, but my son's (Biswa Ranjan Barik's) D.L. bearing No.- OD3320190006884 and his Aadhaar No.- xxxx xxxx 9099 my name have been reflected as "Bijay Kumar Barik" instead of Bijaya Kumar Barik. This affidavit is required to be produced before the concerned authority for correction of my name as Bijaya Kumar Barik in the son's D.L. & Aadhaar Card and necessary action. D-1002

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ



**୰ଛାୟାମଣୀ ମହାନ୍ତି**
ଉରାଡ୍, ତିର୍ତ୍ତୋଲ, ଜଗତସିଂହପୁର
ଆବିର୍ଭାବ : ୦୫.୦୬.୧୯୩୪
ତିରୋଧାନ : ୨୩.୦୮.୨୦୨୩
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶ୍ରଦ୍ଧାଞ୍ଜଳି ସହ :-
ପୁତ୍ର, ପୁତ୍ରବଧୂ ଓ ବନ୍ଧୁ ପରିବାରବର୍ଗ
ଧ-୭୫୫୫୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


# ୫ କେ.ଜି. ଆଳୁ ଲାଞ୍ଚ ମାଗି ପୋଲିସ ନିଲମ୍ବିତ



**କନୌଜ, ୧୦।୮**

ଉତ୍ତରପ୍ରଦେଶ କନୌଜ ଜିଲାରୁ ପୋଲିସ ସହ ଜଡ଼ିତ ଏକ ଅଭିନବ ଭ୍ରଷ୍ଟାଚାର ମାମଲା ସାମ୍ନାକୁ ଆସିଛି। ସ୍ଥାନୀୟ ସୌରିଖ ଥାନା ଅନ୍ତର୍ଗତ ଭବାଲପୁର ଚପୁନା ଫାଣ୍ଡିର ସବ୍ ଇନ୍ସପେକ୍ଟର ରାମକୃପାଳ ସିଂ ଏକ ନିର୍ଦ୍ଦିଷ୍ଟ ମାମଲାକୁ ରଫାଦଫା କରିବା ପାଇଁ ଜଣେ ଚାଷୀଙ୍କୁ ଲାଞ୍ଚରେ ୫ କେ.ଜି. ଆଳୁ ମାଗି ନିଲମ୍ବିତ

## ଆଳୁ କୋଡ୍ ୱାର୍ଡ ଥିଲା: କନୌଜ ଏଏସ୍‌ପି

ହୋଇଛନ୍ତି। ଏହାର ଏକ ଅଡିଓ ଭାଇରାଲ ହୋଇଛି, ଯେଉଁଥିରେ ରାମକୃପାଳ ଜଣେ କୃଷକଙ୍କୁ ଲାଞ୍ଚ ସ୍ୱରୂପ ୫ କେ.ଜି. ଆଳୁ ମାଗିଛନ୍ତି। ତେବେ କୃଷକ ଜଣକ ଏଥିରେ ନିଜର ଅସମର୍ଥତା ଦେଖାଇଛନ୍ତି। ଶେଷରେ ୩ କେ.ଜି ଆଳୁ ଲାଞ୍ଚରେ ଦେବା ପାଇଁ ଡିଲ୍ ଫାଇନାଲ ହୋଇଥିବା ଅଡିଓରୁ ଜଣାପଡୁଛି। ଭାଇରାଲ ଅଡିଓକୁ ଭିତ୍ତି କରି କନୌଜ ପୋଲିସ ଅଧୀକ୍ଷକ(ଏସ୍‌ପି) ଅମିତ୍ କୁମାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଡିଓର ପ୍ରାଥମିକ ତଦନ୍ତରୁ ରାମକୃପାଳ ଦୋଷୀ ଥିବା ଜଣାପଡ଼ିବା ପରେ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ଶନିବାର କନୌଜ ପୋଲିସ ପକ୍ଷରୁ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ସୂଚନା ଦିଆଯାଇଛି। ରାମକୃପାଳଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆରମ୍ଭ କରାଯାଇଥିବା ନେଇ କନୌଜ ପୋଲିସ ପକ୍ଷରୁ ବିବୃତି ଜାରି ହୋଇଛି। ତେବେ ଲାଞ୍ଚ ନେବା ପାଇଁ ଆଳୁକୁ ଏକ କୋଡ୍ ୱାର୍ଡ ଭାବେ ବ୍ୟବହାର କରାଯାଇଛି। ଅଡିଓରେ ଥିବା ଚାଷୀଙ୍କ ନାଁରେ ରହିଥିବା କୌଣସି ମାମଲାକୁ ରଫାଦଫା କରିବା ପାଇଁ ରାମକୃପାଳ ୫ ଲକ୍ଷ ଟଙ୍କା ବଦଳରେ କୋଡ୍ ୱାର୍ଡ ସ୍ୱରୂପ ୫ କେ.ଜି ଆଳୁ ମାଗିଥିଲେ ବୋଲି କନୌଜ ଏଏସ୍‌ପି କହିଛନ୍ତି। ତେବେ ଉକ୍ତ ଚାଷୀଙ୍କ ବିରୋଧରେ କେଉଁ ମାମଲା ରହିଛି, ତାହା ବର୍ତ୍ତମାନ ସୁଧା ସ୍ପଷ୍ଟ ହୋଇନାହିଁ। ଖୁବ୍‌ଶୀଘ୍ର ତଦନ୍ତରୁ ଏନେଇ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ପୁରୀରେ ଜମି କିଣିଛନ୍ତି ସତ୍ୟଜିତ

ଭୁବନେଶ୍ୱର,୧୦।୮
(ସୂର୍ଯ୍ୟକାନ୍ତ ବେହେରା)

## ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ବେଳେ ମିଳିଲା ନୂଆ ତଥ୍ୟ

- ଜମି ଅଚଳ ପାଇଁ ତହସିଲଦାରଙ୍କୁ ଚିଠି ଲେଖିଲା କମିଶନରେଟ ପୋଲିସ
- ଭୁବନେଶ୍ୱର, କଟକ, ଯାଜପୁରରେ ବି ଜମି ଥିବା ନେଇ ତନାଘନା

ମିଥ୍ୟା ପରିଚୟ ଦେଇ ବହୁ ମହିଳାଙ୍କୁ ବିବାହ ବାହାନାରେ ଲକ୍ଷ ଲକ୍ଷ ଟଙ୍କା, ଗାଡ଼ି ଆଦି ଠକିଥିବା ସତ୍ୟଜିତ ସାମଲଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡରେ ଆଣିଛି କମିଶନରେଟ ପୋଲିସ। ଶନିବାର ସକାଳେ ତାଙ୍କୁ ଝାରପଡ଼ା ଜେଲରୁ ଆଣିବା ପରେ ମାରାଥନ ଜେରା ଚାଲିଛି। ତେବେ ଜେରା ବେଳେ ପୋଲିସ ଏହି ରସିକିଆ ଠକଙ୍କ ସାମ୍ରାଜ୍ୟର ଆଉ ଏକ ନୂଆ ତଥ୍ୟ ପାଇଛି। ଅଭିଯୁକ୍ତ ସତ୍ୟଜିତ ପୁରୀ ମାଳତିପାଟପୁରରେ ଏକ ଜମି କିଣିଥିବା ତଦନ୍ତ ବେଳେ ଜଣାପଡିଛି। ତେଣୁ ଏହି ଜମିର ସବିଶେଷ ତଥ୍ୟ ଦେବା ସହ ତାହାକୁ ଫ୍ରିଜ୍ କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଚିଠି ଲେଖାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସେହିପରି କଟକ, ଭୁବନେଶ୍ୱର ଓ ଯାଜପୁରରେ ସତ୍ୟଜିତ ଜମି କିଣିଥିବା ସନ୍ଦେହ କରାଯାଉଥିବାରୁ ପୋଲିସ ଅଧିକ ଖୋଳତାଡ ଜାରି ରଖିଛି। ସେହିପରି ସତ୍ୟଜିତଙ୍କଠାରୁ ଜବତ ପାସ୍‌ପୋର୍ଟକୁ ନେଇ ମଧ୍ୟ ତଦନ୍ତ ଚାଲିଛି। ସତ୍ୟଜିତ ଗତ ୩ ବର୍ଷ ଭିତରେ କେଉଁ ଦେଶକୁ ଯାଇଛନ୍ତି, ଏବାବଦକୁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, ସେସବୁ ଟଙ୍କା ଆଉ କାହାଠାରୁ ଆଣିଛନ୍ତି, ତାହାର ତଥ୍ୟ ଜାଣିବା ପାଇଁ ଉଦ୍ୟମ ଚାଲିଛି। ଅନ୍ୟପକ୍ଷରେ ଜବତ ହୋଇଥିବା ନଗଦ ଟଙ୍କା ସହ ସତ୍ୟଜିତଙ୍କ ମୋଟ ୩୮ ଲକ୍ଷ ଟଙ୍କାର ସମ୍ପତ୍ତି ଫ୍ରିଜ୍ ହୋଇସାରିଛି। ଏବେ ଜମି ମିଳିଥିବାରୁ ଆଗକୁ ଆହୁରି ଅଧିକ ସମ୍ପତ୍ତି ଫ୍ରିଜ୍ ପାଇଁ ପଦକ୍ଷେପ ନିଆଯିବ। ଏଯାବତ୍ ସତ୍ୟଜିତଙ୍କ ବିରୋଧରେ ଠକେଇର ଶିକାର ହୋଇଥିବା ୩ଜଣ ମହିଳା କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ସମ୍ମାନ ହାନି ଆଶଙ୍କାରେ ଅନ୍ୟ ମହିଳାମାନେ ଆଗକୁ ଆସିବାକୁ ଚାହୁଁ ନ ଥିବାରୁ ସେମାନଙ୍କ ସହ ସ୍ୱତନ୍ତ୍ର ପୋଲିସ ଟିମ୍ ଯୋଗଯୋଗରେ ଥିବା ସୂଚନା ଦିଆଯାଇଛି।

ଘଟଣାରୁ ପ୍ରକାଶ ଯେ, ସତ୍ୟଜିତ ନିଜକୁ ପୋଲିସ, ସିବିଆଇ ଅଫିସର ଭଳି ଭିନ୍ନ ଭିନ୍ନ ପରିଚୟ ଦେଇ ମାଟ୍ରିମୋନିଆଲ ସାଇଟରେ ୪୯ରୁ ଅଧିକ ମହିଳାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ବହୁ ମହିଳାଙ୍କ ସହ ବିବାହ ଏଗ୍ରିମେଣ୍ଟ କରି ଶାରୀରିକ ସମ୍ପର୍କ ରଖିବା ସହ ଠକେଇ କରିଥିଲେ। ତେବେ କ୍ୟାପିଟାଲ ଥାନାରେ ଏତଲା ଦେଇଥିବା ୩ଜଣ ମହିଳାଙ୍କ ମଧ୍ୟରୁ ସତ୍ୟଜିତ୍ ଜଣଙ୍କଠାରୁ ୩୬ଲକ୍ଷ ଟଙ୍କା ଓ କାର୍ ନେଇଥିବାବେଳେ ଅନ୍ୟଜଣଙ୍କଠାରୁ ୮ଲକ୍ଷ ଟଙ୍କା ଓ ଏକ ବୁଲେଟ ଠକି ନେଇଛନ୍ତି। ସେହିଭଳି ବ୍ରହ୍ମପୁରର ଜଣେ ମହିଳାଙ୍କଠାରୁ ୧.୬୦ ଲକ୍ଷ ଟଙ୍କା ନଗଦ ଆକାରରେ ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ତେବେ ପ୍ରଥମ ଦୁଇ ମହିଳାଙ୍କ ଅଭିଯୋଗ ପରେ ସତ୍ୟଜିତ୍‌ଙ୍କୁ ଗିରଫ କରିଥିଲା କ୍ୟାପିଟାଲ ଥାନା ପୋଲିସ।

# କଲେଜ ନିକଟରେ ବ୍ରାଉନସୁଗାର ବେପାର, ୨ ଗିରଫ

ଭୁବନେଶ୍ୱର,୧୦।୮
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ କଲେଜ ନିକଟରେ ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବା ବେଳେ ଖଣ୍ଡଗିରି ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ଧର୍ମବିହାରର ପବିତ୍ର ପୃଷ୍ଟି ଓ ନୟାପଲ୍ଲୀ ଡେଲ୍‌ଟା ଅଞ୍ଚଳର ସୁଶାନ୍ତ କୁମାର ସାହୁ। ଉଭୟଙ୍କଠାରୁ ୧୨.୧୩ ଗ୍ରାମ୍ ବ୍ରାଉନସୁଗାର ଓ ଅପରାଧରେ ବ୍ୟବହୃତ ଗୋଟିଏ ମୋଟରସାଇକେଲ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନସୁଗାରକୁ ଅଭିଯୁକ୍ତଦ୍ୱୟ ଛାତ୍ରମାନଙ୍କୁ ଦେବାକୁ ଆଣିଥିଲେ ନା ଆଉ କାହାକୁ ତାହାର ଅଧିକ ତଦନ୍ତ ଚଳାଇଛି ପୋଲିସ।

# ପ୍ରେମିକଙ୍କ ଘରେ ନିଆଁ ଲଗାଇଦେଲେ

ବାସୁଦେବପୁର,୧୦।୮
(ନାରାୟଣ ପ୍ରସାଦ ବାରିକ୍)

## ପ୍ରତାରଣାର ପ୍ରତିଶୋଧ



୪ ବର୍ଷର ପ୍ରେମ ସମ୍ପର୍କ ପରେ ଏବେ ପ୍ରେମିକ ତାଙ୍କ ସହ କଥା ହେଉନାହାନ୍ତି। ତାଙ୍କଠାରୁ ଦୂରେଇ ରହୁଥିବା ଅନୁଭବ କରି ରାଗିଯାଇଥିଲେ ପ୍ରେମିକା। ପ୍ରତାରଣା ସହି ନ ପାରି ପ୍ରତିଶୋଧପରାୟଣ ହୋଇ ସେ ସାଙ୍ଗ ସହ ମିଶି ପ୍ରେମିକଙ୍କ ଘରେ ନିଆଁ ଲଗାଇ ଦେଇଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ରୁକୁଣାଦେଇ ଗ୍ରାମରେ ଏଭଳି ଘଟଣା ଘଟିଯାଇଛି। ଗିରଫ ଯୁବତୀ ହେଉଛନ୍ତି ଭଦ୍ରକ କଚେରି ବଜାର ଅଞ୍ଚଳର ଅନ୍ନପୂର୍ଣ୍ଣା ସାହା।

ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ରୁକୁଣାଦେଇ ଗ୍ରାମର ପ୍ରଭାତ ମହାପାତ୍ର ନାମକ ଯୁବକ ଅନ୍ନପୂର୍ଣ୍ଣାଙ୍କୁ ୪ବର୍ଷ ଧରି ପ୍ରେମ କରି ଆସୁଥିଲେ। ଗତ କିଛିଦିନ ହେଲା ପ୍ରଭାତ ଅନ୍ନପୂର୍ଣ୍ଣାଙ୍କ ସହ ଫୋନ୍‌ରେ କଥା ହେଉ ନ ଥିବାବେଳେ ଦୂରେଇ ଦୂରେଇ ରହୁଥିଲେ। ଏହାକୁ ନେଇ ଅନ୍ନପୂର୍ଣ୍ଣା ଉତ୍କ୍ଷିପ୍ତ ହୋଇ ଶୁକ୍ରବାର ଅପରାହ୍ନରେ ତାଙ୍କର ଜଣେ ସାଙ୍ଗକୁ ଧରି ପ୍ରେମିକଙ୍କ ଘର ରୁକୁଣାଦେଇ ଗ୍ରାମରେ ପହଞ୍ଚିଥିଲେ। କେହି କିଛି ଜାଣିବା ପୂର୍ବରୁ ପେଟ୍ରୋଲକୁ ପ୍ରଭାତଙ୍କ ଘର ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକେ ଓ ପ୍ରଭାତଙ୍କ ପରିବାର ଲୋକ ସେମାନଙ୍କୁ କାବୁ କରି ରଖି ପୋଲିସ ଜିମା ଦେଇଥିଲେ। ଏନେଇ ପ୍ରଭାତଙ୍କ ମା' ଜ୍ୟୋତ୍ସ୍ନାରାଣୀ ମହାପାତ୍ରଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୫୮୮/୨୪) ରୁଜୁ କରାଯାଇ ଶନିବାର ଅନ୍ନପୂର୍ଣ୍ଣାଙ୍କୁ ଗିରଫ କରାଯାଇଛି ଏବଂ ଅଧିକ ତଦନ୍ତ ଜାରି ରହିଥିବା ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି। ପ୍ରକାଶଥାଉ କି, ପ୍ରଭାତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବା ଜଣାପଡ଼ିଛି।

# ଟ୍ରାଫିକ ଇନ୍ସପେକ୍ଟର ଧରିଥିବା ଗାଡ଼ି ଛଡ଼ାଇନେଲେ ଦୁର୍ବୃତ୍ତ

ଟିଗିରିଆ, ୧୦।୮(ଜାଫର ଖାଁ)

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ଗୋପୀନାଥପୁର ଶାସନ ଛକ ନିକଟରେ ଟ୍ରାଫିକ୍ ଇନ୍ସପେକ୍ଟର ଧରିଥିବା ଟ୍ରାକ୍ଟରକୁ ଦୁର୍ବୃତ୍ତମାନେ ଛଡ଼ାଇ ନେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଥାନା ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ଗୋପୀନାଥପୁର ଶାସନ ଛକ ନିକଟ କଟକ ନରସିଂହପୁର ରାଜ୍ୟ ରାଜପଥରେ ଟ୍ରାଫିକ୍ ଇନ୍ସପେକ୍ଟର ରଞ୍ଜନ କୁମାର ଦୋରା ନିଜର ସହଯୋଗୀଙ୍କ ସହ ଗାଡ଼ି ଚେକିଂ କରୁଥିଲେ। ଏକ ନମ୍ବର ବିହୀନ ଟ୍ରାକ୍ଟର ଉକ୍ତ ରାସ୍ତା ଦେଇ ଯାଉଥିବା ଦେଖି ଟ୍ରାଫିକ୍ ଇନ୍ସପେକ୍ଟର ଦୋରା ଉକ୍ତ ଗାଡିକୁ ଅଟକାଇ ତାର କାଗଜପତ୍ର ଯାଞ୍ଚ ପାଇଁ ମାଗିଥିଲେ। ଉକ୍ତ ଗାଡିର ନମ୍ବର ନ ଥିବାରୁ ଚୋରା ବୋଲି ସନ୍ଦେହ କରି ପଚରାଉଚରା କରୁଥିବାବେଳେ କେତେଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ଦୋରାଙ୍କ ହାତରୁ ଟ୍ରାକ୍ଟର ଚାବି ଛଡ଼ାଇ ନେଇ ଗାଡ଼ି ଧରି ଫେରାର ହୋଇଯାଇଥିଲେ। ପରେ ଟ୍ରାକ୍ଟର ଡ୍ରାଇଭରଙ୍କ ମୋବାଇଲ ଫୋନ ସହ ଘଟଣାସ୍ଥଳରୁ ଦୁର୍ବୃତ୍ତଙ୍କ ଗୋଟିଏ ସ୍କୁଟି ଗାଡ଼ି ଦୋରା ଜବତ କରି ଟିଗିରିଆ ଥାନାରେ ଜମା ଦେଇଛନ୍ତି। ଏ ନେଇ ଟ୍ରାଫିକ ଇନ୍ସପେକ୍ଟର ଦୋରା ଟିଗିରିଆ ଥାନାରେ ଲିଖିତ ଅଭିଯୋଗ କରିବାରେ ମାମଲା (ନଂ. ୧୯୧/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ପୁରୀ, ଭୁବନେଶ୍ୱରରୁ ଧରାପଡ଼ିଲେ ଦୁଇ ଅଭିଯୁକ୍ତ

ଭୁବନେଶ୍ୱର,୧୦।୮
(ସୂର୍ଯ୍ୟକାନ୍ତ ବେହେରା)

## ରାଜଧାନୀରେ ଦୁଇ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା ଘଟଣା



ଅଭିଯୁକ୍ତ ଗଣେଶ ଓ ପ୍ରଦୀପ

ଗାଡି ପାର୍କିଂକୁ ନେଇ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କୁହାସ୍ଥିତ କଲ୍ୟାଣ ପ୍ଲାଜା ଆନେକ୍ସ ଆପାର୍ଟମେଣ୍ଟ ନିକଟରେ ଦୁଇ ସାଙ୍ଗ କୁହା ଗ୍ରାମର ରଶ୍ମିରଞ୍ଜନ ସେଠୀ ଓରଫ ଜିତୁଆ ଓ କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ସାଙ୍ଗ ସମ୍ବିତ ରାଉତ ଓରଫ ଜୁଲୁଙ୍କୁ ଛୁରିଭୁସି ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତ କୁହା ଗାଁର ଗଣେଶ ମଲ୍ଲିକ ଓ ତାଙ୍କ ଭାଇ ପ୍ରଦୀପ ଧରାପଡିଛନ୍ତି। ଜଣଙ୍କୁ ପୁରୀ ଓ ଅନ୍ୟଜଣଙ୍କୁ ଭୁବନେଶ୍ୱର ହଂସପାଳରୁ ପୋଲିସ ଟିମ୍ ଗିରଫ କରିଥିବାବେଳେ ସମ୍ପୃକ୍ତ ଅନ୍ୟ ଜଣଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଏଥିସହ ଯେଉଁ ବାଇକ୍‌ରେ ସେମାନେ ଫେରାର ହୋଇଥିଲେ ତାହାକୁ ପୁରୀ ବସ୍‌ଷ୍ଟାଣ୍ଡ ପାଖରୁ ଜବତ କରାଯାଇଛି। ଘଟଣା ପରେ ଅଭିଯୁକ୍ତମାନେ ଉକ୍ତ ବାଇକରେ ଫେରାର ହୋଇଥିବା ସିସିଟିଭି ଫୁଟେଜରୁ ପୋଲିସ ଜାଣିବା ପରେ ଗାଡ଼ିର ନମ୍ବର ଅନୁସାରେ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିଲା। ତେବେ ଧରାପଡିଥିବା ଦୁଇ ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା କରି ଘଟଣା ଓ ସେମାନଙ୍କ ଆପରାଧିକ କାର୍ଯ୍ୟକଳାପ ସଂକ୍ରାନ୍ତରେ ଅଧିକ ତଥ୍ୟ ହାସଲ କରିବ ବୋଲି ଆଶା ରଖିଛି।

ସୂଚନାନୁସାରେ, ଆପାର୍ଟମେଣ୍ଟରେ ରଶ୍ମିରଞ୍ଜନ କାର୍ ପାର୍କିଂ କରିବାକୁ ନେଇ ବିବାଦ ଉପୁଜିଥିଲା। ହତ୍ୟାକାଣ୍ଡର ୩ଦିନ ପୂର୍ବରୁ ଉକ୍ତ ଆପାର୍ଟମେଣ୍ଟରେ ସୁପରଭାଇଜର ହୋଇଥିବା ଅନ୍ୟତମ ଅଭିଯୁକ୍ତ ଗଣେଶ ମଲ୍ଲିକ ଏହାକୁ ବିରୋଧ କରିଥିଲେ। ବୁଧବାର ରାତି ପ୍ରାୟ ୯ଟାବେଳେ ଏହି ଝଗଡ଼ା ଉଗ୍ରରୂପ ନେଇଥିଲା। ଯୁକ୍ତିତର୍କ ବେଳେ ଉଭୟ ହାତାହାତି ହୋଇଥିଲେ। ଉଭୟଙ୍କ ମଧ୍ୟରେ ଝଗଡା ବେଳେ ଜୁଲୁ ଏହାକୁ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଗଣେଶ ତାଙ୍କ ଭାଇ ପ୍ରଦୀପ ଓ ଅନ୍ୟମାନଙ୍କୁ ଘଟଣାସ୍ଥଳକୁ ଡାକି ଦେଇଥିଲେ। ପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଜୁଲୁ ଓ ରଶ୍ମିରଞ୍ଜନଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରି ଭୁସି ହତ୍ୟା କରିଥିଲେ।

# ୧୯,୮୩, ୬୦୦ ସରକାରୀ ଅର୍ଥ ତୋସରପାତ

ସୁନ୍ଦରଗଡ଼,୧୦।୮
(ଜୟ ନାରାୟଣ ମେଣ୍ଟୁଲି)

## ୨ ପୋଲିସ କର୍ମଚାରୀଙ୍କ ନାଁରେ ମାମଲା

ସୁନ୍ଦରଗଡ଼ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ୨ ପୋଲିସ କର୍ମଚାରୀଙ୍କ ବିରୋଧରେ ସରକାରୀ ଅର୍ଥ ତୋସରପାତ ଅଭିଯୋଗ ହୋଇଛି। ଚୁକ୍ତିଭିତ୍ତିକ ମହିଳା କିରାଣୀ ସନ୍ଧ୍ୟାରାଣୀ ମଲ୍ଲିକ ଓ କନଷ୍ଟେବଲ ସଞ୍ଜୟ ନାଏକ ଜିଲାର କାର୍ଯ୍ୟରତ ଗ୍ରାମରକ୍ଷୀଙ୍କ ୧୯ ଲକ୍ଷ ୮୩ହଜାର୬୦୦ଟଙ୍କା ଭତ୍ତାକୁ ଚଞ୍ଚକତା କରି ଆତ୍ମସାତ କରିଥିବା ନେଇ ସେମାନଙ୍କ ବିରୋଧରେ ସୁନ୍ଦରଗଡ଼ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପୋଲିସ ମୁଖ୍ୟାଳୟର ଡିଏସ୍‌ପି ସୋମନାଥ ଜେନା ଏ ସମ୍ପର୍କରେ ଟାଉନ ଥାନାରେ ରିପୋର୍ଟ କରିବା ପରେ ପୋଲିସ ୨ କର୍ମଚାରୀଙ୍କ ବିରୋଧରେ କେସ ନଂ. ୨୨୧/୨୪ ରେ ଏକ ମାମଲା ରୁଜୁ କରିଛି। ଡିଏସ୍‌ପି ଜେନା ଏତଲାରେ ଦର୍ଶାଇଛନ୍ତି, ସନ୍ଧ୍ୟାରାଣୀ ୨୦୧୫ ଅକ୍ଟୋବର ୨୮ରେ ଚୁକ୍ତିଭିତ୍ତିକ କନିଷ୍ଠ କିରାଣି ଭବେ ନିଯୁକ୍ତି ପାଇଥିଲେ। ସେ ଜିଲା ପୋଲିସ ମୁଖ୍ୟାଳୟର ଆକାଉଣ୍ଟସ ବିଭାଗରେ ବିଭିନ୍ନ କାର୍ଯ୍ୟ କରିଆସୁଛନ୍ତି। ସେହିପରି କନେଷ୍ଟବଲ ସଞ୍ଜୟ କୁମାରଙ୍କୁ ୨୦୧୪ ମେ ୨୫ରେ ଆକାଉଣ୍ଟସ ବିଭାଗରେ ନିଯୁକ୍ତି ଦିଆଯାଇଥିଲା। ହେଲେ ଏହି ବିଭାଗରେ ଗ୍ରାମରକ୍ଷୀଙ୍କ ଅନୁଦାନ ରାଶି ହେରଫେର ହୋଇଥିବା ଆଶଙ୍କା କରି ଡିଏସପି ମାଣ୍ଡା ହାଁସଦା ପ୍ରଥମେ ଏହାର ତଦନ୍ତ କରାଇବାକୁ ଏସ୍‌ପିଙ୍କ ଅନୁରୋଧ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଡିଏସ୍‌ପି(କ୍ରାଇମ) ଦ୍ରୌପଦୀ ଦାସଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା। ତଦନ୍ତ ପରେ ଅର୍ଥ ତୋସରପାତ ହୋଇଥିବା ଜଣାପଡିଥିଲା। ଏନେଇ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ଜଣାଇବାପରେ ସେଠାରୁ ସ୍ୱତନ୍ତ୍ର ଅଡିଟ ଟିମ୍ ଏଠାକୁ ଆସି ଅଡିଟ କରିବା ପରେ ଏହି ଅର୍ଥ ଆତ୍ମସାତ ହୋଇଥିବା ଜଣାପଡିଥିଲା। ଅଡିଟ ରିପୋର୍ଟ ଅନୁଯାୟୀ, ଗ୍ରାମରକ୍ଷୀଙ୍କ ପାଇଁ ଆସିଥିବା ଭତ୍ତାରୁ ୧୯ ଲକ୍ଷ ୮୩ହଜାର ୬୦୦ଟଙ୍କା ୨ କର୍ମଚାରୀ ଚଲୁ କରିଛନ୍ତି। ୨୦୧୭ ଜାନୁଆରୀ ୧ରୁ ୨୦୨୩ ମାର୍ଚ୍ଚ ୩୧ ମଧ୍ୟରେ ଏହି ଅର୍ଥ ତୋସରପାତ ହୋଇଥିବା ଜଣାପଡିଛି। ସନ୍ଧ୍ୟାରାଣୀ ୧୪ଲକ୍ଷ ୪୩ହଜାର୭୦୧ଟଙ୍କା ଓ ସଞ୍ଜୟକୁମାର ୪ ଲକ୍ଷ ୬ହଜାର ୯୯୦ ଟଙ୍କା ତୋସରପାତ କରିଥିବା ଜଣାପଡିଥିଲା।

# ଠକେଇ ଅଭିଯୋଗରେ ଶିକ୍ଷୟିତ୍ରୀ ଗିରଫ

ଘସିପୁରା(ନିରଞ୍ଜନ ସାହୁ)/
ଆନନ୍ଦପୁର(ଉମେଶ ଚନ୍ଦ୍ର ପାଢ଼ୀ)/
ରାମଚନ୍ଦ୍ରପୁର,(ଗଣେଶ୍ୱର ସା),୧୦।୮

## ଚାକିରି କରାଇଦେବାକୁ କହି ୫ ଲକ୍ଷ ନେଇଥିଲେ



ଅଭିଯୁକ୍ତ ଅନସୂୟା ବାରିକ।

ଚାକିରି କରାଇଦେବା ନାଁରେ ଅର୍ଥ ତୋସାରପାତ ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀଙ୍କୁ ଘସିପୁରା ପୋଲିସ ଗିରଫ କରିଛି। ଗିରଫ ଶିକ୍ଷୟିତ୍ରୀ ହେଲେ ଆନନ୍ଦପୁର ପୌରାଞ୍ଚଳ ଜଅଁରାର ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର କୁମାର ବେହେରାଙ୍କ ସ୍ତ୍ରୀ ଅନୁସୂୟା ବାରିକ। ସେ ଯାଜପୁର ଜିଲା ରଗଡ଼ି ତାଳପଦା ସେବାଶ୍ରମରେ ଶିକ୍ଷକତା କରୁଛନ୍ତି।

ସୂଚନା ଅନୁଯାୟୀ, ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ଆନନ୍ଦପୁର ଥାନା ଅଧୀନ ଯେରଗଡ଼ିଆ ଗୋପାଳପୁରର ମଧୁସ୍ମିତା ଜେନାଙ୍କୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇଥିଲେ। ଏ ବାବଦରେ ତାଙ୍କଠାରୁ ବିଭିନ୍ନ ସମୟରେ ୫ ଲକ୍ଷ ୬୫ ହଜାର ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଚାକିରି ଦେଇ ନ ଥିବା ବେଳେ ଅର୍ଥ ଫେରସ୍ତ ମାଗିବାରୁ ଧରା ଦେଇ ନ ଥିଲେ। ବାଧ୍ୟହୋଇ ମଧୁସ୍ମିତା ଶୁକ୍ରବାର ଘସିପୁରା ଥାନାରେ ଦମ୍ପତିଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୩୧୪/୨୪) ରୁଜୁ କରି ଶନିବାର ଶିକ୍ଷୟିତ୍ରୀଙ୍କୁ ଆନନ୍ଦପୁର ପୌରାଞ୍ଚଳସ୍ଥିତ ବାସଭବନରୁ ଗିରଫ କରିଥିଲା। ତାଙ୍କ ସ୍ୱାମୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପୋଲିସ ଶନିବାର ଶିକ୍ଷୟିତ୍ରୀଙ୍କୁ ଅଦାଲତରେ ହାଜର କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇଦେଇଛି।

# ଦୋକାନରେ ପଶି ବ୍ୟବସାୟୀଙ୍କୁ ବାଂଲାଦେଶୀ କହି ଆକ୍ରମଣ

ରାଜନଗର,୧୦।୮(ଭାସ୍କର ରାଉତରାୟ)

ଶୁକ୍ରବାର କେନ୍ଦ୍ରାପଡ଼ା ଜିଲା ରାଜନଗର ବାସିନ୍ଦା ବଙ୍ଗଭାଷୀ ଜଣେ ବ୍ୟବସାୟୀଙ୍କୁ ଦୋକାନ ଭିତରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଓ ତାଙ୍କ ପୁଅ ଆହତ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ରାଜନଗର ଗ୍ରାମର ସଦାନନ୍ଦ ମଣ୍ଡଳ ତାଙ୍କ ପରିବାର ସହ ବହୁ ବର୍ଷରୁ ରହି ଏଠାରେ ଆସୁଛନ୍ତି। ସେ ଲକ୍ଷ୍ମୀନାରାୟଣ ବଜାରରେ ଲୁହା ସାମଗ୍ରୀ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେହି ଗ୍ରାମର ଜୀବନ ସେଠୀ ତାଙ୍କ ସାଙ୍ଗ ତଥା ରାଜନଗର ଥାନା କୋଇଲିପୁର ପଞ୍ଚାୟତ ତେତେଲଙ୍ଗା ଗ୍ରାମର ଶ୍ରୀଧର ମଲିକ ତାଙ୍କ ଦୋକାନରେ ପହଞ୍ଚି ତୁମେ ବାଂଲାଦେଶୀ, ଆଧାର କାର୍ଡ ଦେଖାଅ, ନଚେତ୍ ଏଠୁ ଛାଡି ପଳାଅ ବୋଲି କହିଥିଲେ। ଏହାପରେ ତୁମେ ଚାନ୍ଦା ଦିଅ କହି ଗାଳିଗୁଲଜ କରିଥିଲେ। ଏହାକୁ ସଦାନନ୍ଦ ଓ ତାଙ୍କ ପୁଅ ବିରୋଧ କରିଥିଲେ। ହେଲେ ଜୀବନ ଓ ଶ୍ରୀଧର ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ସଦାନନ୍ଦଙ୍କ ସ୍ତ୍ରୀ କବିତା ମଣ୍ଡଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩୦୪/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ସୀତା ସେଠୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଅନ୍ୟ ଏକ ମାମଲା(ନଂ.୩୦୩/୨୪) ରୁଜୁ କରିଛି ବୋଲି ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

ଜୟପୁର, ୧୦।୮(ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ଅପହରଣ କରିବା ନେଇ ରୁଜୁ ମାମଲାରେ ଜୟପୁର ମହିଳା ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସଲପା ଗ୍ରାମର ବାବୁଲି ନାୟକ (୨୦)। ବାବୁଲି ଜଣେ ନାବାଳିକା(୧୭)ଙ୍କୁ ୨ମାସ ତଳେ ଅପହରଣ କରି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ସୂଚନା ପାଇ ବାବୁଲି ନାବାଳିକାଙ୍କ ସହ ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣାର ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

# ଚୋରି, ହଜିଥିବା ଜିନିଷ ଫେରିପାଇଲେ ମାଲିକ

ଭୁବନେଶ୍ୱର,୧୦।୮(ସୂର୍ଯ୍ୟକାନ୍ତ ବେହେରା)

## ପୋଲିସ ସେବା ଭବନରେ ସମ୍ପତ୍ତି ହସ୍ତାନ୍ତର ମେଳା

ଭୁବନେଶ୍ୱରସ୍ଥିତ ପୋଲିସ ସେବା ଭବନରେ ସମ୍ପତ୍ତି ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଚୋରି ହୋଇଥିବା ମୋବାଇଲ, ଗାଡି, ସୁନା ଓ ହଜିଯାଇଥିବା ମୋବାଇଲ ପ୍ରକୃତ ମାଲିକଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୩ଟି ମୋବାଇଲ, ୧୧ଟି ଯାନବାହନ ଓ ୨୬ଟି ସୁନା ଓ ରୁପା ସାମଗ୍ରୀ ଫେରସ୍ତ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଥାନା, ପିଓପିଡି, ଟିମ୍-୬୦ ଏବଂ ଓସିପିଓ ସେଲ୍ ଅଧିକାରୀ, କର୍ମଚାରୀମାନେ ଚୋରି ସାମଗ୍ରୀ ଫେରସ୍ତ କରିଥିଲେ। ବହୁ ଦିନ ଅପେକ୍ଷା କରିବା ଓ ଆଶା ଛଡାଇଦେଇଥିବା ଜିନିଷ ଫେରି ପାଇଥିବାରୁ ଲୋକେ ଖୁସି ହେବା ସହ କମିଶନରେଟ ପୋଲିସକୁ ଧନ୍ୟବାଦ ଜଣାଇଥିଲେ।



ପୋଲିସ କମିଶନର ସଞ୍ଜୀବ ପଣ୍ଡା ଏବଂ ଡିସିପି ପ୍ରତୀକ ସିଂଙ୍କ ସହ ଚୋରି ସାମଗ୍ରୀ ଫେରିପାଇଥିବା ଲୋକେ।

# ରାତି ତମାମ ପାଣିରେ ଭାସୁଥିଲେ ବୋଲି କହିଲେ

କଟକ,୧୦।୮(ଶିଳ୍ପା ପ୍ରିୟଦର୍ଶିନୀ)

## ରୋଚକ ମୋଡ଼ ନେଲା ଶଳାଭାଉଜ ଓ ନଣନ୍ଦେଇ ନଦୀକୁ ଡେଇଁବା ଘଟଣା

କାଠଯୋଡ଼ି ନଦୀକୁ ଶଳାଭାଉଜ ସହ ନଣନ୍ଦେଇ ଡେଇଁବା ଘଟଣା ନେଇଛି ନାଟକୀୟ ମୋଡ଼। ଶୁକ୍ରବାର ରାତିରେ ଉଭୟ ଏକାଠି ନଦୀକୁ ଡେଇଁଥିବା ନେଇ ଜୋର ଚର୍ଚ୍ଚା ହୋଇଥିଲା। ଏପରିକି ଅଗ୍ନିଶମ ବିଭାଗ ପକ୍ଷରୁ କାଠଯୋଡ଼ି ନଦୀରେ ସର୍ଚ୍ଚ ଅପରେଶନ ଜାରି ରହିଥିଲା। କିନ୍ତୁ ଶନିବାର ସକାଳେ ଦୁହେଁ ପରସ୍ପରର ହାତ ଧରି ପୁରୀଘାଟ ଥାନାରେ ପହଞ୍ଚି ଆତ୍ମସମର୍ପଣ କରିବା ସହ ରାତି ତମାମ ନଦୀରେ ଭାସି ଫେରିଥିବା କାହାଣୀ ଥାନାରେ ପୋଲିସ ବାବୁଙ୍କ ନିକଟରେ ବଖାଣିଥିଲେ। ହେଲେ ଏହାକୁ ପୋଲିସ କିମ୍ବା ଅଗ୍ନିଶମ ଅଧିକାରୀ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏପରିକି ମହିଳାଙ୍କ ସ୍ୱାମୀ ମଧ୍ୟ ଏହାକୁ ସୁପରିକଳ୍ପିତ ବୋଲି କହିଛନ୍ତି। ବନ୍ୟାଜଳ ପ୍ରବାହିତ ହେଉଥିବା ନଦୀକୁ ରାତିରେ ଡେଇଁ ସକାଳେ ଜୀବିତ ଫେରି ଆସିବା ବିଷୟ ଏବେ ରହସ୍ୟମୟ ଥିବାବେଳେ ପୁରୀଘାଟ ପୋଲିସ ପକ୍ଷରୁ ବାରଙ୍ଗ ଥାନାକୁ ଅବଗତ କରାଯାଇଥିଲା। ବାରଙ୍ଗ ଥାନାର ଜଣେ କର୍ମଚାରୀ ଆସିବା ପରେ ଉଭୟଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ମେଡିକାଲ ପଠାଗଲା। ସେଠାରୁ ଫେରିବା ପରେ ପୁରୀଘାଟ ପୋଲିସ ବୟାନ ରେକର୍ଡ କରି ଉଭୟଙ୍କୁ ଛାଡ଼ି ଦେଇଥିଲା। ଉଭୟ ପ୍ରାପ୍ତ ବୟସର ହୋଇଥିବାରୁ କେହି ଅଟକ କିମ୍ବା କାହା ନାଁରେ ମାମଲା ଦାଏର ହୋଇ ନ ଥିବା ପୁରୀଘାଟ ଥାନା ପକ୍ଷରୁ କୁହାଯାଇଛି। ଉକ୍ତଘଟଣା ନେଇ ବାରଙ୍ଗ, ମହିଳା ଓ ପୁରୀଘାଟ ଥାନାରେ ତିନିଟି ଷ୍ଟେଶନ ଡାଏରୀ ହୋଇଥିବା ସୂଚନା ରହିଛି।

ସୂଚନାଯୋଗ୍ୟ, ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ବେଲ୍‌ଭ୍ୟୁ-ତ୍ରିଶୂଳିଆ ନେତାଜୀ ସେତୁ ଉପରୁ ଜଣେ ମହିଳା ଓ ଜଣେ ପୁରୁଷ ନଦୀକୁ ଡେଇଁ ପଡ଼ିଥିଲେ। ଏହା ପୂର୍ବରୁ ମହିଳା ଜଣକ ନିଜର ଆଧାରକାର୍ଡ, ମୋବାଇଲ ବ୍ରିଜ୍ ଉପରେ ରଖିଥିଲେ। ଉକ୍ତ ଆଧାରକାର୍ଡରୁ ମହିଳାଙ୍କ ପରିଚୟ ବର୍ଷା ଲେଙ୍କା ଓ ଠିକଣା ବାଙ୍କୀ ରାମଚଣ୍ଡୀ ଗ୍ରାମର ବୋଲି ଜଣାପଡ଼ିଥିଲା। ଘଟଣା ପରେ ବାରଙ୍ଗ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ହେଲେ ରାତି ୧୧ଟା ସୁଦ୍ଧା କାହାରି ପତ୍ତା ମିଳି ନ ଥିଲା। ଶନିବାର ସକାଳ ପ୍ରାୟ ସାଢ଼େ ୮ଟା ବେଳକୁ ନାଟକୀୟ ଢଙ୍ଗରେ ବର୍ଷା ଓ କୃଷ୍ଣ ମୁଦୁଲି ଚାଲି ଚାଲି ପୁରୀଘାଟ ଥାନାରେ ପହଞ୍ଚିଥିଲେ। ଥାନାରେ ବର୍ଷା ଯେଉଁ କଥା କହିଲେ ତାହା ଶୁଣି ପୋଲିସ ଚକିତ ହୋଇ ପଡ଼ିଥିଲା। ସ୍ୱାମୀ ପ୍ରଦ୍ୟୁମ୍ନ ତାଙ୍କୁ ନିର୍ଯାତନା ଦେଉଥିଲେ। ଏଥିଲାଗି ସେମାନେ(ବର୍ଷା ଓ କୃଷ୍ଣ) ରାତିରେ ନଦୀକୁ ଡେଇଁ ପଡିଥିଲେ। ନଦୀରେ ଭାସି ଯାଉଥିଲାବେଳେ ଏକ ଘାସ ବୁଦାକୁ ଜାବୁଡ଼ି ଧରି ରାତି କାଟିଥିଲେ। ଶନିବାର ସକାଳେ ପହଁରି ଦେବୀଗଡ଼ାରେ ଲାଗିବା ପରେ ଥାନାକୁ ଆସିଥିଲେ। ଭଗବାନ ଆମକୁ ରକ୍ଷା କରି ଦେଲେ ବୋଲି ବର୍ଷା ପୋଲିସ ନିକଟରେ କହିଛନ୍ତି। ଘଟଣା ସମ୍ପର୍କରେ ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ପୁରୀଘାଟ ଥାନାରେ ପହଞ୍ଚି ପଚରାଉଚରା କରିଥିଲେ। ତେବେ ବର୍ଷା ଏବଂ କୃଷ୍ଣଙ୍କ ବେଶଭୂଷା ଓ ଶାରୀରିକ ସୁସ୍ଥତା ଦେଖି ନଦୀକୁ ଡେଇଁବା କଥାକୁ ବେହେରା ସହଜରେ ଗ୍ରହଣ କରିପାରି ନାହାନ୍ତି। ଏନେଇ ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା କହିଛନ୍ତି, ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ନଦୀରେ ପ୍ରବଳ ସ୍ରୋତ ରହିଛି। ତେଣୁ ଏଥିରେ ପହଁରିବା କଷ୍ଟକର। ରାତିସାରା ନଦୀରେ ଭାସିଲା ପରେ ପିନ୍ଧା ବସ୍ତ୍ର ଶୁଖିଲା ରହିବା ଓ ବ୍ୟକ୍ତିଦ୍ୱୟ ସମ୍ପୂର୍ଣ୍ଣ ସୁସ୍ଥ ରହିବା ବିଶ୍ୱାସ ଯୋଗ୍ୟ ହେଉ ନାହିଁ। ଅଗ୍ନିଶମ ଟିମ୍ ରାତି ୧୧ଟା ପର୍ଯ୍ୟନ୍ତ ନଦୀରେ ତଲାସି କରିଥିଲା। ଯଦି ସେମାନେ ନଦୀରେ ଭାସୁଥିଲେ ତେବେ ସେହି ସମୟ ଭିତରେ ସେମାନଙ୍କୁ ଉଦ୍ଧାର କରାଯାଇ ପାରିଥାନ୍ତା। ଯଦି ପୋଲିସ ଜେରାରୁ ଉଭୟ ମିଛ କହୁଥିବା ଜଣାପଡ଼େ, ତେବେ ଅଗ୍ନିଶମ ପକ୍ଷରୁ ଏତଲା ଦିଆଯିବ। ଅନ୍ୟପଟେ ବର୍ଷାଙ୍କ ସ୍ୱାମୀ ପ୍ରଦ୍ୟୁମ୍ନ କହିଛନ୍ତି, ତାଙ୍କ ସ୍ତ୍ରୀ ସବୁ ସୀମା ଟପିଛନ୍ତି। ପୂର୍ବରୁ ସେ ୫ ଥର କୃଷ୍ଣ ସହିତ ଫେରାର ହୋଇଥିଲେ। ଶେଷଥର ଗତ ଜୁଲାଇରେ ଘରୁ ଚାଲିଯାଇ ପୁଣି ଫେରିଥିଲେ। ଶୁକ୍ରବାର କଟକ ମହିଳା ଥାନାକୁ ଯାଇ ନିରାଶରେ ଫେରିଥିଲି। ଆଜିର ଏଭଳି ଘଟଣା ପରେ ତାଙ୍କୁ ପୁନର୍ବାର ଗ୍ରହଣ କରିବା ଅସମ୍ଭବ। ନଦୀକୁ ଡେଇଁବା ଏକ ମିଛ ନାଟକ ବୋଲି ଲେଙ୍କା କହିଛନ୍ତି।

# ମୋବାଇଲ୍ ଫଟୋଗ୍ରାଫି ଓ ଇନ୍‌କମ୍




**ମୋବାଇଲ୍‌ରେ ଫଟୋଗ୍ରାଫି ନିଶା ବର୍ତ୍ତମାନ ଅନେକଙ୍କଠାରେ ଦେଖିବାକୁ ମିଳୁଛି। ହେଲେ ଏହା କେବଳ ଏକ ସଉକ ନୁହେଁ, ବରଂ କେତେକଙ୍କ ପାଇଁ ପାଲଟିଛି ରୋଜଗାରର ମାଧ୍ୟମ...**

ବର୍ତ୍ତମାନ ପିଲାଠୁ ବୃଦ୍ଧ ସଭିଙ୍କ ପାଖରେ ମୋବାଇଲ୍ ଫୋନ୍ ରହିଛି। ପାଠପଢ଼ା, ମାର୍କେଟିଂ, ବ୍ୟାଙ୍କିଙ୍ଗ୍, ଶପିଂ, ଏଣ୍ଟରଟେନ୍‌ମେଣ୍ଟଠୁ ଆରମ୍ଭ କରି ଫଟୋଗ୍ରାଫି ପାଇଁ ଏହାର ସାହାଯ୍ୟ ନେଉଛନ୍ତି। ଏଥିପାଇଁ ଅଧିକାଂଶ କମ୍ପାନି ପକ୍ଷରୁ ବିଭିନ୍ନ ଫିଚର୍ସ ସହିତ ଭଲ ଭଲ କ୍ୟାମେରା ଅପ୍ସନ ଥିବା ମୋବାଇଲ୍ ଫୋନ୍ ବି ମାର୍କେଟ୍‌କୁ ଆସୁଛି। ଆଉ ଅନେକ ଯୁବପିଢ଼ି ଏହାକୁ ବ୍ୟବହାର କରି ଫଟୋ ଓ ଭିଡିଓ ଆଦି କଣ୍ଟେଣ୍ଟ ପ୍ରସ୍ତୁତ କରି ରୋଜଗାରର ମାଧ୍ୟମ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ଜାଣିରଖନ୍ତୁ:** ମୋବାଇଲ୍‌ରେ ଫଟୋ ଉଠାଉଥିଲେ କ୍ୟାମେରାକୁ ହାଇ କ୍ୱାଲିଟି ସେଟିଂରେ ରଖନ୍ତୁ। ଫଟୋ ସବୁବେଳେ ୪ ମେଗା ପିକ୍ସେଲ୍‌ରୁ ଅଧିକ ହୋଇଥିବା ଭଲ। ସେହିପରି ଅନ୍‌ଲାଇନ୍ ଅପ୍‌ଲୋଡ୍ ପାଇଁ ଫଟୋର ଫାଇଲ୍ ସାଇଜ୍ ୫୦ ଏମ୍‌ବି କିମ୍ବା ତା'ଠୁ କମ୍ ରଖିବା ଦରକାର। ଯଦି ଇପିଏସ୍ ଫାଇଲ୍ ହୋଇଥାଏ, ତେବେ ଏହାର ସାଇଜ୍ ଅତିବେଶିରେ ୧୦୦ ଏମ୍‌ବି କିମ୍ବା ତା'ଠୁ କମ୍ ରଖନ୍ତୁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କାହାରି ଶୁଣା କଥାରେ ଟଙ୍କା ରୋଜଗାର ନିଶାରେ ଯେକୌଣସି ପ୍ଲାଟ୍‌ଫର୍ମ ବା ସାଇଟ୍‌ରେ ଫଟୋ ଅପ୍‌ଲୋଡ୍ କରନ୍ତୁ ନାହିଁ। ପ୍ରଥମେ ଏହା ବିଷୟରେ ଭଲ ଭାବେ ବୁଝନ୍ତୁ ଏବଂ ସମସ୍ତ ଗାଇଡ୍‌ଲାଇନ୍ ଫଲୋ କରିବା ସହ ସର୍ତ୍ତାବଳୀଗୁଡ଼ିକ ପଢ଼ିବା ପରେ ହିଁ ଫଟୋ ଅପ୍‌ଲୋଡ୍ କରନ୍ତୁ।

**କ'ଣ ରହିଛି ପ୍ଲାଟ୍‌ଫର୍ମ:** ବର୍ତ୍ତମାନ ଇଣ୍ଟରନେଟ୍‌ର ଏଭଳି ଅନେକ ପ୍ଲାଟ୍‌ଫର୍ମ ରହିଛି, ଯେଉଁମାନେ ୟୁଜରଙ୍କ ଫଟୋ ପାଇଁ ପେମେଣ୍ଟ କରିଥା'ନ୍ତି। ଯେଉଁଥିରେ ଶଟରଷ୍ଟକ୍ ଇମେଜ୍, ଆଡୋବ ଷ୍ଟକ୍, ଅଲାମୀ, ସ୍ନାଗ୍‌ମଗ୍, ଫଟୋ ସେଲ୍ଟର, ଫଟୋ ମୋଟେ ଭଳି ଅନେକ ସାମିଲ ରହିଛି। ଏଥିରେ ଫଟୋ ଅପ୍‌ଲୋଡ୍ ପାଇଁ ଏକ କଣ୍ଟ୍ରିବ୍ୟୁଟର ଆକାଉଣ୍ଟ ଖୋଲିବାକୁ ହୋଇଥାଏ ଏବଂ ପରବର୍ତ୍ତୀ ପ୍ରୋସେସ୍‌କୁ ଫଲୋ କରିବାକୁ ହୋଇଥାଏ।

**କେମିତି କରିବେ ଅପ୍‌ଲୋଡ୍:** ଏଭଳି ପ୍ଲାଟ୍‌ଫର୍ମରେ ଫଟୋ ଅପ୍‌ଲୋଡ୍ କରି ଇନ୍‌କମ୍ କରିବାକୁ ଚାହୁଁଥିଲେ ପ୍ରଥମେ ଏକ କଣ୍ଟ୍ରିବ୍ୟୁଟର ଆକାଉଣ୍ଟ ଖୋଲିବାକୁ ହୋଇଥାଏ। ପରେ ସେଥିରେ ଥିବା ସର୍ତ୍ତାବଳୀଗୁଡ଼ିକ ପଢ଼ିବା ପରେ ହିଁ ଫାଇଲ୍ ଅପ୍‌ଲୋଡ୍ କରନ୍ତୁ। ଫାଇଲ୍‌ର ନାମ ଏବଂ ୱାର୍ଡ ଠିକ୍ ଭାବେ ବ୍ୟବହାର କରନ୍ତୁ, ଯେପରି ଏହା ସମସ୍ତଙ୍କ ପାଇଁ ସର୍ଚ୍ଚେବଲ୍ ହୋଇପାରିବ। ଆପଣ ଅପ୍‌ଲୋଡ୍ କରିଥିବା କଣ୍ଟେଣ୍ଟଗୁଡ଼ିକୁ ପ୍ରଥମେ ଉକ୍ତ ସାଇଟ୍‌ର ଟିମ୍ ରିଭ୍ୟୁ କରିଥାନ୍ତି ଏବଂ ତାହା ଠିକ୍ ଥିଲେ ହିଁ ୱେବ୍‌ସାଇଟ୍‌ରେ ରିଲିଜ୍ କରିଥାନ୍ତି। କାରଣ ଏହା ୟୁଜର୍‌ଙ୍କ ପାଇଁ ଆବଶ୍ୟକ ହୋଇଥିଲେ ହିଁ ସେମାନେ ଏହାକୁ କିଣିବା ପାଇଁ ଟଙ୍କା ଖର୍ଚ୍ଚ କରିବେ ଏବଂ ସେଥିରୁ କିଛି ଟଙ୍କା ଆପଣଙ୍କୁ ମିଳିପାରିବ।







**ସର୍ଚ୍ଚରେ ଆସିବା ଲାଗି:** ଯଦି ଏଥିରେ ଆକାଉଣ୍ଟ ଖୋଲି ଗୋଟିଏ ପରେ ଗୋଟିଏ ଫଟୋ ଅପ୍‌ଲୋଡ୍ କରି ଚାଲିଛନ୍ତି, ହେଲେ କେହି ଏହାକୁ ଦେଖୁନାହାନ୍ତି କିମ୍ବା ଡାଉନ୍‌ଲୋଡ୍ କରୁନାହାନ୍ତି ; ତେବେ କେତେକ ଦିଗ ପ୍ରତି ଦୃଷ୍ଟି ଦେବାର ବିଶେଷ ଆବଶ୍ୟକତା ରହିଛି। ତେଣୁ ଫଟୋ ଅପ୍‌ଲୋଡ୍ କରିବା ବେଳେ ଏହା ସମ୍ପର୍କରେ ସମସ୍ତ ତଥ୍ୟ ଯେପରିକି ନାମ, କିୱାର୍ଡ ଇତ୍ୟାଦି ଠିକ୍ ଭାବେ ଲେଖନ୍ତୁ। ଏପରି କଲେ ଆପଣଙ୍କ କଣ୍ଟେଣ୍ଟ ସହଜରେ ସର୍ଚ୍ଚରେ ଆସିଯିବ ଏବଂ ଅଧିକରୁ ଅଧିକ ୟୁଜର୍‌ଙ୍କ ଦ୍ୱାରା ଡାଉନ୍‌ଲୋଡ୍ କରାଯାଇପାରିବ।

**କେମିତି ମିଳେ ଟଙ୍କା:** ସବୁ ଷ୍ଟକ୍ ପିକ୍ଚର ପ୍ଲାଟ୍‌ଫର୍ମରେ ଫଟୋ ପ୍ରତି ଟଙ୍କା ଅଲଗା ଅଲଗା ରହିଥାଏ। ଜଣେ କଣ୍ଟ୍ରିବ୍ୟୁଟର ଭାବେ ଆପଣ ଅପ୍‌ଲୋଡ୍ କରୁଥିବା ଫଟୋକୁ ଯଦି କେହି ୟୁଜର୍ କିଣେ କିମ୍ବା ପେଡ୍ ସବ୍‌ସ୍କ୍ରାଇବର୍ ଡାଉନ୍‌ଲୋଡ୍ କରେ, ତେବେ କମ୍ପାନି ପାଖାପାଖି ଏହାର ୪୦% ଟଙ୍କା ଆପଣଙ୍କ ରେଜିଷ୍ଟର୍ଡ ଆକାଉଣ୍ଟକୁ ପଠାଇଥାଏ।

**ଜାଣିବା ରହିଛି ହେଲ୍ପ ସେଣ୍ଟର:** କୌଣସି ବି ନୂଆ କାର୍ଯ୍ୟ କରିବା ବେଳେ ଏହା ସମ୍ପର୍କରେ ସବୁ ତଥ୍ୟ ଜଣା ନ ଥାଏ। ତେଣୁ ଏହା ବିଷୟରେ ଜାଣିବା ପାଇଁ ସବୁଠୁ ବେଷ୍ଟ ଉପାୟ ହେଉଛି ସେଥିରେ ଥିବା ହେଲ୍ପ ସେଣ୍ଟର। ମନରେ ଥିବା ଯେକୌଣସି ଡାଉଟ୍‌କୁ ଆପଣ ସେଥିରେ ପଚାରି କ୍ଲିଅର କରିପାରିବେ।







## ୟୁଥ୍ ଆଲର୍ଟ

# ଦୂରାନ୍ତୁ ଚକ୍ଷୁ ସମସ୍ୟା

**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଚକ୍ଷୁ ସମସ୍ୟା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ପାଠପଢ଼ାଠାରୁ ଜବ୍ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଲାଗି ଦୀର୍ଘ ସମୟ କମ୍ପ୍ୟୁଟର ଓ ମୋବାଇଲ୍ ଫୋନ୍‌ର ବ୍ୟବହାର। ଏମିତିରେ ଚକ୍ଷୁର ସୁରକ୍ଷା ନିମନ୍ତେ କେତେକ ନିୟମ ପାଳନ କଲେ ଉପକୃତ ହୋଇପାରିବେ, ଜାଣିରଖନ୍ତୁ ସେ ସମ୍ପର୍କରେ...**

**ଚକ୍ଷୁ ପରୀକ୍ଷା:** ଚକ୍ଷୁ ସମସ୍ୟା ଥିଲେ ଅବା ଦେଖାଦେଲେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ଚକ୍ଷୁ ପରୀକ୍ଷା କରାଇବାକୁ ଆଦୌ ଭୁଲନ୍ତୁ ନାହିଁ। ଆମେରିକାନ୍ ଏକାଡେମୀ ଅଫ୍ ଅପ୍‌ଥାଲ୍ମୋଲୋଜି ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ଚକ୍ଷୁ ସମସ୍ୟା ଥିଲେ ପ୍ରତିବର୍ଷ ଏବଂ ଚକ୍ଷୁ ସମସ୍ୟା ନ ଥିଲେ ୩୦ ବର୍ଷ ବୟସ ପରେ ସଭିଙ୍କୁ ଅତିକମ୍‌ରେ ୨ ବର୍ଷରେ ଥରେ ଚକ୍ଷୁ ପରୀକ୍ଷା କରାଇନେବା ଆବଶ୍ୟକ।

**୨୦-୨୦-୨୦ ରୁଲ୍ ମାନନ୍ତୁ:** ଯଦି ଅଧିକ ସମୟ କମ୍ପ୍ୟୁଟରରେ କାମ କରିବାକୁ ପଡୁଛି, ତେବେ ପ୍ରତି ୨୦ ମିନିଟ୍‌ରେ ୨୦ ସେକେଣ୍ଡ ପାଇଁ ଅତି କମ୍‌ରେ ୨୦ ଫୁଟ୍ ଦୂରରେ ଥିବା କିଛି ବସ୍ତୁକୁ ଦେଖନ୍ତୁ। ଏହାଦ୍ୱାରା ଚକ୍ଷୁ ଉପରେ କମ୍ ଚାପ(ଡିଜିଟାଲ୍ ଆଇ ଷ୍ଟ୍ରେନ୍) ପଡ଼ିଥାଏ ଏବଂ ଏହାର ମାଂସପେଶୀ ରିଲାକ୍ସ ରହିଥାଏ। କେବଳ ଏତିକି ନୁହେଁ, ଏହାଦ୍ୱାରା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ କମ୍ ହୋଇଥାଏ ବୋଲି ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ପକ୍ଷରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଛି।

**ଲାଇଟ୍ ବ୍ୟବସ୍ଥା ଠିକ୍ ରଖନ୍ତୁ:** ପଢ଼ିବାବେଳେ କିମ୍ବା କମ୍ପ୍ୟୁଟର, ଲାପ୍‌ଟପ୍, ମୋବାଇଲ୍ ଆଦିରେ କାମ କଲାବେଳେ ଘରର ଲାଇଟ୍ ବ୍ୟବସ୍ଥା ଠିକ୍ ରଖନ୍ତୁ। କାରଣ କମ୍ ଲାଇଟ୍‌ରେ ଅଧିକ ସମୟ କାମ କରିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆଖି ଉପରେ ପଡ଼ିଥାଏ ଏବଂ ଆଖି ଖରାପ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।

**ଖାଦ୍ୟ ପ୍ରତି ଯତ୍ନଶୀଳ ହୁଅନ୍ତୁ:** ପ୍ରତିଦିନ ଖାଦ୍ୟ ତାଲିକାରେ ଭିଟାମିନ୍ ସି, ଇ ଯୁକ୍ତ ଖାଦ୍ୟ ସହିତ ମିନେରାଲ୍ସ, ଜିଙ୍କ୍, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କଲେ ଚକ୍ଷୁ ସୁସ୍ଥ ରହିଥାଏ। ତେଣୁ ତେଲ ମସଲା କିମ୍ବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପରିବର୍ତ୍ତେ ସବୁଜ ପନିପରିବା, ଶାଗ, ମାଛ, ବାଦାମ, ଲେମ୍ବୁ, କମଳା ଭଳି ଖଟାଫଳ ଆଦି ଖାଇଲେ ଭଲ।





**ସ୍ୱାସ୍ଥ୍ୟ ସମସ୍ୟା:** ହାଇ ବ୍ଲଡ୍‌ପ୍ରେସର୍ କିମ୍ବା ଡାଇବେଟିସ୍ ଭଳି ସ୍ୱାସ୍ଥ୍ୟ ସମସ୍ୟା ଚକ୍ଷୁ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଏଭଳି ସମସ୍ୟା ଥିଲେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ସେବନ କରନ୍ତୁ।

**ସନ୍‌ଗ୍ଲାସ୍ ବ୍ୟବହାର କରନ୍ତୁ:** ଖରାର ମଧ୍ୟ ଆଖି ଉପରେ ବହୁତ ପ୍ରଭାବ ପକାଇଥାଏ। ତେଣୁ ଦିନରେ ବାହାରକୁ ଯିବାବାଳେ ଚକ୍ଷୁର ସୁରକ୍ଷା ନିମନ୍ତେ ସନ୍‌ଗ୍ଲାସ୍ ପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ।

**ଚକ୍ଷୁ ଏକ୍ସରସାଇଜ୍:** ଚକ୍ଷୁକୁ ଠିକ୍ ରଖିବା ସହ ଦୃଷ୍ଟିଶକ୍ତି ବୃଦ୍ଧି କରିବା ଲାଗି ବିଭିନ୍ନ ଏକ୍ସରସାଇଜ୍ କରନ୍ତୁ। ଏହାଦ୍ୱାରା ଚକ୍ଷୁର ମାଂସପେଶୀ ରିଲାକ୍ସ ରହିଥାଏ। ଏଠାରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ଅକ୍ସିଜେନ୍ ଠିକ୍ ଭାବେ ମିଳିଥାଏ।

## ଏ ସପ୍ତାହର ପ୍ରଶ୍ନ

୧- ଭାରତର ଜାତୀୟ ବୃକ୍ଷ ............ ?
୨- ସୂର୍ଯ୍ୟମୁଖୀ ............. ଦେଶର ଜାତୀୟ ଫୁଲ ?
୩- ପୋବିତୋରା ଅଭୟାରଣ୍ୟ ............. ରାଜ୍ୟରେ ଅବସ୍ଥିତ ?
୪- ନ୍ୟାଶନାଲ୍ ହ୍ୟାଣ୍ଡଲୁମ୍ ଡେ' ପ୍ରତିବର୍ଷ .......... ତାରିଖରେ ପାଳନ କରାଯାଏ ?
୫- ଗୌତମ ବୁଦ୍ଧଙ୍କ ............... ବୟସରେ ନିର୍ବାଣ ପ୍ରାପ୍ତି ହୋଇଥିଲା ?

## ଗତ ଥରର ଉତ୍ତର

୧ ରଚନା ବିଶ୍ୱଡ୍ ରାୱଡ୍
୨ ଡେନିସ୍ ପାପିନ୍
୩ ୟୁନିକର୍ଣ୍ଣ
୪ ନିନା ସିଂ
୫ ମାଣ୍ଡାରିନ୍

## ଉତ୍ତରଦାତା


ଜସ୍ମିନ୍ ପଟ୍ଟନାୟକ, ଭୁବନେଶ୍ୱର


ମାନସ କୁମାର କର, କୋଣାର୍କ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ଗୁରୁଦ୍ୱାରା

୧- ଶ୍ରୀ ଦରବାର ସାହିବ............ ଅମ୍ରିତସର
୨- ଗୁରୁ ନାନକ ଦରବାର ............ ଦୁବାଇ
୩- ଶ୍ରୀ ହେମକୁଣ୍ଡ ସାହିବ ଜୀ ............ ଉତ୍ତରାଖଣ୍ଡ
୪- ଗୁରୁଦ୍ୱାରା ବାଂଲା ସାହିବ ............ ଦିଲ୍ଲୀ
୫- ଗୁରୁଦ୍ୱାରା ଦାତା ବନ୍ଦି ଛୋଡ୍ ............ ଗ୍ୱାଲିୟର
୬- ଗୁରୁଦ୍ୱାରା ବେର୍ ସାହିବ ............ ସୁଲ୍‌ତାନପୁର, ପଞ୍ଜାବ
୭- ମଣିକରନ୍ ଗୁରୁଦ୍ୱାରା ............ ମନାଲୀ
୮- ଗୁରୁଦ୍ୱାରା ଶ୍ରୀ ଗୁରୁ ସିଂ ସଭା ............ ଲଣ୍ଡନ
୯- ଗୁରୁଦ୍ୱାରା ଭଟ୍ଟ ସାହିବ ............ ରୂପନଗର, ପଞ୍ଜାବ
୧୦- ଶ୍ରୀ ଗୁରୁ ତେଘ୍ ଭାଦୁର ସାହିବ ଗୁରୁଦ୍ୱାରା............ ଆସାମ

## ଜାଣନ୍ତୁ ଦୁନିଆ

# ଦାମୀ କଫି



**କଫି ପିଇବା ଅନେକଙ୍କୁ ଭାରି ପସନ୍ଦ। ହେଲେ ଜାଣନ୍ତି କି, ଏମିତି ବି ଏକ କଫି ଅଛି ଯାହାର ଦାମ୍ ଏତେ ଅଧିକ ଯେ, ଏହାକୁ କିଣିବା ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ। ସବୁଠୁ ଅଜବ କଥା ହେଉଛି, ଏହି କଫିକୁ ପ୍ରସ୍ତୁତ କରାଯାଇଥାଏ ଏକ ପକ୍ଷୀର ମଳରେ। ଜାଣନ୍ତୁ ପୃଥିବୀର ସବୁଠୁ ଦାମୀ କଫି ସମ୍ପର୍କରେ...**

⏭ପୃଥିବୀର ସବୁଠୁ ଦାମୀ କଫି ହେଉଛି ଜାକୁ ବାର୍ଡ କଫି। ଏହା ବ୍ରାଜିଲ୍‌ର ଏକ ବିଲୁପ୍ତପ୍ରାୟ ଜାକୁ ପକ୍ଷୀର ମଳରୁ ପ୍ରସ୍ତୁତ କରାଯାଇଥାଏ। ଏହି କଫିର ଦାମ୍ କିଲୋ ପିଛା ଏକ ହଜାର ଡଲାର, ଅର୍ଥାତ୍ ଭାରତୀୟ ମୁଦ୍ରାରେ ୭୨ ହଜାର ଟଙ୍କା।

⏭ଏହି କଫି ପ୍ରସ୍ତୁତ ଲାଗି ପ୍ରଥମେ ଜାକୁ ପକ୍ଷୀ ମଳ ସଂଗ୍ରହ କରାଯାଇଥାଏ। ତାହାକୁ ଭଲ ଭାବେ ଧୋଇ ସେଥିରୁ କଫି ମଞ୍ଜି ଅଲଗା କରାଯାଇଥାଏ। ପରେ ଏହାକୁ ଗୁଣ୍ଡ କରି କଫି ପ୍ରସ୍ତୁତ କରାଯାଇଥାଏ। କୌଣସି ମେଶିନ୍ ବ୍ୟବହାର କରା ନ ଯାଇ ଏହି କାର୍ଯ୍ୟ ହାତରେ କରାଯାଇଥାଏ। ଯେହେତୁ ଏଥିପାଇଁ ଅଧିକ ସମୟ ସହ ପରିଶ୍ରମ ବି ଲାଗିଥାଏ, ତେଣୁ ଏହାର ଦାମ୍ ଖୁବ୍ ଅଧିକ।

⏭ପ୍ରାୟ ୨୦୦୦ ମସିହା ବେଳକୁ ପ୍ରଥମଥର ପାଇଁ ଏହି କଫିଚାଷ ଆରମ୍ଭ ହୋଇଥିଲା। ହେନରିକ୍ ସ୍ଲୋପର ଡି. ଅରାଉଜୋ ନାମକ ଜଣେ ବ୍ୟକ୍ତିଙ୍କର ଏକ କଫି ଫାର୍ମ ଥିଲା। ଦିନେ ସକାଳୁ ସେ ଦେଖିବା ବେଳକୁ କେତେଗୁଡ଼ିଏ ଜାକୁ ପକ୍ଷୀ ଫାର୍ମରେ ଥିବା କଫି ମଞ୍ଜି ଖାଇ ଚାଷ ନଷ୍ଟ କରୁଛନ୍ତି। ସେହି ସମୟରେ ସେ ଭାବିଲେ ଯଦି ଇଣ୍ଡୋନେସିଆରେ ସିବେଟ୍ ପଶୁମଳରୁ ଦାମୀ କୋପି ଲୁବାକ କଫି ପ୍ରସ୍ତୁତ କରାଯାଇପାରୁଛି, ତେବେ ଜାକୁ ପକ୍ଷୀମଳରୁ ମଧ୍ୟ କଫି ମଞ୍ଜି ସଂଗ୍ରହ କରାଯାଇ କଫି ପ୍ରସ୍ତୁତ କରାଯାଇପାରିବ। ବାସ୍ ତା' ପରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ।



# ‘ଖେଳାଳିଙ୍କ ତ୍ୟାଗ, ପ୍ରତିବଦ୍ଧତା ଦେଶକୁ ଗର୍ବିତ କରିଛି’




କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଶନିବାର ସମ୍ବର୍ଦ୍ଧିତ ହେବା ଅବସରରେ ଭାରତୀୟ ପୁରୁଷ ହକି ଦଳ।

## ଭାରତୀୟ ହକି ଦଳକୁ ଭବ୍ୟ ସ୍ୱାଗତ

ନୂଆଦିଲ୍ଲୀ, ୧୦।୮ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଭାରତୀୟ ପୁରୁଷ ହକି ଦଳ ଶନିବାର ଦେଶକୁ ପ୍ରତ୍ୟାବର୍ତ୍ତନ କରିଛି। ଏଠାରେ ପହଞ୍ଚିବା ପରେ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳକୁ ଭବ୍ୟ ସ୍ୱାଗତ କରାଯାଇଛି। ଶହ ଶହ ସଂଖ୍ୟାରେ ପ୍ରଶଂସକ ଉପସ୍ଥିତ ରହି ବିଭିନ୍ନ ଧ୍ୱନି ଦେବାସହ ଭାରତୀୟ ଦଳକୁ ସ୍ୱାଗତ କରିଥିଲେ। ପ୍ୟାରିସ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ୨-୧ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଥିଲା। ଫଳରେ ଏହାକୁ ମିଶାଇ ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୧୩ରେ ପହଞ୍ଚିଛି। ‘‘ଆମେ ସମସ୍ତ ପ୍ରକାର ସମର୍ଥନ ପାଇଛୁ। ଆମର ସମସ୍ତ ଆବଶ୍ୟକତାକୁ ପୂରଣ କରାଯାଇଛି। ତେଣୁ ଆମେ ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ। ହକି ପାଇଁ ଏହା ଏକ ବଡ଼ ସଫଳତା। ପ୍ରଶଂସକଙ୍କ ଭଲପାଇବା ଆମ ଦାୟିତ୍ୱକୁ ଦ୍ୱିଗୁଣିତ କରିଛି। ପଡ଼ିଆରେ ପ୍ରବେଶ କରିବାପରେ ଆମେ ଯଥା ସମ୍ଭବ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଛୁ। ଫଳସ୍ୱରୂପ ଆମେ ପଦକଧରି ଫେରିବା ସମ୍ଭବ ହୋଇଛି। ଦେଶରେ ଏଭଳି ସ୍ୱାଗତରେ ଆମେ ଅଭିଭୂତ’’ ବୋଲି ସ୍ପେନ୍ ବିପକ୍ଷରେ ଡବଲ ଗୋଲ ସ୍କୋରର ହରମନପ୍ରୀତ ପ୍ରକାଶ କରିଛନ୍ତି।

‘‘ଖେଳ ବେଳେ ଆମେ ପରସ୍ପର ଉପରେ ଭରସା ରଖିଥିଲୁ। ଫଳ ସ୍ୱରୂପ ପଦକ ରୂପରେ ତା’ର ପୁରସ୍କାର ମିଳିଲା। ଗ୍ରେଟ ବ୍ରିଟେନ ବିପକ୍ଷ ମ୍ୟାଚରେ ଆମେ ୧୦ ଜଣରେ ଖେଳିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଥିଲୁ। ମିଡ୍‌ଫିଲ୍ଡରମାନେ ଫରୱାର୍ଡଙ୍କୁ ସହାୟତା କରୁଥିଲେ। ଆବଶ୍ୟକସ୍ଥଳେ ଡିଫେଣ୍ଡରମାନେ ମିଡ୍‌ଫିଲ୍ଡରଙ୍କୁ ଅବା ମିଡ୍‌ଫିଲ୍ଡରମାନେ ଡିଫେଣ୍ଡରଙ୍କୁ ସାହାଯ୍ୟ କରୁଥିଲେ। ଗୋଲପୋଷ୍ଟରେ ଦଣ୍ଡାୟମାନ ଥିଲେ ବିଗ୍ ମ୍ୟାଚ ପି.ଆର. ଶ୍ରୀଜେଶ୍। ସେ ନିଜ ଷ୍ଟିକ୍ ମାଧ୍ୟମରେ ଆମକୁ ଅନେକ ସଙ୍କଟ ସମୟରେ ଉଦ୍ଧାର କରିଥିଲେ’’ ବୋଲି ଉପ-ଅଧିନାୟକ ହାର୍ଦ୍ଦିକ ସିଂ ପ୍ରକାଶ କରିଛନ୍ତି। ୧୯୭୨ ପରେ ପ୍ରଥମଥର ପାଇଁ ଭାରତ ଅଲିମ୍ପିକ୍ସରେ କ୍ରମାଗତ ପଦକ ହାସଲ କରିବାକୁ ସକ୍ଷମ ହେଲା।

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଭାରତୀୟ ହକି ଦଳର ପ୍ରଶଂସାରେ ଶତମୁଖ ହୋଇଛନ୍ତି। ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପୁରସ୍କାରରେ ସମ୍ମାନିତ କରିଛନ୍ତି। ‘‘ତୁମେମାନେ ଦେଶପାଇଁ ଗୌରବ ଆଣି କୋଟି କୋଟି ଯୁବ ଆଥ୍‌ଲେଟଙ୍କ ସ୍ୱପ୍ନ ସାକାର ପାଇଁ ଉତ୍ସାହିତ କରିଛ। ତୁମମାନଙ୍କର ତ୍ୟାଗ, କଠିନ ପରିଶ୍ରମ ଏବଂ ବିଶ୍ୱସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ ଦେଶକୁ ଗର୍ବିତ କରିଛି। ତୁମ ସଫଳତାରେ ପୂରା ଦେଶ ଗର୍ବିତ’’ ବୋଲି ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ଭାରତୀୟ ଦଳର ସଫଳତାରେ ଅଂଶୀଦାର ଥିବା କୋଚିଂ ଷ୍ଟାଫ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ମଧ୍ୟ କ୍ରୀଡ଼ାମନ୍ତ୍ରୀ ପ୍ରଶଂସା କରିଛନ୍ତି। ହକି ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଜାରି ରହିବ। ଦେଶର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ସହ ହକିର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ‘‘ହକି ଆମ ପାଇଁ କ୍ରୀଡ଼ାଠାରୁ ଆହୁରି କିଛି ଅଧିକ। ଆମ ଜାତୀୟ ଗର୍ବର ଏହା ସଙ୍କେତ। ଖେଳାଳିଙ୍କ କଠିନ ପରିଶ୍ରମ, ପ୍ରତିଶ୍ରୁତିବଦ୍ଧତା ଓ ଆବେଗ ଯୋଗୁ ଆମକୁ ଏହି ଐତିହାସିକ ସଫଳତା ମିଳିଛି ବୋଲି ମାଣ୍ଡବ୍ୟ କହିଛନ୍ତି।

### ଉଦ୍‌ଯାପନୀ ପରେ ଆସିବେ ଅମିତ୍

ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଯାପନୀ ଉତ୍ସବ ରବିବାର ଅନୁଷ୍ଠିତ ହେବ। ଶନିବାର ଭାରତୀୟ ହକି ଦଳର କେତେକ ସଦସ୍ୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମାତ୍ର ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଅମିତ ରୋହିଦାସ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଭାରତ ଫେରିବେ ବୋଲି ଜଣାଯାଇଛି। ଅବସର ଘୋଷଣା କରିଥିବା ତାରକା ଗୋଲକିପର ପି.ଆର. ଶ୍ରୀଜେଶ୍ ଉଦ୍‌ଯାପନୀରେ ଡବଲ ବ୍ରୋଞ୍ଜ ମେଡାଲିଷ୍ଟ ମନୁ ଭାକରଙ୍କ ସହ ତ୍ରିରଙ୍ଗା ଧରି ଭାରତୀୟ ଦଳର ନେତୃତ୍ୱ ନେବେ। ତେଣୁ ସେ ମଧ୍ୟ ପରେ ଫେରିବେ। ଭାରତ ନ ଫେରି ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ପାଇଁ ପ୍ୟାରିସରେ ରହିଥିବା ଦେଶର ଅନ୍ୟ ହକି ଖେଳାଳିମାନେ ହେଲେ ରାଜ କୁମାର ପାଲ, ଅଭିଷେକ, ସୁଖଜିତ ସିଂ ଓ ସଞ୍ଜୟ।

# ସ୍ୱର୍ଣ୍ଣ ଜିତିଲେ ଇମାନେ ଖେଲିଫ୍



ସ୍ୱର୍ଣ୍ଣ ପଦକ ଜିତିବାପରେ ଉଲ୍ଲସିତ ଇମାନେ ଖେଲିଫ।

ପ୍ୟାରିସ୍, ୧୦।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଆଲଜେରିଆର ଇମାନେ ଖେଲିଫ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଲିଙ୍ଗ ନିରୂପଣକୁ ନେଇ ସମଗ୍ର ବିଶ୍ୱରେ ଖେଲିଫ୍ ସମାଲୋଚନାର ଶିକାର ହୋଇଥିଲେ ମଧ୍ୟ ମହିଳା ୬୬ କିଗ୍ରା ଓଜନ ବର୍ଗରେ ଆଲଜେରିଆ ବକ୍ସର ଇମାନେ ଖେଲିଫ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଚାଇନାର ୟାଙ୍ଗ ଲିଉଙ୍କୁ ୫-୦ରେ ହରାଇବା ସହିତ ସେ ଏହି ସଫଳତା ହାସଲ କରିଛନ୍ତି। ଦୀର୍ଘ ୮ ବର୍ଷ ହେବ ଏହା ମୋର ସ୍ୱପ୍ନ ରହିଥିବା ବେଳେ ଶେଷରେ ଏହା ହାସଲ କରିବାରେ ସଫଳ ହୋଇଛି ବୋଲି କହିଛନ୍ତି ଖେଲିଫ୍। ଅଲିମ୍ପିକ୍ସ ଆରମ୍ଭ ହେବା ସମୟରୁ ଖେଲିଫ୍‌ଙ୍କ ଲିଙ୍ଗ ନିରୂପଣକୁ ନେଇ ଅନେକ ପ୍ରଶ୍ନବାଚୀ ଆସିଥିଲା। ଏପରି କି ପ୍ରଥମ ବାଉଟ୍‌ରେ ଇଟାଲୀର ଆଞ୍ଜେଲା କେରିନିଙ୍କୁ ମାତ୍ର ୪୬ ସେକେଣ୍ଡରେ ନକ୍‌ଆଉଟ କରି ଚର୍ଚ୍ଚାକୁ ଆସିଥିଲେ ଖେଲିଫ୍। ପୂର୍ବରୁ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ୍ (ଆଇବିଏ) ତାଙ୍କୁ ବାସନ୍ଦ କରିଥିଲେ ମଧ୍ୟ ଅଲିମ୍ପିକ୍ସରେ ଅଂଶଗ୍ରହଣର ସୁଯୋଗ ମିଳିଥିଲା। କେରିନିଙ୍କ ଅଭିଯୋଗ ପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରି ବ୍ୟକ୍ତି ଏହାକୁ ଜଣେ ପୁରୁଷ ଓ ମହିଳାଙ୍କ ଲଢ଼େଇ ଭାବରେ ବର୍ଣ୍ଣନା କରିଥିଲେ। ସମଗ୍ର ବିଶ୍ୱରେ ଇଣ୍ଟରନେଟରେ ଖେଲିଫ୍‌ଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ତେବେ ଏଥିରେ ହତୋତ୍ସାହିତ ନ ହୋଇ ସେ ବିଜୟୀ ହୋଇଥିଲେ।

### ଲିଙ୍ଗ ନିରୂପଣ ମାମଲାରେ ପୂର୍ଣ୍ଣଚ୍ଛେଦ




ପ୍ୟାରିସରୁ ଫେରି ଶନିବାର ନୂଆଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବାପରେ ପରିବାର ବର୍ଗଙ୍କ ସହ ଭାରତୀୟ ହକି ତାରକା ମନପ୍ରୀତ ସିଂ।

# ୫୦ ଗ୍ରାମ୍ ପାଇଁ ପଦକ ହରାଇଥିଲେ ହିଗୁଚି

## ଭିନେଶଙ୍କୁ ଜଣାଇଲେ ସମବେଦନା




ପ୍ୟାରିସ୍, ୧୦।୮ (ପି.ଟି.)

ଭାରତୀୟ ମହିଳା ରେସ୍‌ଲର ଭିନେଶ ଫୋଗଟ ୧୦୦ ଗ୍ରାମ ଅଧିକ ଓଜନ ପାଇଁ ଅଯୋଗ୍ୟ ଘୋଷିତ ହୋଇ ଅଲିମ୍ପିକ୍ସ ପଦକ ହରାଇବା ପରେ ଏହା ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ଜାପାନିଜ ରେସ୍‌ଲର ତଥା ଚଳିତ ଅଲିମ୍ପିକ୍ସର ସ୍ୱର୍ଣ୍ଣ ବିଜେତା ରେଇ ହିଗୁଚି ଭିନେଶଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ହିଗୁଚିଙ୍କ ସହ ମଧ୍ୟ ଟୋକିଓ ଅଲିମ୍ପିକ୍ସରେ ସମାନ ଘଟଣା ଘଟିଥିଲା। ୫୭ କିଗ୍ରା ଓଜନ ବର୍ଗର ଫ୍ରି ଷ୍ଟାଇଲ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହିଗୁଚି ଆବଶ୍ୟକ ଓଜନ ମାନଦଣ୍ଡରୁ ମାତ୍ର ୫୦ ଗ୍ରାମ ଅଧିକ ଓଜନର ରହିଥିଲେ। ଫଳରେ ଏକ ପ୍ଲେ ଅଫ୍ ମ୍ୟାଚ୍ ପୂର୍ବରୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ହିଗୁଚି ଏକ୍ସରେ ପୋଷ୍ଟ କରିବା ସହ ଭିନେଶଙ୍କୁ ସମବେଦନା ଜଣାଇଛନ୍ତି। ‘ଭିନେଶ ମୁଁ ତୁମ ଦୁଃଖ ବୁଝି ପାରୁଛି। ସମାନ କାରଣରୁ ୫୦ ଗ୍ରାମ ଓଜନ ପାଇଁ ମୁଁ ମଧ୍ୟ ୩ ବର୍ଷ ତଳେ ଅଯୋଗ୍ୟ ଘୋଷିତ ହୋଇଥିଲେ। ନିଜ ଚାରି ପାଖରେ ଉଠୁଥିବା ସ୍ୱର ପ୍ରତି ଧ୍ୟାନ ନ ଦେଇ ଆଗକୁ ବଢ। ଏଭଳି ସ୍ଥିତିରୁ ଆଗକୁ ବଢି ବିଜୟୀ ହେବା ହିଁ ତୁମର ଲକ୍ଷ୍ୟ ହେବା ଉଚିତ’ ବୋଲି ପୋଷ୍ଟ କରଥିଲେ ହିଗୁଚି।

ଚଳିତ ଅଲିମ୍ପିକ୍ସରେ ହିଗୁଚି ୫୭ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେମି ଫାଇନାଲରେ ଭାରତୀୟ ରେସ୍‌ଲର ଅମନ ସେରାୱତଙ୍କୁ ହରାଇଥିଲେ ହିଗୁଚି। ଭିନେଶ ଅଯୋଗ୍ୟ ଘୋଷିତ ହେବା ପରେ ଅବସର ଘୋଷଣା କରିଥିଲେ। ଅବସର ଘୋଷଣା ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଏଭଳି ମନ୍ତବ୍ୟ ଦେଇଛନ୍ତି ରେଇ ହିଗୁଚି। ହିଗୁଚି ଅଯୋଗ୍ୟ ଘୋଷିତ ହୋଇଥିବା ବେଳେ ଅଲିମ୍ପିକ୍ସରେ ଜାପାନରେ ଆୟୋଜିତ ହୋଇଥିଲା। ତେବେ ଘରୋଇ ପରିବେଶରେ ଆୟୋଜିତ ହେବା ସତ୍ତ୍ୱେ ମଧ୍ୟ ହିଗୁଚିଙ୍କ ନିକଟରେ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବାର କୌଣସି ସୁଯୋଗ ନ ଥିଲା।

## ସମାନ ପରିସ୍ଥିତିରେ ଥିଲେ ଅମନ

**ପ୍ୟାରିସ୍, ୧୦।୮ (ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସରେ ରେସ୍‌ଲିଂରେ ଭାରତ ପାଇଁ ପ୍ରଥମ ବ୍ରୋଞ୍ଜ ପଦକ ଜିତିଥିବା ଅମନ ସେରାୱତ ମଧ୍ୟ ଭିନେଶଙ୍କ ଭଳି ପରସ୍ଥିତିର ସମ୍ମୁଖୀନ ହୋଇଥିଲା। ୫୭ କିଗ୍ରା ଓଜନ ବର୍ଗରେ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ମ୍ୟାଚ୍ ପୂର୍ବର ସକାଳରୁ ଅମନଙ୍କ ଓଜନ ୪.୬ କେଜି ବଢି ଯାଇଥିଲା। ତେବେ ୧୦ ଘଣ୍ଟାର ପରିଶ୍ରମ କରିବା ସହ ଅମନ ୪.୬ କେଜି ଓଜନ କମ୍ କରାଇଥିଲେ। ସନ୍ଧ୍ୟା ୬.୩୦ରେ ରେଇ ହିଗୁଚିଙ୍କ ନିକଟରୁ ପରାଜିତ ହେବା ପରେ ଅମନଙ୍କ ଓଜନ ବଢିଥିବା ଜଣା ପଡିଥିଲା। ୨୧ ବର୍ଷୀୟ ଅମନଙ୍କୁ ତାଙ୍କ କୋଚ୍ କୌଣସି ସମୟ ନଷ୍ଟ ନ କରି ଅମନଙ୍କୁ ଅଭ୍ୟାସ କରାଇବା ଆରମ୍ଭ କରିଥିଲେ। ପ୍ରଥମେ ଦେଢ ଘଣ୍ଟାର ମେଟ୍ ସେସନ୍ କରିଥିଲେ। ଦେଢ ଘଣ୍ଟା ଧରି ଷ୍ଟାଣ୍ଡିଂ ରେସ୍‌ଲିଂ କରାଇବା ପରେ ହଟ୍ ବାଥ୍(ସଉନା) କରାଯାଇଥିଲା। ରାତି ୧୨.୩୦ ପରେ ଅମନ ଜିମ୍‌ରେ ଅଭ୍ୟାସ୍ କରିଥିଲେ। ନିରନ୍ତର ଭାବରେ ଟ୍ରେଡ୍‌ମିଲ୍ ଉପରେ ଏକ ଘଣ୍ଟା ଧରି ଦୌଡିଥିଲେ। ଏହାପରେ ୩୦ ମିନିଟର ବ୍ରେକ୍ ନେଇଥିଲେ ଅମନ। ପରେ ୫ ମିନିଟର ସଉନା ବାଥ୍ ନେଇ ଓଜନ ହେବା ବେଳକୁ ସେ ୯୦୦ ଗ୍ରାମ ଅଧିକ ଓଜନର ରହିଥିଲେ। ଏହାପରେ ଜଗିଂ ପାଇଁ ପରାମର୍ଶ ଦେଇଥିଲେ କୋଚ୍। ୧୫ ମିନିଟର ରନିଙ୍ଗ ସେସନ୍ ପରେ ରାତି ୪.୩୦ରେ ଆଉ ଥରେ ଓଜନ ହେବା ବେଳକୁ ଅମନଙ୍କ ଓଜନ ୫୬.୯ କେଜି ରହିଥିଲା। ଏହି ସେସନ୍ ମଧ୍ୟରେ ଅମନଙ୍କୁ ଉଷୁମ ପାଣି ସହିତ ମହୁ ଓ ଲେମ୍ବୁ ଦିଆଯାଇଥିଲା। ଏହା ସହିତ ମଝିରେ ସାମାନ୍ୟ କଫି ମଧ୍ୟ ଦିଆଯାଇଥିବା କୋଚ୍ ସୂଚନା ଦେଇଥିଲେ।

# ‘ଫ୍ରି ଆଫଗାନ ଓମେନ’ ଲେଖା ପାଇଁ ଆଥ୍‌ଲେଟ ଅଯୋଗ୍ୟ

### ବ୍ରେକ୍‌ଡ୍ୟାନ୍ସ ପ୍ରତିଯୋଗିତା

ପ୍ୟାରିସ, ୧୦।୮ (ଏପି)

ଅଲିମ୍ପିକ୍ସରେ ପ୍ରଥମ ଥର ବ୍ରେକ୍ ଡ୍ୟାନ୍ସ ପ୍ରତିଯୋଗିତା ସାମିଲ କରାଯାଇଛି। ହେଲେ ନିୟମ ଉଲ୍ଲଂଘନ ପାଇଁ ଜଣେ ଆଫଗାନ ଶରଣାର୍ଥୀ ପ୍ରତିଯୋଗୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। କାରଣ ପ୍ରି-କ୍ୱାଲିଫାୟର ମୁକାବିଲା ବେଳେ ତାଙ୍କ ପୋଷାକରେ ‘ଫ୍ରି ଆଫଗାନ ଓମେନ’ ସ୍ଲୋଗାନ ଲେଖା ରହିଥିବା ଦେଖିବାକୁ ମିଳିଥିଲା। ଏହି ୨୧ବର୍ଷୀୟା ମାନିଝା ତଲାଶ ହେଉଛନ୍ତି ଆଫଗାନିସ୍ତାର ମୂଳ ବାସିନ୍ଦା। ତାଙ୍କ ଦଳ ଇଣ୍ଡିଆ ସର୍ବୋଚ୍ଚ ବିପକ୍ଷ ମୁକାବିଲାରେ ହାରିଯାଇଥିଲା। ସେ ଯଦି ଅଯୋଗ୍ୟ ଘୋଷିତ ନ ହୋଇଥାନ୍ତେ ତେବେ ମଧ୍ୟ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇପାରି ନ ଥାନ୍ତେ। କାରଣ ଅଲିମ୍ପିକ୍ସରେ ଖେଳ ପଡ଼ିଆ ହେଉ ଅବା ପୋଡିୟମରେ ରାଜନୈତିକ ମନ୍ତବ୍ୟ ଓ ସ୍ଲୋଗାନ ବାରଣ ରହିଛି। ୨୦୨୧ରେ ଆଫଗାନିସ୍ତାନରେ ତାଲିବାନମାନେ କ୍ଷମତା ଦଖଲ କରିବା ପରେ ତଲାଶ ନିଜ ଦେଶ ଛାଡ଼ି ସ୍ପେନରେ ଆଶ୍ରୟ ନେଇଥିଲେ। ଅଲିମ୍ପିକ୍ସ ପୂର୍ବରୁ ସେ ତାଙ୍କର ଏକ ସାକ୍ଷାତ୍‌କାରରେ କହିଥିଲେ, ସେ ଏଠାକୁ ତାଙ୍କ ସ୍ୱପ୍ନ ସାକାର କରିବାକୁ ଆସିଛନ୍ତି। ବ୍ରେକ୍ ଡ୍ୟାନ୍‌ସିଂର ପରିଚାଳନା ପରିଷଦ ୱାର୍ଲ୍ଡ ଡ୍ୟାନ୍ସ ସ୍ପୋର୍ଟ୍ସ ଫେଡେରେଶନ ତରଫରୁ ଏକ ବିବୃତି ଜାରି କରାଯାଇଛି। ମାନିଝା ପ୍ରି- କ୍ୱାଲିଫାୟରରେ ଯେଉଁ ପୋଷାକ ପରିଧାନ କରିଥିଲେ। ସେଥିରେ ଏକ ରାଜନୈତିକ ସ୍ଲୋଗାନ ଲେଖା ରହିଥିଲା। ଏଥିପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି।




‘ଫ୍ରି ଆଫଗାନ ଓମେନ’ ସ୍ଲୋଗାନ ସମ୍ବଳିତ ପୋଷାକ ପ୍ରଦର୍ଶନ କରୁଛନ୍ତି ମାନିଝା ତଲାଶ।

## କ୍ୱାର୍ଟର ଫାଇନାଲରେ ହାରିଲେ ରିତିକା

**ପ୍ୟାରିସ୍, ୧୦।୮ (ପି.ଟି.):** ଭାରତୀୟ ମହିଳା ରେସ୍‌ଲର ରୀତିକା ହୁଦା ଶନିବାର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ୭୬ କେଜି ଓଜନ ବର୍ଗରେ କିର୍ଗିଜସ୍ତାନର ମେଡେଟ୍ କାଇଜିଙ୍କ ସହ ୧-୧ରେ ଡ୍ର ରଖିଥିଲେ ମଧ୍ୟ ନୂଆ ନିୟମ ଆଧାରରେ ରୀତିକା ପରାଜିତ ହୋଇଥିଲେ। ୬ ମିନିଟ୍‌ର ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ ରାଉଣ୍ଡ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରୀତିକା ହଙ୍ଗେରୀର ବର୍ନାଡେଟ୍ ନାଗିଙ୍କୁ ୧୨-୨ରେ ପରାସ୍ତ କରିଥିଲେ। ରୀତିକା ଶକ୍ତି ଓ ଦକ୍ଷତାର ଚମତ୍କାର ସମନ୍ୱୟ ଦେଖାଇବା ସହ ପ୍ରତିପକ୍ଷ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ତେବେ ଯଦି କାଇଜି ଫାଇନାଲରେ ପ୍ରବେଶ କରନ୍ତି ତେବେ ରୀତିକା ବ୍ରୋଞ୍ଜ ପଦକ ପାଇଁ ରିପିଚେଜ୍ ରାଉଣ୍ଡରେ ଅବତୀର୍ଣ୍ଣ ହେବେ।



ପ୍ୟାରିସ୍ ଅଲିମ୍ପିକ୍ସର ମହିଳା ୭୬ କେଜି ଫ୍ରିଷ୍ଟାଇଲ ରେସଲିଂରେ ଶନିବାର ଭାରତର ରିତିକା ଓ ହଙ୍ଗେରୀର ବେର୍ନାଡେଟ ନାଗିଙ୍କ ମଧ୍ୟରେ ଲଢ଼େଇ।

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୧/୨୦୨୪ Bhubaneswar, Sunday, August 11/ 2024

# ଆଜି ଉଦ୍‌ଯାପନୀ ସମାରୋହ

**ପ୍ୟାରିସ୍ ଅଲିମ୍ପିକ୍ସ**

**ଆକର୍ଷଣରେ ରହିବେ ହର୍**



ପ୍ୟାରିସ୍,୧୦।୮(ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଭବ୍ୟ ଉଦ୍‌ଯାପନୀ ସମାରୋହ ରବିବାର ଆୟୋଜିତ ହେବ। ଦୀର୍ଘ ୧୭ ଦିନ ବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡ଼ା ମହାକୁମ୍ଭ ଶେଷରେ ସମାପ୍ତ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଏକ ନଦୀରେ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ଏକ ନଦୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେନ୍ ନଦୀରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିବା ବେଳେ ଅନେକ ବିବାଦୀୟ ଘଟଣାକୁ ନେଇ ଏହି ଅଲିମ୍ପିକ୍ସ ଚର୍ଚ୍ଚାରେ ରହିଥିଲା। ଦୀର୍ଘ ୧୭ ଦିନ ଧରି ୨୦୬ ରାଷ୍ଟ୍ରର ଆଥ୍‌ଲେଟମାନେ ପଦକ ଜିତିବାକୁ କଠିନ ପରିଶ୍ରମ କରିଥିବା ବେଳେ ଷ୍ଟେଡ୍ ଡି ଫ୍ରାନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ହେବ ଉଦ୍‌ଯାପନୀ ସମାରୋହ। ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୦୨୮ରେ ଲସ୍‌ଏଞ୍ଜେଲସ୍ ଆସନ୍ତା ସଂସ୍କରଣର ଅଲିମ୍ପିକ୍ସ ଆୟୋଜିତ ହେବ। ତେଣୁ ଲସ୍‌ଏଞ୍ଜେଲସ୍ ଆୟୋଜକଙ୍କୁ ପ୍ୟାରିସ୍ ଆୟୋଜକ ମଶାଲ ହସ୍ତାନ୍ତର କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଓସ୍କାର, ଗ୍ରାମୀ ଓ ଏମି ପରି ସମ୍ମାନଜନକ ଟାଇଟଲ ହାସଲ କରି ସାରିଥିବା ଆମେରିକୀୟ ଗାୟିକା ହର୍ ଉଦ୍‌ଯାପନୀ ସମାରୋହର ମୁଖ୍ୟ ଆକର୍ଷଣ ରହିବେ। ମଶାଲ ହସ୍ତାନ୍ତର ସମୟରେ ସେ ଆମେରିକୀୟ ଜାତୀୟ ସଙ୍ଗୀତ ଗାଇବେ ବୋଲି ଜଣାପଡ଼ିଛି। କାଲିଫର୍ନିଆର ଏହି ୨୭ ବର୍ଷୀୟ ଗାୟିକା ଆଇ କାଣ୍ଟ ବ୍ରିଦ୍ ପାଇଁ ଗ୍ରାମୀ ଓ ଫାଇଟ୍ ଫର୍ ୟୁ ପାଇଁ ଓସ୍କାର ଜିତିଥିଲେ। ଉଦ୍‌ଘାଟନୀ ସମାରୋହର ନିର୍ଦ୍ଦେଶନା ଦେଇଥିବା ଥୋମାସ ଜୋଲି ଉଦ୍‌ଯାପନୀ ଉତ୍ସବର ଭାର ମଧ୍ୟ ସମ୍ଭାଳିବେ। ଉଦ୍‌ଘାଟନୀ ସମାରୋହ ଭଳି ଉଦ୍‌ଯାପନୀ ମଧ୍ୟ ଚମତ୍କାର ହେବ ବୋଲି ଜୋଲି କହିଛନ୍ତି। ୧୦୦ରୁ ଅଧିକ ସ୍ଥାନୀୟ ଆଥ୍‌ଲେଟ ଓ ଆକ୍ରୋବାଟିକ୍ ଡ୍ୟାନ୍ସର ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜୋଲି ସୂଚନା ଦେଇଛନ୍ତି।

**ଆରମ୍ଭ: ରାତି ୧୨.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮/ ଜିଓ ସିନେମା**




ପ୍ୟାରିସରେ ଶନିବାର ଭାରତୀୟ ହକି ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ରିଲାଏନ୍ସ ଫାଉଣ୍ଡେଶନ ଚେୟାରପର୍ସନ ତଥା ଭାରତୀୟ ଅଲିମ୍ପିକ୍ କମିଟି ସଦସ୍ୟ ନୀତା ଅମ୍ବାନୀ। ନିକଟରେ ଅଛନ୍ତି ଆଇଓଏ ସଭାପତି ପି.ଟି. ଉଷା।

# କାସ୍ ନିଷ୍ପତ୍ତି ୧୩ରେ

**ଭିନେଶ ପଦକ ହରାଇବା ମାମଲା**

ପ୍ୟାରିସ, ୧୦।୮ (ପି.ଟି.)

ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟଙ୍କ ଆବେଦନର ଶୁଣାଣିକୁ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ର ଆଡହକ୍ ଡିଭିଜନ ଆଉ କିଛି ଦିନ ପାଇଁ ଘୁଞ୍ଚାଇ ଦେଇଛି। ଅଲିମ୍ପିକ ଗେମ୍ସ ମହିଳା ୫୦କେଜି ଫ୍ରିଷ୍ଟାଇଲ ଫାଇନାଲରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବାକୁ ନେଇ ଭିନେଶ ଅପିଲ କରିଥିଲେ। ଏହି ମାମଲାରେ କାସ୍ ଏହାର ନିଷ୍ପତ୍ତି ଅଗଷ୍ଟ ୧୩ରେ ଘୋଷଣା କରିବ। ଫାଇନାଲ ମୁକାବିଲା ପୂର୍ବରୁ ବୁଧବାର ଏହି ୨୯ବର୍ଷୀୟା କୁସ୍ତିଯୋଦ୍ଧାଙ୍କର ଓଜନ ନିଆଯିବା ବେଳେ ୧୦୦ ଗ୍ରାମ ଅଧିକ ଥିବା ଦେଖାଯାଇଥିଲା। ଏହି ମାମଲାରେ ବହୁପ୍ରତୀକ୍ଷିତ ରାୟ ଶନିବାର ସନ୍ଧ୍ୟାରେ ପ୍ରକାଶ ପାଇବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ଘଟଣାକ୍ରମେ ଏହି ରାୟ ରବିବାର ପ୍ରକାଶ ପାଇବ ବୋଲି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ପ୍ରଥମେ ତରବରିଆ ଭାବେ ପ୍ରକାଶ କରିଦେଇଥିଲା। ତେବେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ଅଗଷ୍ଟ ୧୩ ସନ୍ଧ୍ୟା ୬ଟାରେ ପ୍ରକାଶ ପାଇବ ବୋଲି ସ୍ପଷ୍ଟ କରିଥିଲା। ଭିନେଶ ଫୋଗଟ ବନାମ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ମାମଲା ଉପରେ ନିଷ୍ପତ୍ତି ନେବେ ଏକକ ଆର୍ବିଟ୍ରେଟର ବିଚାରପତି ଡକ୍ଟର ଆନାବେଲ ବେନେଟ। ଶୁଣାଣି କାହିଁକି ଘୁଞ୍ଚାଗଲା ସେ ସମ୍ପର୍କରେ ଏକକ ଆର୍ବିଟ୍ରେଟର ସଫେଇ ଦେଇଛନ୍ତି। ସମସ୍ତ ପକ୍ଷକୁ ସେ ଶେଷ ସୁଯୋଗ ଦେଇଛନ୍ତି। କୌଣସି ଅତିରିକ୍ତ ଡକ୍ୟୁମେଣ୍ଟ ଉପସ୍ଥାପନ କରିବାକୁ ଚାହୁଁଥିଲେ ସେମାନେ ତାହା କରିପାରିବେ। ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଓ ଅସୁବିଧା ପାଇଁ ଆଇଓଏ କ୍ଷମାପ୍ରାର୍ଥନା କରିଛି। ରବିବାର ଗେମ୍ସର ଉଦ୍‌ଯାପନୀ ହେବ। ସୂଚନାଯୋଗ୍ୟ, ଅଲିମ୍ପିକ୍ସ ସମୟରେ କୌଣସି ବିବାଦ ଉପୁଜିଲେ ତାହାର ତୁରନ୍ତ ସମାଧାନ ପାଇଁ ସ୍ୱତନ୍ତ୍ର ଭାବେ କାସ୍ ଆଡହକ୍ ଡିଭିଜନ ଗଠନ କରାଯାଇଥାଏ। ଫାଇନାଲରୁ ବଞ୍ଚିତ କରାଯିବା ପରେ ଭିନେଶଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ଆଡହକ ଡିଭିଜନ ବିଚାର ପାଇଁ ଗ୍ରହଣ କରିଥିଲା। କ୍ୟୁବା କୁସ୍ତିଯୋଦ୍ଧା ୟୁସନେଲିସ ଗଜମାଦ ଲୋପେଜଙ୍କ ସହିତ ତାଙ୍କୁ ମିଳିତ ଭାବେ ରୌପ୍ୟ ପଦକ ପ୍ରଦାନ ପାଇଁ ଭାରତୀୟ କୁସ୍ତିଯୋଦ୍ଧା ଏଥିରେ ଦାବି କରିଛନ୍ତି, ଯାହାଙ୍କୁ ସେ ସେମିଫାଇନାଲରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଟାଇଟଲ ମୁକାବିଲାରେ ଆମେରିକାନ ହିଲଡେବ୍ରାଣ୍ଡିଟ୍ ଲୋପେଜଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ମାମଲାରେ ହାଇପ୍ରୋଫାଇଲ ସିନିୟର ଆଡଭୋକେଟ ହରିଶ ସାଲ୍‌ଭେ ଓ ବିଦୁସ୍ପାତ ସିଂଘାଣିଆ ଭିନେଶଙ୍କ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି।




# କୋଭିଡ୍ ସତ୍ତ୍ୱେ ଭାଗ ନେଇଥିଲେ ଆଥଲେଟ

ପ୍ୟାରିସ, ୧୦।୮(ଏପି)

କୋଭିଡ୍ ପଜିଟିଭ ସତ୍ତ୍ୱେ ନୋଆ ଲାଇଲ୍ସଙ୍କ ଭଳି ବହୁ ଆଥଲେଟ ପ୍ୟାରିସ ଅଲିମ୍ପିକ୍ସରେ ବିନାଦ୍ୱିଧାରେ ଭାଗ ନେଇପାରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ପଦକ ଜିତିବାରେ ମଧ୍ୟ ସଫଳ ହୋଇଛି। କୋଭିଡ୍ ପଜିଟିଭଙ୍କ ଉପସ୍ଥିତି ଯୋଗୁ ନ ଥିଲା ଭୟର ବାତାବରଣ କିମ୍ବା ବିଶେଷ କଟକଣା। କୋଭିଡ୍‌ରେ ଆକ୍ରାନ୍ତ ନୋଆ ଲାଇଲ୍ସ ୧୦ ହଜାର ଲୋକଙ୍କ ଉପସ୍ଥିତିରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଗେମ୍ସରେ ଅନ୍ୟ ୧୨ ଆଥଲେଟ କୋଭିଡ୍ ପଜିଟିଭ ଥିଲେ। କିନ୍ତୁ ଆୟୋଜକଗଣ ସେମାନଙ୍କୁ କେବଳ ସ୍ୱାସ୍ଥ୍ୟଗତ ପରାମର୍ଶ ଦେଇଥିଲେ। ଏହି ଆଥଲେଟମାନଙ୍କ ଲାଗି କୌଣସି କଟକଣା ନ ଥିଲା। ଆଥଲେଟ ଜଣକ ଯଦି ସକ୍ଷମ ତେବେ ସେମାନଙ୍କୁ ଅଂଶଗ୍ରହଣ ପାଇଁ ଅନୁମତି ରହିଥିଲା। ଚଳିତ ସପ୍ତାହ ଆରମ୍ଭରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ପକ୍ଷରୁ କୁହାଯାଇଥିଲା ବିଶ୍ୱବ୍ୟାପୀ କୋଭିଡ ପଜିଟିଭଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅଲିମ୍ପିକ୍ସରେ ଅତି କମ୍‌ରେ ୪୦ଆଥଲେଟ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୁରୁବାର ରାତିରେ ଲାଇଲ୍ସ ୨୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ଅଧିକାର କରିବା ପରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଟ୍ରାକ୍‌ରୁ ତାଙ୍କୁ ଏକ ହ୍ୱିଲଚେୟାର ଯୋଗେ ବାହାରକୁ ନିଆଯାଇଥିଲା। ଦୁଇଦିନ ପୂର୍ବେ ସେ ଟେଷ୍ଟ କରି କୋଭିଡ୍ ପଜିଟିଭ ଥିବା ଜାଣିବାକୁ ପାଇଥିଲେ। ଶୁକ୍ରବାର ସେ ବ୍ରୋଞ୍ଜ ପଦକ ନେବାକୁ ଆସିଥିବା ବେଳେ ତାଙ୍କ ମୁହଁରେ ମାସ୍କ ପରିଲକ୍ଷିତ ହୋଇଥିଲା। ପୋଡିୟମରେ ସେ ଅନ୍ୟ ବିଜେତାଙ୍କଠାରୁ ଦୂରତା ରଖିଥିଲେ। ଗତ ସପ୍ତାହରେ ବ୍ରିଟିଶ ଷ୍ଟାର ଆଡାମ ପିଟି ସୁଇମିଂରେ ଏକ ରୌପ୍ୟ ଜିତିଥିବାର ୨୪ ଘଣ୍ଟା ନ ପୂରୁଣୁ କୋଭିଡ୍ ଟେଷ୍ଟରେ ପଜିଟିଭ ଜଣାପଡ଼ିଥିଲେ। ସେ ୧୦୦ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଫାଇନାଲର ଦିନକ ପୂର୍ବରୁ ଅସୁସ୍ଥ ଅନୁଭବ କରିଥିଲେ। ଅଷ୍ଟ୍ରେଲିଆ ମହିଳା ୱାଟର ପୋଲୋ ଦଳର ୫ ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିଲେ। ସୁସ୍ଥ ଅନୁଭବ କରିବା ପରେ ସେମାନେ ଟ୍ରେନିଂରେ ଯୋଗ ଦେଇଥିଲେ।



ନୋଆ ଲାଇଲ୍ସ

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୭ | ୨୭ | ୨୪ | ୮୮ |
| ଆମେରିକା | ୩୫ | ୪୧ | ୪୧ | ୧୧୭ |
| ଅଷ୍ଟ୍ରେଲିଆ | ୧୮ | ୧୮ | ୧୪ | ୫୦ |
| ଜାପାନ | ୧୭ | ୧୨ | ୧୩ | ୪୨ |
| ଫ୍ରାନ୍ସ | ୧୫ | ୨୨ | ୨୨ | ୫୯ |
| ବ୍ରିଟେନ | ୧୪ | ୨୦ | ୨୫ | ୫୯ |
| ଦ.କୋରିଆ | ୧୩ | ୮ | ୮ | ୨୯ |
| ନେଦରଲାଣ୍ଡ୍ସ | ୧୩ | ୬ | ୧୧ | ୩୦ |
| ଜର୍ମାନୀ | ୧୨ | ୧୦ | ୮ | ୩୦ |
| ଇଟାଲୀ | ୧୧ | ୧୩ | ୧୫ | ୩୯ |
| କାନାଡା | ୮ | ୭ | ୧୧ | ୨୬ |
| ନ୍ୟୁଜିଲାଣ୍ଡ | ୮ | ୭ | ୨ | ୧୭ |
| ଉଜବେକିସ୍ତାନ | ୬ | ୧ | ୩ | ୧୦ |
| ହଙ୍ଗେରୀ | ୫ | ୭ | ୬ | ୧୮ |
| ସ୍ପେନ୍ | ୫ | ୩ | ୮ | ୧୬ |
| କେନିୟା | ୪ | ୨ | ୪ | ୧୦ |
| ନରୱେ | ୪ | ୧ | ୧ | ୬ |
| ଆୟର୍ଲାଣ୍ଡ | ୪ | ୦ | ୩ | ୭ |
| ବ୍ରାଜିଲ | ୩ | ୭ | ୧୦ | ୨୦ |
| ୟୁକ୍ରେନ | ୩ | ୪ | ୪ | ୧୧ |
| ସୁଇଡେନ | ୩ | ୪ | ୩ | ୧୦ |
| **ଭାରତ** | **୦** | **୧** | **୫** | **୬** |

(ରାତି ୧ଟା ସୁଦ୍ଧା)

# ଓଡ଼ିଶା ପୋଲିସ ୩-୧ରେ ବିଜୟୀ

**ଫାଓ ଲିଗ୍**

ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଲିଗ୍‌ରେ ଶନିବାର କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୩-୧ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ପରାସ୍ତ କରିଛି। ଖେଳର ପ୍ରଥମ ଅଧଘଣ୍ଟା ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ୩୨ତମ ମିନିଟ୍‌ରେ ଆନନ୍ଦ ସୋରେଙ୍ଗ ଏକ ଗୋଲ ଦେଇ ଓଡ଼ିଶା ପୋଲିସକୁ ଅଗ୍ରଣୀ କରିଥିଲେ। ତେବେ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ (୪୩+୩ ମିନିଟ)ରେ ଇଣ୍ଡିପେଣ୍ଡେଣ୍ଟ କ୍ଲବର ବଦଳ ଖେଳାଳି ଛୁଟୁ ମୁର୍ମୁ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଆସିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୭ତମ ମିନିଟରେ ଓଡ଼ିଶା ପୋଲିସର ବଦଳ ଖେଳାଳି ସମୀର କେର୍କେଟା ଏକ ଗୋଲ ଦେଇ ଦଳକୁ ପୁଣି ଅଗ୍ରଣୀ କରିଥିଲେ। ଇଣ୍ଡିପେଣ୍ଡେଣ୍ଟ କ୍ଲବ ଗୋଲ ପରିଶୋଧରେ ବିଫଳ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୭ ମିନିଟ୍‌ରେ ବିଜୟ ବେହେରା ଏକ ଗୋଲ ସ୍କୋର କରି ଓଡ଼ିଶା ପୋଲିସର ବିଜୟକୁ ସୁନିଶ୍ଚିତ କରିଥିଲେ।

# ଜାତୀୟ ଜୁନିୟର ବାଳିକା ଫୁଟ୍‌ବଲ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)

ଆନ୍ଧ୍ର ପ୍ରଦେଶର ଅନନ୍ତପୁରଠାରେ ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍ ରବିବାରଠାରୁ ଆରମ୍ଭ ହେବ। ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତା ପାଇଁ ଶନିବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଗ୍ରୁପ୍ 'ଡି'ରେ ମିଜୋରାମ, ଦିଲ୍ଲୀ ଓ ଛତିଶଗଡ଼ ସହିତ ସ୍ଥାନ ପାଇଛି ଓଡ଼ିଶା। ଗ୍ରୁପ୍ 'ଏ'ରେ ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ ଓ ବିହାର, ଗ୍ରୁପ୍ 'ବି'ରେ ମଣିପୁର, ଗୋଆ, ପଶ୍ଚିମବଙ୍ଗ ଓ ହରିୟାଣା ଏବଂ ଗ୍ରୁପ୍ 'ସି'ରେ ତାମିଲନାଡୁ, କେରଳ, ଅରୁଣାଚଳ ପ୍ରଦେଶ ଓ ଗୁଜରାଟ ସ୍ଥାନ ପାଇଛି। ୧୨ ତାରିଖ ପୂର୍ବାହ୍ନ ୯ଟାରେ ଛତିଶଗଡ଼ ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ପରେ ୧୪ରେ ଦିଲ୍ଲୀ ଓ ୧୬ରେ ମିଜୋରାମ ବିପକ୍ଷରେ ମ୍ୟାଚ ଖେଳିବ। ଫାଓ ସଭାପତି ସମୀର ଦେ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦଳ:** ଗୋଲକିପର୍ସ- ଇସ୍ଥେର ବାସ୍କେ, ଅଙ୍କିତା ସ୍ୱାଇଁ ଓ ଶ୍ରେୟା ସିଂ। ଡିଫେଣ୍ଡର୍ସ-ପ୍ରୀତି ଯାଦବ, ଅନୁସ୍କା ଲିମ୍ବୁ, ବର୍ଷା ମାଝି, ଆକାଶି ନାୟକ, ଜସମିନି ମୁର୍ମୁ, ପ୍ରୀୟା ମାଝି, ଗଜଲକ୍ଷ୍ମୀ ବେହେରା ଓ ପବିତା ନାଏକ। ମିଡ୍‌ଫିଲ୍ଡର୍ସ- ଅଙ୍କିତା ଟପ୍ପୋ, ରୁବିନା ନାଏକ, ଇପ୍ସିତା ରାଉତ, ରଶ୍ମିତା ନାଏକ ଓ ତୁଳସୀ ଟପ୍ପୋ। ଫରୱାର୍ଡ୍ସ- ଆଞ୍ଚଲ ସିଂ, ଅଣ୍ଡମୋନି ବାସ୍କେ, ରୂପଶ୍ରୀ ମୁଣ୍ଡା, ଲୋଟସ ହଂସ, ବନ୍ଦନା ନାଏକ ଓ ଭାରତୀ କିସ୍କୁ। ମୁଖ୍ୟ କୋଚ୍ ରଞ୍ଜିତା ମହାନ୍ତି, ସହକାରୀ କୋଚ୍: ଶାହାବାଜ ଆଲାମ, ମ୍ୟାନେଜର: ସକିନା ନିସା, ଫିଜିଓ: ଅରିଜିତା ଲେଙ୍କା।



ଜାତୀୟ ଜୁନିୟର ମହିଳା ଫୁଟବଲ ପାଇଁ ମନୋନୀତ ଓଡ଼ିଶା ଦଳ।

# କିସ୍ ବିଜୟୀ, ୨ ମ୍ୟାଚ୍ ଡ୍ର

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ):** ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଜୟନ୍ତ କୁମାର ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଶନିବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କିସ୍ ସ୍କୁଲ ବିଜୟୀ ହୋଇଥିବାବେଳେ ଅନ୍ୟ ୨ଟି ମ୍ୟାଚ ଡ୍ର ରହିଛି। କିସ୍ ୧-୦ ଗୋଲରେ ଘାଟିକିଆ ସ୍କୁଲକୁ ହରାଇଛି। ଦଳ ପକ୍ଷରୁ ଗୋଲ ଦେଇଥିବା ସରମ ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। କଣ୍ଟାବାଡ଼ ହାଇସ୍କୁଲ ଓ ଲୟୋଲା ସ୍କୁଲ ମଧ୍ୟରେ ଦ୍ୱିତୀୟ ମ୍ୟାଚଟି ୧-୧ ଗୋଲରେ ଡ୍ର ରହିଛି। କଣ୍ଟାବାଡ଼ ପକ୍ଷରୁ ଟୁରି ଡିଗି ଓ ଲୟୋଲା ପକ୍ଷରୁ ସ୍ୱସ୍ତିକ ସୌମ୍ୟ ସୋରେନ ଗୋଲ ଦେଇଥିଲେ। ରାମକୃଷ୍ଣ ଓ ବିକାଶ ସ୍କୁଲ ମ୍ୟାଚ ମଧ୍ୟ ୧-୧ରେ ଅମୀମାଂସିତ ରହିଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ